78th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

The Prajatantra

ସନ୍ମାର୍ଗ

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୮ବର୍ଷ ❑ ସଂଖ୍ୟା-୧୬୮ ● କଟକ ● ବୁଧବାର ● ୨୨ ଜାନୁଆରୀ-୨୦୨୫ ● ବିଛା-୧୦ ● ସାଲ୍ ୧୪୩୧

CUTTACK ● WEDNESDAY ● 22 JANUARY-2025 ● RNI Regd. No. 4001/57

ମୂଲ୍ୟ : ₹ ୫ ଟଙ୍କା


## ମିଳିତ ଅପରେସନ୍‌ରୁ ମିଳିଲା ବଡ଼ ସଫଳତା

# ୧୬ ମାଓବାଦୀ ସଫା

**ରାୟପୁର,(ଏଜେନ୍ସି):**

ଓଡ଼ିଶା ଓ ଛତିଶଗଡ଼ ସୀମାନ୍ତ ଜଙ୍ଗଲରେ ସୁରକ୍ଷା ବଳର ବଡ଼ ମାଓଅପରେସନ। ଏନ୍‌କାଉଣ୍ଟରରେ ଟଳିଲେ ୧୬ ମାଓବାଦୀ। ଏନେଇ ସୂଚନା ଦେଇଛନ୍ତି ରାୟପୁର ରେଞ୍ଜ ଆଇଜି ଅମରେଶ ମିଶ୍ରା। ନୂଆପଡ଼ା ଜିଲ୍ଲା ଓ ଛତିଶଗଡ଼ର ଗରିଆବନ୍ଧ ଜିଲ୍ଲା ସୀମାନ୍ତରେ ଉଭୟ ରାଜ୍ୟର ପୁଲିସ ଓ କେନ୍ଦ୍ରୀୟ ଫୋର୍ସର ମିଳିତ ଅପରେସନ୍‌ରେ ଏହି ସଫଳତା ମିଳିଛି। ସୋମବାର ରାତିରୁ ଜାରି ରହିଥିବା ଏହି ଆନ୍ତଃରାଜ୍ୟ ଅପରେସନ୍‌ରେ ୧୬ମାଓବାଦୀ ନିପାତ ହୋଇଛନ୍ତି। ଏହି ସଂଖ୍ୟା ଆଗକୁ ବଢ଼ିବାର ସମ୍ଭାବନା ରହିଛି। ଘଟମାସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଗୁଳି ଏବଂ ଆଇଇଡି ଜବତ କରାଯାଇଛି। ସୋମବାର ବିଳମ୍ବିତ ରାତିରୁ ମଙ୍ଗଳବାର ଭୋର ସମୟ ମଧ୍ୟରେ ଏନ୍‌କାଉଣ୍ଟର ହୋଇଛି। ଘଟଣାସ୍ଥଳରୁ ବହୁ ପରିମାଣରେ ଅସ୍ତ୍ରଶସ୍ତ୍ର ଏବଂ ଗୁଳି ଜବତ କରାଯାଇଛି।



ଏନ୍‌କାଉଣ୍ଟର ପରେ ପୁଲିସ ପକ୍ଷରୁ ବଡ଼ ଧରଣର ସର୍ଚ୍ଚ ଅପରେସନ ଜାରିରହିଛି। ଓଡ଼ିଶା ପୁଲିସ୍ ମୁଖ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ ଅପରେସନ୍ ସମ୍ପର୍କରେ ସୂଚନା ଦେଇଛନ୍ତି। ଓଡ଼ିଶା ସୀମାନ୍ତରେ ଛିନଛତ୍ର ହୋଇଯାଇଛି ମାଓମେଳି। ଦୋହଲିଯାଇଛି ସଙ୍ଗଠନ। ତେବେ ବଡ଼କଥା ହେଉଛି ଯେ ଅପରେସନ୍‌ରେ ଟଳିପଡ଼ିଛି ସିପିଏମ୍ କେନ୍ଦ୍ରୀୟ କମିଟି ସଦସ୍ୟ ଜୟୀରାମ। ଯାହା ମୁଣ୍ଡରେ ଥିଲା କୋଟିଏ ଟଙ୍କାର ପୁରସ୍କାର ରାଶି। ଜାତୀୟ ଗଣମାଧ୍ୟମର

### ଟଳିଲେ ସିପିଏମ୍ କେନ୍ଦ୍ରୀୟ କମିଟି ସଦସ୍ୟ ଜୟୀରାମ



ତଥ୍ୟ ଅନୁସାରେ ୬୦ ବର୍ଷୀୟ ଜୟୀରାମ ଦଶମ ଯାଏ ପଢ଼ିଥିଲେ ବି ସମୟକ୍ରମେ ତା ହାତରେ ଥିଲା ମାଓ ସଂଗଠନର ଶୀର୍ଷଦାୟିତ୍ୱ। ରଣନୀତି ଓ ଅପରେସନ୍‌ରେ ସେ ଥିଲା ମାହିର। ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଚଳାଇବାରେ ଧୁରନ୍ଧର। ଛତିଶଗଡ ଅବୁଝମାଡ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ଲଗାତର ଅପରେସନ ପରେ ଓଡ଼ିଶା ସୀମାନ୍ତ ଗରିଆବନ୍ଧ ଜଙ୍ଗଲକୁ ନିଜ ଠିକଣା କରିଥିଲା ଜୟୀରାମ ଓରଫ ଚଲପତି। ନୂଆପଡ଼ା ଜିଲ୍ଲା ସୀମାରୁ ମାତ୍ର ୫.୫ କିଲୋମିଟର ଦୂର କୁଲାରିଘାଟ ସଂରକ୍ଷିତ ଜଙ୍ଗଲରେ ବହୁ ସଂଖ୍ୟକ ମାଓବାଦୀ ଲୁଚି ରହିଥିବା ନେଇ ଜାନୁଆରୀ ୧୯ତାରିଖ ଦିନ ଗୁଇନ୍ଦା ବିଭାଗରୁ ଖବର ମିଳିଥିଲା। ଏହାପରେ ଆନ୍ତଃରାଜ୍ୟ ଛତିଶଗଡ଼, ନୂଆପଡ଼ା ଯବାନ୍ ମିଳିତ କମ୍ବିଂ ଅପରେସନକୁ ଜୋରଦାର କରିଥିଲେ। ଅପରେସନରେ ୧୦ ଟିମ୍ ସାମିଲ ରହିଥିଲା। ଅପରେସନରେ ସାମିଲ ଦୁଇ ଯବାନ୍ ମାଓବାଦୀଙ୍କ ଗୁଳିରେ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରାଯାଇ ଏୟାରଲିଫ୍ଟ କରାଯାଇଥିଲା। ଯବାନ୍‌ମାନେ ଅପରେସନରୁ ଫେରିବା ସହ ମାଓବାଦୀଙ୍କ ମୃତଦେହ ମଧ୍ୟ ଆଣୁଛନ୍ତି। ସମସ୍ତ ମୃତଦେହ ଉଦ୍ଧାର ହୋଇସାରିବା ପରେ ଚିହ୍ନଟ ପ୍ରକ୍ରିୟା ଆରମ୍ଭହେବ। ଛତିଶଗଡ଼ର ମାଓ ଅପରେସନକୁ ବଡ଼ ସଫଳତା କହିଛନ୍ତି ଗୃହମନ୍ତ୍ରୀ ଅମିତ ଶାହ। ମାଓମୁକ୍ତ ଭାରତ ପାଇଁ ଆମ ସୁରକ୍ଷାକର୍ମୀଙ୍କ ସାହସିକ ଉଦ୍ୟମ ପ୍ରଶଂସନୀୟ। ଦେଶରେ ନକ୍ସଲବାଦ ଶେଷ ନିଶ୍ୱାସ ତ୍ୟାଗ କରିବାକୁ ଯାଉଛି ବୋଲି କହିଛନ୍ତି ଗୃହମନ୍ତ୍ରୀ ଅମିତ ଶାହ। ସେପଟେ ମାଓବାଦକୁ କ୍ୟାନ୍‌ସର କହିବା ସହ ଏହାକୁ ସମୂଳେ ନଷ୍ଟ କରାଯିବ ବୋଲି କହିଛନ୍ତି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ।

# ଫେବୃୟାରୀ ୧୩ରୁ ବଜେଟ୍ ଅଧିବେଶନ

**ଭୁବନେଶ୍ୱର,(ପିପିଏସ୍):**

ଫେବୃଆରୀ ୧୩ ତାରିଖରୁ ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭହେବ। ୧୭ତାରିଖରେ ୨୦୨୫-୨୬ ଆର୍ଥିକବର୍ଷର ବଜେଟ୍ ଉପସ୍ଥାପନ ହେବ। ଆଉ ଏହି ଅଧିବେଶନ ଦୁଇଟି ପର୍ଯ୍ୟାୟରେ ୨୮ଦିନ ଚାଲିବ। ବିଧାନସଭା ସଚିବାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ,

### ୧୭ରେ ବଜେଟ୍
### ୨୮ଦିନ ଚାଲିବ ଗୃହ
### ଏପ୍ରିଲ୍ ୫ରେ ଶେଷହେବ



ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ଆସନ୍ତା ଫେବୃୟାରୀ ୧୩ତାରିଖରୁ ଆରମ୍ଭ ହେବ। ଅଧିବେଶନର ପ୍ରଥମପର୍ଯ୍ୟାୟ ଫେବୃୟାରୀ ୧୩ରୁ ୨୧ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟପର୍ଯ୍ୟାୟ ମାର୍ଚ୍ଚ ୭ରୁ ଏପ୍ରିଲ ୫ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରେ ରାଜ୍ୟପାଳ ଡଃ ହରିବାବୁ କମ୍ଭମପତିଙ୍କ ଅଭିଭାଷଣର କାର୍ଯ୍ୟକ୍ରମ ରହିଛି। ଫେବୃୟାରୀ ୧୪ ଓ ୧୫ତାରିଖ ଦୁଇଦିନଧରି ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହେବ। ୧୬ତାରିଖ ରବିବାର ଛୁଟି ଥିବାବେଳେ ୧୭ରେ ୨୦୨୫-୨୬ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପିତ ହେବ। ୧୮ରେ ସରକାରୀ କାର୍ଯ୍ୟଦିବସ ଥିବାବେଳେ ୧୯ରେ ପ୍ରାଇଭେଟ୍ ମେମ୍ବର୍ସ ବିଜିନେସ୍ ଏବଂ ୨୦ ଓ ୨୧ରେ ବଜେଟ୍ ଉପରେ ସାଧାରଣ ଆଲୋଚନା ଆରମ୍ଭହେବ। ୨୨ରୁ ମାର୍ଚ୍ଚ ୬ତାରିଖ ପର୍ଯ୍ୟନ୍ତ ଗୃହ କାର୍ଯ୍ୟ ବନ୍ଦରହିବ। ଦ୍ୱିତୀୟପର୍ଯ୍ୟାୟରେ ଗୃହକାର୍ଯ୍ୟ ମାର୍ଚ୍ଚ ୭ତାରିଖରୁ ଆରମ୍ଭହେବ। ବିଭାଗୀୟ ଷ୍ଟାଣ୍ଡିଂ କମିଟି ରିପୋର୍ଟମାନ ଗୃହରେ ଆଗତ ହେବ। ତା'ପରେ ମାର୍ଚ୍ଚ ୧୦ରୁ ବିଭାଗଓ୍ୱାରି ଅନୁଦାନ ଦାବିଉପରେ ଆଲୋଚନା ଓ ମାର୍ଚ୍ଚ ୨୯ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ଆସିବ ବୋଲି ବିଜ୍ଞପ୍ତିରୁ ଜଣାପଡ଼ିଛି।

## ୨୮ରେ ଆସୁଛନ୍ତି ମୋଦୀ



**ଭୁବନେଶ୍ୱର,(ପିପିଏସ୍):**

ଚଳିତମାସରେ ପୁଣି ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେବାକୁ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବେ। ପ୍ରଧାନମନ୍ତ୍ରୀ ପୂର୍ବାହ୍ନ ୧୦ଟା ୩୫ ମିନିଟ୍‌ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ। ସେଠାରୁ ବାହାରି ୧୦ଟା ୫୫ ମିନିଟ୍‌ରେ ଜନତା ମୈଦାନରେ ପହଞ୍ଚିବେ। ଦିନ ୧୧ଟାରୁ ୧୨ଟା ୩୦ ଯାଏଁ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭରେ ଉପସ୍ଥିତ ରହିବେ ମୋଦୀ। ଏହାପରେ ଦିନ ୧୨ଟା ୩୫ରେ ସଭାସ୍ଥଳରୁ ବିମାନବନ୍ଦର ଅଭିମୁଖେ ବାହାରିବେ।

# ଭାରତୀୟଙ୍କ ସମ୍ପତ୍ତିରେ ବ୍ରିଟେନ୍ ଧନୀ

## ଭାରତରୁ ଲୁଟିନେଇଛି ୬୪,୮୨,୦୦୦କୋଟି ଡଲାରର ସମ୍ପତ୍ତି

**ନୂଆଦିଲ୍ଲୀ,(ଏଜେନ୍ସି):**

୧୭୬୫ରୁ ୧୯୪୭ ଯାଏ ବ୍ରିଟେନ୍ ଶାସନରେ ରହିଥିଲା ଭାରତ। ଦୀର୍ଘ ୨୦୦ ବର୍ଷ ଧରି ଇଂରେଜମାନେ ଆମକୁ ଶାସନ କରୁଥିଲେ। ତେବେ ୧୭୬୫ରୁ ୧୯୦୦ ମସିହା ଯାଏ ଉପନିବେଶବାଦ ଶାସନ ସମୟରେ ଇଂରେଜମାନେ ଭାରତରୁ ପ୍ରାୟ ୬୪.୮୨ ଟ୍ରିଲିୟନ ଡଲାରର ବା ୬୪ ଲକ୍ଷ ୮୨ ହଜାର କୋଟି ଡଲାର ନେଇ ଯାଇଛନ୍ତି। ଏହା ମଧ୍ୟରୁ ୩୩.୮ ଟ୍ରିଲିୟନ ଡଲାର ବ୍ରିଟେନ୍‌ର ୧୦% ଧନୀଙ୍କ ପକେଟ୍‌କୁ ଯାଇଛି। ଭାରତରୁ ଇଂରେଜମାନେ ନେଇ ଯାଇଥିବା ଟଙ୍କାର ପରିମାଣ ଏତେ ଥିଲା ଯେ ଯଦି ଏହାକୁ ବ୍ରିଟେନ୍‌ର ୫୦ ପାଉଣ୍ଡର ନୋଟ୍‌ରେ ପରିଣତ କରାଯାଏ, ତା'ହେଲେ ପୂରା ଲଣ୍ଡନରେ ୪ଥର ନୋଟ୍‌ର କାରପେଟ୍ ବିଛା ଯାଇପାରିବ। ଅକ୍ସଫାମ ଇଣ୍ଟରନ୍ୟାଶନାଲର ନୂଆ ରିପୋର୍ଟରେ ଏପରି କୁହାଯାଇଛି। ବିଶ୍ୱ ଅର୍ଥନୀତିକ ଫୋରମ୍‌ର ବାର୍ଷିକ ବୈଠକର ପ୍ରଥମ ଦିନରେ ଏପରି ରିପୋର୍ଟ ପ୍ରତିବର୍ଷ ଜାରି କରାଯାଇଥାଏ। ସମଗ୍ର ବିଶ୍ୱରେ ଥିବା ଧନୀ ଓ ଶକ୍ତିଶାଳୀ ଲୋକଙ୍କ ବାର୍ଷିକ ବୈଠକର କିଛି ଘଣ୍ଟା ପୂର୍ବରୁ ଡାଭୋସରେ ଏହାକୁ ସାର୍ବଜନୀନ କରାଯାଇଛି। ଏହି ରିପୋର୍ଟରେ ଏକାଧିକ ଗବେଷଣା, ତଦନ୍ତ ଓ ଦସ୍ତାବିଜରୁ ମିଳିଥିବା ତଥ୍ୟ ଆଧାରରେ ଦାବି କରାଯାଇଛି ଯେ ଆଧୁନିକ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ କେବଳ ଉପନିବେଶବାଦ ଯୋଗୁ ସୃଷ୍ଟି ହୋଇଛନ୍ତି। ଐତିହାସିକ ଉପନିବେଶନବାଦ ସମୟରେ ବ୍ୟକ୍ତି ଅସମାନତା ଓ ଲୁଟର ବିକୃତି, ଆଧୁନିକ ଜୀବନକୁ ରୂପ ଦେବାରେ ଲାଗିଛି। ଏଥିଯୋଗୁ ଗୋଟିଏ ଗଭୀର



### ଅକ୍ସଫାମ୍ ରିପୋର୍ଟ

ଅସମାନତାର ବିଶ୍ୱ ତିଆରି ହୋଇଛି। ବର୍ଣ୍ଣବୈଷମ୍ୟ ଆଧାରରେ ଗୋଟିଏ ବିଭାଜିତ ବିଶ୍ୱ ଗଠିତ ହୋଇଛି। ଏହା ଏପରି ଏକ ବିଶ୍ୱ ଯେଉଁଠାରେ ବେଶ ବ୍ୟବସ୍ଥିତ ଢଙ୍ଗରେ ଗ୍ଲୋବାଲ୍ ସାଉଥଠାରୁ ଟଙ୍କା ଶୋଷଣ କରାଯାଇ ଏହାର ଲାଭକୁ ଗ୍ଲୋବାଲ ନର୍ଥର ଧନୀ ଲୋକମାନଙ୍କୁ ଦିଆଯାଉଛି। ବିଭିନ୍ନ ଅଧ୍ୟୟନ ଓ ଦସ୍ତାବିଜକୁ ଆଧାର କରି ଅକ୍ସଫାମ ଆକଳନ କରିଛି ଯେ ୧୭୬୫ରୁ ୧୯୦୦ ମସିହା ମଧ୍ୟରେ ବ୍ରିଟେନ୍‌ର ସବୁଠାରୁ ୧୦% ଧନୀ କେବଳ ଭାରତ ଠାରୁ ଆଜିର ମୂଲ୍ୟ ହିସାବରେ ୩୩.୮ ଟ୍ରିଲିୟନ ଡଲାର ସମ୍ପତ୍ତି ନେଇଯାଇଛନ୍ତି। ଏହା ଲଣ୍ଡନକୁ ବ୍ରିଟେନ୍‌ର ୫୦ ପାଉଣ୍ଡ ନୋଟ୍‌ରେ ୪ଥର ଘୋଡ଼ାଇ ଦେଇପାରିବାକୁ ସକ୍ଷମ।

## ବଦଳିବ ଶିକ୍ଷା ବ୍ୟବସ୍ଥା

**ଭୁବନେଶ୍ୱର,(ପିପିଏସ୍):**

ରାଜ୍ୟରେ ଲାଗୁହୋଇଛି ନୂତନ ଶିକ୍ଷା ନୀତି ୨୦୨୦। ଏହା ଲାଗୁ ପରେ ବଦଳିବ ଶିକ୍ଷା ବ୍ୟବସ୍ଥା। ପ୍ରି-ସ୍କୁଲ ପିଲାଙ୍କ ପାଇଁ ଖୋଲାଯିବ ଶିଶୁବାଟିକା। ସେହିପରି ୬ ବର୍ଷ ହେଲେ ପିଲା ପ୍ରଥମଶ୍ରେଣୀରେ ନାମ ଲେଖାଇବେ। ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ନୂଆ ଶିକ୍ଷା ନୀତି-୨୦୨୦ ସମ୍ପର୍କିତ ତିନିଦିନିଆ ଜାତୀୟ କର୍ମଶାଳାର ଶୁଭାରମ୍ଭ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଓଡିଶାରେ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଆଭିମୁଖ୍ୟ ରଖିଛନ୍ତି। ଲାଗୁହେବାରେ ବିଳମ୍ବ ହୋଇଛି ନୂତନ ଶିକ୍ଷାନୀତି। ଓଡ଼ିଶାରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯିବ। ରାଜ୍ୟର ପାଠ୍ୟକ୍ରମରେ ଓଡ଼ିଶାର ଗୌରବମୟ ଇତିହାସ, ଐତିହ୍ୟ ଓ ବରପୁତ୍ରମାନେ ସ୍ଥାନ ପାଇବା ଆବଶ୍ୟକ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ୧.୧୨ଲକ୍ଷ ପାଚିକାଙ୍କ ଦୁଃଖଶୁଣିଲେ ସରକାର

## ପାରିଶ୍ରମିକ ବଢ଼ିଲା ହଜାରେ ଟଙ୍କା

**ଭୁବନେଶ୍ୱର,(ପିପିଏସ୍):**

ରାଜ୍ୟରେ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମରେ ସାମିଲ ଥିବା ପାଚିକାମାନଙ୍କ ପାରିଶ୍ରମିକକୁ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। ଏଣିକି ସେମାନେ ମାସିକ ୨ହଜାର ଟଙ୍କା ପରିବର୍ତ୍ତେ ୩ହଜାର ଟଙ୍କା ପାରିଶ୍ରମିକ ପାଇବେ। ଏହାଦ୍ୱାରା ରାଜ୍ୟ ସରକାର ବର୍ଷକୁ ଅତିରିକ୍ତ ୧୧୨କୋଟି ୯ଲକ୍ଷ ଟଙ୍କା ବ୍ୟୟ କରିବେ। ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ପିଏମ୍ ପୋଷଣ ଯୋଜନା (ମଧ୍ୟାହ୍ନଭୋଜନ) ରେ କାମ କରୁଥିବା ପ୍ରାୟ ଏକ ଲକ୍ଷରୁ ଅଧିକ ପାଚକ, ପାଚିକାମାନଙ୍କ ମାସିକ ପାରିଶ୍ରମିକକୁ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ନେଇଛନ୍ତି। ସେମାନଙ୍କର ପାରିଶ୍ରମିକରେ ମାସିକ ଏକ ହଜାର ଟଙ୍କା ବୃଦ୍ଧି କରାଯାଇଛି। ଏହାଦ୍ୱାରା ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମରେ ନିୟୋଜିତ ୧ଲକ୍ଷ ୧୨ହଜାର ୯୦ଜଣ ପାଚକ-ପାଚିକା ଉପକୃତ ହେବେ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରାଜ୍ୟର ୫୦୬୧୮ଟି ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍କୁଲରେ ପଢ଼ୁଥିବା ୪୨.୪୫ଲକ୍ଷ ଛାତ୍ରଛାତ୍ରୀମାନଙ୍କୁ ଏହି ପାଚକପାଚିକାମାନେ ରନ୍ଧା ଖାଦ୍ୟ ପରିବେଷଣ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ପରିପୂରକ ପୁଷ୍ଟି କାର୍ଯ୍ୟକ୍ରମରେ ଯୋଗାଇ ଦିଆଯାଉଥିବା ଚାଉଳ ଓ ଗହମ ପରି ଶସ୍ୟର ପରିବହନ ଖର୍ଚ୍ଚକୁ ମଧ୍ୟ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। ଏହି ପରିବହନ ଖର୍ଚ୍ଚ କ୍ୱିଣ୍ଟାଲ ପିଛା ସର୍ବାଧିକ ୭୫ଟଙ୍କା ଥିବାବେଳେ ଏବେ ୧୫୦ ଟଙ୍କାକୁ ବୃଦ୍ଧିପାଇଛି। ୨୦୧୧ ମସିହା ପରଠୁ ଏହି ମୂଲ୍ୟରେ ବୃଦ୍ଧି ହୋଇନଥିଲା। ଏହି ବର୍ଦ୍ଧିତ ମୂଲ୍ୟ ବର୍ତ୍ତମାନ ନିୟୋଜିତ ଥିବା ପରିବହନ ଏଜେଣ୍ଟମାନେ ଦାବି କରିପାରିବେ ନାହିଁ। କେବଳ ନୂତନ ଭାବେ ନିୟୋଜିତ ହେବାକୁ ଥିବା ଏଜେଂଟଙ୍କ ପାଇଁ ଏହା ଲାଗୁ ହେବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି।

### ୩ହଜାର ମିଳିବ ପାରିଶ୍ରମିକ



## ସମ୍ପାଦକୀୟ

### ବେତନ କମିଶନ ଜଡ଼ିତ ପ୍ରଶ୍ନ

## ବାଟେଘାଟେ



କ୍ଷମତା ନିଶାଟା ମୁଣ୍ଡରୁ ଯାଉନି
ମନ ହୁଏ ଖଜ ବଜ
ପୁଣି ସଂଗଠନ ସଜାଡ଼ିବା ପାଇଁ
ଶଙ୍ଖପତି ସଜବାଜ
ଶୁଣିଲେ ମାଡ଼ଇ ଲାଜ
ପୁଣି ପାଣ୍ଡିଆ ଗୁମାସ୍ତା ସାଜିବ
ଯିଏ ମାରିଥିଲା ଗୋଜ
ଗୋଦରା କୋଡୁଛି ମାଡୁଛି ସେତିକି
ଗୋଷ୍ଠୀ କନ୍ଦଳର ଖୋଜ

-ରାହୀ

## ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲା: ତଦନ୍ତକୁ ନେଇ ପ୍ରଶ୍ନ ଅନେକ

# ହତ୍ୟାକାଣ୍ଡ ପଛରେ କୋଇଲା ଟ୍ରାନ୍ସପୋର୍ଟ ମାଫିଆ !

**ଝାରସୁଗୁଡ଼ା, ଭୁବନେଶ୍ୱର,(ପିପିଏସ୍):**

ନବ ଦାସ ହତ୍ୟାକାଣ୍ଡକୁ ନେଇ ଏବେ ରାଜ୍ୟ ରାଜନୀତି ଏବେ ଜୋର ଧରିଛି। ବର୍ତ୍ତମାନ ନବଙ୍କର ପୋଷ୍ଟମର୍ଟମ ରିପୋର୍ଟ ମଧ୍ୟ ଭିନ୍ନ ଭିନ୍ନ ମିଳିଛି। ଯାହାକୁ ନେଇ ପ୍ରଶ୍ନଉଠିଛି। ରିପୋର୍ଟ ଅନୁସାରେ ୨୯ ତାରିଖ ରାତି ୧୦ଟା ୪୫ରେ ପୋଷ୍ଟମର୍ଟମ ହୋଇଥିଲା। ପୋଷ୍ଟମର୍ଟମର ୬ଘଣ୍ଟା ମଧ୍ୟରେ ମୃତ୍ୟୁ ଘଟିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସୂଚନା ଅନୁସାରେ ୨୯ ତାରିଖ ଦିନ ୧୨ଟା ୧୫ରେ ନବଙ୍କୁ ଗୁଳି କରାଯାଇଥିଲା। ଘଟଣା ପରେ ତାଙ୍କୁ ତୁରନ୍ତ ଝାରସୁଗୁଡ଼ା, ସେଠାରୁ ଆପୋଲୋ ଅଣାଯାଇଥିଲା। ଏୟାରଲିଫ୍ଟ କରାଯାଇ ଝାରସୁଗୁଡ଼ାରୁ ଆପୋଲୋ ଅଣାଯାଇଥିଲା। ବର୍ତ୍ତମାନ ଆପୋଲୋରେ ପହଞ୍ଚିବା ପରେ ନା ପହଞ୍ଚିବା ପୂର୍ବରୁ ମୃତ୍ୟୁ ତାକୁ ନେଇ ପ୍ରଶ୍ନଉଠିଛି। ରିପୋର୍ଟରେ ତଥ୍ୟ ଭିନ୍ନଭିନ୍ନ ଥିବା ଏବେ ସନ୍ଦେହକୁ ଆହୁରି ବଢାଉଛି। କ'ଣ ଆପୋଲୋ ହସ୍ପିଟାଲ ପହଞ୍ଚିବା ବେଳକୁ ନବ ଜୀବିତ ଥିଲେ ? ହୃତ୍‌ପିଣ୍ଡ ବ୍ୟାପକ କ୍ଷତିଗ୍ରସ୍ତରୁ ମୃତ୍ୟୁ ଘଟିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। କିନ୍ତୁ ଚିକିତ୍ସା ଚାଲିଥିବା ବେଳେ ହସ୍ପିଟାଲରେ ମୃତ୍ୟୁ ଘଟିଥିବା କ୍ରାଇମବ୍ରାଞ୍ଚ କହୁଛି। ଏଭଳି ଭିନ୍ନ ଭିନ୍ନ ରିପୋର୍ଟ ଯୋଗୁଁ ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳିଯାଇଛି। ତେଣେ ଚର୍ଚ୍ଚାହେଉଛି, ହତ୍ୟାପଛରେ କୋଇଲା ଟ୍ରାନ୍ସପୋର୍ଟ ମାଫିଆଙ୍କ ହାତ ଅଛି। ଝାରସୁଗୁଡ଼ାର ତତ୍‌କାଳୀନ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମାଧ୍ୟମରେ ନବଙ୍କୁ ଧମକ ଦିଆଯାଇଥିଲା। ଉଭୟ ଅଫିସରଙ୍କୁ ଜେରା କରାଗଲେ, କିଏ ସେମାନଙ୍କୁ ଏଭଳି ଧମକ ଦେବାକୁ କହିଥିଲା, ତାହା ଲୋକଲୋକଚନକୁ ଆସିପାରିବ। ଏଭଳି ବିସ୍ଫୋରକ ମନ୍ତବ୍ୟ ଦେଇଛନ୍ତି ବରିଷ୍ଠ କଂଗ୍ରେସ ନେତା ତଥା ନବଙ୍କ ଘନିଷ୍ଠବନ୍ଧୁ ସନ୍ତୋଷ ସିଂ ସାଲୁଜା। ଆଉ ସାଲୁଜାଙ୍କ ଏହି ବୟାନ ପରେ ନବଙ୍କ ହତ୍ୟା ପଛରେ ଷଡ଼ଯନ୍ତ୍ର ରହିଥିବା ନେଇ ଯେଉଁ ଚର୍ଚ୍ଚା ଆରମ୍ଭରୁ ଲାଗି ରହିଥିଲା ତାହା ମଧ୍ୟ ଧୀରେଧୀରେ ପ୍ରମାଣିତ ହେବାରେ ଲାଗିଛି। ବିଶେଷକରି କ୍ରାଇମବ୍ରାଞ୍ଚର ତଦନ୍ତ ଆଳରେ ଷଡ଼ଯନ୍ତ୍ରକାରୀଙ୍କୁ ଖସାଇ ଦେବା ପାଇଁ ସୁଚିନ୍ତିତ ଉଦ୍ୟମ ହୋଇଥିବା ନେଇ ମଧ୍ୟ ଅନେକ ଚାଞ୍ଚଲ୍ୟକର ତଥ୍ୟ ଏବେ ଆସିବାରେ ଲାଗିଛି। ତତ୍‌କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟାକୁ ଆଉ ମାତ୍ର ୮ଦିନ ପରେ ଦୁଇବର୍ଷ ପୂରିବ। ନବଙ୍କ ହତ୍ୟାକାରୀ ପୁଲିସ ଏଏସ୍‌ଆଇ ଗୋପାଳ ଦାସ ଗିରଫ ହୋଇଛନ୍ତି। କିନ୍ତୁ ସେ କାହିଁକି ଏହି ହତ୍ୟା କଲେ ତା'ର ରହସ୍ୟଭେଦ କରିବାରେ କ୍ରାଇମବ୍ରାଞ୍ଚ ସକ୍ଷମ ହୋଇପାରିନି। ଏପରିକି ହତ୍ୟା ପଛର ଯେଉଁସବୁ କାରଣ ଗୋପାଳ ଦେଉଛି ତାକୁ ନେଇ ସନ୍ତୁଷ୍ଟ ନଥିବା ଖୋଦ୍ ତଦନ୍ତକାରୀ ଅଫିସର କୋର୍ଟରେ ସ୍ୱୀକାର ମଧ୍ୟ କରିଛନ୍ତି। ତେବେ ଏସବୁ ମଧ୍ୟରେ ରାଜନୀତିକ ଓ ବ୍ୟବସାୟିକ ଷଡ଼ଯନ୍ତ୍ର ଦିଗରେ ତଦନ୍ତ ନକରି ଘଟଣାର ୧୨୦ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ କରିଥିବା କ୍ରାଇମବ୍ରାଞ୍ଚର ପାରିବାପଣିଆ ଉପରେ ପ୍ରଶ୍ନ ଉଠିବାରେ ଲାଗିଲାଣି। ଏସବୁ ମଧ୍ୟରେ କଂଗ୍ରେସ ନେତା ସନ୍ତୋଷ ସିଂ ସାଲୁଜା ଗଣମାଧ୍ୟମକୁ ବିସ୍ଫୋରକ ବୟାନ ଦେଇ କହିଛନ୍ତି ଯେ ନବ ଦାସଙ୍କ ସହ ଏକାଠି ଗୋଟିଏ ଟେବୁଲରେ ଏକାଠି ଖାଇବାବେଳେ ଝାରସୁଗୁଡ଼ା ଜିଲ୍ଲାର କୋଇଲା ପରିବହନରୁ ତାଙ୍କୁ ଦୂରେଇ ଯିବା ପାଇଁ ଜିଲ୍ଲାପାଳ ଓ ଏସ୍‌ପି ଚାପ ପକାଇଥିବା ତାଙ୍କୁ କହିଥିଲେ। କିନ୍ତୁ ସେ ଉପରେ କଥା ହୋଇ ସାରିଛନ୍ତି। ୨୯ଟି ଜିଲ୍ଲାର ଟ୍ରାନ୍ସପୋର୍ଟ ବ୍ୟାପାର ସେମାନେ ବୁଝନ୍ତୁ, କିନ୍ତୁ ଝାରସୁଗୁଡ଼ା ଦାୟିତ୍ୱ ସେ ନିଜେ ବୁଝିବେ ବୋଲି ଉପରେ କଥା ହୋଇଥିବା ନେଇ ନବ ତାଙ୍କୁ ସୂଚନା ଦେଇଥିଲେ। ଯଦି ତତ୍‌କାଳୀନ ଜିଲ୍ଲାପାଳ ଓ ପୁଲିସ ଏସ୍‌ପିଙ୍କୁ ଜେରା କରାଯିବ ତା'ହେଲେ ସେମାନଙ୍କୁ କିଏ ଜଣେ ମନ୍ତ୍ରୀଙ୍କ ଉପରେ ଚାପ ପକାଇବାକୁ କହୁଥିଲା ତାହା ଜଣାପଡ଼ିବ। ସାଲୁଜାଙ୍କ ଏହି ବୟାନ ଉପରେ ପ୍ରତିକ୍ରିୟା ରଖି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ନବ ଦାସଙ୍କ ପରିବାର ଲୋକେ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଲେଖିକି ଦେବେ ବୋଲି ଜଣାପଡୁଛି। ସେମାନେ ଲେଖିକି ଦେବା ପରେ ତଦନ୍ତ ରିଓପନ ହେବ। କଂଗ୍ରେସ ନେତା ସାଲୁଜା ଚାହିଁଲେ ସେତେବେଳେ ତଦନ୍ତକାରୀ ଅଫିସରଙ୍କ ଆଗରେ କେଉଁ ଦୁଇଜଣ ଅଫିସର ନବ ଦାସଙ୍କୁ କୋଲ ବ୍ଲକ୍‌ରୁ ଦୂରେଇ ରହିବାକୁ କହିଥିଲେ ଓ କିଏ ପରାମର୍ଶ ଦେଇଥିଲେ ତାହା କହିପାରିବେ। ଏହା ତଦନ୍ତର ଏକ ସାଧାରଣ ପ୍ରକ୍ରିୟା ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ଏପଟେ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର କହିଛନ୍ତି ଯେ ନବ ଦାସ ହତ୍ୟାର ତଦନ୍ତ ଯେଭଳି ହେଉଥିଲା ସେ ଆରମ୍ଭରୁ କହିସାରିଛନ୍ତି ତଦନ୍ତ ଅପରାଧୀଙ୍କୁ ଧରିବା ପାଇଁ ନୁହେଁ, ବରଂ ଅପରାଧୀଙ୍କୁ ସୁରକ୍ଷା ଦେବା ଦିଗରେ ହେଉଛି। ବିଜେଡି ନେତାମାନେ ଏହି ହତ୍ୟା ଷଡ଼ଯନ୍ତ୍ରରେ ଅଛନ୍ତି। ନବଙ୍କ ହତ୍ୟା ପରେ ସମ୍ବଲପୁର ପୁଲିସ ଆଇଜିଙ୍କ କାର୍ଯ୍ୟାଳୟକୁ ସବୁ ବିଜେଡି ନେତାଙ୍କୁ ଡକାଯାଇଥିଲା। ସେଠାରେ ବିଜେଡି ନେତାମାନେ ପିଟାପିଟି ହୋଇଥିଲେ। ଥାନାରେ ଏନେଇ ମାମଲା ବି ହୋଇଥିଲା ବୋଲି ଶ୍ରୀ ମିଶ୍ର କହିଛନ୍ତି।

### ବଢୁଛି ସନ୍ଦେହ



## ସବୁଠୁ ବିପଦପୂର୍ଣ୍ଣ ରାସ୍ତା



**ବ**ଲିଭିଆରେ ରହିଛି ବିଶ୍ୱର ସବୁଠାରୁ ବିପରାସ୍ତା। ଏହି ରାସ୍ତାରେ ଗାଡ଼ି ଚଳାଇବା ଜଣକ ପାଇଁ ଶେଷ ଡ୍ରାଇଭ ହୋଇପାରେ। ବଲିଭିଆର ଡେଥ୍ ରୋଡ ଦୁନିଆର ସବୁଠାରୁ ବିପରାସ୍ତା ବୋଲି ବିବେଚନା କରାଯାଏ। ସମୟ ଥିଲା ଯେତେବେଳେ ପ୍ରତିବର୍ଷ ଏଠାରେ ୨୦୦ରୁ ୩୦୦ ଲୋକଙ୍କ ମୃତ୍ୟୁ ଘଟୁଥିଲେ। ଏହି କାରଣରୁ ଏହାକୁ ଡେଥ୍ ରୋଡ କୁହାଯାଉଥିଲା। ପ୍ରାୟ ୭୦ କିଲୋମିଟର ଏହି ରାସ୍ତାରେ ଭୂସ୍ଖଳନ, କୁହୁଡ଼ି ଏବଂ ଭୁଶୁଡ଼ି ପଡ଼ିବାର ବିପଦ ସବୁବେଳେ ରହିଥାଏ। ରାସ୍ତାଟି କେବଳ କିଛି ବାଟ ପର୍ଯ୍ୟନ୍ତ ୧୦ ଫୁଟରୁ ଅଧିକ ଚଉଡ଼ା, ବାକିଗୁଡ଼ିକ ସଂକୀର୍ଣ୍ଣ। ୧୯୩୦ ଦଶକ ପାରାଗୁଏ-ବ୍ରାଜିଲ ଯୁଦ୍ଧରେ ବନ୍ଦୀ ହୋଇଥିବା ପାରାଗୁଏ କଏଦୀମାନେ ପାହାଡ଼ କାଟି ଏହାକୁ ତିଆରି କରିଥିଲେ। ଏହି ରାସ୍ତା ବଲିଭିଆର ରାଜଧାନୀ ଲା ପାଜକୁ କୋରିକୋ ସହର ସହିତ ସଂଯୋଗ କରେ। ୨୦୦୬ ପର୍ଯ୍ୟନ୍ତ ଏହା ଦୁଇ ସହର ମଧ୍ୟରେ ଏକମାତ୍ର ରାସ୍ତା ଥିଲା। ଖରାପ ପାଗରେ ଲୋକମାନେ ଏହି ରାସ୍ତାରେ ବାହାରକୁ ଯାଆନ୍ତି ନାହିଁ।

## ବଳକା ଖାଦ୍ୟକୁ ଫ୍ରିଜ୍‌ରେ ରଖୁଛନ୍ତି କି ?



**ସା**ଧାରଣତଃ ଆମେ ଘରେ କୌଣସି ଖାଦ୍ୟ ବଳିଗଲେ ତାକୁ ଆମେ ଫ୍ରିଜରେ ରଖିଥାଉ । ପନିପରିବା ଓ ଫଳମୂଳ ଦୀର୍ଘ ଦିନ ପର୍ଯ୍ୟନ୍ତ ସତେଜ ରହିବା ଓ ନଷ୍ଟ ନ ହେବା ପାଇଁ ଫ୍ରିଜରେ ରଖୁ । କିନ୍ତୁ ଏପରି କିଛି ଖାଦ୍ୟ ଅଛି, ଯାହାକୁ ଆଦୌ ଫ୍ରିଜରେ ରଖିବା ଠିକ୍ ନୁହେଁ । ତେବେ ଆସନ୍ତୁ ଜାଣିବା ।

ଆଳୁ: ଫ୍ରିଜରେ ରଖିବା ଦ୍ୱାରା ଆଳୁରେ ଥିବା ଷ୍ଟାର୍ଚ ସୁଗାରରେ ପରିଣତ ହୋଇଯାଏ । ଆଉ ସୁଗାର ଆମ ସ୍ୱାସ୍ଥ୍ୟ ପାଇଁ ଖରାପ । ଏହାର ସ୍ୱାଦ ଓ ଟେକ୍ସଚର ମଧ ପ୍ରଭାବିତ ହୁଏ । ତେଣୁ ଆଳୁକୁ ଫ୍ରିଜରେ ରଖିବା ବଦଳରେ ଏକ ଥଣ୍ଡା ଓ ଅନ୍ଧାରିଆ ସ୍ଥାନରେ ରଖନ୍ତୁ ।

ଟମାଟୋ: ଥଣ୍ଡା ତାପମାତ୍ରା ଟମାଟୋ ସ୍ୱାଦ ଖରାପ କରିପାରେ ଓ ଏହାକୁ ନରମ କରିଥାଏ । ତେଣୁ ଏହାକୁ ସବୁବେଳେ ରୁମ୍ ତାପମାତ୍ରାରେ ରଖିବା ଓ ବଜାରରୁ ଆଣିବାର କିଛି ଦିନ ମଧରେ ବ୍ୟବହାର କରିବା ଉଚିତ୍ ।

କଦଳୀ: ଫ୍ରିଜରେ କଦଳୀ ରଖିଲେ ଏହାର ଚୋପା ବ୍ରାଉନ ହୋଇଯାଇପାରେ । ଯଦିଓ ଏହାର ଭିତର ଅଂଶ ଖାଇବା ଯୋଗ୍ୟ ରହିଥାଏ, କିନ୍ତୁ ସତେଜତା ଓ ସ୍ୱାଦ କମିଯାଏ । ସବୁବେଳେ କଦଳୀକୁ ରୁମ୍ ତାପମାତ୍ରାରେ ରଖିବା ଉଚିତ୍।

ରସୁଣ: ପିଆଜ ଭଳି ରସୁଣ ମଧ ଫ୍ରିଜରେ ରଖନ୍ତୁ ନାହିଁ । ହେଲେ ଅନେକ ଲୋକ ଚୋପା ଛଡାଇ ରସୁଣ ଫ୍ରିଜରେ ରଖିଦିଅନ୍ତି । ଏମିତି କଲେ ଏହା ନରମ ହୋଇ ଅଙ୍କୁରିତ ହେବାରେ ଲାଗେ ତେଣୁ ଏହାରୁ ଫ୍ରିଜରେ ରଖିବା ଉଚିତ୍ ନୁହେଁ।

ବ୍ରେଡ: ଫ୍ରିଜରେ ବ୍ରେଡ ରଖିଲେ ଏହା ଶୀଘ୍ର ଶୁଖିଯାଏ ଓ ବାସି ହୋଇଯାଏ । ଏଥିରେ ଫଙ୍ଗସ୍ ହୋଇଯାଏ। ତେଣୁ ବ୍ରେଡ ସବୁବେଳେ ରୁମ୍ର ତାପମାତ୍ରାରେ ସିଲ୍ଡ ବ୍ୟାଗ ଓ ବ୍ରେଡ ବକ୍ସରେ ରଖିବା ଉଚିତ୍ । ସାମାନ୍ୟ ତାପମାତ୍ରାରେ ରହିଲେ ବ୍ରେଡ ଅଧିକ ଦିନ ଯାଏଁ ଭଲ ରହେ ।

ପିଆଜ: ଫ୍ରିଜରେ ପିଆଜ ମଧ ରଖିବା ଅନୁଚିତ୍ । ଏହାକୁ ସବୁବେଳେ କମ୍ ଥଣ୍ଡା ଓ ଶୁଖିଲା ଜାଗାରେ ରଖିବା ଆବଶ୍ୟକ, ଯେଉଁଠି ଠିକ୍ ଭାବେ ବାୟୁ ଚଳାଚଳ ହେଉଥିବ । ଫଳରେ ପିଆଜ ଅନେକ ଦିନ ଯାଏ ନଷ୍ଟ ହୋଇନଥାଏ ।

ରନ୍ଧା ଚିକେନ: ସେହିପରି ଫ୍ରିଜରେ ୨ରୁ ୩ ଦିନ ଯାଏଁ ରନ୍ଧା ଚିକେନ ରଖିବା ଦ୍ୱାରା ଏହା ନଷ୍ଟ ହୋଇଯାଏ। ଚିକେନ ସ୍ୱାଦ ବଦଳିଯିବା ସହ ଥଣ୍ଡା ତାପମାତ୍ରା ଏହାର ଟେକ୍ସଚର ଓ ଫ୍ଲେବର ବିଗାଡିଦିଏ। ଏମିତିକି ରେଫ୍ରିଜରେଟେଡ ଚିକେନ ଖାଇବା ଫଳରେ ଫୁଡ୍ ପଏଜନିଂ ହେବାର ସମ୍ଭାବନା ଥାଏ।

## ଦୁନିଆର ସବୁଠୁ ମହଙ୍ଗା ଜମି



**ପୃ**ଥିବୀର ସବୁ ସ୍ଥାନରେ ଜମିର ମୂଲ୍ୟ କ୍ରମାଗତ ଭାବେ ବୃଦ୍ଧି ପାଉଛି। ସହରଠାରୁ ଗାଁ ପର୍ଯ୍ୟନ୍ତ ସବୁ ସ୍ଥାନରେ ଜମିର ମୂଲ୍ୟ ଆକାଶଛୁଆଁ ହେଉଛି। ଏଥିପାଇଁ ନିବେଶକମାନେ ଜମିରେ ଅଧିକ ବିନିଯୋଗ କରିବାକୁ ପସନ୍ଦ କରନ୍ତି । କିନ୍ତୁ ଜାଣନ୍ତି କି ପୃଥିବୀର ସବୁଠାରୁ ଦାମୀ ଜମି କେଉଁଟି, ଯାହାର ମୂଲ୍ୟ ଆପଣଙ୍କୁ ଚକିତ କରିବ ।

ଦୁନିଆର ସବୁଠୁ ଦାମୀ ଜମିର କାହାଣୀ ଗୁରୁ ଗୋବିନ୍ଦ ସିଂଙ୍କ ଦୁଇ ପୁଅ ସାହିବଜାଦା ଜୋରୱାର ଏବଂ ସାହିବଜାଦା ଫତେହ ସିଂଙ୍କ ସହ ଜଡିତ। ଧାର୍ମିକ ଗ୍ରନ୍ଥ ଅନୁଯାୟୀ, ଯେତେବେଳେ ଫତେହ ସିଂ ଏବଂ ଜୋରୱାର ସିଂ ଇସଲାମ ଗ୍ରହଣ କରିବାକୁ ମନା କରିଥିଲେ, ସେତେବେଳେ ମୋଗଲମାନେ ସେମାନଙ୍କୁ କାନ୍ଥରେ କବର ଦେଇ ଦେଇଥିଲେ। ଏହା ପରେ, ଯେତେବେଳେ ମୋଗଲମାନେ ତାଙ୍କର ଶେଷ ରୀତିନୀତି ପାଇଁ ସ୍ଥାନ ଦେଇନଥିଲେ, ରାଜା ଟୋଡରମଲ ମୋଗଲମାନଙ୍କଠାରୁ ୪ ଗଜ ଜମି ନେଇଥିଲେ । ସେତେବେଳେ ରାଜା ଟୋଡରମଲ ୪ ଗଜ ଜମି ପାଇଁ ମୋଗଲମାନଙ୍କୁ ୭୮,୦୦୦ ସୁନା ମୁଦ୍ରା ଦେଇଥିଲେ। ଏହି ଜମିରେ ସେ ଗୁରୁ ଗୋବିନ୍ଦ ସିଂଙ୍କ ଦୁଇ ପୁଅ ଏବଂ ମାତା ଗୁଜ୍ରିଙ୍କ ଶେଷ ରୀତିନୀତି କରିଥିଲେ। ଆଜିର ଯୁଗରେ ଏହି ୪ ଗଜ ଜମିର ମୂଲ୍ୟ ହେବ ୪ ବିଲିୟନ ଟଙ୍କା। ତେବେ କିଛି ମିଡିଆ ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ସବୁଠାରୁ ମହଙ୍ଗା ଜମି ହଂକଂରେ ଅଛି । ଫେବୃଆରୀ ୨୦୨୧ ରେ, ୧.୨୫ ଏକର ଜମି ଏଠାରେ ବିକ୍ରି ହୋଇଥିଲା ଏବଂ ଏହାର ମୂଲ୍ୟ ୯୩୫ ମିଲିଅନ୍ ଡଲାର ଥିଲା ।

## ବଲିଉଡ୍‌ରେ ଅଭିନେତ୍ରୀଙ୍କୁ ମିଳେ ଅପ୍ରାସଙ୍ଗିକ ଚରିତ୍ର



**ବ**ଲିଉଡ୍ ଅଭିନେତ୍ରୀ ତଥା ଏମ୍ପି କଙ୍ଗନା ରାଣାୱତ ସୋମବାର ଏକ ସାକ୍ଷାତ୍କାରରେ କହିଛନ୍ତି, ୨୦୧୮ରେ ରିଲିଜ୍ ହୋଇଥିବା 'ପଦ୍ମାବତ' ଫିଲ୍ମରେ ରାଣୀ ପଦ୍ମାବତୀଙ୍କ ଭୂମିକାରେ ଅଭିନୟ କରିବା ପାଇଁ ତାଙ୍କୁ ଫିଲ୍ମ ନିର୍ମାତା ସଞ୍ଜୟ ଲୀଲା ଭଁସାଲୀ ଅଫର ଦେଇଥିଲେ। ତେବେ ଏହି ଅଫରକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ। ଫଳରେ ଫିଲ୍ମରେ ରାଣୀ ପଦ୍ମାବତୀଙ୍କ ଭୂମିକାରେ ଅଭିନେତ୍ରୀ ଦୀପିକା ପାଦୁକୋନ୍ ଅଭିନୟ କରିଥିଲେ। ସାକ୍ଷାତ୍କାରରେ କଙ୍ଗନା ହିନ୍ଦୀ ସିନେମାର ନାମୀ ଫିଲ୍ମ ନିର୍ମାତା ଓ ନିର୍ଦ୍ଦେଶକଙ୍କୁ ନେଇ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବଲିଉଡ୍ ଇଣ୍ଡଷ୍ଟ୍ରିର ନାମୀ ନିର୍ଦ୍ଦେଶକ ଓ ଫିଲ୍ମ ନିର୍ମାତାମାନେ ତାଙ୍କ ଫିଲ୍ମରେ ମହିଳା କଳାକାରମାନଙ୍କୁ ଯେପରି ଉପସ୍ଥାପନ କରନ୍ତି, ତାହା ତାଙ୍କୁ ପସନ୍ଦ ଆସେ ନାହିଁ ବୋଲି କଙ୍ଗନା କହିଛନ୍ତି। ସେ ଆହୁରି କହିଛନ୍ତି, ଜଣେ ମହିଳା କଳାକାର ଭାବେ ସେ ଏପରି ଫିଲ୍ମରେ କାମ କରିବାକୁ ଚାହାନ୍ତି, ଯେଉଁଥିରେ ଅଭିନେତ୍ରୀ ଭାବେ ତାଙ୍କ ଚରିତ୍ର ଗୁରୁତ୍ୱ ବହନ କରୁଥିବ। ବଡ଼ ବଡ଼ ନିର୍ଦ୍ଦେଶକଙ୍କ ଫିଲ୍ମରେ ମଧ ଲିଡ୍ ଫିମେଲ ଆକ୍ଟରଙ୍କର ଅଭିନୟ ଅତି ବେଶିରେ ୧୦ରୁ ୧୫ ମିନିଟ ରହିଥାଏ। ଉକ୍ତ ଫିଲ୍ମଗୁଡ଼ିକ ପୂରାପୂରି ଭାବେ ମୁଖ୍ୟ ଅଭିନେତାଙ୍କୁ କେନ୍ଦ୍ର କରି ହୋଇଥାଏ। ଏହି ମାନସିକତା ଠିକ୍ ନୁହେଁ ବୋଲି କଙ୍ଗନା କହିଛନ୍ତି। 'ପଦ୍ମାବତ' ଫିଲ୍ମରେ ଦୀପିକାଙ୍କ ଚରିତ୍ରର ବିଶେଷ ଭୂମିକା ନ ଥିଲା। ଦୀପିକା ପୂରା ଫିଲ୍ମରେ ରାଣୀ ପଦ୍ମାବତୀଙ୍କ ଚରିତ୍ରରେ କେବଳ ନିଜକୁ ସଜେଇ ହେଉଥିଲେ ବୋଲି କହି କଙ୍ଗନା କଟାକ୍ଷ କରିଛନ୍ତି।

## ଆଜିର ରାଶିଫଳ

ମେଷ: ଜୀବନସାଥୀ ସହ କେ ?ଣସି ଧର୍ମାନୁଷ୍ଠାନକୁ ଯିବେ। କ୍ଷୁଦ୍ରଉଦ୍ୟୋଗୀଙ୍କୁ ଯଥେଷ୍ଟ ଲାଭ ହେବ। ରାଜନୀତି କ୍ଷେତ୍ରରେ ଥିବା ବ୍ୟକ୍ତିମାନଙ୍କୁ ଲାଭ ମିଳିବ। ପୂର୍ବ କଥା ଦାମ୍ପତ୍ୟ ଜୀବନକୁ ମଧୁର କରିବ।

ବୃଷ: ଜରୁରୀ କାମ ବ୍ୟବସ୍ଥିତ କରିବା ପାଇଁ ଅଧିକ ପରିଶ୍ରମ କରିବେ। ବ୍ୟବସାୟୀଙ୍କ ପାଇଁ ଦିନଟି ବହୁତ ଭଲ। ଜୀବନସାଥୀଙ୍କର ସ୍ନେହ ଆଦର ପାଇବେ। ଶିକ୍ଷାର୍ଥୀଙ୍କର ମନ ପାଠପଢ଼ାରେ ଲାଗି ରହିବ।

ମିଥୁନ: କାରବାର ବୃଦ୍ଧି ପାଇଁ ଉପାୟ ଫଳପ୍ରଦ ହେବ। ଧନଲାଭ ହେବା ଯୋଗୁଁ ଖର୍ଚ୍ଚ ଭରଣା କରିବା ସହଜ ହେବ। ଘରକୁ ନୂଆ ବନ୍ଧୁ ଆସିବେ। କଳାକାରଙ୍କୁ ଲାଭ ମିଳିବା ଯୋଗ ଅଛି।

କର୍କଟ: ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। କାରବାରରେ ଧନଲାଭ ହେବ। କେ ?ଣସି ଲୋକଙ୍କ ସହିତ ନୂଆ ଯୋଜନା ଉପରେ କଥା ହେବେ। ବିବାହିତ ବାହାରକୁ ବୁଲି ଯିବେ।

ସିଂହ: ଆପଣଙ୍କ ଯୋଗ୍ୟତା ଅନୁସାରେ ଆପଣଙ୍କୁ ପରିଣାମ ମିଳିବ। ବେ ?ବାହିକ ଜୀବନ ସୁଖକର ହେବ। ବେକାରଙ୍କୁ ନୂଆ ଚାକିରିର ସୁଯୋଗ ମିଳିବ। ନୂଆ କାର୍ କିଣିବା ଲାଗି ଆଗ୍ରହ ବଢ଼ିବ।

କନ୍ୟା: ଆପଣଙ୍କର ନୂଆ ଶକ୍ତିକୁ ପ୍ରୟୋଗରେ ଲଗାନ୍ତୁ। ଧନଲାଭର ନୂଆ ରାସ୍ତା ଖୋଲିବ। ଅଫିସରେ ଆପଣଙ୍କ କାମର ପ୍ରଶଂସା ହେବ। ଜୀବନସାଥୀର ପ୍ରେମ ଓ ସୁଖ ପାଇବେ।

ତୁଳା: ପୂର୍ବରୁ ପ୍ରୟାସ କରି ଆସୁଥିବା କାମରେ ଆପଣଙ୍କୁ ଲାଭ ମିଳିପାରେ। ଆପଣଙ୍କ ସକାରାତ୍ମକ ବିଚାରରେ ଲୋକେ ପ୍ରଭାବିତ ହେବେ। ରାଜନୀତିରେ କିଛି ଆଶା ପୂରଣ ହେବ। ପ୍ରେମ ଜୀବନ ମଧୁର ହେବ।

ବିଛା: ପୂର୍ବ କଥା ପସୋରି ନୂଆ କାମ ଆରମ୍ଭ କରନ୍ତୁ। ବ୍ୟବସାୟରେ ଯଥେଷ୍ଟ ଲାଭ ପାଇବେ। ଋଣ ପରିଶୋଧ କରିବେ। ଓକିଲ ପୁରୁଣା ମକଦ୍ଦମାରେ ଜିତିବେ। ଛାତ୍ରଙ୍କ ଲାଗି ଦିନଟି ଭଲ।

ଧନୁ: ଆପଣଙ୍କର ଧ୍ୟାନ ଆଧ୍ୟାତ୍ମିକ ଆଡ଼କୁ ଅଧିକ ରହିବ। ପ୍ରତିଟି କାମରେ ନିଜକୁ ଯୋଗ୍ୟ ପ୍ରମାଣିତ କରିବେ। ବନ୍ଧୁ ଆପଣଙ୍କୁ ବଧାଇ ଦେବା ପାଇଁ ଘରକୁ ଆସିବେ। ଦାମ୍ପତ୍ୟ ଜୀବନ ପ୍ରୀତିମୟ ହେବ।

ମକର: ସାରାଦିନ କାମରେ ବ୍ୟସ୍ତ ରହିବେ। ଶାନ୍ତ ରହି ବିବାଦକୁ ସମାଧାନ କରନ୍ତୁ। ଭାଗୀଦାରି କାରବାରରେ ଲାଭ ପାଇବେ। ଯେଉଁମାନେ ପ୍ରେମ କରୁଛନ୍ତି ସେମାନେ ମନର କଥା ସାଥୀଙ୍କୁ କହିବେ।

କୁମ୍ଭ: ପୂର୍ବରୁ ଲାଗି ରହିଥିବା ଚିନ୍ତା ଦୂର ହେବ। ରାଜନୀତିରେ ସକ୍ରିୟ ଭୂମିକା ନିର୍ବାହ କରିବେ। ବ୍ୟବସାୟରେ ଲାଭ ହେବ। ଡ଼ାକ୍ତରୀ ଛାତ୍ରଙ୍କୁ ବଡ଼ ଡ଼ାକ୍ତରଙ୍କ ସହ କାମ କରିବାର ଅବସର ମିଳିବ।

ମୀନ: କାମରେ ବ୍ୟସ୍ତ ରହିବା ସତ୍ତ୍ୱେ ସନ୍ଧ୍ୟାରେ ପରିବାର ସହ ସମୟ ଅତିବାହିତ କରିବେ। ସ୍ୱାଦିଷ୍ଟ ଖାଦ୍ୟ ଭୋଜନ କରିବେ। କଳା କ୍ଷେତ୍ରରେ ଥିବା ବ୍ୟକ୍ତିମାନଙ୍କୁ ସଫଳତା ମିଳିପାରେ।

## ଆପଣଙ୍କ ପିଲା ପାଠ ମନେରଖୁନି କି



**ସ**ବୁ ବାପା-ମା' ସେମାନଙ୍କ ପିଲାମାନଙ୍କୁ ଏକ ଉତ୍ତମ ଭବିଷ୍ୟତ ଦେବା ନେଇ ଚିନ୍ତା କରନ୍ତି। ଏନେଇ ସେମାନେ ପିଲାମାନଙ୍କର ଉତ୍ତମ ଭବିଷ୍ୟତ ପାଇଁ ସେମାନଙ୍କର ଶିକ୍ଷାର ବିଶେଷ ଯତ୍ନ ନିଅନ୍ତି। କିଛି ପିଲା ପାଠ ପଢିବାରେ ଖୁବ୍ ମେଧାବୀ ଥିବାବେଳେ ଆଉ କେତେକଙ୍କର ସ୍ମୃତିଶକ୍ତି ଖୁବ୍ ଦୁର୍ବଳ ଥାଏ।

ଏପରି ପରିସ୍ଥିତିରେ, ସେମାନେ ପଢିଥିବା ବିଷୟଗୁଡ଼ିକୁ ଖୁବ ଶୀଘ୍ର ଭୁଲିଯାଆନ୍ତି। ଯଦି ଆପଣଙ୍କ ପିଲା ଏଭଳି ସମସ୍ୟାର ସମ୍ମୁଖିନ ହେଉଛନ୍ତି, ତେବେ ୪ଟି ପାଠପଢା ଟିପ୍ସ ଆପଣଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ହୋଇପାରେ।

ଅନେକ ସମୟରେ ଦେଖାଯାଏ ଯେ ପିଲାମାନେ ପଢିବା ବେଳେ କିଛି ମନେ ରଖିଦିଅନ୍ତି, କିନ୍ତୁ ପୁସ୍ତକ ବନ୍ଦ କରିବା ପରେ ସେମାନେ ପଢିଥିବା ବିଷୟଗୁଡ଼ିକୁ ଭୁଲିଯାଆନ୍ତି। ଏହି କାରଣରୁ ସେମାନଙ୍କର ସମସ୍ତ ପରିଶ୍ରମ ବୃଥା ହୋଇଯାଏ। ତେବେ ଆଜି କିଛି ସହଜ ଅଧ୍ୟୟନ ଟିପ୍ସ ବିଷୟରେ ଜାଣିନେବା, ଯାହା ପ୍ରୟୋଗ କରି ଆପଣ ମଧ୍ୟ ପିଲାମାନଙ୍କର ସ୍ମୃତି ଶକ୍ତିକୁ ଶକ୍ତିଶାଳୀ କରିପାରିବେ।

**ଉଦାହରଣ ଦେବା:** ଯଦି ପିଲାଟି ଦୀର୍ଘ ସମୟ ଧରି ପଢୁଥିବା ବିଷୟଗୁଡ଼ିକୁ ମନେରଖି ପାରୁ ନାହାନ୍ତି, ତେବେ ଆପଣ ପିଲାକୁ ବୁଝାଇବା ପାଇଁ ଏକ ଉଦାହରଣର ସାହାଯ୍ୟ ନେଇପାରିବେ। ପିଲାମାନଙ୍କୁ ବାସ୍ତବ ଜୀବନର ଉଦାହରଣ ଦେବା ସଫଳ ହୋଇଥାଏ। ଏହା ଦ୍ୱାରା ପିଲାଟି ପ୍ରସଙ୍ଗକୁ ଭଲ ଭାବରେ ସଂଯୋଗ କରିପାରେ ଏବଂ ସେହି ବିଷୟଟିକୁ ପିଲା ଦୀର୍ଘ ସମୟ ପର୍ଯ୍ୟନ୍ତ ମନେ ରଖିପାରେ। ଏପରି ପରିସ୍ଥିତିରେ, ପିଲାଙ୍କୁ ଶିକ୍ଷା ଦେବାବେଳେ ସାଧାରଣ ଭାବେ ପଢେଇବା ପରିବର୍ତ୍ତେ ଉଦାହରଣ ଦେଇ ବୁଝାଇବା ଉତ୍ତମ ହୋଇଥାଏ।

**ମଜାଳିଆ ଢଙ୍ଗରେ ପାଠପଢା:** ପିଲାଙ୍କୁ ପଢେଇବା ବେଳେ ଆପଣ କିଛି ମଜାଦାର ଟିପ୍ସ ଏବଂ କୌଶଳ ଚେଷ୍ଟା କରିପାରିବେ। ଏହି କାରଣରୁ, ପିଲାମାନେ ପାଠପଢାକୁ ବୋଝଭାବେ ନେବେ ନାହିଁ, ଫଳରେ ପାଠ ପଢିବା ବେଳେ ପିଲାମାନେ ବିରକ୍ତ ହେବେ ନାହିଁ। ଆହୁରି ମଧ୍ୟ, ମଜାଳିଆ ଢଙ୍ଗରେ ପାଠ ପଢେଇବା ଦ୍ୱାରା ପିଲା ବିଷୟ ପ୍ରତି ଆଗ୍ରହ ପ୍ରକାଶ କରିବା ଆରମ୍ଭ କରିବ ଏବଂ ଅନେକ ସମୟ ଧରି ଆରାମରେ ପାଠ ପଢିବ।

**ଡିକୋଡିଂ ଜରୁରୀ:** ଅନେକ ସମୟରେ ପିଲାମାନେ ଆଗକୁ ପଢିବା ପରେ ପଛରେ ଥିବା ବିଷୟଗୁଡ଼ିକୁ ଭୁଲିଯାଆନ୍ତି। ଏପରି ପରିସ୍ଥିତିରେ ପିଲାଙ୍କୁ କେବଳ ଶିକ୍ଷା ଦେବା ଯଥେଷ୍ଟ ନୁହେଁ। ପଢିବା ପରେ ପିଲାମାନଙ୍କୁ ବିଷୟ ମନେରଖିବାକୁ କୁହନ୍ତୁ। ଆହୁରି ମଧ୍ୟ, ପିଲାମାନଙ୍କୁ ସେହି ବିଷୟକୁ ଲେଖିବାକୁ ଏବଂ ସେମାନଙ୍କୁ ଶୁଣେଇବାକୁ କୁହନ୍ତୁ। ଏହାଦ୍ୱାରା ସେମାନଙ୍କର ରିଭିଜନ ହୋଇଯିବ ଏବଂ ସେମାନେ ସେହି ପାଠକୁ ଅନେକ ଦିନ ପର୍ଯ୍ୟନ୍ତ ମନେରଖି ପାରିବେ।

**ଲଗାତର ପଢାନ୍ତୁ ନାହିଁ:** ଅନେକ ସମୟରେ ଅଭିଭାବକମାନେ ଉତ୍ସାହିତ ହୋଇ ଘଣ୍ଟା ଘଣ୍ଟା ଧରି ପିଲାକୁ ପାଠ ପଢାନ୍ତି। ଏପରି ପରିସ୍ଥିତିରେ, କିଛି ସମୟ ପରେ ପିଲାମାନଙ୍କର ମନ ଦୁର୍ବଳ ହୋଇଯାଏ ଏବଂ ସେମାନେ ପ୍ରସଙ୍ଗକୁ ସଂପୂର୍ଣ୍ଣ ବୁଝିପାରନ୍ତି ନାହିଁ। ସେଥିପାଇଁ ପିଲାମାନଙ୍କୁ ପ୍ରତି ଘଣ୍ଟାରେ କିଛି ସମୟ ବିରତି ଦିଅନ୍ତୁ। ଏଥିସହ ସେମାନଙ୍କୁ ଏହି ସମୟରେ ଶାରୀରିକ କାର୍ଯ୍ୟକଳାପ ଏବଂ ପାଣି ପିଇବାକୁ ପରାମର୍ଶ ଦିଅନ୍ତୁ। ଏହାଦ୍ୱାରା ପିଲାମାନେ ପୁନର୍ବାର ସତେଜ ହୋଇଯିବେ ଏବଂ ଭଲଭାବେ ପାଠ ପଢିବାକୁ ସମର୍ଥ ହେବେ।

## ହାଡ଼କୁ ଶକ୍ତ କରେ କୋଶଳା ଶାଗ



**ଆ**ପଣ କୋଶଳା ଶାଗକୁ ଭାରତର ବିଭିନ୍ନ ରାଜ୍ୟରେ ପାଇବେ। କେତେକ ସ୍ଥାନରେ ଏହାକୁ ଅମରନାଥ ପତ୍ର କୁହାଯାଏ, କେତେକ ସ୍ଥାନରେ ଏହାକୁ ଚାୱଲି ଏବଂ ଆମ ରାଜ୍ୟରେ ଏହାକୁ କୋଶଳା ଶାଗ କୁହାଯାଏ। ବିଶେଷ କଥା ହେଉଛି କୋଶଳା ଶାଗରେ ଅନେକ ପ୍ରକାରର ପୋଷକ ତତ୍ତ୍ୱ ମିଳିଥାଏ, ଯାହା ହାଡକୁ ମଜବୁତ କରିବା ସହ ଆପଣଙ୍କୁ ଅନେକ ସମସ୍ୟାରୁ ରକ୍ଷା କରିପାରିବ। ତେବେ, ଏହି ଗୁଣଗୁଡିକ କ'ଣ ଏବଂ ସେଗୁଡିକ ସ୍ୱାସ୍ଥ୍ୟ ପାଇଁ କିପରି ଉପଯୋଗୀ ହୋଇପାରେ ଆସନ୍ତୁ ଏହି ସବୁ ଜିନିଷ ବିଷୟରେ ଜାଣିବା।

କୋଶଳା ଶାଗରେ କ୍ୟାଲସିୟମ୍, ଆଇରନ୍, ସୋଡିୟମ୍, ପୋଟାସିୟମ୍, ଭିଟାମିନ୍ ଏ, ଇ, ସି ଏବଂ ଫୋଲିକ୍ ଏସିଡ୍ ଥାଏ। କ୍ୟାଲସିୟମ୍ ହାଡର ଗଠନକୁ ଉନ୍ନତ କରିଥାଏ ଏବଂ ସେମାନଙ୍କର ଘନତ୍ୱ ବଢ଼ାଇଥାଏ, ସକ୍ୱକ୍ଟଭ ରକ୍ତ ବଢ଼ାଇ ହାଡକୁ କ୍ଟସ୍ୱସ୍ୱରକ୍ଟକ୍ତ୍ରକ୍ଟକ୍ୱକ୍ଟସ୍ୱସସ୍ୱ ଭଳି ରୋଗରୁ ରକ୍ଷା କରିଥାଏ। ଏହା ବ୍ୟତୀତ କୋଶଳା ଶାଗ ପ୍ରୋଟିନ୍ ଭରପୂର ଅଟେ ଯାହା ସୁସ୍ଥ ହାଡ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ, ଏହି ସବୁ କାରଣରୁ ଆପଣ କୋଶଳା ଶାଗ କିମ୍ବା ସବୁଜ ପନିପରିବା ଖାଇବା ଉଚିତ୍।

ଏହି କୋଶଳା ଶାଗ ଖାଇବାର ଅନେକ ଲାଭ ଅଛି। ଏହା କେବଳ ହାଡ ପାଇଁ ଲାଭଦାୟକ ନୁହେଁ ବରଂ ଏହା ଆପଣଙ୍କ ଆଖି ପାଇଁ ମଧ ଭଲ ଅଟେ। ଏହି ସବୁଜ ଶାଗ ଖାଇବା ଦ୍ୱାରା ଭିଟାମିନ୍ ସି ଅଭାବ ହୁଏ ନାହିଁ ଏବଂ ରୋଗ ପ୍ରତିରୋଧକ ଶକ୍ତି ମଧ ବଢିଥାଏ। ଏହା ବ୍ୟତୀତ ଏହା ମସ୍ତିଷ୍କ ପାଇଁ ମଧ ଲାଭଦାୟକ ଅଟେ। କୋଶଳା ଶାଗ ଶୀତଦିନେ ଅଧିକ ଉତ୍ପାଦନ ହୋଇଥାଏ, ଏହି ଦିନ ଗୁଡିକରେ କୋଶଳା ଶାଗ ଖାଇବା ଅତ୍ୟଧିକ ଲାଭ ଦେଇଥାଏ।

## ମଟନ ବୋଟି ମସାଲା

**ଆବଶ୍ୟକ ସାମଗ୍ରୀ :** ବୋନ୍ଲେସ୍ ମଟନ, ତେଜପତ୍ର, ଗୋଟା ଡାଲଚିନି, ଲବଙ୍ଗ, ଗୁଜୁରାତି, ଜାଇତ୍ରି, ଗୋଟା ଅଳେଇ, କଟା ପିଆଜ, ଛେଚା ରସୁଣ, ଲୁଣ, ହଳଦୀ, ଲଙ୍କା ପାଉଡର, ଧନିଆ ପାଉଡର, ଜିରା ପାଉଡର, ଟମାଟୋ ପ୍ୟୁରି, ଧନିଆପତ୍ର, ଅଦା-ରସୁଣ ପେଷ୍ଟ ଓ ଗରମ ମସଲା ଗୁଣ୍ଡ।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ବଜାରରୁ ବୋନ୍ଲେସ୍ ମଟନ୍ ଆଣନ୍ତୁ। ତାକୁ ଧୋଇ ଏକ ପାତ୍ରରେ ରଖନ୍ତୁ। ଏହାପରେ କରେଇ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଯିବା ପରେ ସେଥିରେ ତେଜପତ୍ର, ଗୋଟା ଡାଲଚିନି, ଲବଙ୍ଗ, ଗୁଜୁରାତି, ଜାଇତ୍ରି ଓ ଗୋଟା ଅଳେଇ ପକାନ୍ତୁ। ଏହାପରେ ସେଥିରେ କିଛି ଛେଚା ରସୁଣ ପକାଇ ଗୋଳାଇ ଦିଅନ୍ତୁ। ଏହାପରେ ସେଥିରେ କଟା ପିଆଜକୁ ପକାଇ ଭାଜନ୍ତୁ। ପିଆଜ ଲାଲ୍ ହୋଇଗଲା ପରେ ସେଥିରେ ବୋନ୍ଲେସ୍ ମଟନ, ଲୁଣ ଓ ହଳଦୀ ପକାଇ କିଛି ସମୟ ପାଇଁ କଷନ୍ତୁ। ମାଂସ ଅଳ୍ପ କଷି ହେବା ପରେ ସେଥିରେ ଅଦାରସୁଣ ପେଷ୍ଟ ପକାନ୍ତୁ। ଏହାପରେ ଲଙ୍କା ପାଉଡର, ଧନିଆ ପାଉଡର ଓ ଜିରା ପାଉଡର ଓ ଟମାଟୋ ପ୍ୟୁରି ପକାଇ ମାଂସକୁ ଭଲ ଭାବରେ କଷନ୍ତୁ। କଷିବା ପରେ ସେଥିରେ ଅଳ୍ପ ପାଣି ଦେଇ ଢାଙ୍କୁଣି ଢାଙ୍କି ଦିଅନ୍ତୁ। ଅଧଘଣ୍ଟା ପରେ ଢ଼ାଙ୍କୁଣିକୁ କାଢ଼ି ଦିଅନ୍ତୁ। ଏହାପରେ ସେଥିରେ କଟା ଧନିଆପତ୍ର ଓ ଗରମ ମସଲା ଗୁଣ୍ଡ ପକାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ରେଷ୍ଟୁରାଣ୍ଟ ଭଳି ସୁଆଦିଆ ମଟନ ବୋଟି।



'ସ୍ୱର୍ଣ୍ଣିମ ଭାରତ,ସମୃଦ୍ଧ ଓଡ଼ିଶା'ର ପ୍ରଜ୍ଞାପନ ମେଢ଼ରେ ଝଲସିବ ରାଜ୍ୟସ୍ତରୀୟ ପରେଡ୍

## କଟକରେ ପତାକା ଉତ୍ତୋଳନ କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, କଟକ,(ପିପିଏସ୍):**

ଆସନ୍ତା ସାଧାରଣତନ୍ତ୍ର ଦିବସ ଅବସରରେ କିଏ କେଉଁଠି ମୁଖ୍ୟ ଅତିଥି ଭାବେ ପତାକା ଉତ୍ତୋଳନ କରିବେ ସେ ନେଇ ତାଲିକା ପ୍ରକାଶ ପାଇଛି। ଏହାସହିତ ଚଳିତବର୍ଷ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ 'ସ୍ୱର୍ଣ୍ଣିମ ଭାରତ, ସମୃଦ୍ଧ ଓଡ଼ିଶା'କୁ ନେଇ ମୋଟ ୧୦ଟି ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହେବ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ବିଭିନ୍ନ ସୁରକ୍ଷା ଏଜେନ୍ସୀ ସମେତ ଏନସିସି,ଗାଇଡ୍ ଓ ସ୍କାଉଟର ମୋଟ ୪୦ଟି ଟିମ୍ ରାଜ୍ୟସ୍ତରୀୟ ପରେଡରେ ସାମିଲ ହେବେ। ଗୃହ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଚଳିତଥର ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହ ମହାତ୍ମା ଗାନ୍ଧି ମାର୍ଗରେ ପାଳନ କରାଯିବ। ଏଥିରେ ରାଜ୍ୟପାଳ ଡଃ ହରିବାବୁ କମ୍ଭମପତି ମୁଖ୍ୟଅତିଥି ଭାବେ ଯୋଗଦେଇ ସକାଳ ସାଢ଼େ ୮ଟାରେ ପତାକା ଉତ୍ତୋଳନ କରିବେ। ମୁଖ୍ୟସଚିବ, ଗୃହସଚିବ, ପୁଲିସ ଡିଜି ଓ ଏନ୍‌ସିସିର ଡିଡିଜି ଓଡ଼ିଶା ଉପସ୍ଥିତ ରହି ରାଜ୍ୟପାଳଙ୍କୁ ପରେଡ ସ୍ଥଳରେ ସ୍ୱାଗତ କରିବେ। ରାଜ୍ୟସ୍ତରୀୟ ପରେଡରେ ଓଡ଼ିଶା ଅଗ୍ନିଶମ ବାହିନୀ ଓ ସିଆରପିଏଫ ସାଂସ୍କୃତିକ ବ୍ୟାଣ୍ଡ ମଧ୍ୟ ପରିବେଷଣ ହେବ। ସେହିପରି ବିଏସ୍ଏଫ୍, ଆଇଟିବିପି, ସିଆର୍‌ପିଏଫ୍, ଆର୍‌ପିଏଫ୍, ଆଇଏନ୍ଏସ୍ ଚିଲିକା ସମେତ ଓଡ଼ିଶା ପୁଲିସର ଟିମ୍ ମଧ୍ୟ ପରେଡରେ ସାମିଲ ହେବେ। ଚଳିତବର୍ଷ ମୋଟ ୧୦ଟି ପ୍ରଜ୍ଞାପନ ମେଢ଼ ରାଜ୍ୟସ୍ତରୀୟ ପରେଡରେ ସାମିଲ ହେବ। ଏହି ସମସ୍ତ ପ୍ରଜ୍ଞାପନ ମେଢ଼ 'ସ୍ୱର୍ଣ୍ଣିମ ଭାରତ,ସମୃଦ୍ଧ ଓଡ଼ିଶା' ଥିମ୍ ଉପରେ



ଆଧାରିତ ରହିବ। ସେହିପରି ଦିନ ୧୨ଟାରେ ଉଲ୍ଲେଖନୀୟ ସେବା ପାଇଁ ପୁଲିସ କର୍ମଚାରୀମାନଙ୍କୁ ବିଭିନ୍ନ ମେଡାଲ ପ୍ରଦାନ କାର୍ଯ୍ୟକ୍ରମ ଲୋକସେବା ଭବନର କନଭେନସନ ହଲରେ କରାଯିବ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ମଧ୍ୟ ସାମିଲ ହେବେ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକରେ ପତାକା ଉତ୍ତୋଳନ କରିବେ। ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ-ପୁରୀ, ପ୍ରଭାତୀ ପରିଡ଼ା-ଖୋର୍ଦ୍ଧା, ମନ୍ତ୍ରୀ ସୁରେଶ ପୂଜାରୀ-ସୁନ୍ଦରଗଡ଼, ରବିନାରାୟଣ ନାଏକ-ସୋନପୁର,ନିତ୍ୟାନନ୍ଦ ଗଣ୍ଡ-କୋରାପୁଟ, କୃଷ୍ଣଚନ୍ଦ୍ର ପାତ୍ର-ଜଗତସିଂହପୁର, ପୃଥ୍ୱୀରାଜ ହରିଚନ୍ଦନ-ଯାଜପୁର, ମୁକେଶ ମହାଲିଙ୍ଗ-ରାୟଗଡ଼ା, ବିଭୂତିଭୂଷଣ ଜେନା-ଗଜପତି, କୃଷ୍ଣଚନ୍ଦ୍ର ମହାପାତ୍ର-ବାଲେଶ୍ୱର, ଗଣେଶରାମ ଖୁଂଟିଆ-କେନ୍ଦୁଝର, ସୂର୍ଯ୍ୟବଂଶୀ ସୂରଜ-ନୂଆପଡ଼ା, ପ୍ରଦୀପ ବଳ ସାମନ୍ତ-ଢେଙ୍କାନାଳ, ଗୋକୁଳାନନ୍ଦ ମଲ୍ଲିକ-ମାଲକାନଗିରି ଓ ସମ୍ପଦ ଚନ୍ଦ୍ର ସ୍ୱାଇଁ ନୟାଗଡ଼ରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବେ।

ସେହିପରି କେନ୍ଦ୍ରାଂଚଳ ଆରଡିସି କେନ୍ଦ୍ରାପଡ଼ାରେ,ଉତ୍ତରାଂଚଳ ଆରଡିସି ରାଉରକେଲାରେ ଓ ଦକ୍ଷିଣାଂଚଳ ଆରଡିସି ବ୍ରହ୍ମପୁରରେ ପତାକା ଉତ୍ତୋଳନ କରିବେ। ଅନ୍ୟ ୧୩ଟି ଜିଲ୍ଲାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳମାନେ ପତାକା ଉତ୍ତୋଳନ କରିବେ।

ଉଲ୍ଲେଖଯୋଗ୍ୟ, ରାଜ୍ୟର ମୋଟ୍ ୨୦ଜଣ ପୁଲିସ ଅଫିସର ଓ କର୍ମଚାରୀଙ୍କୁ ଉଲ୍ଲେଖନୀୟ ସେବା ପାଇଁ ରାଜ୍ୟପାଳ ପଦକ-୨୦୨୪ ପ୍ରଦାନ କରାଯିବ। ଲୋକସେବା ଭବନର କନଭେନସନ ହଲରେ ଜାନୁୟାରୀ ୨୬ତାରିଖ ଅପରାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ସବୁ ମେଡାଲ ପ୍ରଦାନ କରାଯିବ। ରାଜ୍ୟପାଳ ପଦକ ପାଇଁ ଯେଉଁ ଅଫିସରମାନେ ମନୋନୀତ ହୋଇଛନ୍ତି ସେମାନେ ହେଲେ ଅଗ୍ନିଶମ ଆଇଜି ଦୀପକ କୁମାର, ବ୍ରହ୍ମପୁର ଡିଆଇଜି ସାର୍ଥକ ଷଡ଼ଙ୍ଗୀ, ଝାରସୁଗୁଡ଼ା ପୁଲିସ ଏସ୍‌ପି ପରମାରସ୍ମିତ ପୁରୁଷୋତ୍ତମଦାସ, ଷଷ୍ଠ ଓଏସ୍ଏପି ବାଟାଲିୟନର କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକଙ୍କ ସମେତ ଅତିରିକ୍ତ ଏସ୍‌ପି ସୁଶାନ୍ତ କୁମାର ବିଶ୍ୱାଳ ଓ ରାଜୀବ ଲୋଚନ ପଣ୍ଡା, ଇନ୍‌ସପେକ୍ଟର ଶ୍ରଦ୍ଧାଞ୍ଜଳି ପଣ୍ଡା, ଅନୀଲ କୁମାର ମିଞ୍ଜ ଓ ତୁଷାରକାନ୍ ମହାପାତ୍ର, ସବଇନ୍‌ସପେକ୍ଟର ସୁବାସ ଚନ୍ଦ୍ର ପଣ୍ଡା, କ୍ଷୀରୋଦ ଚନ୍ଦ୍ର ବାଗ ଓ ମନୋରଞ୍ଜନ ସାମଲ, ଏଏସଆଇ ରବୀନ୍ଦ୍ର ନାଥ ଜେନା,ବିଷ୍ଣୁକୁମାର ବୁରା ଓ ହାବିଲଦାର ମନୋଜ କୁମାର ଜେନାଙ୍କ ସମେତ କନେଷ୍ଟବଳ ପ୍ରମୋଦ କୁମାର ମହାନ୍ତ, ଚିତ୍ତରଞ୍ଜନ ସାହୁ, ଅମିତ କୁମାର ମଲ୍ଲିକ, ଅଶ୍ୱିନୀକାନ୍ତ ସାହୁ ଓ ଅର୍ଜୁନ କୁମାର ଜେନା ମନୋନୀତ ହୋଇଛନ୍ତି।



ନୂଆଦିଲ୍ଲୀରେ ସଂସଦୀୟ ଅର୍ଥ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦେଶର ମୁଖ୍ୟ ପ୍ରତିଯୋଗିତା ନିୟନ୍ତ୍ରକ- ଭାରତୀୟ ପ୍ରତିଯୋଗିତା ଆୟୋଗ (ସିସିଆଇ)ର ପ୍ରତିନିଧିମଣ୍ଡଳୀ 'ଅର୍ଥନୀତିରେ ବିଶେଷ କରି ଡିଜିଟାଲ୍ ଲ୍ୟାଣ୍ଡସ୍କେପ୍‌ରେ ସିସିଆଇର ବିକାଶମୂଳକ ଭୂମିକା' ସମ୍ପର୍କିତ ତଥ୍ୟ ଉପସ୍ଥାପନ କରୁଛନ୍ତି

## କଣାସକୁ ଗଲା ସ୍ୱାସ୍ଥ୍ୟଟିମ୍

**ଭୁବନେଶ୍ୱର:** କଣାସ ଅଂଚଳ ଝାଡାବାନ୍ତି ବ୍ୟାପିବାକୁ ନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରତିକ୍ରିୟା ରଖିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ଟିମ କଣାସ ଅଂଚଳକୁ ପଠାଯାଇଛି । ପର୍ଯ୍ୟାପ୍ତ ପରିମାଣର ଅବଶକୀୟ ଔଷଧ ମହଜୁତ ଅଛି । ଲୋକଙ୍କୁ ସଚେତନ କରାଯାଉଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ କଣାସ ଅଂଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ କଡା ନିର୍ଦ୍ଦେଶ ଦିଆଯାଇଛି । ସରକାର ସଜାଗ ଅଛନ୍ତି । ଚିକିତ୍ସା ସେବା ଠିକରେ ଚାଲିଛି । ଝାଡାବାନ୍ତି ସ୍ଥିତି ଉପରେ ନଜର ରଖିବାକୁ ମୁଖ୍ୟମନ୍ତ୍ରୀ ମୋତେ ନିର୍ଦ୍ଦେଶ ଦେଇଛନ୍ତି । ସେ ଅଂଚଳରେ କିପରି ଅଧିକ ଝାଡାବାନ୍ତି ନ ବ୍ୟାପେ ସେଥିପାଇଁ ଆମେ ପଦକ୍ଷେପ ନେଉଛୁ ଆଉ ସଜାଗ ଅଛୁ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ।

## ନାବାଳିକାକୁ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୨୦ବର୍ଷ ଜେଲ୍

**ବ୍ରହ୍ମପୁର(ପିପିଏସ୍):**

ନାବାଳିକାକୁ ଦୁଷ୍କର୍ମ ମାମଲାର ବିଚାରଣା କରି ବ୍ରହ୍ମପୁର ସ୍ୱତନ୍ତ୍ର ପୋକସୋ ଜଜ୍ ପ୍ରଣତି ପଟ୍ଟନାୟକ ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ତାଙ୍କୁ ୨୦ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଅଭିଯୁକ୍ତଜଣଙ୍କ ହେଲେ ଗଞ୍ଜାମ ଜିଲ୍ଲା ବଡଗଡ ଥାନା ଅଞ୍ଚଳର ତ୍ରିନାଥ ସ୍ୱାଇଁ ଓରଫ ଜଡା । ଜେଲ୍ ଦଣ୍ଡ ସହ ଅଭିଯୁକ୍ତଙ୍କୁ ୫ହଜାର ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି । ଜୋରିମାନା ଅନାଦେୟ ଅତିରିକ୍ତ ୬ମାସ ଜେଲ୍ ଦଣ୍ଡ ଭୋଗିବାକୁ ହେବ ବୋଲି ଉକ୍ତ ରାୟରେ ଉଲ୍ଲେଖ ରହିଛି । ସୂଚନାଯୋଗ୍ୟ ଯେ, ୨୦୨୩ମସିହା ସେପ୍ଟେମ୍ବର ୮ତାରିଖରେ ବଡଗଡ ଥାନା ଅଞ୍ଚଳର ଜୈନିକା ନାବାଳିକାଙ୍କୁ ଦୁଷ୍କର୍ମ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ପୁଲିସ୍ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ତ୍ରିନାଥ ସ୍ୱାଇଁଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା । ମାମଲାର ବିଚାରଣା ବେଳେ ୭ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ରାୟ ପ୍ରକାଶ ବେଳେ ଅଭିଯୁକ୍ତ ତ୍ରିନାଥ କୋର୍ଟରେ ହାଜର ହୋଇଥିଲେ । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ମାନ୍ୟବର କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଥିଲେ । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଅଟର ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ ।

## ଧାନକିଣାରେ ସାମିଲ ହୋଇଛନ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ

**ଭୁବନେଶ୍ୱର:** ଚଳିତ ଖରିଫ ଋତୁରେ ଧାନକିଣା ପ୍ରକ୍ରିୟାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହୋଇଛନ୍ତି । ଚଳିତ ବର୍ଷ ରାଜ୍ୟରେ ୪୫୨ଟି ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହୋଇ ପଞ୍ଜିକୃତ ଚାଷୀମାନଙ୍କଠାରୁ ଧାନ କିଣୁଛନ୍ତି । ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧୧୧ଟି ସ୍ୱୟଂ ସହାୟକ ଗୋଷ୍ଠୀ ଧାନକିଣା ପ୍ରକ୍ରିୟାରେ ସାମିଲ ହୋଇଥିବାବେଳେ ଭଦ୍ରକରେ ୪୯, ବରଗଡ଼ ଓ ସୁବର୍ଣ୍ଣପୁରରେ ୨୦, ଯାଜପୁରରେ ୩୫, କୋରାପୁଟରେ ୨୪, ନବରଙ୍ଗପୁରରେ ୪୪, ନୂଆପଡ଼ା ଓ ସମ୍ବଲପୁରରେ ୧୩, ଝାରସୁଗୁଡ଼ା ଓ କଳାହାଣ୍ଡିରେ ୨୮, ବଲାଙ୍ଗିରରେ ୧୮, ମାଲକାନଗିରିରେ ୯ ସମେତ ୩୦ଟି ଜିଲ୍ଲାରେ ସମୁଦାୟ ୪୫୨ଟି ସ୍ୱୟଂ ସହାୟକ ଗୋଷ୍ଠୀ ଧାନକିଣା ପ୍ରକ୍ରିୟାରେ ନିୟୋଜିତ ଅଛନ୍ତି । ଯୋଗ୍ୟ ଚାଷୀଙ୍କଠାରୁ ଧାନ କିଣିବା ପରେ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଏଥିରୁ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରିବା ସହ ଏବଂ ବିଭିନ୍ନ କ୍ଷେତ୍ରକୁ ସେବା ଯୋଗାଇ ଦେଉଛନ୍ତି । ପ୍ରତ୍ୟେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଧାନ କ୍ରୟ କରିବା ସହ ସଂପୃକ୍ତ ଚାଷୀଙ୍କୁ ପ୍ରାପ୍ୟ ପ୍ରଦାନରେ ମଧ୍ୟ ସହଯୋଗ କରୁଛନ୍ତି । ସଂପୃକ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜିଲ୍ଲା ପ୍ରଶାସନ ସହଭାଗିତାରେ ଏହି ପ୍ରକ୍ରିୟାରେ ସାମିଲ ହୋଇ ଧାନକିଣା ମାର୍ଗଦର୍ଶିକାର ଅନୁପାଳନପୂର୍ବକ ଚାଷୀମାନଙ୍କଠାରୁ ଧାନକିଣାରେ ଯୋଗଦାନ କରୁଛନ୍ତି । ଏଥି ସହିତ ପ୍ରତ୍ୟେକ ମଣ୍ଡିରେ ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ଆନୁଷଙ୍ଗିକ ବ୍ୟବସ୍ଥାରେ ମଧ୍ୟ ସହଯୋଗ କରୁଛନ୍ତି । ପ୍ରତ୍ୟେକ ଯୋଗ୍ୟ ଚାଷୀଙ୍କ ଆକାଉଂଟକୁ ୪୮ ଘଂଟା ମଧ୍ୟରେ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଇନ୍‌ପୁଟ ସହାୟତା ରାଶି ପ୍ରଦାନ କରାଯାଉଛି । ଧାନ କିଣା ପ୍ରକ୍ରିୟାରେ ମହିଳା ମାନେ ସାମିଲ ହୋଇ ଅନ୍ୟ ମାନଙ୍କୁ ଉତ୍ସାହିତ କରୁଛନ୍ତି । ଏଥିସହ ଧାନ କିଣା ନେଇ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟରେ ମଧ୍ୟ ଆବଶ୍ୟକୀୟ ସହଯୋଗ ଜାରି ରଖିଛନ୍ତି ।

## 'ମରିବୁ ପଛେ ଭିଟାମାଟି ଛାଡ଼ିବୁ ନାହିଁ'

**ଅସ୍ତରଙ୍ଗ, (ପିପିଏସ୍):**

ପୁରୀ ଜିଲ୍ଲା ଅସ୍ତରଙ୍ଗ ରେ ପ୍ରସ୍ତାବିତ ବନ୍ଦରକୁ ନେଇ ବିରୋଧ ସ୍ୱର ତୀବ୍ର ହେବାରେ ଲାଗିଛି। ପ୍ରସ୍ତାବିତ ବନ୍ଦରକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଏଠାରେ ବନ୍ଦର ପ୍ରତିଷ୍ଠା ହେଲେ ସ୍ଥାନୀୟ ଲୋକେ ଭିଟାମାଟି ହରାଇବେ ଏବଂ ଜୈବ ବିବିଧତା ପ୍ରତି ବିପଦ ସୃଷ୍ଟି ହେବ। ତେଣୁ ମରିବୁ ପଛେ ନିଜ ଭିଟାମାଟି ଛାଡ଼ିବୁ ନାହିଁ କି ଏଠାରେ କୌଣସି ପରିସ୍ଥିତିରେ ବନ୍ଦର ପ୍ରତିଷ୍ଠା ହେବାକୁ ଦେବୁ ନାହିଁ ବୋଲି ରୋକଠୋକ ଶୁଣାଇଛନ୍ତି ଅଞ୍ଚଳବାସୀ। ପୂର୍ବରୁ ସେପ୍ଟମ୍ବର ୧୩ରେ ଜନଶୁଣାଣି ହୋଇଥିବା ବେଳେ ମଙ୍ଗଳବାର ଅସ୍ତରଙ୍ଗ ବ୍ଲକ ଛୁରିଆନା ପଂଚାୟତ ପୀରଜାହାନିଆ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତାବିତ ବନ୍ଦର ପାଇଁ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। କିନ୍ତୁ ସ୍ଥାନୀୟ ଅଞ୍ଚଳବାସୀ ତଥା ବିସ୍ଥାପିତ ଅଞ୍ଚଳର ଶତାଧିକ ପୁରୁଷ, ମହିଳା ସମେତ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନେ ବନ୍ଦରକୁ ବିରୋଧ କରି କଣମଣ ଛକ ଠାରୁ ପୀରଜାହାନିଆ ପର୍ଯ୍ୟନ୍ତ ପ୍ଲାକ କାର୍ଡ ଧରି ବିଶାଳ ପଦଯାତ୍ରା ମାଧ୍ୟମରେ ରାଲି କରି ସଭାସ୍ଥଳରେ ପହଂଚିଥିଲେ।

ସୂଚନା ମୁତାବକ, ଅସ୍ତରଙ୍ଗ ଠାରେ ମଲ୍ଟି ୟୁଜର ଗ୍ରୀନଫିଲ୍ଡ ବନ୍ଦର ସ୍ଥାପନ ନିମନ୍ତେ ଓଡିଶା ସରକାର ଏବଂ ନବଯୁଗ ଇଞ୍ଜିନିୟରିଂ କମ୍ପାନୀ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଲିଜ ସୂତ୍ରରେ ମୋଟ ୩୮୯୯. ୯୮୭ଏକର ଜମିରେ ବନ୍ଦର ସ୍ଥାପନ କରାଯିବ। ସମୁଦାୟ ପ୍ରକଳ୍ପର ମୂଲ୍ୟ ୭୪୧୭କୋଟି ରହିଛି। ଏ ନେଇ ମଙ୍ଗଳବାର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ପୀରଜାହାନିଆ ପଡିଆରେ ପ୍ରଶାସନ ପକ୍ଷରୁ ଜନଶୁଣାଣି ଅନୁଷ୍ଠିତ





ହୋଇଥିଲା। ଏଥିରେ ପୁରୀ ଅତିରିକ୍ତ ଜିଲ୍ଲାପାଳ (ରାଜ୍ୱସ )ଶରତ ଚନ୍ଦ୍ର ମହାପାତ୍ର, ରାଜ୍ୟ ପ୍ରଦୂଷଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଡଃ ସୋହନ ଗିରି, ଉପନିର୍ଦ୍ଦେଶକ ସୌମେନ୍ଦ୍ରନାଥ ମହାନ୍ତି, ସହାୟକ ପରିବେଶ ବୈଜ୍ଞାନିକ ସୋମ୍ୟରଞ୍ଜନ ମଲ୍ଲିକ, ଭୂଅର୍ଜନ ଅଧିକାରୀ ପ୍ରଶାନ୍ତ କୁମାର ଜେନା, ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ କୈବଲ୍ୟ କୁମାର କର, ଅସ୍ତରଙ୍ଗ ତହସିଲିଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର, ଅତିରିକ୍ତ ଏସ୍ପି ବିଷ୍ଣୁପ୍ରସାଦ ପତି ପ୍ରମୁଖ ଉପସ୍ଥିତ ଥିଲେ।ଜନ ଶୁଣାଣିରେ ପାଖାପାଖି ୩୦ଜଣ ବ୍ୟକ୍ତି ବିଶେଷ ନିଜର ମତ ସାବ୍ୟସ୍ତ କରିଥିଲେ। ବନ୍ଦର ସ୍ଥାପନ ପୂର୍ବରୁ ଜୈବ ବିବିଧତା ଓ ପରିବେଶ ସୁରକ୍ଷା ସହ ଅଲିଭି ରିଡ଼ଲେ କଇଁଛଙ୍କ ଅଣ୍ଡାଦାନ ପାଇଁ ପ୍ରଶାସନ ଦୃଷ୍ଟିଦେବାକୁ ସହ ପ୍ରସ୍ତାବିତ ବନ୍ଦର ଦ୍ୱାରା ଅଲିଭି ରିଡଲେ କଇଁଛଙ୍କ ଅଣ୍ଡାଦାନ ବାଧା ପ୍ରାପ୍ତ ହେବା ସହିତ ଜୈବବିବିଧତା ଓ ପରିବେଶ ପ୍ରଭାବିତ ହେବ ବୋଲି ପରିବେଶବିତି ବିଚିତ୍ରାନନ୍ଦ ବିଶ୍ୱାଳ କହିଛନ୍ତି। ଏହି ଜନଶୁଣାଣି ଦିନ ୧୧ରୁ ଆରମ୍ଭ ହୋଇଥିବା ବେଳେ ବିସ୍ଥାପିତ ଙ୍କ ଦ୍ୱାରା ତୀବ୍ର ବିରୋଧ କରାଯାଇଥିଲା। ପୀରଜାହାନିଆ ଭିଟାମାଟି ସୁରକ୍ଷା ମଞ୍ଚ ତରଫରୁ ଶତାଧିକ ଲୋକ ତୀବ୍ର ବିରୋଧ କରି ସଭାସ୍ଥଳରେ ପହଂଚିଥିଲେ। ଏଥିରେ ୧୨ଟି ଗ୍ରାମର ଅଧିବାସୀ ତଥା ବିସ୍ଥାପିତ ହେବାକୁ ଥିବା ଲୋକେ ଏକତ୍ର ହୋଇ ବନ୍ଦର ବିରୋଧରେ ମତ ରଖିଥିଲେ। ଏଥିସହ ସ୍ଥାନୀୟ ଲୋକେ ନିଜ ପରିବାର ପ୍ରତିପୋଷଣ ପାଇଁ ଧାନ, ପାନ ଓ ମୀନ ଉପରେ ନିର୍ଭର କରି ଚଳନ୍ତି। ଏଠାରେ ବନ୍ଦର ହେଲେ ଭିଟାମାଟି ହରାଇବୁ। ତେଣୁ ଜୀବନ ପଛେ ଚାଲିଯିବ କିନ୍ତୁ ନିଜ ଭିଟାମାଟି ଛାଡ଼ିବୁ ନାହିଁ। ଏଥିଲାଗି ଜୀବନ ଶେଷ ରକ୍ତ ବିନ୍ଦୁ ଥିବା ଯାଏ ଲଢ଼ିବୁ ସେମାନେ କହିଥିଲେ। ଏହି ସମାବେଶକୁ ଆଇନିଶୃଙ୍ଖଳା ପରିସ୍ଥିତି କୁ ଦୃଷ୍ଟିରେରଖି ଜିଲ୍ଲା ପୁଲିସ ପ୍ରଶାସନ ତରଫରୁ ନିମାପଡା ଉପଖଣ୍ଡ ଅଧିକାରୀ ପ୍ରଭାତ କୁମାର ମଲ୍ଲିକ, କାକଟପୁର ଥାନାଅଧିକାରୀ ଉମେଶ କୁମାର ସାହୁ, ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାର ସିଂ, ନୂଆଗଡ ସାମୁଦ୍ରିକ ଥାନାଅଧିକାରୀ ଅଚ୍ୟୁତାନନ୍ଦ ବେହେରା ଙ୍କ ସହ ଚାରି ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ଏହା ସହିତ ବିଭିନ୍ନ ଦଳର ରାଜନେତା ସାମିଲ ହୋଇଥିଲେ। ଏ ନେଇ ଶେଷରେ ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି ଅନ୍ୟ ଏକ ଜନଶୁଣାଣି ଜାନୁଆରୀ ୨୩ତାରିଖରେ ଅନୁଷ୍ଠିତ ହେବ। ଅଞ୍ଚଳବାସୀଙ୍କ ମତାମତ ନିଆଯାଇ ପଦକ୍ଷେପ ଗ୍ରହଣ କରାଯିବ।




## ଜଙ୍ଗଲରେ ବୃଦ୍ଧଙ୍କୁ ହତ୍ୟା

**ବ୍ରହ୍ମପୁର(ପିପିଏସ୍):** ଗଞ୍ଜାମ ଜିଲ୍ଲା ସୋରଡା ବ୍ଲକ୍ ବଡଗଡ ଥାନା ଅଞ୍ଚଳରେ ପୁଣି ଏକ ଜଘନ୍ୟ ହତ୍ୟା । ଓରାଗାଁ ନିକଟ ମଇଁଷିଆଟାପ ଜଙ୍ଗଲରୁ ଜଣେ ବୃଦ୍ଧଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର ହୋଇଛି । ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ । ମୃତକ ହେଉଛନ୍ତି ଲେମ୍ବାକୁମ୍ଭା ଗ୍ରାମର କାର୍ତ୍ତିକା ସ୍ୱାଇଁ । ସକାଳୁ ଜାଳେଣି କାଠ ଆଣିବା ପାଇଁ ଜଙ୍ଗଲକୁ ଯାଇ ଆଉ ଘରକୁ ଫେରିନଥିଲେ । ଆସିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ । ଜଙ୍ଗଲ ନିକଟରେ ମୃତଦେହକୁ ଠାବ କରିଥିଲେ । ଶରୀରର ଅନେକ ସ୍ଥାନରେ କ୍ଷତ ଚିହ୍ନ ଥିବା ଦେଖି କେହି ହତ୍ୟା କରିଥିବା ସନ୍ଦେହ କରି ବଡଗଡ ପୁଲିସ୍‌କୁ ଖବର ଦେଇଥିଲେ। ପୁଲିସ୍ ପହଞ୍ଚି ଘଟଣାର ତଦନ୍ତ କରୁଛି । ୩ଦିନ ପୂର୍ବରୁ ଜମି ପାଇଁ ପାଖ ଗାଁ ଲୋକଙ୍କ ସହ କାର୍ତ୍ତିକାଙ୍କ ଝଗଡା ହୋଇଥିଲା । ଜମି ପାଇଁ ଜେଜେଙ୍କୁ ହତ୍ୟା କରିଥିବା ଅଭିଯୋଗ ଆଣିଛନ୍ତି ନାତି ।

### ଚିନିକଲ ପ୍ରତିଷ୍ଠା ନେଇ ତେଜିଲା ଆନ୍ଦୋଳନ

## ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କଲା କ୍ରିୟାନୁଷ୍ଠାନ କମିଟି

**ନୟାଗଡ଼, (ପିପିଏସ୍):** ନୟାଗଡ଼ ତହସିଲ ଅଧୀନ ସାନହାମରାରେ ନୂତନ ଚିନ କଳ ପ୍ରତିଷ୍ଠା କରିବା ଦାବିରେ କମିଟି ଦାବି ଜଣାଇବା ସହ ଏ ନେଇ ଆବଶ୍ୟକୀୟ ପ୍ରମାଣପତ୍ର ପ୍ରଦାନ କରିଛି। ଏହାସହ ଜିଲ୍ଲା ପ୍ରଶାସନକୁ ପୂର୍ବରୁ ଦିଆଯାଇଥିବା ଏହି ପ୍ରସ୍ତାବ ପ୍ରତି କୌଣସି ନିଷ୍ପତ୍ତି ନିଆଯାଇନଥିବାରୁ କମିଟିର ସଦସ୍ୟମାନେ ଜିଲ୍ଲାପାଳଙ୍କ ନିକଟରେ କ୍ଷୋଭ ପ୍ରକାଶ କରିଥିଲେ। କମିଟିର ପ୍ରସ୍ତାବ ଶୁଣିବା ସହ ନକ୍ସା ଦେଖି ଉକ୍ତ ଜାଗା ସଂକ୍ରାନ୍ତରେ ସରକାରଙ୍କୁ ଅବଗତ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ।



କମିଟିର ସଭାପତି ମନୋଜ କୁମାର ସାହୁଙ୍କ ସୂଚନା ମୁତାବକ, ଅତୀତରେ ଚିନି କଳ ପ୍ରତିଷ୍ଠା କରାଯାଇଥିବା ପାଣିପୋଇଲାରେ ବିପୁଳ ପରିମାଣରେ ଆଖୁ ଚାଷ କରାଯାଏ। ଫଳରେ ଚାଷୀମାନଙ୍କ ଆର୍ଥିକ ସ୍ଥିତିକୁ ଦୃଢ଼ କରିବା ପାଇଁ ଚିନିକଳ ପ୍ରତିଷ୍ଠା କରାଯାଇଥିଲା। ଏହି ଅଞ୍ଚଳରେ ଆଖୁ ଚାଷର ଚାହିଦା ଦେଖି କେନ୍ଦ୍ର ସରକାର ଏଠାରେ ଏକ ଆଖୁ ଗବେଷଣା କେନ୍ଦ୍ର ମଧ୍ୟ ପ୍ରତିଷ୍ଠା କରିଛନ୍ତି। ନୂତନ ଚିନିକଳ ପ୍ରତିଷ୍ଠା ନିମନ୍ତେ ସାନହାମରା ଜଙ୍ଗଲର ରାସାଳେଖେସରାର ପ୍ଲଟ୍ ନଂ-୧ର ୩୫.୬୦ ଏକର, ପ୍ଲଟ୍ ନଂ-୨ର ୪୧.୩୨ ଏକର, ପ୍ଲଟ୍ ନଂ-୩ର ୩୪.୪୫ ଏକର, ପ୍ଲଟ୍-୪ର ୨୮.୧୧ ଏକର, ପ୍ଲଟ୍-୫ର ୨୮.୮୩ ଏକର ଜାଗା ରହିଛି। ଏହା ନିର୍ବିବାଦୀୟ ଜାଗା ହୋଇଥିବା ବେଳେ ଏଠାରେ ପ୍ରଚୁର ଜଳ ଉତ୍ସ, ପରିବହନ ଓ ଗମନାଗମନର ସୁବିଧା, ଯାନବାହନ ରଖିବା ସ୍ଥାନ ଓ ଜନ ବସତିଠାରୁ ବହୁତ ଦୂରରେ ରହିଛି। ଏହି ଜାଗା ପାଇଁ କାହାରିକୁ ବିସ୍ଥାପନ କରିବାକୁ ପଡ଼ିବ ନାହିଁ। ଏଣୁ ଏ ଦିଗରେ ରାଜ୍ୟ ସରକାର ତୁରନ୍ତ ନିଷ୍ପତ୍ତି ନେଇ ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରନ୍ତୁ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ଶୋଭାଯାତ୍ରାରେ କ୍ରିୟାନୁଷ୍ଠାନ କମିଟିର ଲଳିତା କୁମାରୀ ଦାସ, ବିକ୍ରମ କୁମାର ପଟ୍ଟନାୟକ, ବୈକୁଣ୍ଠନାଥ ରାଉତ, ଲକ୍ଷ୍ମୀଧର ସାହୁ, ଚକ୍ରଧର ଜେନା, କାଳୁ ଦଳବେହେରାଙ୍କ ସମେତ ଶ୍ରମିକ ସଂଗଠନ, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଯୋଗ ଦେଇଥିଲେ।

## ରଘୁନାଥପୁରରେ ବ୍ୟାଙ୍କ ଅଫ ବରୋଦା ନୂତନ ଶାଖା ଉଦ୍‌ଘାଟିତ




**ରଘୁନାଥପୁର,(ପିପିଏସ):** ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ଥାନା ନିକଟରେ ବିଓବି (ବ୍ୟାଙ୍କ ଅଫ ବରୋଦା) ର ନୂତନ ଶାଖା ଉଦଘାଟିତ ହୋଇଯାଇଛି। ବ୍ୟାଙ୍କର ସହକାରୀ ପରିଚାଳକ ଅସିତ୍ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଏକ୍ସ୍ୟୁକେଟିଭି ଡାଇରେକ୍ଟର ବୀଣା ୱ୍ୱାହିଦ, ଜୋନାଲ ହେଡ୍ ତଥା ଜିଏମ ସ୍ୱୋପ୍ନା ବନ୍ଦୋପାଦ୍ଧୟ, ରିଜିଓନାଲ ମ୍ୟାନେଜର ରଞ୍ଜିତ କୁମାର, ଚିଫ୍ ମ୍ୟାନେଜର ବିବେକ ପ୍ରସାଦ ମଲ୍ଲିକ, ଡିଜୀଏମ ସମ୍ପଦ ପ୍ରସାଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅଧିକାରୀମାନେ ଗ୍ରାହକ ସେବାକୁ ଅଗ୍ରାଧିକାର ଦେଇ ବ୍ୟାଙ୍କ ସମସ୍ତ ସୁବିଧା ଉପଲବ୍ଧ କରିବା ପାଇଁ ପ୍ରୟାସ ଜାରି ରଖିବ ବୋଲି ମତବ୍ୟକ୍ତ କରିଥିଲେ।ଏଥିପାଇଁ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ। ଶେଷରେ ସହକାରୀ ପରିଚାଳକ ମିଶ୍ର ଉପସ୍ଥିତ ଗ୍ରାହକ ଓ ଅଧିକାରୀ ଧନ୍ୟବାଦ ଦେଇଥିଲେ।

## ସୂର୍ଯ୍ୟମନ୍ଦିରରୁ ବାଲି କଢ଼ା ପାଇଁ ଲାଗିଲା ଲିଫ୍ଟ



**କୋଣାର୍କ(ପି ପି ଏସ):** ସୂର୍ଯ୍ୟମନ୍ଦିରରେ ବାଲି କଢ଼ା କାର୍ଯ୍ୟ ପାଇଁ ଉତ୍ତର ପଶ୍ଚିମ କୋଣରେ ଗୋଟିଏ ଲିଫ୍ଟ ଲଗାଯାଇଛି। ବିଶେଷଜ୍ଞ ଦଳ ଓ ଏଏସଆଇ ଅଧିକାରୀ ଏହି ଲିଫ୍ଟ ସାହାଯ୍ୟରେ ଚୂଡା ପର୍ଯ୍ୟନ୍ତ ଯାଇ ଅନୁଧ୍ୟାନ କରିବେ। ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କଢ଼ା ଯିବା ଲାଗି ୩ବର୍ଷ ସମୟ ଧାର୍ଯ୍ୟ ହୋଇଛି। ଗତ ୨୦୨୩ ଜାନୁୟାରୀ ମାସରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ମନ୍ଦିର ଉତ୍ତର ଓ ପଶ୍ଚିମ କୋଣରେ ଲିଫ୍ଟ ପାଇଁ ମୂଳଦୁଆ ନିର୍ମାଣ ପରେ ଲୁହା ବିମ ଲଗାଯାଇଥିଲା। ପରେ ଟନେଲ ଓ ଲିଫ୍ଟ ନିର୍ମାଣ ନିମନ୍ତେ ଫର୍ମାଟ ଓ ଲେଆଉଟ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେହିଭଳି ଦକ୍ଷିଣ ପାର୍ଶ୍ୱରେ ଲୁହା ବିମ ସାହାଯ୍ୟରେ ମନ୍ଦିର ଚୂଡାକୁ ପାହାଚ ନିର୍ମାଣ ସରିଛି। ଏହି ସ୍ୱତନ୍ତ୍ର ଲିଫ୍ଟ ମାଧ୍ୟମରେ ମନ୍ଦିର ଚୂଡ଼ାରୁ ଗର୍ଭଗୃହରେ ରହିଥିବା ବାଲି ଗୁଡିକୁ ମନ୍ଦିର ପାଦଦେଶକୁ ସୁରକ୍ଷିତ ଉପାୟରେ ପର୍ଯ୍ୟାୟକ୍ରମେ ବାହାର କରାଯିବ। ବାଲି ନିଷ୍କାସନ ସରିଲେ ପର୍ଯ୍ୟଟକଙ୍କ ପାଇଁ ଜଗମୋହନ ଦ୍ୱାର ଖୋଲି ଦିଆଯିବ। ସୂଚନାଥାଉକି,ଗତ ଡିସେମ୍ବର ୭ତାରିଖରେ ଏଏସଆଇ ଏଡିଜି ଜାନଭିଜ ଶର୍ମା, ଡାଇରେକ୍ଟର କନଜରଭେସନ ଭୀମା ଆଜମିର, ଏଏସଆଇ ଆଞ୍ଚଳିକ ନିର୍ଦ୍ଦେଶକ ଡ଼ଃ ଦିଲୀପ କୁମାର ଖମାରୀ,ସର୍କଲ ସୁପରିଟେଣ୍ଡେଟ ଡ଼ଃ ଡି.ବି ଗଡ଼ନାକଙ୍କ ସମେତ ୧୫ଜଣିଆ ବିଶେଷଜ୍ଞଦଳ ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କଢା ପ୍ରକ୍ରିୟା ଓ ସୂର୍ଯ୍ୟମନ୍ଦିର ଅବସ୍ଥିତି ନେଇ ଅନୁଧ୍ୟାନ କରିଥିଲେ।

## ୟୁକୋ ବ୍ୟାଙ୍କର ତୃତୀୟ ତ୍ରୈମାସରେ ୬୩୯ କୋଟି ଟଙ୍କାର ନେଟ୍ ଲାଭ



**ଭୁବନେଶ୍ୱର:** ରାଷ୍ଟ୍ରାୟତ୍ତ ୟୁକୋ ବ୍ୟାଙ୍କର ତୃତୀୟ ତ୍ରୈମାସିକ ଆର୍ଥିକ ଫଳାଫଳ ପ୍ରକାଶ ପାଇଛି। ବ୍ୟାଙ୍କ ଡିସେମ୍ବର ମାସ ଶେଷ ସୁଦ୍ଧା, ତୃତୀୟ ତ୍ରୈମାସରେ ଶତକଡା ୨୭.୦୪ ପ୍ରତିଶତ ଅଭିବୃଦ୍ଧି ହାର ହାସଲ କରି ୬୩୯ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିପାରିଛି ଯାହା ପୂର୍ବ ବର୍ଷ ଏହି ସମୟରେ ୫୦୩ କୋଟି ଟଙ୍କା ରହିଥିଲା। ବ୍ୟାଙ୍କର ସକଳ ଅଗ୍ରୀମରେ ଶତକଡା ୨୨.୦୧ ପ୍ରତିଶତ ବୃଦ୍ଧି ଘଟି ୧,୧୪, ୩୫୦ କୋଟିରେ ପହଞ୍ଚିଛି। ଡିସେମ୍ବର ମାସ ଶେଷ ସୁଦ୍ଧା ବ୍ୟାଙ୍କର ସମୁଦାୟ ବ୍ୟବସାୟିକ ଅଭିବୃଦ୍ଧି ୪, ୮୮,୯୧୧ କୋଟିରେ ପହଞ୍ଚିଛି। ବ୍ୟାଙ୍କର ନେଟ୍ ସୁଧ ଆୟରେ ଶତକଡା ୧୯.୬୨ ପ୍ରତିଶତ ବୃଦ୍ଧି ଘଟି ୨,୩୭୮ କୋଟିରେ ପହଞ୍ଚିଛି। ତୃତୀୟ ତ୍ରୈମାସିକ ସୁଦ୍ଧା ବ୍ୟାଙ୍କର ନେଟ୍ ସୁଧ ମାର୍ଜିନ ଶତକଡା ୩.୧୭ ପ୍ରତିଶତ ବୃଦ୍ଧି ପାଇଥିବା ସହ ପୁଞ୍ଜି ସ୍ୱଚ୍ଛଳତା ହାର (ସିଆର୍‌ଏଆର୍) ଶତକଡା ୧୬.୨୫ ପ୍ରତିଶତ ବୃଦ୍ଧି ପାଇଛି। ବ୍ୟାଙ୍କର ପ୍ରୋଭିଜନ୍ କଭରେଜ ରେସିଓ (ପିସିଆର୍) ଶତକଡା ୯୬.୧୬ ପ୍ରତିଶତରେ ପହଞ୍ଚିଛି। ବ୍ୟାଙ୍କର ପରିଚାଳନାଗତ ଲାଭ ଶତକଡା ୪୧.୭୩ ପ୍ରତିଶତ ଅଭିବୃଦ୍ଧି ହାରରେ ୧,୫୮୬ କୋଟିରେ ପହଞ୍ଚିଛି। ବ୍ୟାଙ୍କର ମୋଟ୍ ଏନ୍‌ପିଏ ୯୪ ବିପିଏସ୍ ହ୍ରାସ ପାଇ ଶତକଡା ୨.୯୧ ପ୍ରତିଶତରେ ପହଞ୍ଚିଛି। ବ୍ୟାଙ୍କର ନେଟ୍ ଏନ୍‌ପିଏ ୩୫ ବିପିଏସ୍ ହ୍ରାସ ପାଇ ଶତକଡା ୦.୬୩ ପ୍ରତିଶତରେ ପହଞ୍ଚିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୟୁକୋ ବ୍ୟାଙ୍କର ୩, ୨୬୩ ଟି ଘରୋଇ ଶାଖା ରହିଥିବା ବେଳେ ହଂକ୍‌କଙ୍ଗ୍ ଓ ସିଙ୍ଗାପୁରରେ ୨ଟି ଶାଖା ରହିଛି ଏବଂ ଇରାନ୍‌ରେ ଗୋଟିଏ ପ୍ରତିନିଧି କାର୍ଯ୍ୟାଳୟ ରହିଛି। ବ୍ୟାଙ୍କର ୨,୪୭୮ ଟି ଏଟିଏମ୍ ଓ ୧୦୬୫୩ ଟି ବିସି ପଏଣ୍ଟ ରହିଛି।

## ମଣ୍ଡି ନେଉନି ଧାନ

### ବେପାରୀଙ୍କୁ ଧାନ ବିକୁଛନ୍ତି ଚାଷୀ

**ରଘୁନାଥପୁର, (ପିପିଏସ):** ଜାନୁଆରୀ ମାସ ଶେଷ ହେବାକୁ ବସିଲାଣି ଅଥଚ ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ଅଞ୍ଚଳରେ ଥିବା ୧୦ ଗୋଟି ମଣ୍ଡିରେ ଏପର୍ଯ୍ୟନ୍ତ ଧାନ କ୍ରୟ କରାଯାଇ ନାହିଁ।ଫଳରେ ଧାନର ମାନକୁ ନେଇ ଦ୍ୱିବିଧାରେ ପଡିଥିବା ଚାଷୀମାନେ କମ ମୂଲ୍ୟରେ ବେପାରୀଙ୍କୁ ଧାନ ବିକି ଦେଉଛନ୍ତି। ଏହି ସୁଯୋଗରେ ବେପାରୀମାନେ ଚାଷୀଙ୍କ ଘର ପାଖରୁ ଗାଡିରେ ଧାନ ଲୋଡ କରି ନେଇଯାଉଥିବାର ଦେଖିବାକୁ ମିଳିଛି। ଅଦ୍ୟାବଧି ଏହି ବ୍ଲକ ଅଞ୍ଚଳରେ ଥିବା ୫ ଗୋଟି ମଣ୍ଡିରେ କଣ୍ଟା ପୂଜା କାମ ଶେଷ ହୋଇଥିବାବେଳେ ବାକି ୫ ଟି ମଣ୍ଡିରେ ଏପର୍ଯ୍ୟନ୍ତ କଣ୍ଟାରେ ସିନ୍ଦୂର ବାଜିନି। ପ୍ରକାଶ କି ୧୦ ଗୋଟି ମଣ୍ଡିରେ ଧାନ ଦେବା ପାଇଁ ମୋଟ ୪୬୮୯ ଜଣ ଚାଷୀ ଅନଲାଇନରେ ନିଜ ନାମ ପଞ୍ଜିକରଣ କରିଥିବାବେଳ ପ୍ରଥମ ପର୍ଯ୍ୟାୟରେ ଏହି ସବୁ ମଣ୍ଡିରୁ ୧୨୧ ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ ସରକାରୀ ସ୍ତରରେ ଟାର୍ଗେଟ ଆସିଛି। ତେବେ ମଣ୍ଡିରେ ଧାନ କ୍ରୟ କରାଯିବା ପ୍ରକ୍ରିୟା ବିଳମ୍ବ ଦେଖି ବ୍ୟାଙ୍କ ଓ ହାତ ଉଧାର ଆଣି ଧାନ ଫସଲରେ ପୁରେଇଥିବା ଚାଷି ବେପାରୀ ହାତକୁ ଟେକିଦେବାକୁ ଏକ ପ୍ରକାର ବାଧ୍ୟ ହେଉଛି। ଅନ୍ୟପକ୍ଷେ ଧାନର ମାନ ତଥା ଗୁଣାବତ୍ତାକୁ ନେଇ କାଳେ ମଣ୍ଡି ଧାନ ନେବ ନନେବ ଏହି ଚିନ୍ତା ମଧ୍ୟ ଅନ୍ୟ ଏକ କାରଣ ବୋଲି କୁହାଯାଉଛି।ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ନଦେଲେ ମଣ୍ଡିରେ ଧାନ ଦେବାକୁ ଚାତକ ଭଳି ଚାହିଁ ରହିଥିବା ଚାଷୀର ଅମଳ ଧାନ ବେପାରୀ ହାତକୁ ଚାଲିଯିବା ନିଶ୍ଚିତ ବୋଲି ମତ ପ୍ରକାଶ ପାଇଛି।

## ମହିଳା କଲେଜର ୪୨ତମ ବାର୍ଷିକୋତ୍ସବ




**ଚାରିଛକ,(ପି ପି ଏସ):** ପୁରୀ ଜିଲ୍ଲା ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ର ୪୨ ତମ ବାର୍ଷିକୋତ୍ସବ ଆଜି କଲେଜ ପରିସର ରେ ଅନୁଷ୍ଠିତ ହୋଇଥିଲା।କଲେଜ ଅଧକ୍ଷା ବିନୋଦିନୀ ଦାଶ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବାର୍ଷିକୋତ୍ସବ ରେ ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତି ପରିଡ଼ା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାଂସଦ ବିଭୁ ପ୍ରସାଦ ତରାଇ, କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ, ପ୍ରାକ୍ତନ ଅଧକ୍ଷ ପ୍ରମୋଦ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇ ଛାତ୍ରୀ ମାନଙ୍କୁ ଦେଶ ର ଜଣେ ଜଣେ ସୁ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ।ଅଧ୍ୟାପିକା ଡ଼ଃ.ଶର୍ମିଷ୍ଠାରାଣୀ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶ ମଞ୍ଚ ପରିଚାଳନା କରିଥିଲେ।ମେଜର ପୁଷ୍ପଲତା ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ୫୫ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟର ମନ୍ଥରଗତି

## ଲିଖିତ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

**ଚୌଦ୍ୱାର,(ପିପିଏସ୍) :** ଚୌଦ୍ୱାର ମଧ୍ୟଦେଇ ଯାଇଥିବା ୫୫ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଦୀର୍ଘଦିନ ହେଲା ଅତି ମନ୍ଥର ଗତିରେ ଚାଲୁ ରହିଛି । ସମ୍ପୃକ୍ତ ଠିକାସଂସ୍ଥାଙ୍କ ମନମୁଖୀ କାର୍ଯ୍ୟ ଓ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ ମାନଙ୍କର ଦାୟିତ୍ୱହୀନତା ପାଇଁ ରାସ୍ତାକାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନପାରି ଅଧାପନ୍ତରିଆ ଭାବେ ପଡ଼ି ରହିଛି । ଫଳସ୍ୱରୂପ ଚୌଦ୍ୱାର ସହରବାସୀ ଯାତାୟତରେ ଘୋର ଅସୁବିଧାର ସମ୍ମୁଖୀନ ହେବା ସହିତ ଧୂଳି ଧୂଆଁରେ ଅତିଷ୍ଠ ହେଉଛନ୍ତି । ରାସ୍ତାଟି ଅସମ୍ପୂର୍ଣ୍ଣ ଅବସ୍ଥାରେ ଖାଲଖମାରେ ଭରିହୋଇ ରହିଥିବାରୁ ପ୍ରତିଦିନ ଦୁର୍ଘଟଣାମାନ ଘଟି ବହୁ ଲୋକ ମୃତାହତ ହେଉଥିବା ନିତିଦିନିଆ ଘଟଣା ହୋଇଛି । ଏହାର ପ୍ରତିବାଦରେ ଚୌଦ୍ୱାର ଜାଗରଣ ମଞ୍ଚ ଓ ସ୍ଥାନୀୟ ଜନ ସାଧାରଣଙ୍କ ତରଫରୁ ବିଭିନ୍ନ ସମୟରେ ଆନ୍ଦୋଳନ, ଧାରଣା, ରାସ୍ତାରୋକୋ ଆଦି କରାଯାଇଥିଲେ ସୁଦ୍ଧା ଏହାକୁ କେହି କର୍ଣ୍ଣପାତ କରୁ ନଥିବା ଦେଖିବାକୁ ମିଳୁଛି । ମଞ୍ଚର ସଦସ୍ୟ ମାନେ ସୋମବାର ଦିନ ଜାତୀୟ ରାଜପଥ ପ୍ରାଧିକରଣର ଢେଙ୍କାନାଳସ୍ଥିତ ଅଫିସ୍ ସମ୍ମୁଖରେ ତୁରନ୍ତ ରାସ୍ତାକାର୍ଯ୍ୟ ଶେଷ କରିବା ଦାବିରେ ଅନିର୍ଦ୍ଦିଷ୍ଟ କାଳପାଇଁ ଧାରଣା ଆରମ୍ଭ କରିଥିଲେ ।ଠିକା ସଂସ୍ଥା ଏମଏସ୍‌ଆଇଏଲ୍‌ର ସୁଜିତ୍ କୁମାର ସାହୁ ଓ ପ୍ରକଳ୍ପ ନିର୍ଦ୍ଦେଶକ ସୁଜିତ୍ ସ୍ୱାଇଁ , ଶିବପ୍ରସାଦ ପଣ୍ଡା ଓ ଏନ୍‌ଏଚ୍‌ଆଇର ପ୍ରକଳ୍ପ ନିର୍ଦ୍ଦେଶକ ବି.କେ.ସିଂ ପ୍ରମୁଖ ସୋମବାର ବିଳମ୍ବିତ ରାତିରେ ଧାରଣାସ୍ଥଳରେ ପହଞ୍ଚି ଆସନ୍ତା ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣା ପଡ଼ିଛି ।ମଞ୍ଚର ଦେବେନ୍ଦ୍ର ପୃଷ୍ଟି, ଶଂକର୍ଷଣ ମହାପାତ୍ର, ହରିହର ବେଉରା, ବିନୟ ମହାନ୍ତି,ପ୍ରଭାନନ୍ଦ ସାହୁ ପ୍ରମୁଖ ପ୍ରତିନିଧି ଧାରଣାରେ ବସିଥିଲେ ।

## ତ୍ରିରଙ୍ଗା କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ୬ ଦିନିଆ ମକର ମହୋତ୍ସବ ଉଦ୍‌ଯାପିତ

### ସମ୍ବର୍ଦ୍ଧିତ ହେଲେ ନଗରପାଳ ଓ ରକ୍ତଦାତା

**ବାରିପଦା, (ପିପିଏସ୍):** ସ୍ଥାନୀୟ ୱାର୍ଡ ନଂ ୧୫ ପୂର୍ଣ୍ଣଚନ୍ଦ୍ର ପୁର ଠାରେ ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ୬ ଦିନିଆ ମକର ମହୋତ୍ସବ ଉଦଯାପିତ ହୋଇଯାଇଛି ଓ ଶେଷ ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଛି ଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି ପୁରସ୍କାର ବିତରଣ କରିବା ସହ ତ୍ରିରଙ୍ଗା କ୍ଲବ ଦ୍ୱାରା ଆୟୋଜିତ ମକର ଧମାକା ଏକ ନିଆରା ପରିକଳ୍ପନା ବୋଲି ପ୍ରକାଶ କରିଥିଲେ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସଭାପତି ଡଃ ଦେବାଶିଷ ମାର୍ଣ୍ଡି ଓ ସମାଜସେବୀ ଅଜୟ କୁମାର ମୋଦୀ ଯୋଗ ଦେଇ ପୁରସ୍କାର ବିତରଣ କରିବା ସହ ତ୍ରିରଙ୍ଗା କ୍ଲବର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ ଓ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ କ୍ଲବର ସଭାପତି ଆଲୋକ କୁମାର ମହାନ୍ତି, ଉପ ସଭାପତି ରବୀନ୍ଦ୍ର କୁମାର ମହାନ୍ତି, ସମ୍ପାଦକ ବିଶ୍ୱରଂଜନ ବାଗ ପ୍ରମୁଖ ଉପସ୍ଥିତ ରହି ଦୀର୍ଘ ବର୍ଷ ଧରି ତ୍ରିରଙ୍ଗା କ୍ଲବର କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ ଓ ଏହି ଅବସରରେ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ଙ୍କୁ ତାଙ୍କର ଉଚ୍ଚମାନର କାର୍ଯ୍ୟ ଧାରା ପାଇଁ ଏବଂ ବିଶିଷ୍ଟ ସମାଜସେବା ତଥା ୧୨୨ ଥର ରକ୍ତଦାନ କରି ଅନ୍ୟ ମାନଙ୍କ ପାଇଁ ଉଦାହରଣ ସାଜିଥିବା ଡଃ ନିରୋଜ କୁମାର ପୋଥାଲଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ଓ କ୍ଲବର ବରିଷ୍ଠ ସଦସ୍ୟ ସରୋଜ ମହାପାତ୍ର (ଲିଟନ) ଙ୍କ ନେତୃତ୍ୱରେ ସାଜୁ ଭାଇ, ଉମେଶ ମହାରଣା, ଶେଖ ଅଜିତ, ଅମିତ ତେଲେଙ୍ଗା ଓ କିସନ ତେଲେଙ୍ଗା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ଓ ଶେଷରେ ଝୁମର ନୃତ୍ୟର ତାଳେ ତାଳେ ଝୁମିଲେ ଦର୍ଶକ।



## ଅସହାୟ ପରିବାରକୁ ଟ୍ରଷ୍ଟ ପକ୍ଷରୁ ସହାୟତା ପ୍ରଦାନ

**କେନ୍ଦ୍ରାପଡ଼ା, (ପିପିଏସ):** ଖାଦ୍ୟ, ବସ୍ତ୍ର ଓ ବାସଗୃହ ମଣିଷର ମୌଳିକ ଆବଶ୍ୟକତା ଅଟେ। ଯଦି ଏପରି କିଛି ବି ସୁବିଧା କାହା ଜୀବନରେ ନ ଥାଏ ତେବେ ସେ କିପରି ବଞ୍ଚିପାରିବ । କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ଅନ୍ତର୍ଗତ ବଉଳକଣୀ ପଂଚାୟତର ସିଂ ପଡ଼ା ଗ୍ରାମରେ ପାର୍ବତୀ ସିଂଙ୍କ ଘର । ତାଙ୍କ ସ୍ୱାମୀ ଆଉ ଦୁନିଆରେ ନାହାନ୍ତି। ସେ ଯେଉଁ ଘରେ ରୁହନ୍ତି, ସେ ଘର ଚାଳ ଛପର ଦୀର୍ଘ ଦିନ ହେବ ହୋଇନି। ବସ୍ତ୍ର କହିଲେ ଶାଢ଼ୀର ରଙ୍ଗ ବି ନାହିଁ।ଜମି ବାଡ଼ି ନଥିବାରୁ ନାନାଦି ଅସୁବିଧାରେ ଜୀବନ ଅତିବାହିତ କରୁଥିବାର ଖବର ପାଇ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପାର୍ବତୀ ମାଉସୀଙ୍କ ପାଇଁ ଦୁଇ ମାସର ରାସନ ସାମଗ୍ରୀ ଯୋଗାଇ ଦିଆଯାଇଛି। ଅନ୍ୟାନ୍ୟ ସାମଗ୍ରୀ ଯଥା ଶୀତ ବସ୍ତ୍ର କମ୍ବଳ, ଶାଢ଼ୀ ଯୋଗାଇ ଦିଆଯାଇଛି। ତାଙ୍କର ଘରକୁ ପାଲ ପକାଇ ସମ୍ପୂର୍ଣ୍ଣ ଘୋଡାଇ ଦେଇଥିଲେ ଟ୍ରଷ୍ଟର କର୍ମକର୍ତ୍ତା । ଏ ସବୁ ପାଇବା ପରେ ପାର୍ବତୀ ମାଉସୀ ଖୁସୀରେ ଟ୍ରଷ୍ଟର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତି ଖୁସି ମତବ୍ୟକ୍ତ କରିବା ସହ ଅସହାୟ ,ଗରିବ,ନିଷ୍ପେସିତ ଜୀବନ ଅତିବାହିତ କରୁଥିବା ସାଧାରଣ ଲୋକମାନଙ୍କ ନିକଟରେ ପହଞ୍ଚି ସେବା ପ୍ରଦାନ କରିବା ପାଇଁ ଆହୁରି ଆଗ୍ରହ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ନିରାକାର ତ୍ରିପାଠୀ, ପ୍ରଶାନ୍ତ କୁମାର ଦାଶ, କାଳନ୍ଦୀ ମଲ୍ଲିକ, ବଳରାମ ଦାସ, ରିଲିଆ ସାହୁ, ସୁରେନ୍ଦ୍ର ଶତପଥୀ, ଦେବେନ୍ଦ୍ର କୁମାର ସାହୁ, ଶଶିକାନ୍ତ ବେହେରା, ବୈଭବ ମାହାନ୍ତି ଓ ନିଗମ ସାହୁ ପ୍ରମୁଖ ଟ୍ରଷ୍ଟର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ରଘୁନାଥପୁର ବ୍ଲକ କନିଷ୍ଠ ଯନ୍ତ୍ରୀଙ୍କ ପତ୍ନୀ ବିୟୋଗରେ ଶୋକ



**ରଘୁନାଥପୁର, (ପିପିଏସ):** ଜଗତସିଂହପୁର ଜିଲ୍ଲା ଅଧିନସ୍ଥ ରଘୁନାଥପୁର ବ୍ଲକର କନିଷ୍ଠ ଯନ୍ତ୍ରୀ ସୁଜିତ କୁମାର ମହାପାତ୍ରଙ୍କ ପତ୍ନୀ ଗତ ସୋମବାର ହୃଦଘାତରେ ଅକାଳ ବିୟୋଗକୁ ନେଇ ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଘଟଣାରୁ ପ୍ରକାଶ ସୁଜିତଙ୍କ ଘର ରଘୁନାଥପୁର ବ୍ଲକ ଅଧିନସ୍ଥ ସୁଧାଭୁଇଁ ହୋଇଥିବାବେଳେ ଛୋଟ ଝିଅ ଦୁଇ ଜଣଙ୍କ ଉତ୍ତମ ପାଠପଢ଼ା ପାଇଁ ଭୁବନେଶ୍ୱରରେ ଘର ଭଡା ନେଇ ପତି ପତ୍ନୀ ରହୁଥିଲେ । ସୁଜିତ ରଘୁନାଥପୁର ବ୍ଲକରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି। ସୋମବାର ହଠାତ ପତ୍ନୀ କୌଶଲ୍ୟା ମହାପାତ୍ର (୪୫) ଙ୍କ ଛାତି ଯନ୍ତ୍ରଣା ହେବାରୁ ଏକ ଘରୋଇ ଡାକ୍ତରଖାନାରେ ଚିକତ୍ସା ପାଇଁ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ କୌଶଲ୍ୟାଙ୍କ ମୃତୁ ହୋଇଥିଲା। କୌଶଲ୍ୟାଙ୍କ ମୃତ ଶରୀରକୁ ସୁଧାଭୁଇଁ ସ୍ଥିତ ବାସଭବନକୁ ଅଣାଯାଇଥିଲା । ମୃତ ଶରୀର ପହଂଚିବା ପରେ ଖବର ପାଇ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି କୌଶଲ୍ୟାଙ୍କୁ ତାଙ୍କ ସୁଧାଭୁଇଁ ବାସ ଭବନରେ ଶୋକାକୁଳ ପରିବେଶ ମଧ୍ୟରେ ଶେଷ ଦର୍ଶନ କରିଥିଲେ । ପରେ ପରିବାର ଲୋକେ ପୁରୀ ସ୍ୱର୍ଗଦ୍ୱାର ନେଇ ଶବ ସତ୍କାର କରିଥିବାବେଳେ ଦିଅର ଅଜିତ କୁମାର ମହାପାତ୍ର ମୁଖାଗ୍ନି ଦେଇଥିଲେ । ଏଭଳି ଦୁଃଖଦ ଖବର ପାଇ ବ୍ଲକ କର୍ମଚାରୀ ମହଲରେ ଶୋକର ଛାୟା ଖେଳିଯାଇଛି ।

## ମମତାଙ୍କୁ ଚୌଦ୍ୱାର ମଣ୍ଡଳ ସଭାନେତ୍ରୀ ଦାୟିତ୍ୱ

**ଚୌଦ୍ୱାର,(ପିପିଏସ୍) :** ଭାରତୀୟ ଜନତା ପାର୍ଟିର ଚୌଦ୍ୱାର ମଣ୍ଡଳର ନୂତନ ସଭାପତି ଭାବେ ମମତା ବେହେରାଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି । ଦଳର ଓଡ଼ିଶା ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କଦ୍ୱାରା ଏସମ୍ପର୍କରେ ପତ୍ର ଜାରୀ କରାଯାଇ ହୋଇଥିବା କଟକ ଜିଲ୍ଲାର ବିଭିନ୍ନ ମଣ୍ଡଳ ସଭାପତି ପାଇଁ ହୋଇଥିବା ନିର୍ବାଚନରେ ଚୌଦ୍ୱାର ମଣ୍ଡଳ ସଭାପତି ଭାବେ ମମତା ନିର୍ବାଚିତ ହୋଇଥିବା ସୂଚନା ଦିଆ ଯାଇଛି । ସୂଚନାଯୋଗ୍ୟଯେ ଶ୍ରମତୀ ବେହେରା ପୂର୍ବରୁ



ଚୌଦ୍ୱାର ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାବେ କାର୍ଯ୍ୟ କରି ଆସୁଥିଲେ। ତାଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୟନ କିଶୋର ମହାନ୍ତି, ଜିଲ୍ଲା ସଭାପତି ରାମନାରାୟଣ ମହାନ୍ତି ଓ ସମସ୍ତ ନେତୃ ମଣ୍ଡଳୀଙ୍କୁ ଶ୍ରୀମତୀ ବେହେରା କୃତଜ୍ଞତା ଜଣାଇଛନ୍ତି । ସୂଚନାଯୋଗ୍ୟଯେ ପୂର୍ବ ମଣ୍ଡଳ ସଭାପତି ସନ୍ତୋଷ କୁମାର ସାହୁଙ୍କୁ ଦଳର ମଣ୍ଡଳ ପ୍ରତିନିଧି ଭାବେ ନିଯୁକ୍ତି ଦିଆ ଯାଇଛି ।

## ଅବକାରୀ ଚଢଉ: ଗଞ୍ଜେଇ ଜବତ, ଜଣେ ଗିରଫ

**ଭଦ୍ରକ:** ଭଦ୍ରକ ଜିଲ୍ଲା ଅବକାରୀ ଅଧିକ୍ଷକ ନରୋତମ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ବାସୁଦେବପୁର ଅବକାରୀ ଇନ୍ସପେକଟର ମଧୁସୂଦନ ସାହୁ,ଓ ଆଇସି ନଟବର ମଲ୍ଲିକ, କନେଷ୍ଟବଳ ସୁମନ୍ତ ମାହୁନ୍ତ,ଖଗେଶ୍ୱର ଜେନା, ସୁଭଦ୍ର ବାରିକ ସଦଳବଳେ ବାସୁଦେବପୁରର ବାରାପୁର ସନାତନ ମହାରଣା (୫୪) ଠାରୁ ୨ କିଗ୍ରା ଗଞ୍ଜା ଜବତ କରିବା ସହିତ ସନାତନ ଙ୍କୁ ଗିରଫ କରିଛି ।



OFFICE OF THE SUPERINTENDENT
FAKIR MOHAN MEDICAL COLLEGE & HOSPITAL, BALASORE
(Formerly known as Government Medical College & Hospital, Balasore)
At/Po/Dist.- Balasore, Pin- 756001 (Odisha)

Letter No 251 /S/FMMCHB — Date 20/01/2025

To
Joint Director (Advertisement)
I &PR Department, BBSR, Odisha

Sub- Publication of Advertisement of Tender notice for Electrical & electronics items of FMMC&H, Balasore for the year 2024-25.

Sir,
Kindly publish the Advertisement of Tender notice for Electrical & electronics items of FMMC&H, Balasore for the year 2024-25 in two Odia daily newspapers & one English daily newspaper.

TENDER NOTICE FOR ELECTRICAL & ELECTRONICS ITEMS OF FMMC&H,BALASORE (2024-25)

Tender. No.230/S/FMMCHB — Date : 20 /01/ 2025

FMMC&H, Balasore invites sealed Tender from registered Firm/ Agencies/ Company for Electrical & electronics items for FMMC&H, Balasore. The proposal in the prescribed format along with all supportive documents should reach to the Office of the Superintendent, Remuna, FMMCH, Balasore by Dt. 05.02.2025 upto 5 Pm through Registered post/ speed post/ courier only and the same will be opened on dt. 06.02.2025, 11 Am at Office chamber of Superintendent, Remuna, FMMCH, Balasore. Application from as well as other details will be available and downloaded from district website www.baleswar.nic.in/ www.blsmch.nic.in . Authority reserves every rights to reject all or any of the Tender without assign any reason thereof.

-sd-
Superintendent
FMMC&H, Balasore

E-696 OIPR-10134/11/0028/2425

## ସମ୍ବଲପୁର ଜିଲ୍ଲା ବିଜେପି ସଭାପତି ଓ ରାଜ୍ୟ ପରିଷଦ ସଦସ୍ୟଙ୍କ ନାମାଙ୍କନ

ସମ୍ବଲପୁର, (ହି.ସ.) - ସମ୍ବଲପୁର ବିଜେପି ଜିଲ୍ଲା ସଭାପତି ପଦ ଓ ରାଜ୍ୟ ପରିଷଦ ସଦସ୍ୟ ପାଇଁ ସ୍ଥାନୀୟ ସାଂସ୍କୃତିକ ସମାଜ ଭବନ ଠାରେ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ସମ୍ପନ୍ନ ହୋଇଯାଇଛି । ନିକଟ ଅତୀତରେ ସମ୍ବଲପୁର ସାଂଗଠାନିକ ଜିଲ୍ଲା ର ୨୭ ଗୋଟି ମଣ୍ଡଳ ରୁ ୨୨ ଗୋଟି ମଣ୍ଡଳ ର ମଣ୍ଡଳ ସଭାପତି ଓ ଜିଲ୍ଲା ପ୍ରତିନିଧି ଙ୍କ ନାମ ଘୋଷଣା ହୋଇଥିଲା । ସମ୍ବଲପୁର ବିଜେପି ଜିଲ୍ଲା ସଭାପତି ଓ ରାଜ୍ୟ ପରିଷଦ ସଦସ୍ୟ ପାଇଁ ଏହି ୪୪ ଜଣ ଙ୍କ ମଧ୍ୟରୁ ହିଁ କେହି ନା କେହି ଜିଲ୍ଲା ସଭାପତି ଓ ରାଜ୍ୟ ପାରିଷଦ ସଦସ୍ୟ ଙ୍କ ନାମ କୁ ପ୍ରସ୍ତାବକ ଭବେ ପ୍ରସ୍ତାବନା ଓ ସମର୍ଥକ ଭବେ ସମର୍ଥନ ଦେଇ ପାରିବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା । ବିଜେପି ରାଜ୍ୟ କାର୍ଯ୍ୟାଳୟ ପକ୍ଷରୁ ନିଯୁକ୍ତ ସମ୍ବଲପୁର ଜିଲ୍ଲା ନିର୍ବାଚନ ଅଧିକାରୀ ଭାବେ ବ୍ରହ୍ମଗିରି ର ପୁର୍ବତନ ବିଧାୟକ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର ଓ ସହ ନିର୍ବାଚନୀ ଅଧିକାରୀ ବିଭୂତି ଭୂଷଣ ପଟେଲ ଓ ରାମଚନ୍ଦ୍ର ମେହେର ଆଜିର ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା କୁ ସୁଚାରୁ ରୁପେ ସମ୍ପନ୍ନ କରିଛନ୍ତି । ବିଜେପି କ୍ଷେତ୍ରୀୟ ଗଣମାଧମ ସଂଯୋଜକ ମାନସ ରଞ୍ଜନ ବକ୍ସି ଦେଇଥିବା ସୂଚନା ମୁତାବକ ଆଜିର ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ରେ ସୁଶିଲ କୁମାର କର, ନମ୍ରଶକାନ୍ତ ପଟ୍ଟନାୟକ୍, ଶମ୍ଭୁ ବରେଲିଆ, ସୁଶାନ୍ତ କୁମାର ପୁରୋହିତ, ପ୍ରମୁଖ ଜିଲ୍ଲା ସଭାପତି ପାଇଁ ଓ ସୂର୍ଯ୍ୟ କୁମାର ପ୍ରଧାନ, ବିଦ୍ୟାଧର ସୁନା, ରାଧେଶ୍ୟାମ ବାରିକ, ବିଭୂତି କଲ୍ୟାଣ ପଟେଲ, ଅନିଲ କୁମାର ବେହେରା, ନିରଞ୍ଜନ କିଶୋର ଦାସ, ସୂର୍ଯ୍ୟକାନ୍ତ ପାଣିଗ୍ରାହୀ, ମିତ୍ରଭାନୁ ପ୍ରଧାନ ପ୍ରମୁଖ ରାଜ୍ୟ ପରିଷଦ ସଦସ୍ୟ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

## ମାଲକାନଗିରି ନବୋଦୟ ପରିବାରର ବନ୍ଧୁମିଳନ

ମାଲକାନଗିରି, (ପିପିଏସ୍): ମାଲକାନଗିରି ନବୋଦୟ ପରିବାରର ୨୦୨୫ ର ଜିଲ୍ଲା ସ୍ତରୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆଜି ପୋଟେରୁ ଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜବାହର ନବୋଦୟ ବିଦ୍ୟାଳୟ- ୧ ର ପ୍ରିନ୍ସପାଲ ଅରବିନ୍ଦ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ବରିଷ୍ଠ ଅଭିଭାବକ କୁଷଧ୍ୱଜ ଆଚାର୍ଯ୍ୟ ଓ ପୁରାତନ ନବୋଦୟ କର୍ମଚାରୀ କୃଷ୍ଣ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ । ସର୍ବ ପ୍ରଥମେ ଅତିଥି ଗଣ ଓ ସମସ୍ତ ପୁରାତନ ନବୋଦୟ ଛାତ୍ରଛାତ୍ରୀ ମାନେ ' ହମି ନବୋଦୟ ହୋ ' ପ୍ରାର୍ଥନା କୁ ସମବେତ କଣ୍ଠରେ ଗାନ କରିଥିଲେ । ପରେପରେ ସମସ୍ତେ ନିଜ ନିଜର ପରିଚୟ ପ୍ରଦାନ ସହ ବର୍ତ୍ତମାନ ସମୟରେ କିଏ କେଉଁ କେଉଁ ପେଶାରେ ଉପନୀତ ହୋଇ ସମାଜର ସେବା କାର୍ଯ୍ୟକୁ ଆଗକୁ ନେଉଛନ୍ତି ତା ଉପରେ ସବିଶେଷ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ପାତ୍ର କହିଥିଲେ ଯେ ନବୋଦୟ ଛାତ୍ରଛାତ୍ରୀ ମାନଙ୍କ ଗୋଟିଏ ଲକ୍ଷ ହେବା ଉଚିତ ତାହା ହେଉଛି ' ଏଠାକୁ ଆସ ଶିଖିବା ପାଇଁ ଓ ବାହାରିଯାଅ ସମଜର ସେବା ପାଇଁ ' । ଅଭିଭାବକ ଶ୍ରୀ ଆଚାର୍ଯ୍ୟ କହିଥିଲେ ଯେ, ନବୋଦୟ ଛାତ୍ରଛାତ୍ରୀ ଯେଉଁଠି ରହିଲେ ମଧ୍ୟ ନିଜର ବୁଦ୍ଧି ବିବେକର ପରିଚୟ ଦେବା ସହ ସମାଜରେ ଏକତା, ଶାନ୍ତି ଓ ଭାତୃତ୍ୱ ଭାବର ପରିପ୍ରକାଶ କରିଥାନ୍ତି । ଏହି ଅବସରରେ ୫୦ ରୁ ଉର୍ଦ୍ଧ ପୁରାତନ ନବୋଦୟ ପରିବାର ଯୋଗ ଦେଇଥିଲା ବେଳେ ପାଖାପାଖି ୧୫୦ ଉର୍ଦ୍ଧ ମହିଳା/ପୁରୁଷ ଯୋଗଦେଇ ଥିଲେ । ଶେଷରେ ଛୋଟଛୋଟ କୁନିପିଲାଙ୍କୁ ନେଇ ବିଭିନ୍ନ କୌତୁକିଆ ପ୍ରତିଯୋଗିତା ମାନ ଆୟୋଜିତ ହୋଇଥିଲା ଯାହାକୁ ସମସ୍ତେ ମନଭରି ଉପଭୋଗ କରିଥିଲେ ।

## ହୋଟେଲ୍‌ରେ ଖାକି ବାବୁଙ୍କୁ ଦୁର୍ବ୍ୟବହାର !

ଟିଟିଲାଗଡ଼(ପିପିଏସ୍): ଟିଟିଲାଗଡ଼ ସହର ର ଏକ ପ୍ରତିଷ୍ଠିତ ହୋଟେଲ ଭିତରେ ଗତ ରବିବାର ମଧ୍ୟ ରାତ୍ରିରେ ଜଣେ ଜନପ୍ରତିନିଧି ଦୁଇ ଜଣ ଖାକି ବର୍ଦିଧାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ କଲର ଧରି ଅତି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ନେଇ ଟିଟିଲାଗଡ଼ ସହରରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଲୋକଙ୍କ ଚର୍ଚ୍ଚା ଅନୁଯାୟୀ ଉକ୍ତ ରାତ୍ରି ରେ ହୋଟେଲ ରେ ଜନପ୍ରତିନିଧି ଜଣକ ଅତ୍ୟଧିକ ମଦ ନିଶାରେ ମାତାଲ ହୋଇ ପୋଲିସକର୍ମଚାରୀ ଉପରେ ନିଜର ଆକ୍ରୋଶ ଜାହିର କରି ଅତ୍ୟନ୍ତ ଦୂରବ୍ୟବହାର ପ୍ରଦର୍ଶନ କରିବା ସହ କୁଆଡେ ଖାକି ପୋଷାକର କଲର ଧରି ଅତି କଦର୍ଯ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ତେବେ ଏହି ଘଟଣାରେ ରାଜନେତା ଜଣକ ନିଜର ଶକ୍ତି ପ୍ରଦର୍ଶନ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଏହି ଘଟଣାରେ କୌଣସି ମାମଲା ଟିଟିଲାଗଡ଼ ଥାନାରେ ରୁଜୁ ହୋଇନ ଥିବା ବେଳେ ଏନେଇ ଟିଟିଲାଗଡ଼ ପୋଲିସ ତରଫରୁ କୌଣସି ସନ୍ତୋଷଜନକ ଉତ୍ତର ବି ମିଳୁନାହିଁ କ୍ଷ ସେପଟେ ହୋଟେଲ ମାଲିକ ଓ ମଧ୍ୟ ସ୍ୱୀକାର କରିଛନ୍ତି । ଯାହାକୁ ନେଇ ଏହି ଚର୍ଚ୍ଚା ଉପରେ ଏବେ ଆହୁରି ସସ୍ପେନ୍ସ ଲାଗି ରହିଛି ।

## ବ୍ଲକସ୍ତରୀୟ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

ଜୟପୁର, (ହି.ସ.)-ଓଡିଶା ସରକାରଙ୍କ କୃଷି ଓ କୃଷକ୧ ସଶକ୍ତିକରଣ ବିଭାଗ ତରଫରୁ ବାମନଦେଇ ଉତ୍ପାଦକ କମ୍ପାନୀ ଲିଃ ଙ୍କ ଦ୍ୱାରା କୁନ୍ଦ୍ରା ବ୍ଲକ ଛେଣ୍ଡିଆ ଝିଲିଗାଁ ଠାରେ ବ୍ଲକ ସ୍ତରୀୟ ମାଣ୍ଡିଆ ମଣ୍ଡି ଉଦ୍ଘାଟିତ ହୋଇଯାଇଛି । ବାମନଦେଇ ଉତ୍ପାଦକ କମ୍ପାନୀର ନିର୍ଦ୍ଦେଶକ ଡ଼. ରାଇମତି ଘିଉରିଆଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସାଂସଦ ବଳଭଦ୍ର ମାଝୀ, କୋଟପାଡ଼, ବିଧାୟକ ରୂପୁ ଭତ୍ରା, କୁନ୍ଦ୍ରା ପଂଚାୟତ ସମିତି ଅଧକ୍ଷା ଶ୍ରୀମତୀ ରାଜେଶ୍ୱରୀ ପରଜା, ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ କପିଳେଶ୍ୱର ତାଣ୍ଡି, ପଂଚାୟତ ସମିତି ଉପାଧକ୍ଷ ତରୁଣୀସେନ ବିଶୋଇ, କୃଷି ଅଧିକାରୀ ଅଇନ କୁମାର ବିଶୋଇ, ଏମ. ଏସ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ଜୟପୁରର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପରିଡା, କୁନ୍ଦ୍ରା ଗ୍ରାମ ପଂଚାୟତର ସରପଂଚ ଲବ ପରଜା, ଜିଲ୍ଲା ସଂଯୋଜକ ଓ୍ୱସନ ଦୀବ୍ୟ ଜୀବନ ପରିଡା ଓ କୁନ୍ଦ୍ରା ବ୍ଲକର ଚାଷିବୃନ୍ଦ ଉପସ୍ଥିତ ଥିଲେ । ବାମନଦେଇ ଉତ୍ପାଦକ କମ୍ପାନୀର ନିର୍ଦ୍ଦେଶକ ଶ୍ରୀମତୀ ଡ଼. ରାଇମତି ଘିଉରିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଅତିଥିମାନଙ୍କ ଦ୍ୱାରା ମଣ୍ଡି ଉଦ୍ଘାଟନ କରାଯାଇଥିଲା । କୁନ୍ଦ୍ରା ବ୍ଲକରେ ଏକଗୋଟି ମାଣ୍ଡିଆ ମଣ୍ଡି ମାଧମରେ ୧୨୨୧୦ କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ କରିବା ନିମନ୍ତେ ଲକ୍ଷ ରଖାଯାଇଛି, ବର୍ତ୍ତମାନ ସୁଦ୍ଧା ୧୧୨୨ ଜଣ ଚାଷୀ ନାମ ପଞ୍ଜିକରଣ କରିଛନ୍ତି । ଆଜି ୮ ଜଣ ଚାଷୀଙ୍କ ଠାରୁ କିଲୋପ୍ରତି ଟ. ୪୫ ଙ୍କା ସରକାରୀ ଦରରେ ୧୨୦ କ୍ୱିଣ୍ଟାଲ କ୍ରୟ କରାଯାଇଥିଲା । ସାଂସଦ ବଳଭଦ୍ର ମାଝୀ ତାଙ୍କ ଅଭିଭାଷଣରେ କେମିତି ଅଧିକ ପରିମାଣରେ ଚାଷ ହୋଇପାରିବ, ତତ ସହିତ ମାଣ୍ଡିଆରେ ଥିବା ପୁଷ୍ଟିଗତ ଗୁଣ ଓ ସ୍ୱାସ୍ଥ୍ୟ ନିମନ୍ତେ କେତେ ହିତକାରକ ତା ଉପରେ ବିସ୍ତୃତ ଭାବରେ ଚାଷୀଙ୍କୁ ବୁଝାଇଥିଲେ । ସମସ୍ତ ଚାଷୀଙ୍କୁ ଯେତେ ପ୍ରକାର କ୍ଷୁଦ୍ର ଶସ୍ୟ ଅଛି ସେଥିରୁ ମାଣ୍ଡିଆରେ ଅଧିକ ପରିମାଣରେ ପୁଷ୍ଟିଗତ ଗୁଣବତା ରହିଛି ତେଣୁ ନିତିଦିନିଆ ଖାଦ୍ୟରେ ଆମେ କେମିତି ମାଣ୍ଡିଆର ବହୁଳ ବ୍ୟବହାର କରିବା ସେଥିପ୍ରତି ଗୁରୁତ୍ୱ ଦେବାପାଇଁ ବୁଝାଇଥିଲେ । ଏହା ପରେ ଗୋଷ୍ଠି ଉନ୍ନୟନ ଅଧିକାରୀ କପିଳେଶ୍ୱର ତାଣ୍ଡି କୁନ୍ଦ୍ରା ବ୍ଲକ ସମସ୍ତ ଚାଷୀଙ୍କୁ କହିଥିଲେ ମାଣ୍ଡିଆକୁ ବାହାରେ ବିକ୍ରି ନକରି ମଣ୍ଡିରେ ଚାଷୀ ପଞ୍ଜିକରଣ କରି ମଣ୍ଡିରେ ବିକ୍ରି କରି ଲାଭବାନ ହୁଅନ୍ତୁ । ସର୍ବ ଶେଷରେ ବାମନଦେଇ ଉତ୍ପାଦକ କମ୍ପାନୀର ନିର୍ଦ୍ଦେଶକ ଶ୍ରୀମତୀ ଡ଼. ରାଇମତି ଘିଉରିଆ ଉପସ୍ଥିତ ସମସ୍ତ ଭଦ୍ରବ୍ୟକ୍ତି ତଥା ଅତିଥି ଏବଂ ଚାଷୀଙ୍କୁ ଧନ୍ୟବାଦ ଦେଇ ସଭା ସାଂଗ କରିଥିଲେ ।

## ୬ ଶହ ଲିଟର ପୋଚ ଜବତ

ଜୟପୁର, (ହି.ସ.)- ଜୟପୁର ସଦର ଥାନା ଅନ୍ତର୍ଗତ ଡିମଳା ଗ୍ରାମରେ ଆଜି ଅବକାରି ଚଢଉ ହୋଇଛି । ଡିମଳା ଗ୍ରାମରେ ଦେଶି ମଦ ପ୍ରସ୍ତୁତି ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ଥାନା ଓ ଅବକାରି ସେଟଲାଇଟ ବିଭାଗ ତରଫରୁ ମିଳିତ ଚଢଉ କରିଛି । ଚଢଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରୀ ବିଭାଗ ୩ଟି ମଦ ଭାଟି ଭଙ୍ଗିବା ସହ ୬ ଶହ ଲିଟର ପୋଚ ଜବତ କରି ନଷ୍ଟ କରିଛି । ମଦ ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଅବକାରି ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି । ଗତ ୧୮ ତାରିଖରେ ଡିମଳା ଗ୍ରାମର ମହିଳା ମାନେ ଜୟପୁର ଅବକାରି ଥାନାର ଦ୍ୱାରସ୍ଥ ହୋଇ ଗ୍ରାମର ଦେଶି ଓ ବିଦେଶି ମଦ ବନ୍ଦ କରିବାକୁ ଦାବି କରିଥିଲେ । ଗ୍ରାମର ଶତାଧିକ ମହିଳା ଏକତ୍ରିତ ହୋଇ ଅବକାରି ଥାନାର ଦ୍ୱାରସ୍ଥ ହୋଇ ଗ୍ରାମରେ ମଦ ଦୋକାନ ଖୋଲାଯାଇଥିବା ଯୋଗୁଁ ଅନେକ ସମୟରେ ଘର ମାଲିକ ମାନଙ୍କର ଅଶାନ୍ତି ସୃଷ୍ଟି ହେଉଛି । ଯୁବକ ମାନେ ଖରାପ ବାଟକୁ ଯାଉଛନ୍ତି । ତେଣୁ ଚଢଉ କରିବାକୁ ଦାବି କରାଯାଇଥିଲା । ଦାବିକୁ ଗୁରୁତ୍ୱର ସହ ନେଇ ଆଜି ଅବକାରି ବିଭାଗ ପକ୍ଷରୁ ମିଳିତ ଚଢଉ କରାଯାଇଛି ।

# 'ମାନବ ଜୀବନଚର୍ଯ୍ୟାରେ ବିଜ୍ଞାନ ଓ ଆଧାତ୍ମିକତାର ପ୍ରଭାବ'ସମ୍ପର୍କିତ ଆଲୋଚନାଚକ୍ର



ରାଉରକେଲା: ପୁରାତନ ଯୁଗରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ମନୁଷ୍ୟ ବିଜ୍ଞାନକୁ ନେଇ ଅଗ୍ରଗତି କରି ସୁଖ ସ୍ୱାଚ୍ଛନ୍ଦ୍ୟର ଜୀବନ ଗଢ଼ି ତୋଳିଛି । କିନ୍ତୁ ପ୍ରକୃତ ଆତ୍ମାର ସୁଖ ଓ ଶାନ୍ତିର ଅନୁସନ୍ଧାନରେ ମନୁଷ୍ୟ ଆଜି ଆଧାତ୍ମିକତା ଆଡ଼କୁ ଆଗେଇ ଚାଲିଛି ମନରେ ଅସୁମାରୀ ପ୍ରଶ୍ନ ନେଇ । ଏହାରି ଉପରେ ଆଲୋଚନା କରିବା ପାଇଁ ନୂଆଦିଲ୍ଲୀସ୍ଥିତ 'କର୍ପୋରେଟ ଆଶ୍ରମ' ଏବଂ 'ରାଉରକେଲା ଆସୋସିଏସନ୍ ଫର୍ ବାୟୋଜେନେସିସ୍ ଅଫ୍ ସାଇନ୍ସ ଏଣ୍ଡ ସ୍ପିରିଚୁଆଲିଟି' (ଆର୍‌ଏବିଏସଏସ)ର ମିଳିତ ଉଦ୍ୟମରେ ଛେଣ୍ଡ୍ କଲୋନୀସ୍ଥିତ ଗୋପବନ୍ଧୁ ପାଠାଗାରଠାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ରର ଶୀର୍ଷକ ଥିଲା ' ମାନବ ଜୀବନ ଚର୍ଯ୍ୟାରେ ବିଜ୍ଞାନ ଓ ଆଧାତ୍ମିକତାର ପ୍ରଭାବ' । ଆଲୋଚକ ଭାବେ ହାଇଟେକ୍ ମେଡିକାଲ୍ କଲେଜର ଉପ ଅଧୀକ୍ଷକ ଡାକ୍ତର ପ୍ରଫୁଲ୍ଲଚନ୍ଦ୍ର ମହାପାତ୍ର, ରାଉରକେଲା ଇସ୍ପାତ କାରଖାନାର ସେବା ନିବୃତ୍ତ ସହ ମହାପ୍ରବନ୍ଧକ ସୁବାସ ଚନ୍ଦ୍ର ମହାପାତ୍ର, ଖ୍ୟାତନାମା ଯୋଗ ଗୁରୁ ତଥା ସମାଜସେବୀ ଶ୍ରୀକାନ୍ତ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଏହି ବିଷୟ ଉପରେ ଆଲୋକପାତ କରିବା ସହ ବହୁ ମୂଲ୍ୟବାନ ଓ ଜ୍ଞାନଗର୍ଭକ ତତ୍ତ୍ୱ ସମ୍ମିଳିତ ବ୍ୟାଖ୍ୟା କରିଥିଲେ । ପ୍ରାରମ୍ଭରେ କର୍ପୋରେଟ ଆଶ୍ରମର ପ୍ରତିଷ୍ଠାତା ସଦସ୍ୟା ଲିପ୍ସା ମହାନ୍ତି, ଆର୍‌ଏବିଏସ୍‌ଏସ୍‌ର ଉପସଭାପତି ଦେବ ପ୍ରସାଦ ମହାପାତ୍ର ଏବଂ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଲିପ୍ସା ମହାନ୍ତି ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଦେବ ପ୍ରସାଦ ମହାପାତ୍ର ଆର୍‌ଏବିଏସ୍‌ଏସ୍‌ର ଜନ୍ମ, ଗଠନ ଓ ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ । ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ପୁରାତନ ଭାରତୀୟ ସଂସ୍କୃତି, ବିଜ୍ଞାନ, ପାଶ୍ଚାତ୍ୟ ଏବଂ ଭାରତୀୟ ବୈଜ୍ଞାନିକ ତଥା ଭାରତର ଆଧାତ୍ମିକ ଗୁରୁ ମାନେ କିପରି ବିଜ୍ଞାନ ଓ ଆଧାତ୍ମିକତା, ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ତାହା ନିଜର ପାଣ୍ଡିତ୍ୟ ପୂର୍ଣ୍ଣ ଅଭିଭାଷଣରେ ବର୍ଣ୍ଣନା କରି ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ସୁବାସ ଚନ୍ଦ୍ର ମହାପାତ୍ର ଶକ୍ତି କେତେ ପ୍ରକାର ଓ ସାରା ବ୍ରହ୍ମାଣ୍ଡରେ ତା'ର ଗୁରୁତ୍ୱ, ଅହଂର ସ୍ୱରୂପ ଏବଂ ଏହାର ଆବଶ୍ୟକତା ସମ୍ପର୍କରେ ବୈଜ୍ଞାନିକ ଦୃଷ୍ଟିକୋଣରୁ ବୁଝାଇଥିଲେ । ଶ୍ରୀକାନ୍ତ ଷଡ଼ଙ୍ଗୀ ଯୋଗ, ବିଜ୍ଞାନ ଓ ଆଧାତ୍ମିକତାର ସଂଜ୍ଞା ଏବଂ ସେମାନେ କିପରି ପରସ୍ପର ପରିପୂରକ ଖୁବ୍ ସୁନ୍ଦର ଭାବେ ବର୍ଣ୍ଣନା କରିଥିଲେ । ଆର୍‌ଏବିଏସ୍‌ଏସ୍‌ର ସାଧାରଣ ସମ୍ପାଦକ ଡଃ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ ସୁନ୍ଦର ଶବ୍ଦ ସମନ୍ୱୟରେ ତିନିଜଣ ବକ୍ତାଙ୍କର ବକ୍ତବ୍ୟକୁ ସଂକ୍ଷେପରେ ରଖି ବିଶ୍ୱର ସୃଷ୍ଟି, ପୃଥିବୀରେ ମଣିଷ ଓ ବିଜ୍ଞାନର ଅଗ୍ରଗତି ସହିତ ଆଧାତ୍ମିକତାର ଗୁରୁତ୍ୱ ଉପରେ ନିଜର ମତ ପ୍ରଦାନ କରି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ଆଲୋଚନାଚକ୍ରରେ ରାଉରକେଲାର ଅନେକ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

## ଡାଲମିଆ ସିମେଣ୍ଟ କାରଖାନା ଦୁର୍ଘଟଣା

### କାରଖାନା ଓ ବାଷ୍ପିତ ବିଭାଗ ଉପନିର୍ଦ୍ଦେଶକଙ୍କ ସହିତ ଆଲୋଚନା

ରାଉରକେଲା ,(ପିପିଏସ୍): ହିନ୍ଦ ମଜଦୁର ସଭାର ଏକ ପ୍ରତିନିଧି ମଣ୍ଡଳୀ ବରିଷ୍ଠ ଶ୍ରମିକ ନେତା ତଥା ଏନ୍‌ଏସ୍‌ପିସିଏଲ୍ ଏମ୍ପ୍ଲଇଜ ଆସୋସିଏସନର ସଭାପତି ହରେକୃଷ୍ଣ ପାଢୀଙ୍କ ନେତୃତ୍ୱରେ ଓଡିଶା ସରକାରଙ୍କ କାରଖାନା ଓ ବାଷ୍ପିତ ବିଭାଗର ଉପନିର୍ଦ୍ଦେଶକ ବିଭୁ ପ୍ରସାଦଙ୍କୁ ଏକସ୍ମାରକପତ୍ର ପ୍ରଦାନ କରିଥିଲେ । ଏହି ସ୍ମାରକପତ୍ର ପ୍ରଦାନବେଳେ ହିନ୍ଦ୍ ମଜଦୁର ସଭାର ରାଜ୍ୟ ସମ୍ପାଦକ ତଥା ସୁନ୍ଦରଗଡ଼ ଜିଲ୍ଲା ଶିଳ୍ପାଞ୍ଚଳ ଶ୍ରମିକ ସଭାର ସାଧାରଣ ସମ୍ପାଦକ ଦିଗମ୍ବର ମହାନ୍ତି, ଉମେଶ ଚନ୍ଦ୍ର ନାୟକ, ରଞ୍ଜିତ କୁମାର ନାଗ, ରାକେଶ ଚାନ୍ଦ, ଉମେଶଚନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସ୍ମାରକପତ୍ରରେ ଡାଲମିଆ ସିମେଣ୍ଟର ରିଫ୍ରାକ୍ଟରି ବିଭାଗ ଓ ସିମେଣ୍ଟ ବିଭାଗରେ ଓଭରହେଡ୍ ମକ୍ସବଭର, ମିଲ୍‌ହାଉସ୍, ବଏଲର ଏବଂ ଯନ୍ତ୍ରାଂଶଗୁଡ଼ିକର ନିୟମିତ ଭାବେ ମରାମତି, ରକ୍ଷଣାବେକ୍ଷଣ ସହିତ ଆବଶ୍ୟକସ୍ଥଳେ ପୁନଃନିର୍ମାଣ କାର୍ଯ୍ୟ କରାଯିବା ପାଇଁ ଉଲ୍ଲେଖ ରହିଛି । ତେବେ କାରଖାନା ଓ ବାଷ୍ପିତ ବିଭାଗର ଅନୁମତି ନ ମିଳିବା ପର୍ଯ୍ୟନ୍ତ ଉକ୍ତ ବିଭାଗରେ କାର୍ଯ୍ୟ ବନ୍ଦ ରହିବା ସହ ଆସନ୍ତା ୨୪ ତାରିଖରେ କାରଖାନାରେ କାରଖାନା ଓ ବାଷ୍ପିତ ବିଭାଗର ଅଧିକାରୀଙ୍କ ସହିତ ସମସ୍ତ ଶ୍ରମ ସଂଗଠନର ପ୍ରତିନିଧିମାନେ ଉପସ୍ଥିତ ରହି ଦୁର୍ଘଟଣାର ଉଚିତ୍ କାରଣ ଓ ତା'ର ନିରାକରଣ ନେଇ ଆଲୋଚନା ଜରୁରୀ ବୋଲି ଶ୍ରୀ ମହାନ୍ତି ଦାବି କରିଥିଲେ । ଏଥିପାଇଁ ସମସ୍ତ ଶ୍ରମ ସଂଗଠନର ପ୍ରତିନିଧିତ୍ୱ ରହିବ ବୋଲି ଶ୍ରୀ ପ୍ରସାଦ ସହମତି ପ୍ରଦାନ କରିଥିଲେ ।ଏହି ଆଲୋଚନାରେ ସହକାରୀ ନିର୍ଦ୍ଦେଶକ ଶୁଭେନ୍ଦୁ ଶେଖର ରାଉତ ଓ ଅନ୍ୟତମ ସହକାରୀ ନିର୍ଦ୍ଦେଶକ ସ୍ୱରାଜ କୁମାର ତ୍ରିପାଠୀ ମଧ୍ୟ ଉପସ୍ଥିତ ଥିଲେ ।

## ସବ୍‌ଡେଗା ବ୍ଲକ୍ ପରିସରରେ ଯୁଗ୍ମ ଜନଅଭିଯୋଗ ଶୁଣାଣି



ସୁନ୍ଦରଗଡ଼,(ପିପିଏସ୍): ସବ୍‌ଡେଗା ବ୍ଲକ ପରିସରଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ମନୋଜ ମହାଜନ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗର ଶୁଣାଣି କରିଥିଲେ । ଏହି ଶୁଣାଣି ଶିବିରରେ ମୋଟ ୧୦୬ ଗୋଟି ଅଭିଯୋଗ ଆସିଥିଲା । ସେଥିମଧ୍ୟରୁ ୪୬ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୬୦ ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୧୧ ଗୋଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା । ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ନିରାଶ୍ରୟଙ୍କ ଶବ ସତ୍କାରକଲେ ସ୍ୱେଚ୍ଛାସେବୀ



ଟିଟିଲାଗଡ଼, (ପିପିଏସ୍): ଟିଟିଲାଗଡ଼ ସହରରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ କେହି ଆତ୍ମୀୟସ୍ୱଜନ ନ ପହଞ୍ଚିବା ନେଇ ସ୍ଥାନୀୟ ସ୍ୱେଚ୍ଛାସେବୀ ଶବ ସତ୍କାର କରିବା ପ୍ରଶଂସାର ବିଷୟ ହୋଇଛି । ସୂଚନାଯୋଗ୍ୟ ଯେ ସ୍ୱାସ୍ଥ୍ୟ ବିଭାଗ ଅଧିନରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା କୃଷ୍ଣ ମିଶ୍ରଙ୍କ ରବିବାର ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ସେ ଦୀର୍ଘ ପ୍ରାୟ ୫୦ ବର୍ଷ ହେବ ସହରର ରଘୁନାଥ ପଡାରେ ବସବାସ କରୁଥିଲେ । କେହି ଆତ୍ମୀୟ ସ୍ୱଜନ ନଥିବାରୁ ତାଙ୍କ ମୃତଦେହ ଡାକ୍ତରଖାନାର ଫ୍ରିଜରରେ ରଖାଯାଇଥିଲା । ପରେ ଏନେଇ ଡାକ୍ତରଖାନା କର୍ତୃପକ୍ଷ ମୃତଦେହର ଅନ୍ତିମ ସଂସ୍କାର ପାଇଁ ଟିଟିଲାଗଡ଼ ଅଞ୍ଚଳର ବିଶିଷ୍ଟ ଯୁବ ସମାଜସେବୀ ତଥା ଟିଟିଲାଗଡ଼ ରକ୍ତଦାତା ସଂଘ ସଭାପତି ବନମାଲି ବେହେରାଙ୍କ ସହ ଯୋଗାଯୋଗ କରିଥିଲେ । ଏନେଇ ବନମାଳୀ ତାଙ୍କ ସହଯୋଗୀ ରାଜା ବଗର୍ତ୍ତୀ, ସନ୍ତୋଷ ପୋଡ଼, ଆଦିତ୍ୟ ଷଡ଼ଙ୍ଗୀ , ସହଦ୍ୱେ ବିଶ୍ୱାଳ, ଅଜୟ ସାହୁ , ଅଶୋକ ଦୋରା, ପାର୍ଥ ମଛଖଣ୍ଡ ପ୍ରମୁଖଙ୍କ ସହ ମୃତକଙ୍କ ଅନ୍ତିମ ସଂସ୍କାର ପାଇଁ ଆଗେଇ ଆସିଥିଲେ । ରାଜ୍ୟ ସରପଞ୍ଚ ମହାସଂଘ କାର୍ଯ୍ୟକାରୀ ସଭାପତି ବିରବର ସାହୁ ଯୁବ ସ୍ୱେଚ୍ଛାସେବୀଙ୍କ ସହ ଶ୍ମଶାନରେ ଶବ ସତ୍କାରରେ ସହଯୋଗ କରିଥିଲେ । ଯୁବ ସ୍ୱେଚ୍ଛାସେବୀଙ୍କ ଏଭଳି ସେବା କାର୍ଯ୍ୟ ନେଇ ବିଭିନ୍ନ ମହଲରେ ପ୍ରଶଂସାର ସୁଅ ଛୁଟିଛି ।

## ରେଙ୍ଗାଲି ବ୍ଲକରେ ଅଭିଯୋଗ ଶୁଣାଣି

ସମ୍ବଲପୁର: ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟ ଠାରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୫୩ ଟି ଆବେଦନ ଗ୍ରହଣ କରାଯାଇ ଥିଲା । ଯେଉଁଥିରୁ ୪୪ ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବା ବେଳେ ୦୮ ଟି ସମସ୍ୟା ଗ୍ରାମୀୟ ସମସ୍ୟା ସହିତ ଜଡିତ ଥିଲା । ୧୧ ଟି ଅଭିଯୋଗ, ଅନୁଷ୍ଠିତ ଅଭିଯୋଗ ଶୁଣାଣି ଠାରେ ସମାଧାନ କରା ଯାଇଥିଲା । ରେଡକ୍ରସ ଅଧୀନରେ ସହାୟତା ପାଇଁ ୦୧ ଗୋଟି ଆବେଦନ ପ୍ରାପ୍ତ ହୋଇଛି । ଆଜି ଜିଲ୍ଲାପାଳ ସମ୍ବଲପୁର ଅଭିଯୋଗ ଶୁଣାଣି ଠାରେ ଜଣେ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଟ୍ରାଇସାଇକେଲ ଏବଂ ୪ ଜଣ ହିତାଧିକାରୀଙ୍କୁ ହୁଇଲ ଚେୟାର ପ୍ରଦାନ କରିଥିଲେ ।

## ବହୁଭାଷୀ କବିତା ପାଠୋତ୍ସବ

ବଲାଙ୍ଗୀର: ଲୋକ ଉତ୍ସବ ଅବସରରେ ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ କୋଶଳ କଳାମଣ୍ଡଳ ପୁରୁଣା ମଂଚରେ ସର୍ବ ପ୍ରଥମେ ମାଁ ପାଟଣେଶ୍ୱରୀ ଓ ସମଲେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରି ଉଦ୍‌ଘାଟିତ ହୋଇଥିଲା । ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠି, ସଂମ୍ମାନ କମିଟି ଅଧକ୍ଷ ରାଜେନ୍ଦ୍ର କୁମାର ନାୟକ, ସହ ଅଧକ୍ଷ ରସରାଜ ଅଚ୍ୟୁତ ପୁରୋହିତ, ମୁଖ୍ୟବକ୍ତା ସନାତନ ଠାକୁର, ସମ୍ମାନିତ ଅତିଥି ଜୟ କୁମାର ଆଚାର୍ଯ୍ୟ, ଅତିଥି କବି ଜ୍ୟୋର୍ତିମୟୀ ସାହୁ ମଂଚାସିନ ଥିବା ବେଳେ ସଂଗୀତା ଦାଶ ମଂଚାସିନ ହୋଇ ପରିଚାଳନା କରିଥିଲେ । ଏହି ପାଠୋତ୍ସବରେ ବିଶିଷ୍ଟ କବି ପ୍ରହଲ୍ଲାଦ ଶତପଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କବିତା ଆସରରେ ଗାଁରୁ ସହର ପର୍ଯ୍ୟନ୍ତ କବିମାନେ ବିଭିନ୍ନ ଦିଗକୁ ନେଇ କବିତା ପାଠ କରିଥିଲେ । କବି ଓ ଦର୍ଶକ ବେଶ ମନ ଛୁଇଁଥିଲା । ଏହି ଅବସରରେ ଡ. ଘାସିରାମ ମିଶ୍ର, ଜଗଦାନନ୍ଦ ଛୁରିଆ, ମଧୁସୁଦନ ନାୟକ, କସ୍ତୁରୀ ରଥ, ସଂଜୟ ମିଶ୍ର, ପୁରୁଷୋତମ ମିଶ୍ର ତଥା ଶତାଧିକ କବି କବିୟତ୍ରୀ ଅଂଶଗ୍ରହଣ କରିଥିଲେ । ସହଯୋଗ କରିଥିଲେ ଲକ୍ଷ୍ମଣ ମେହେର, ପ୍ରଭାକର ମିଶ୍ର, କପିଳେଶ୍ୱର ଖମାରୀ, ଜୟକୃଷ୍ଣ ମିଶ୍ର, ଲଳିତ ସାହୁ, ଗୁଲାପ ବାଗ, ଦିଗାମ୍ବର ନାଏକ ପ୍ରମୁଖ ସହଯୋଗ କରିଥିଲେ । ମାନପତ୍ର ପଠନ କରିଥିଲେ ମଧୁ ସୁଦନ ନାୟକ ।

## ଘୁମୁରା ମହୋତ୍ସବରେ 'ଆଶା' ପୁରସ୍କୃତ



ଟିଟିଲାଗଡ଼(ପିପିଏସ୍): ଟିଟିଲାଗଡ଼ ସ୍ଥିତ ଆଞ୍ଚଳିକ ସମୃଦ୍ଧି ସାଧନ ଅନୁଷ୍ଠାନ (ଆଶା)ର ହରିୟାଲି ପ୍ରକଳ୍ପକୁ କଳାହାଣ୍ଡି ଘୁମୁରା ମହୋତ୍ସବ ଦ୍ୱାରା ସର୍ବପ୍ରଥମ ବ୍ୟବସାୟିକ ଷ୍ଟଲ୍ ଭାବେ ପୁରସ୍କୃତ କରାଯାଇଛି । ଏନେଇ ଅନୁଷ୍ଠାନର ସମ୍ପାଦକ ସଞ୍ଜୀବ ପଟ୍ଟନାୟକଙ୍କୁ ଉତ୍ସବ କମିଟି ପକ୍ଷରୁ ସଭାପତି ତଥା କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଏବଂ ଡ଼ିସିଓ ତଥା ସମ୍ପାଦକ ବିବେକାନନ୍ଦ ମହାନନ୍ଦ ପମାନପତ୍ର ପ୍ରଦାନ ସହ ପୁରସ୍କୃତ କରିଛନ୍ତି । ଉତ୍ସବ ଘୁମୁରା ଅବସରରେ ଉଭୟ ସଂସ୍ଥା ଦ୍ୱାରା ନିର୍ମିତ ଷ୍ଟଲରେ ମିଲେଟ ପ୍ରସ୍ତୁତ ସାମଗ୍ରୀ କିଣିବାକୁ ବିଳମ୍ବିତ ରାତିଯାଏଁ ନାହିଁ ନଥିବା ଭିଡ଼ ପରିଲକ୍ଷିତ ହୋଇଥିଲା । ଏହାର ଉତ୍କୃଷ୍ଟ ବ୍ୟବସାୟ ଓ ପୁରସ୍କାର ନେଇ ସମ୍ବଲ ଶକ୍ତି ଗୋଷ୍ଠୀର ପରମେଶ୍ୱର ରଣା, କୃଷକ ଉନ୍ନୟନ ଗୋଷ୍ଠୀର ଗୁପ୍ତେଶ୍ୱର ମାଝୀ, ଜାଡେନ ଗୋଷ୍ଠୀର ମଧୁମିତା ପଟ୍ଟନାୟକ ଜଦେନ ଉତ୍ସାହିତ ହୋଇଛନ୍ତି । ଏନେଇ ସିଏସ୍‌ଆର୍ ଯୁଗ୍ମ ପରିଚାଳକ କାର୍ତ୍ତିକ ସାହୁ ସମସ୍ତ ପରିଚାଳକ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଷ୍ଟଲ ପରିଚାଳନାରେ ସମୀର ପଟ୍ଟନାୟକ, ଯୁଗେଶ୍ୱର ଧରୁଆ , ଗୁଲାବ ନାୟକ ,ସରୋଜ ସାହୁ,ବିନୟ ମହାପାତ୍ର, ପିତମ କୁମ୍ଭାର,ପ୍ରବୀର ପ୍ରଧାନ, ଭବାନୀ ବେହେରା ଓ ସମ୍ଭୁ ବେନିଆ ଷ୍ଟଲ ପରିଚାଳନାରେ ସହଯୋଗ କରିଥିଲେ । ବର୍ତ୍ତମାନ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପକ୍ଷରୁ କ୍ଷୁଦ୍ର ଶସ୍ୟ ମିଲେଟ ଚାଷ ଏବଂ ଏହାର ପ୍ରକ୍ରିୟାକରଣ ଓ ବିକ୍ରୟ ଉପରେ ଗୁରୁତ୍ୱ ଦିଆଯାଉଥିବାବେଳେ ଆଶା ସଂସ୍ଥା ଏନେଇ ଉଲ୍ଲେଖନୀୟ କାର୍ଯ୍ୟ ଜାରି ରଖିଛି କ୍ଷ କଳାହାଣ୍ଡି-ରାୟଗଡା ଆଦିବାସୀ ଓ ଅନୁସୂଚିତ ଜାତିର ଲୋକଙ୍କ ପାରମ୍ପରିକ ଖାଦ୍ୟ ମାଣ୍ଡିଆ, ଗୁର୍ଜି, କୋଦୋ, କାଙ୍ଗୁ, କୋଶଲା ଆଦିକୁ ବିଭିନ୍ନ ସୁସ୍ୱାଦୁ ଖାଦ୍ୟଦ୍ରବ୍ୟରେ ପରିଣତ କରି ବଜାରରେ ପହଞ୍ଚାଇବା ପାଇଁ ସରକାରୀ ସ୍ତରରେ ତଥା ବିଭିନ୍ନ କୃଷି ଉତ୍ପାଦକ ଗୋଷ୍ଠୀ କାର୍ଯ୍ୟକ୍ରମ ଜୋରଦାର କରିଛନ୍ତି । ଏ ଦିଗରେ ରାୟଗଡା ଜିଲ୍ଲା ଟିକିରିସ୍ଥିତ ଉତ୍କଳ ଆଲୁମିନା ସିଏସଆର ପ୍ରକଳ୍ପ ଆନୁକୂଲ୍ୟରେ ପ୍ରୋଜେକ୍ଟ ହରିୟାଲୀ ଆଶା ଅନୁଷ୍ଠାନ ଦ୍ୱାରା ପରିଚାଳିତ ବିଲାମାଳର ଅଜିତାଇ କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ଼ ଦ୍ୱାରା ଏସବୁର ପ୍ରସ୍ତୁତି ଓ ବିକ୍ରିବଟା ଦାୟିତ୍ୱ ହାତକୁ ନିଆଯାଇଛି । ଚାରିଦିନ ଧରି ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଚାଲିଥିବା ୨୭ତମ କଳାହାଣ୍ଡି

## ଆତ୍ମସୁରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ

ବଲାଙ୍ଗିର, (ହି.ସ.)- ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ମହାବିଦ୍ୟାଳୟରେ ଯୁକ୍ତଦୁଇ ପ୍ରଥମ ବର୍ଷର ବାଳିକା ମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ସୋମବାର ଉଦଯାପିତ ହୋଇଯାଇଛି । କଲେଜ ଅଧକ୍ଷ ଡ. ହିମାଂଶୁ ଶେଖର ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ପଂଚାୟତ ସମିତି ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅନିତା ରାଣୀ ହୋତା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅମରପାଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଇଂରାଜୀ ବିଭାଗର ପ୍ରଧାପିକା ଗୀତାଞ୍ଜଳି ପୂଜାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଉଦଯାପନି ସଭାରେ ଆତ୍ମସୁରକ୍ଷା କୌଶଳ ଶିକ୍ଷାଲାଭ କରିବାର ଆବଶ୍ୟକତା ସମ୍ପର୍କରେ ଅତିଥି ମତ ଦେବାସହ ଛାତ୍ରୀ ମାନଙ୍କ ମନବଳକୁ ବଢାଇଥିଲେ । ସେହିପରି କାର୍ଯ୍ୟକ୍ରମର ସଂଯୋଜିକା ଅଧାପିକା ହରପ୍ରିୟା ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ସହ ସଂଯୋଜିକା ଅଧାପିକା ସୁପ୍ରଭା ନନ୍ଦ ଧନ୍ୟବାଦ ଅର୍ପଣ କରିବା ସହିତ ବିଷୟ ଭିତିକ ଆଲୋଚନା କରିଥିଲେ । ଏହି ଶିବିର ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ବେଳେ ୧୮ ତାରିଖ ପର୍ଯ୍ୟନ୍ତ ଜାରି ରହିଥିଲା । ଯେଉଁଥିରେ ୧୭୪ ଜଣ ଛାତ୍ରୀ ପ୍ରଶିକ୍ଷଣ ଗ୍ରହଣ କରିଥିବା ବେଳେ ମାଷ୍ଟର ଟ୍ରେନର ଭାବେ ସୁରଜ୍ୟୋତି ପଧାନ ଓ ଶିବାନୀ ପଧାନ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସୁବାଷ ଚନ୍ଦ୍ର ଶତପଥି, ଦିବାକର ଭୋଇ, ଶ୍ରୀରାମ ଦେହେରୀ, କଲାକାହ୍ନୁ ପଧାନ ପ୍ରମୁଖ ସହଯୋଗ କରିଥିଲେ ।

ଯେଉଁ ପ୍ରସ୍ତାବ କାର୍ଯ୍ୟକାରୀ ବୋଲି ସାବ୍ୟସ୍ତ ହେଉଛି, ଅଥଚ ସରକାର କରୁ ନାହିଁ, ତେବେ ସେ ସରକାର ଅପ୍ରିୟ ହୋଇ ଚାଲିଗଲେ ଆଉ ଯେ ସରକାର ଆସିବ ସେ ଉକ୍ତ ପ୍ରସ୍ତାବ ଅନୁସାରେ କାମ କରିବ । ଏହାକୁ ହିଁ କୁହାଯାଏ ଗଠନମୂଳକ ମନୋବୃତ୍ତି ବା ସମାଲୋଚନା ।

(ଗାଁ ମଜଲିସ୍, ୧ମ ଖଣ୍ଡ, ପୃଷ୍ଠା-୧୧୬)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୨୨।୦୧।୨୦୨୫ ■ ବୁଧବାର

# ବେତନ କମିଶନ ଜଡ଼ିତ ପ୍ରଶ୍ନ

ଅଷ୍ଟମ ବେତନ କମିଶନ ଗଠନକୁ ମଂଜୁରୀ ଦେବା ନେଇ କେନ୍ଦ୍ର ସରକାରଙ୍କ ନିର୍ଣ୍ଣୟ ପରେ ସରକାରୀ କର୍ମଚାରୀମାନଙ୍କ ମଧ୍ୟରେ ଖୁସିର ବାତାବରଣ ସୃଷ୍ଟି ହେବା ସ୍ୱାଭାବିକ । କମିଶନଙ୍କ ପ୍ରସ୍ତାବ ଲାଗୁ ହେଲେ ଅର୍ଥବ୍ୟବସ୍ଥା ଅଧିକ ବେଗଗାମୀ ଯେ ହେବ ଏଥିରେ ଦ୍ୱିମତ ନାହିଁ, ଯାହା ବିଶେଷକରି ବିଗତ ଦୁଇଟି ତ୍ରୈମାସିକରେ ସଂଘର୍ଷ କରୁଥିବା ପରିଲକ୍ଷିତ ହେଉଛି । କିନ୍ତୁ ଏସବୁ କଥା ଭିତରେ କର୍ମଚାରୀବର୍ଗ ଓ ସରକାରୀ ଅମଲାଙ୍କୁ ନେଇ କିଛି ଚିନ୍ତା ମଧ୍ୟ ରହିଛି, ଯାହା ଉପରେ ଦୃଷ୍ଟିଦେବା ଆବଶ୍ୟକ । ଦେଶରେ ସରକାରୀ କଳ ଜରିଆରେ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରି ସାଧାରଣ ଲୋକଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବାରେ କର୍ମଚାରୀମାନଙ୍କ ବେତନ ମଧ୍ୟ ସନ୍ତୋଷଜନକ ହେବା ଦରକାର । ଏହା ଜରୁରୀ କାରଣ ଦେଶର ମହତ୍ତ୍ୱାକାଂକ୍ଷୀ ଓ ଯୋଗ୍ୟ ଯୁବବର୍ଗଙ୍କର ଅସଲ ଏଇ ସର୍ଭିସ ବା ଚାକିରି ପ୍ରତି ରହିବା ଦରକାର । ୟଙ୍ଗ ଟାଲେଣ୍ଟଙ୍କର ଆଡ଼େ ଆକର୍ଷଣ ଜାରି ରହିବା ଏହି ଚାକିରିର କ୍ୱାଲିଟିକୁ ବଜାୟ ରଖିବାରେ ସହାୟକ ହେବ, ସରକାରୀ ଚାକିରି ଯଦି ଉତ୍ତମ ଯୁବବର୍ଗଙ୍କୁ ଆକର୍ଷିତ କରିପାରିବ ନାହିଁ ତେବେ ସରକାରୀ କଳ ମଧ୍ୟ ସଠିକ୍ ଭାବେ କାର୍ଯ୍ୟ କରିପାରିବ ନାହିଁ ।

ସରକାରୀ କର୍ମଚାରୀମାନଙ୍କ ବେତନ ବୃଦ୍ଧି ସେ ଦୃଷ୍ଟିରୁ ଅତ୍ୟାବଶ୍ୟକ । ତାହା ସହିତ ମଧ୍ୟ ଏ କଥାକୁ ଭୁଲିଯିବା ଉଚିତ ହେବ ନାହିଁ ଯେ ଏହି ଦରମା ବୃଦ୍ଧି ମଧ୍ୟ ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିଆସିଛି । ଏକଥା ଅନେକ ଗୁରୁତ୍ୱ ବହନ କରୁଛି କାରଣ ଭାରତୀୟ ଅର୍ଥବ୍ୟବସ୍ଥାରେ ଖାଉଟିଙ୍କ ଚାହିଦାରେ ପ୍ରାୟ ୬୦ ପ୍ରତିଶତ ଯୋଗଦାନ ରହିଛି । ଏବେ ସମସ୍ୟା ହେଉଛି ଅର୍ଥବ୍ୟବସ୍ଥାରେ ଚାହିଦା ଆଶା ମୁତାବକ ବୃଦ୍ଧି ପାଉନାହିଁ । ତେଣୁ ଆଶା କରାଯାଉଛି ଯେବେ ବେତନ କମିଶନଙ୍କ ସୁପାରିଶ ଆସିବା ପରେ ତାହା ଲାଗୁ ହେବ ସେତେବେଳେ ଅର୍ଥବ୍ୟବସ୍ଥାରେ ଚାହିଦା ବୃଦ୍ଧି ପାଇବ ଯାହାକି ଅର୍ଥବ୍ୟବସ୍ଥାକୁ ଚଳଚଞ୍ଚଳ କରାଇବାରେ ସହାୟକ ହେବ । ସରଳ ଭାବେ କହିଲେ, କର୍ମଚାରୀମାନେ ହେଉଛନ୍ତି ମୁଖ୍ୟତଃ ଖାଉଟି । ସେମାନେ ସବୁ ଜିନିଷ କିଣନ୍ତି । ତାଙ୍କ ହାତକୁ ଅଧିକ ପଇସା ଦରମା ଆକାରରେ ଆସିଲେ ତାହା ସେମାନେ ଅଧିକ ଖର୍ଚ୍ଚ କରିବେ, କିଛି ସଞ୍ଚୟ ବି କରିବେ । ଏହାଦ୍ୱାରା ଅର୍ଥନୀତି ଚଳଚଞ୍ଚଳ ହେବ । ଲୋକଙ୍କ ଚାହିଦା ବଢ଼ିଲେ ତାହାକୁ ପୂରଣ କରିବା ଲାଗି ଜିନିଷର ଉତ୍ପାଦନ ମଧ୍ୟ ବଢ଼ିବ । କାରଖାନାରେ ଉତ୍ପାଦନ ବଢ଼ାଇବାକୁ ହେଲେ ଶ୍ରମିକଙ୍କୁ ଅଧିକ ନିଯୁକ୍ତିର ସୁଯୋଗ ମଧ୍ୟ ମିଳିବ । ଏ ଚକ୍ର ଯୋଗୁଁ ଦେଶର ଅର୍ଥବ୍ୟବସ୍ଥା ତ୍ୱରାନ୍ୱିତ ହେବ ।

ତେବେ ଭୁଲିଯିବା ଉଚିତ ନୁହେଁ ଯେ ଯଦି ଦେଶକୁ ୨୦୪୭ ମସିହା ସୁଦ୍ଧା ବିକଶିତ ଅର୍ଥବ୍ୟବସ୍ଥା ଭାବେ ଗଢ଼ିବାକୁ ଅଛି ତେବେ ବଡ଼ ସୁଧାରକୁ ଆଉ ଅଧିକ କାଳ ଟାଳିଦେଇ ହେବନାହିଁ । ଏଥିରେ ଜମି ଓ ଶ୍ରମ କ୍ଷେତ୍ରରେ ସୁଧାର ଆଣିବା ସହ ବ୍ୟୁରୋକ୍ରାସି ବା ଅମଲାତନ୍ତ୍ର ସଂକ୍ରାନ୍ତରେ ବୃଦ୍ଧି ପାଇଚାଲିଥିବା ଖର୍ଚ୍ଚ ଉପରେ ଲଗାମ୍ କଷିବାର ଆବଶ୍ୟକତାକୁ ମଧ୍ୟ ଅଣଦେଖା କରାଯାଇ ପାରିବ ନାହିଁ । ସରକାର ମଧ୍ୟ ଅପବ୍ୟୟକୁ ରୋକିବା ଦରକାର । ତେଣୁ ସରକାରୀ ତନ୍ତ୍ରରେ ଶୀଘ୍ର ସୁଧାର ଆଣିବା ପାଇଁ ପଦକ୍ଷେପ ନେବା ଜରୁରୀ । ସରକାରୀ କର୍ମଚାରୀମାନଙ୍କ ବେତନ, ଭତ୍ତା ତଥା ପେନସନ ବାଦେ ଖର୍ଚ୍ଚର ବୋଝ ଏତେ ଅଧିକ ହୋଇଗଲାଣି ଯେ ଖାଲି ପଦ ଭରିବା ସରକାରଙ୍କ ଲାଗି କଷ୍ଟକର ହୋଇଗଲାଣି । ସରକାରୀ ଚାକିରିକୁ ଆକର୍ଷିତ କରି ରଖିବା ଅବଶ୍ୟ ଜରୁରୀ, କିନ୍ତୁ ପାଠ ପଢ଼ିଥିବା ଯୋଗ୍ୟ ଯୁବବର୍ଗ କେବଳ ସରକାରୀ ଚାକିରି ଅପେକ୍ଷାରେ ବସିରହିବା ମଧ୍ୟ ଠିକ୍ ନୁହେଁ । ଏକପକ୍ଷରେ ଜବ୍‌ଲେସ୍ ଗ୍ରୋଥ ଓ ଅନ୍ୟ ପକ୍ଷେ ସରକାରୀ ନିଯୁକ୍ତି ନେଇ ଅଘୋଷିତ ରୋକ, ସ୍ଥିତିକୁ ଗମ୍ଭୀର କରିଦେଇପାରେ ।

ତେଣୁ ନିର୍ଣ୍ଣୟ ନେବାବେଳେ ସବୁଆଡୁ ବିଚାର କରିବା ଦରକାର ।□□

# ତିନିଗୋଟି ଆଶ୍ରମ

ସୃଷ୍ଟି ବିକାଶର ଦୁଇଟି ମୁଖ୍ୟ ସ୍ତମ୍ଭ ହେଉଛନ୍ତି ପୁରୁଷ ଆଉ ନାରୀ। ସେମାନଙ୍କ ମିଳନ ଓ ଉଦ୍ୟମରେ ସୃଷ୍ଟିର ଧାରା ବିସ୍ତାରିତ ହୋଇଛି। ପରମାତ୍ମାଙ୍କ ସଙ୍କଳ୍ପରୁ ସୃଷ୍ଟି ହୋଇଥିବା ବିଶାଳ ସଂସାର ବୃକ୍ଷର ମୌଳିକ ରୂପ ହେଲେ ପୁରୁଷ ଓ ନାରୀ। ସେମାନେ ପତି ପତ୍ନୀ ରୂପରେ ଗଢ଼ିଲେ ପରିବାର। ପରିବାରର ବିସ୍ତାରରେ ବିସ୍ତାରିତ ହେଲା ସଂସାର। ଭାରତୀୟ ପରମ୍ପରାରେ ସନାତନ ସଂସ୍କୃତିର ମନୁ ଓ ସତରୂପାଙ୍କୁ ଆଦିପୁରୁଷ ଓ ଆଦ୍ୟାନାରୀ ଭାବେ ବିବେଚନା କରାଯାଏ। ମନୁ ମହାରାଜ ଯାହା ଯାହା ମାନସ କଲେ ପତ୍ନୀ ସତରୂପା ସେହି ସେହି ରୂପରେ ଅଭିବ୍ୟକ୍ତ ହୋଇଗଲେ। ନାରୀ ପୁରୁଷଙ୍କ ମିଳନରେ ସୃଷ୍ଟିର ବିକାଶର ଧାରା ପରିବ୍ୟାପ୍ତ ହେଲା। ନାରୀ ହେଲେ ପୁରୁଷର ଅର୍ଦ୍ଧାଙ୍ଗିନୀ, ସହଧର୍ମିଣୀ, ସହକର୍ମିଣୀ ପ୍ରାଣପ୍ରିୟା ପତ୍ନୀ। ପତି ପତ୍ନୀଙ୍କୁ ନେଇ ଧର୍ମ ସାଧନାର କେନ୍ଦ୍ର ରୂପେ ଗଢ଼ି ଉଠିଲା ପରିବାର।

ସନାତନ ସଂସ୍କୃତିରେ ଚତୁର୍ବର୍ଗ ପ୍ରାପ୍ତି ସହିତ ପରିପୂର୍ଣ୍ଣ ଜୀବନ ଯାପନ ବିଷୟରେ ପ୍ରାଧାନ୍ୟ ପ୍ରଦାନ କରାଯାଇଛି। ସୁଖଦ ସୁନ୍ଦର ଶୃଙ୍ଖଳିତ ଜୀବନ ସହିତ ସୁସ୍ଥ ସମାଜ ଗଠନ ଉଦ୍ଦେଶ୍ୟରେ ମାନବର ଜୀବନ କାଳକୁ ଚାରିଗୋଟି ଆଶ୍ରମରେ ବିଭକ୍ତିକରଣ କରାଯାଇଛି। ସେ ସବୁ ହେଲେ - ବ୍ରହ୍ମଚର୍ଯ୍ୟାଶ୍ରମ, ଗାର୍ହସ୍ୟାଶ୍ରମ, ବାନପ୍ରସ୍ଥାଶ୍ରମ ଓ ସନ୍ୟାସାଶ୍ରମ। ଏକ ପରିପୂର୍ଣ୍ଣ ଜୀବନର କାଳଖଣ୍ଡକୁ ଯଦି ଶହେ ବର୍ଷ କଳନା କରାଯାଏ ତେବେ ପ୍ରଥମ ୨୫ ବର୍ଷ ବ୍ରହ୍ମଚର୍ଯ୍ୟାଶ୍ରମ। ଏହା ହେଲା ବିଦ୍ୟାର୍ଥୀ ଜୀବନ। ଏହି ଆଶ୍ରମରେ ଜୀବନ ନିର୍ମାଣର ଭିତ୍ତି ସ୍ଥାପନ ହୋଇଥାଏ। ଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠା ହୁଏ ସୁଦୃଢ଼ ଗାର୍ହସ୍ଥ୍ୟ ଜୀବନ। ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆଶ୍ରମ। ଗାର୍ହସ୍ଥ୍ୟ ଧର୍ମ ପାଳନ ଅତ୍ୟନ୍ତ କଠିନ। ଏହି ଆଶ୍ରମରେ ସୃଷ୍ଟି କରିବାର, ପୋଷଣ କରିବାର ଏବଂ ଉତ୍ତର ଦାୟିତ୍ୱ ନିର୍ବାହର କ୍ଷମତା ନ୍ୟସ୍ତ ଥାଏ। ଅନ୍ୟ ତିନିଗୋଟି ଆଶ୍ରମ ସେମାନଙ୍କ ଜୀବନ ନିର୍ବାହ ପାଇଁ ଏହି ଆଶ୍ରମ ଉପରେ ନିର୍ଭରଶୀଳ ଥାଆନ୍ତି। ବିଦ୍ୟାର୍ଥୀ ବିଦ୍ୟା ଅଧ୍ୟୟନ କରିବ, ବାନପ୍ରସ୍ଥ ତୀର୍ଥାଟନ ଓ ଅନୁଭୂତି ଅର୍ଜନରେ ସମୟ ଅତିବାହିତ କରିବ। ସନ୍ୟାସୀ ସବୁର ନ୍ୟାସ କରି ଆତ୍ମ ଚିନ୍ତନରେ ମଗ୍ନ ରହିବ। ହେଲେ ଏହି ସମସ୍ତଙ୍କର ଭରଣ ପୋଷଣ, ଜୀବନ ଧାରଣ, ସେବା ଶୁଶ୍ରୁଷା, ସୁଖ, ସ୍ୱାଚ୍ଛନ୍ଦ୍ୟ ଆଦି ସବୁ ଦାୟିତ୍ୱ ଗୃହସ୍ଥ ଉପରେ ଥାଏ। କଠୋର ପରିଶ୍ରମ କରି ନିଜେ ଆୟ କରିବ, ତା ଆୟରେ ଅନ୍ୟମାନଙ୍କୁ ପୋଷଣ କରିବ ଏବଂ ନିଜେ ମଧ୍ୟ ତ୍ୟାଗ ଭାବ ନେଇ ଜୀବନ ନିର୍ବାହ କରିବା ଏହା ହେଉଛି ଜଣେ ଗୃହସ୍ଥ ପାଇଁ ଆତ୍ମ କଲ୍ୟାଣର ପ୍ରକୃଷ୍ଟ ମାର୍ଗ।

ଭାରତୀୟ ସଂସ୍କୃତିର ଆଦର୍ଶ ହେଉଛନ୍ତି ଶିବ। ଶିବଙ୍କ ପରିବାର ଏକ ଦିବ୍ୟ ପରିବାର। ପତି ସର୍ବତ୍ୟାଗୀ ସ୍ମଶାନବାସୀ ପତ୍ନୀ ଐଶ୍ୱର୍ଯ୍ୟ ପଶ୍ୟା ରାଜକନ୍ୟା। ସମସ୍ତ ଐଶ୍ୱର୍ଯ୍ୟକୁ ପାଦରେ ଆଡ଼େଇ ଦେଇ ଲଙ୍ଗଳା ଫକୀରର ସେବା ପାଇଁ କଠୋର ତପସ୍ୟାରତ ସନ୍ତାନମାନେ ମଧ୍ୟ ବିଚିତ୍ର ରୁଚିର। ସମସ୍ତଙ୍କର ବାହାନ ଭିନ୍ନ ଧର୍ମା। ଖାଦ୍ୟ ଖାଦକ ସମ୍ପର୍କ।

ହେମନ୍ତ କୁମାର ପରିଡ଼ା

ସିଡିଏ, କଟକ

# ଡାଟା ସୁରକ୍ଷାକୁ ନେଇ ଉଦ୍‌ବେଗ

**ହିତାଂଶୁ ଶେଖର ମହାନ୍ତ**

କେନ୍ଦ୍ର ସରକାର ହାଲିକୁ ଡିଜିଟାଲ ବ୍ୟକ୍ତିଗତ ଡାଟା ସୁରକ୍ଷା ନିୟମ-୨୦୨୫ (ଡିପିଡିପି)ର ଡ୍ରାଫ୍ଟ ଜାରି କରିଛନ୍ତି । ଏହା ଡିଜିଟାଲ ବ୍ୟକ୍ତିଗତ ଡାଟା ସୁରକ୍ଷା ଆଇନ-୨୦୨୩ର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାକୁ ବାଟ ଫିଟାଇଛି । ବର୍ଷେ ତଳେ ଏହି ଆଇନ ସଂସଦରେ ଗୃହୀତ ହୋଇଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରିବାକୁ ଯେଉଁ ନିୟମ ପ୍ରଣୟନ କରାଯିବ, ତାହା ଏପର୍ଯ୍ୟନ୍ତ ବିକଶିତ ହେଉଛି । ବର୍ତ୍ତମାନ କେବଳ ଜନସାଧାରଣଙ୍କ ପରାମର୍ଶ ପାଇଁ ଡ୍ରାଫ୍ଟକୁ ପ୍ରସ୍ତୁତ କରାଯାଇଛି ।

ଏହି ଡ୍ରାଫ୍ଟ ନିୟମକୁ ଆସନ୍ତା ଫେବୃଆରି ୧୮ ତାରିଖ ପର୍ଯ୍ୟନ୍ତ ଜନସାଧାରଣଙ୍କ ମତାମତ ପାଇଁ ଉନ୍ମୁକ୍ତ ରଖାଯାଇଛି । ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରାଳୟ ମାଇଁଗଭ ପୋର୍ଟାଲରେ କହିଛି ଯେ, ଏହି ମତାମତଗୁଡ଼ିକ କୌଣସି ପରିସ୍ଥିତିରେ ମଧ୍ୟ ସାର୍ବଜନୀନ କରାଯିବ ନାହିଁ । ବର୍ତ୍ତମାନ କୁହାଯାଇ ପାରିବ, ଦୀର୍ଘଦିନ ପରେ ହେଉ ପଛକେ ଏହା ଭାରତୀୟଙ୍କ ପାଇଁ ତଥ୍ୟଗତ ଓ ସୂଚନାଗତ ଗୋପନୀୟତାର ମୂଳ ଅଧିକାର ଲାଗୁ କରିବା ଦିଗରେ ଏକ କ୍ଷୀଣ ପ୍ରଗତି । ବିଚାରପତି 'ଜଷ୍ଟିସ କେ. ଏସ୍. ପୁଟ୍ଟାସ୍ୱାମୀ ବନାମ ଭାରତ ସଂଘ' ଭଳି ଐତିହାସିକ ମାମଲାରେ ୨୦୧୭ ମସିହାରେ ହିଁ ସୁପ୍ରିମ କୋର୍ଟ ଏହି ଅଧିକାର କଥା ଉଲ୍ଲେଖ କରିଥିଲେ । ତେଣୁ ଏହା ନିଃସନ୍ଦେହରେ କୁହାଯାଇପାରେ, ଦୀର୍ଘ ୭ ବର୍ଷ ଅପେକ୍ଷାର କୁପରିଣାମ ଭାରତରେ ଡାଟା ପ୍ରାଇଭେସିକୁ ଭୋଗିବାକୁ ପଡ଼ିଛି । କାରଣ ଏହି ସମୟ ମଧ୍ୟରେ ହିଁ ଡିଜିଟାଲ୍ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଦେଖିବାକୁ ମିଳିଥିଲା । ଏ ସମ୍ପର୍କରେ ପ୍ରସ୍ତାବିତ ନିୟମ କହୁଛି, ଅନ୍‌ଲାଇନ୍ ସେବାଗୁଡ଼ିକ ପାଇଁ ଉପଭୋକ୍ତାଙ୍କୁ ଡାଟା ସଂଗ୍ରହର ଉଦ୍ଦେଶ୍ୟ ସମ୍ପର୍କରେ ସୂଚାଇବା ସାଙ୍ଗକୁ ଛୋଟ ପିଲାଙ୍କ ଅନ୍‌ଲାଇନ୍ ଡାଟାର ସୁରକ୍ଷା କରିବା ଏବଂ 'ଡାଟା ଫିଡୁସିଆରୀ' ନିମନ୍ତେ ଡିପିଡିପି ଆଇନ ଏକ ଆଇନଗତ ଢାଞ୍ଚା ପ୍ରଦାନ କରିବ, ଯାହା 'ଡାଟା ପ୍ରିନ୍ସିପାଲ' କିମ୍ବା ଉପଭୋକ୍ତାଙ୍କଠାରୁ ବ୍ୟକ୍ତିଗତ ଡାଟା ସଂଗ୍ରହ କରୁଥିବା ସଂସ୍ଥାଗୁଡ଼ିକ ଯେପରି ଏହାର ଅପବ୍ୟବହାର ନ କରିବେ ତାହା ଉପରେ ନଜର ରଖିବ, ତତ୍ ସଙ୍ଗେ ସଙ୍ଗେ ଡାଟା ସୁରକ୍ଷା ନୀତିର ଉଲ୍ଲଂଘନ କରୁଥିବା ସଂସ୍ଥାଗୁଡ଼ିକୁ ଦଣ୍ଡିତ କରିବ ।

କେତେକ କ୍ଷେତ୍ରରେ ଯଦି କୌଣସି ଉପଭୋକ୍ତା ଦୀର୍ଘ ସମୟ ଧରି ଇ-କମର୍ସ ପ୍ରୋଭାଇଡର, ସୋସିଆଲ ମିଡିଆ ପ୍ଲାଟଫର୍ମ କିମ୍ବା ଅନ୍‌ଲାଇନ୍ ଗେମିଂ ସେବା ବ୍ୟବହାର କରୁନାହାଁନ୍ତି, ତେବେ ନିୟମାନୁଯାୟୀ, ୪୮ ଘଣ୍ଟାର ଆଗୁଆ ନୋଟିସ୍ ଏବଂ ଡିଲିଟ୍ ବନ୍ଦ କରିବା ପାଇଁ ସମୟ ପ୍ରଦାନ କରିବା ପରେ ସେମାନଙ୍କ ଡାଟା ଡିଲିଟ୍ କରିବାକୁ ପଡ଼ିବ । ତା' ଛଡ଼ା ଡାଟା ସୁରକ୍ଷା ଅଧିକାରୀଙ୍କ ଯୋଗାଯୋଗ ସୂଚନା ଡାଟା ସିକ୍ୟୁରିଟି ୱେବ୍ ସାଇଟ୍‌ରେ ପ୍ରଦାନ କରିବା ବାଧ୍ୟତାମୂଳକ ହେବ । ଏହି ଆଇନ ପାଳନକୁ କଡ଼ାକଡ଼ି କରିବାକୁ ଡାଟା ପ୍ରଦାନକାରୀମାନେ ସମୟ ସମୟରେ ଅଡିଟ୍ ବା ଯାଞ୍ଚ କରିବା ଆବଶ୍ୟକ ବୋଲି ନିୟମରେ ଉଲ୍ଲେଖ ଅଛି । ଏ ପରିପ୍ରେକ୍ଷୀରେ ଭାରତୀୟ ଡାଟା ସୁରକ୍ଷା ବୋର୍ଡ (ଡିପିବିଆଇ) ସ୍ଥାପନ ଅତ୍ୟାବଶ୍ୟକ ହୋଇପଡ଼ିଛି । କାରଣ ଡାଟା ଲିକ୍ ହେବାର ୭୨ ଘଣ୍ଟା ମଧ୍ୟରେ ଏହାକୁ ଜଣାଇବାକୁ ସୂଚାଇ ଦିଆଯାଇଛି । ତେବେ ସରକାରୀ ଏଜେନ୍ସୀଗୁଡ଼ିକୁ ଉପରୋକ୍ତ ଅଧିନିୟମ ପରିସରରୁ ବାହାରେ ରଖାଯିବା ନିମନ୍ତେ ମାନକ ନିର୍ଦ୍ଧାରଣ କରିବାକୁ ପଡ଼ିବ । କୌଣସି ଡାଟା ଏଜେନ୍ସୀଙ୍କ ଦ୍ୱାରା ବ୍ୟକ୍ତିଗତ ଡାଟା ଉଲ୍ଲଂଘନ କରାଗଲେ ସେଥିପାଇଁ ନିଆଯିବାକୁ ଥିବା ଆଇନ ବ୍ୟବସ୍ଥା ମଧ୍ୟ ସ୍ପଷ୍ଟ ଭାବରେ ନିର୍ଦ୍ଧାରଣ ହେବା ଉଚିତ । ନାବାଳକ ବା ଛୋଟପିଲାଙ୍କ କ୍ଷେତ୍ରରେ ମଧ୍ୟ ଉପଯୁକ୍ତ ବୈଷୟିକ ଏବଂ ସାଂଗଠନିକ ପଦକ୍ଷେପ ଗ୍ରହଣ କରାଯିବ, ଯାହାଦ୍ୱାରା ସେମାନଙ୍କର କୌଣସି ବ୍ୟକ୍ତିଗତ ତଥ୍ୟ ବ୍ୟବହାର ପୂର୍ବରୁ ମାତାପିତା କିମ୍ବା ଅଭିଭାବକଙ୍କ ସମ୍ମତି ନେବା ବାଧ୍ୟତାମୂଳକ ରହିବ । ତେବେ ପ୍ରସ୍ତାବିତ ଡିପିବିଆଇର ରୂପରେଖ ସହ ଉପୁଜିବାକୁ ଥିବା ସମସ୍ୟାର ସମାଧାନ ଏହି ପ୍ରସ୍ତାବିତ ନିୟମାବଳିରେ ନାହିଁ । ଏଭଳି ସମସ୍ୟା ଉପୁଜିବା ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ ।

ତେବେ ସରକାର ଏପରି ଏକ ଗୁରୁତ୍ୱପୂର୍ଣ୍ଣ ନୀତିର ନିୟମ ନିର୍ମାଣ ପ୍ରକ୍ରିୟାକୁ ଗୋପନୀୟ ରଖିବାକୁ ନେଇ ବିଭିନ୍ନ କ୍ଷେତ୍ରରୁ ମଧ୍ୟ ସମାଲୋଚନାର ସ୍ୱର ଉଠୁଛି । ଡାଟା ସୁରକ୍ଷା ନିମନ୍ତେ ପ୍ରଥମେ ଆଇନର ଡ୍ରାଫ୍ଟ ପ୍ରସ୍ତୁତ କରିବା ନିମନ୍ତେ ଜଷ୍ଟିସ୍ ବି. ଏନ୍. ଶ୍ରୀକୃଷ୍ଣ କମିଟିଙ୍କ ବୈଠକ ଡାକିବାଠାରୁ ନେଇ ବର୍ତ୍ତମାନ ପର୍ଯ୍ୟନ୍ତ ସରକାର ବିଭିନ୍ନ ବ୍ୟକ୍ତିବିଶେଷଙ୍କ ପକ୍ଷରୁ କରାଯାଇଥିବା ସୁପାରିଶଗୁଡ଼ିକୁ ସାର୍ବଜନୀନ କରିବାକୁ ନାସ୍ତିବାଣୀ ଶୁଣାଇ ଆସିଛନ୍ତି ଏବଂ ଏହି ଡ୍ରାଫ୍ଟ ନିୟମର ଖୁଲାସା ଉପରେ ମଧ୍ୟ କଟକଣା ଲଗାଇଛନ୍ତି । ଯେଉଁଠି ବ୍ୟକ୍ତିଗତ ଉପଭୋକ୍ତାମାନଙ୍କ ସହ ବୈଷୟିକ ଜ୍ଞାନକୌଶଳରେ ସମୃଦ୍ଧ ବଡ଼ ବଡ଼ କମ୍ପାନୀଗୁଡ଼ିକର ଭାଗ୍ୟ ମଧ୍ୟ ବାଜିରେ ଲାଗିଛି, ସେଭଳି କ୍ଷେତ୍ରରେ ଏଭଳି ଆଇନ ନିମନ୍ତେ ବିଚାର-ବିମର୍ଶ ନିତାନ୍ତ ଆବଶ୍ୟକ । ସେତେବେଳେ ଯାଇ ଏହାକୁ ସୁଗମ ବୋଲି ମନେକରାଯିବ, ଯେତେବେଳେ ଶିଳ୍ପୋଦ୍ୟୋଗୀ ସଂଘ ଏବଂ ସାଧାରଣ ଜନତା ଏହି ବିଚାର-ବିମର୍ଶ ପ୍ରକ୍ରିୟାରେ ପାରସ୍ପରିକ ଦୃଷ୍ଟିକୋଣକୁ ଭଲଭାବରେ ବୁଝିବାର ସୁଯୋଗ ପାଇବେ ।

ସରକାର ମଧ୍ୟ ଏସବୁକୁ ଧ୍ୟାନରେ ରଖି ଆଗେଇବା ଆବଶ୍ୟକ । ଏଥିସହ ଡାଟା ସୁରକ୍ଷା ଆଇନ ତା'ର ଲକ୍ଷ୍ୟରୁ ବିଚ୍ୟୁତ ନ ହେବା ଆବଶ୍ୟକ । ଡାଟା ସଂଗ୍ରହକୁ କମ୍ କରିବା, ଖୁଲାସା ବା ଡିସକ୍ଲୋଜର୍‌ରେ ଅଭିବୃଦ୍ଧି, ଡାଟା ସୁରକ୍ଷାରେ ବ୍ୟକ୍ତିଗତ ଡାଟା ବ୍ୟବହାର କରୁଥିବା ଏଜେନ୍ସୀର ଦାୟିତ୍ୱହୀନତା ପାଇଁ ଦଣ୍ଡିତ କରିବା ଏବଂ ବ୍ୟକ୍ତିଗତ କିମ୍ବା ସରକାରୀ ସଂସ୍ଥାର ସର୍ବେକ୍ଷଣ କାର୍ଯ୍ୟରେ ରୋକ୍ ଲଗାଇବା ହେଉଛି ଏହାର ଲକ୍ଷ୍ୟ । ଅତଏବ ଏହି ପ୍ରକ୍ରିୟାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ହେବ, କାରଣ ଭାରତୀୟଙ୍କ ପାଇଁ ୨୦୧୭ ମସିହାରୁ ହିଁ ଯେଉଁ ଅଧିକାର କଥା ଉଲ୍ଲେଖ କରାଯାଇଛି, ସେମାନେ ଦୀର୍ଘ ସମୟରୁ ଯାହାର ଅପେକ୍ଷାରେ ରହିଛନ୍ତି, ତାହା ଅନ୍ତତଃ ସେମାନଙ୍କ ପାଇଁ ଏକ ସାନ୍ତ୍ୱନା ପାଲଟିବ । ଅନ୍ୟଥା ସରକାରୀ ଏଜେନ୍ସୀଗୁଡ଼ିକ ସହିତ ଘରୋଇ ଉଦ୍ୟୋଗ ଏବଂ ବ୍ୟକ୍ତିଗତ ସ୍ତରରେ ମଧ୍ୟ ଡାଟା ସଂରକ୍ଷଣ ନେଇ ସରକାରଙ୍କ ଗମ୍ଭୀରତା ପ୍ରତି ଲାଗିଥିବା ପ୍ରଶ୍ନଚିହ୍ନରେ ସୁଧାର ଆସିବ ନାହିଁ ।

ଯଶିପୁର, ମୟୂରଭଞ୍ଜ

ମୋ: ୯୪୩୭୮୭୨୯୦୪

# ବନ୍ୟ ଜନ୍ତୁ ସଂରକ୍ଷଣ

**ଅକ୍ଷୟ କୁମାର ରାଉତ**

ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବି ପର୍ବତମାଳା, ତରଙ୍ଗଶୋଭିତ ନଦୀସକଳ ହଂସକାରାଣ୍ଡାକାଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର, ଶାଳ, ପିଆଶାଳ, ଅଶିନ, ଆମ୍ର, ପଣସ ଆଦି ବୃକ୍ଷ ପରିପୂର୍ଣ୍ଣ ଘଂଚ ଜଙ୍ଗଲ। ପ୍ରକୃତିର ଏକ ସୌନ୍ଦର୍ଯ୍ୟମୟୀ ନୟନାଭିରାମ ଦୃଶ୍ୟ। ଅରଣ୍ୟର ଗୁରୁଗମ୍ଭୀର କାନ୍ତକମନୀୟ, ପରିବେଶ ମନୁଷ୍ୟର ହୃଦୟସ୍ପର୍ଶୀ ହୋଇଥାଏ। ଜଙ୍ଗଲ ହିଁ ମନୁଷ୍ୟ ସଭ୍ୟତାର ଜୀବନ। ଏହି ବିଚିତ୍ର ବର୍ଣ୍ଣ ବନଭୂମିରେ ବନ୍ୟ ପଶୁ ପକ୍ଷୀମାନଙ୍କର ଜୀବନଯାପନର ପ୍ରଣାଳୀ ମନୁଷ୍ୟକୁ ପରିତୃପ୍ତ କରିଥାଏ। ସେମାନଙ୍କର ଗୁଞ୍ଜନ, ଗର୍ଜନ, ରାବ ଓ କାକଳିରେ ବନଭୂମିରେ ସୃଷ୍ଟିହୁଏ ଶ୍ରୁତିମଧୁର ଓ ଭୀତଚକିତ ପରିବେଶ। ମହିଷିମାନଙ୍କର ସିଂହ ସହିତ ଲଢେଇ, ବ୍ୟାଘ୍ର ଗଜର ସମର, ବ୍ୟାଘ୍ର ଦେଖି ହରିଣ ଯୂଥର ପଳାୟନ, ମହାବଳ ବାଘ, ଭାଲୁ, ଗଧିଆ, ସରିସୃପ ଓ ବିଭିନ୍ନ ବନ୍ୟଜନ୍ତୁଙ୍କର ଗତିବିଧି ଦର୍ଶକଙ୍କ ମନକୁ କରେ ପୁଲକିତ। ଚିଡ଼ିଆଖାନା ଠାରୁ ମୁକ୍ତ ବନ୍ୟ ପରିବେଶରେ ଥିବା ପଶୁ ପକ୍ଷୀମାନଙ୍କୁ ଦେଖିବାରେ ରହିଛି ଅନେକ ଆନନ୍ଦ। କିନ୍ତୁ ଶିକାରୀ ମାନଙ୍କର ଅହେତୁକ ଶିକାର ପ୍ରିୟତା ଏବଂ ବିଚାରହୀନ ଶିକାର ପ୍ରକ୍ରିୟା ଫଳରେ ବନଭୂମିରୁ ବହୁବିଧ ବନ୍ୟଜନ୍ତୁ ସବଂଶରେ ଲୁପ୍ତ ଓ ନିଶ୍ଚିହ୍ନ ହେବାକୁ ବସିଲେଣି। ବୃକ୍ଷଲତା, ଗୁଳ୍ମଆଦି,ପଶୁପକ୍ଷୀ, ଜୀବଜନ୍ତୁ ମାନଙ୍କର ଅଭିବୃଦ୍ଧି, ମାନବ ସମାଜର ଅର୍ଥନୈତିକ ଓ ବୈଜ୍ଞାନିକ ପ୍ରଗତିରେ ସହାୟକ ହୋଇଥାଏ। ଅସଂଖ୍ୟ ବନ୍ୟଜନ୍ତୁଙ୍କର ବିଭିନ୍ନ ଅଙ୍ଗ ମନୁଷ୍ୟର ଔଷଧ ଆଦି ପ୍ରସ୍ତୁତିରେ ବିଶେଷ ଭାବରେ ବ୍ୟବହୃତ ହୁଏ। ବନ ମଧ୍ୟରେ ଏକ ଶ୍ରେଣୀର ଶ୍ୱାନ ରହିଛନ୍ତି, ଯେଉଁମାନେ କି ଜଙ୍ଗଲ ମଧ୍ୟରେ ମନୁଷ୍ୟକୁ ବାଟ ଦେଖାଇଥାଆନ୍ତି। ଶିକାରୀ ମାନଙ୍କର ଅତ୍ୟାଚାରରୁ ବନ୍ୟଜନ୍ତୁଙ୍କୁ ରକ୍ଷା କରିବା ଲାଗି ଏବେ ଠାରୁ ସତର୍କ ନହେଲେ ମନୁଷ୍ୟ ସମାଜ ଏକ ଅମୂଲ୍ୟ ମହାସମ୍ପଦ ହରାଇ ବସିବ।

ବନ୍ୟ ପ୍ରାଣୀମାନଙ୍କର ସୁରକ୍ଷା ପାଇଁ ୧୯୭୨ ମସିହାରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ପ୍ରଣୀତ ହେଉଅଛି। ଓଡ଼ିଶାର ୨ଟି ଜାତୀୟ ଉଦ୍ୟାନ ଥିବା ବେଳେ ମଧ୍ୟପ୍ରଦେଶରେ ୧୧ଟି ଓ ପଞ୍ଜାବରେ ଜାତୀୟ ଉଦ୍ୟାନ ନାହିଁ। ଓଡ଼ିଶାରେ ୧୯ ଟି ଅଭୟାରଣ୍ୟ ଥିବାବେଳେ ମହାରାଷ୍ଟ୍ରରେ ୪୮ଟି ଅଭୟାରଣ୍ୟ ଅଛି। ଆମ ଭାରତ ବର୍ଷରେ ୫୨ ଟି ବ୍ୟାଘ୍ର ସଂରକ୍ଷଣ ଏବଂ ୩୨ ଟି ହାତୀ ସଂରକ୍ଷନ ରହିଅଛି। ବ୍ୟାଘ୍ରଙ୍କ ସଂଖ୍ୟା ପ୍ରାୟ ୨୯୬୭ଟି ଥିଲାବେଳେ ହାତୀମାନଙ୍କ ସଂଖ୍ୟା ୨୭୩୧୨, ସେହିପରି ଭାରତ ବର୍ଷରେ ସିଂହମାନଙ୍କ ସଂଖ୍ୟା ପ୍ରାୟ ୬୭୪ଟି। ଓଡ଼ିଶାରେ ହାତୀ ସଂରକ୍ଷଣ ପାଇଁ ମୟୁରଭଞ୍ଜ, ମହାନଦୀ ସମ୍ବଲପୁର ଓ ଚନ୍ଦକା ହାତୀ ଅଭ୍ୟାରଣ୍ୟ ରହିଛି। କେନ୍ଦ୍ର ସରକାର ବନ୍ୟଜନ୍ତୁ ମାନଙ୍କ ସୁରକ୍ଷା ପାଇଁ ଏକ ସଂଗଠନ ପ୍ରତିଷ୍ଠା କରିଛନ୍ତି। ବନ୍ୟଜନ୍ତୁ ସଂରକ୍ଷଣ ବିଷୟରେ ଜନସାଧାରଙ୍କୁ ସଚେତନତା ପାଇଁ ବନ୍ୟଜନ୍ତୁ ସଂରକ୍ଷଣ ସପ୍ତାହ ବା ପଶୁ କଲ୍ୟାଣ ଦିବସ ଅକ୍ଟୋବର ମାସ ୪ ତାରିଖରେ ପାଳନ କରାଯାଇଥାଏ। ଗାନ୍ଧୀ ଜୟନ୍ତୀରୁ ଏହି ବନ୍ୟ ଜନ୍ତୁ ସପ୍ତାହ ପାଳନ କରାଯାଏ। ଭାରତ ବର୍ଷରେ ବିଭିନ୍ନ ରାଜ୍ୟରେ ବନ୍ୟଜନ୍ତୁ ସରଂକ୍ଷଣର ବହୁ ଆଦର୍ଶ କେନ୍ଦ୍ର ରହିଛି। ସେଗୁଡିକ ହେଉଛି ବଳୀପୁର ଅଭୟାରଣ୍ୟ, ଚନ୍ଦ୍ରପ୍ରଭା ଅଭ୍ୟାରଣ୍ୟ, ଗୁଜୁରାଟର ଗିରି ବନଭୂମି, ବଙ୍ଗରାଜ୍ୟର ବଳଦପଡ଼ା ଅଭୟାରଣ୍ୟ, ହିମାଳୟ ନିକଟ ବର୍ତି କର୍ବେଟ୍ ଜାତୀୟ ଉଦ୍ୟାନ, ଦରଚିଗ୍ରାମ ଅଭୟାରଣ୍ୟ, ଜବଲପୁର ଠାରୁ ପ୍ରାୟ ଶହେ ମାଇଲ ଦୂରରେ ଥିବା କହ୍ନା ଜାତୀୟ ଉଦ୍ୟାନ, ଆସାମର କାଜିରଙ୍ଗ ଅଭୟାରଣ୍ୟ, ମାନସ ଅଭୟାରଣ୍ୟ ଭରତପୁରଠାରେ ଥିବା କେଜି ଅଭୟାରଣ୍ୟ, ମାନ୍ଦ୍ରାଜର ମୃଦୁମଲାଇ ଅଭୟାରଣ୍ୟ, ମଧ୍ୟପ୍ରଦେଶରେ ଥିବା ଶିବପୁର ଜାତୀୟ ଉଦ୍ୟାନ, କେରଳରେ ପେରିଅର ଅଭୟାରଣ୍ୟ, ସିରିସ୍ ଅଭୟାରଣ୍ୟ, ମାନ୍ଦ୍ରାଜରେ ଥିବା ବେଦାନ୍ତ ପଶୁପକ୍ଷୀ ଅଭୟାରଣ୍ୟ, ରାଜାଜୀ ଅଭୟାରଣ୍ୟ, ଶିଓଲିକ୍ ଗିରିମାଳାରେ ଅବସ୍ଥିତ।

ଭାରତର ଅରଣ୍ୟମାନଙ୍କରେ ବିଭିନ୍ନ ପ୍ରକାର ବନ୍ୟ ପଶୁ ଓ ପକ୍ଷୀ ଦେଖାଯାଆନ୍ତି। ସେ ଗୁଡିକ ମଧ୍ୟରେ ସିଂହ, ବାଘ, ହାତୀ, ଭାଲୁ, ଗଣ୍ଡା, ଗୟଳ, ବାରହା, ମାଙ୍କଡ, କୋକିଶିଆଳି, ଗଧିଆ, ବିଲୁଆ, ହରିଣ, ସମ୍ବର, ଚିତାବାଘ ଓ ବିଭିନ୍ନ ଜାତିର ସରୀସୃପ, ସାପ,କୁମ୍ଭୀର , ମୟୂର, ଶୁଆଶାରୀ, ଚିଲ, ଛଂଚାଣ, ପେଚା, କୋଚିଲାଖାଇ ଆଦି ଦେଖାଯାଆନ୍ତି। ପଶ୍ଚିମ ବଙ୍ଗର ସୁନ୍ଦରବନରେ ମହାବଳ ବାଘ ଦେଖାଯାଆନ୍ତି। ହିମାଳୟ ପାଦ ଦେଶାଂଚଳ, ଓଡିଶା, କର୍ଣ୍ଣାଟକ, ମଧ୍ୟପ୍ରଦେଶରେ ହାତୀ ଓ ବାଘ ଦେଖାଯାଆନ୍ତି। ଆସାମ ଓ ବଙ୍ଗର ଅରଣ୍ୟରେ ଗଣ୍ଡା ବାସକରନ୍ତି। ଭାରତୀୟ ଗଣ୍ଡା ଅନ୍ୟଦେଶର ଗଣ୍ଡାଙ୍କ ଠାରୁ ବଡ଼ ହୋଇଥାଆନ୍ତି। ହିମାଳୟ ପାର୍ବତ୍ୟାଂଚଳ(ଆସାମ ନେପାଳ ସୀମା)ରେ ଚମରୀ ଗାଈ ଓ କସ୍ତୁରୀ ମୃଗ ଦେଖିବାକୁ ମିଳେ। ମଧ୍ୟ ପ୍ରଦେଶ, ଓଡ଼ିଶା, ଉତରପ୍ରଦେଶରେ ନୀଳଗାଈ ଦେଖାଯାଆନ୍ତି। ଓଡ଼ିଶାର ସରୀସୃପ ମାନଙ୍କ ମଧ୍ୟରେ ବଉଳା କୁମ୍ଭୀର, ମଗର, ସମୁଦ୍ର କଇଁଛ, ଘଡ଼ିଆଳ କୁମ୍ଭୀର ଓ ଗୋଧି ଆଦି ପ୍ରଧାନ। ଓଡ଼ିଶାରେ ଡାଙ୍ଗମାଳଠାରେ ଏହି ସରୀସୃପମାନଙ୍କ ଅଭୟାରଣ୍ୟ ହୋଇଅଛି।

ଅରଣ୍ୟ ଓ ବନ୍ୟଜନ୍ତୁ ପ୍ରାକୃତିକ ବିଭବ, ସଭ୍ୟତା, ସଂସ୍କୃତିର ସୁରକ୍ଷା ନିମିତ ଜଙ୍ଗଲ ଓ ବନ୍ୟ ପ୍ରାଣୀମାନଙ୍କର ସଂରକ୍ଷଣ ଅତି ଜରୁରୀ ହୋଇପଡିଛି। ସେଥିପାଇଁ ୧୯୮୩ ମସିହାରେ କେନ୍ଦ୍ର ସରକାର 'ନ୍ୟାସନାଲ ୱାଇଲଡ୍ ଆକ୍ସନ ପ୍ଲାନ୍ ' ଯୋଜନା କାର୍ଯ୍ୟକାରୀ କରୁଅଛନ୍ତି। ସରକାରଙ୍କ କଠୋର ଆଇନ ଗତ ପଦକ୍ଷେପ ବନ କର୍ମଚାରୀମାନଙ୍କର ସାଧୁତା ଓ ନିଷ୍ଠାପର କର୍ତବ୍ୟ ପରାୟଣତା ଯୋଗୁ ପ୍ରାକୃତିକ ସମ୍ପଦର ସୁରକ୍ଷା ହୋଇ ପାରିବ।

ବଣିକୁନ୍ଦ, ଜଗତ୍‌ସିଂହପୁର

## ସଂପାଦକଙ୍କୁ ପତ୍ର

### ଭୟଙ୍କର ସଂକଟରେ ଜୀବଜଗତ

ମହାଶୟ,

ସମ୍ପ୍ରତି ବିଶ୍ୱତାପନ ସମଗ୍ର ପୃଥିବୀ ପାଇଁ ଏକ ଭୟଙ୍କର ସଂକଟ ଭାବେ ଉଭା ହୋଇଛି। ମେରୁ ଅଞ୍ଚଳର ତାପମାତ୍ରା ବୃଦ୍ଧି ବିଶାଳ ବରଫ ଗଦାକୁ ତରଳାଇବା ଆରମ୍ଭ କଲାଣି। ଫଳରେ ଆଉ କିଛି ବର୍ଷ ପରେ ମହାସାଗର ସମୂହରେ ଜଳପତ୍ତନ ବୃଦ୍ଧି ପାଇବ ଓ ଭୂଭାଗର ବହୁ ଅଂଶ ଜଳାର୍ଣ୍ଣବ ହୋଇଯିବ। ଜଙ୍ଗଲ ନଷ୍ଟ ହେବା ଦ୍ୱାରା ବାୟୁମଣ୍ଡଳରେ ଥିବା ବିଭିନ୍ନ ଉପାଦାନ ମଧ୍ୟରେ ସନ୍ତୁଳନ ବିଗିଡ଼ି ଯାଇଛି। ଅମ୍ଳଜାନ ପରିମାଣ ହ୍ରାସ ପାଇ ଚାଲିଥିବା ବେଳେ ଅଙ୍ଗାରକାମ୍ଳ ଗ୍ୟାସ ଓ ତାର ଅନ୍ୟାନ୍ୟ ଯୌଗିକ ପରିମାଣ ବଢ଼ିବାରେ ଲାଗିଛି। କଳ କାରଖାନା ଓ ଯାନବାହାନରୁ ନିର୍ଗତ ଅଙ୍ଗାରକାମ୍ଳ ଗ୍ୟାସ, କାର୍ବନ ମନୋକ୍ସାଇଡ୍, ନାଇଟ୍ରୋଜେନ ଯୌଗିକ ଗ୍ୟାସ ଓ ମିଥେନ ଭଳି ବିଷାକ୍ତ ଗ୍ୟାସ ବାୟୁମଣ୍ଡଳରେ ସବୁଜ ଘର ପ୍ରଭାବ ସୃଷ୍ଟି କରୁଛି। ରେଫ୍ରିଜରେଟର ଓ ଏସି ଭଳି ଯନ୍ତ୍ରପାତିର ବହୁଳ ବ୍ୟବହାର ବାୟୁମଣ୍ଡଳର ଓଜୋନ ଗ୍ୟାସ ସ୍ତରକୁ କ୍ଷତି ପହଞ୍ଚାଇଛି। ଯେତେ ଚେଷ୍ଟା କଲେ ବି ପ୍ରାକୃତିକ ଜଙ୍ଗଲ ସୃଷ୍ଟି କରାଯାଇ ପାରିବ ନାହିଁ।

ଗ୍ଲୋବାଲ ୱାର୍ମିଂକୁ ରୋକିବା ପାଇଁ ସବୁଠାରୁ ପ୍ରଭାବଶାଳୀ ଉପାୟ ହେଉଛି ସୌରଶକ୍ତି, ପବନ ଭଳି ଅକ୍ଷୟଶକ୍ତିକୁ ଅଧିକ ବ୍ୟବହାର କରିବା ଏବଂ ଜୀବାଶ୍ମ ଇନ୍ଧନ ବ୍ୟବହାର ବନ୍ଦ କରିବା। ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଗ୍ରୀନପିସ୍ ଓ ସର୍ଭେ ସଂସ୍ଥା ୱେଟଲାଣ୍ଡ ଇଣ୍ଟର ନ୍ୟାସନାଲ ସାଉଥ ଏସିଆର ରିପୋର୍ଟ ଅନୁଯାୟୀ ଦେଶର କେତେକ ସ୍ଥାନରେ ମାରାତ୍ମକ ସଲଫର ଡାଇଅକ୍ସାଇଡ୍ ନିର୍ଗମନକାରୀ ଶିଳ୍ପ ସଂସ୍ଥା ରହିଛି । ଏଭଳି ସ୍ଥିତିରେ ସବୁଜ ବିଶ୍ୱ ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରାଯିବା ଉଚିତ ।

ସୁରେଶ କୁମାର ଦାଶ,

ବକ୍ସିବଜାର, କଟକ

# ଦୁର୍ଦ୍ଦିନର ମୁକାବିଲା

**ପ୍ରଫେସର ଉମେଶ ଚନ୍ଦ୍ର ପାତ୍ର**

ପ୍ରତ୍ୟେକ ବ୍ୟକ୍ତି ଦୁଃଖ, କ୍ଲେଶ, ଯନ୍ତ୍ରଣାକୁ ଜୀବନରେ ଦିନେ ନା ଦିନେ ସାମ୍ନା କରିଥାଏ। ଜୀବନର ବୋଝ ବୋହିବା ତା ପାଇଁ ଅସମ୍ଭବ ମନେହୁଏ।

ସେହି ପରିସ୍ଥିତି ସହ ସାଲିସ ନକରି କେହି କେହି ସମୟର କଣ୍ଟକିତ ପଥ ଅତିକ୍ରମ କରିବାପାଇଁ ସଂଘର୍ଷ କରନ୍ତି। ଦୁର୍ଦ୍ଦିନରେ ନିଜ ନିଜ ବ୍ୟକ୍ତି ଚରିତ୍ରରେ ଉନ୍ନତି ଆଣି, ଉତ୍କର୍ଷ ଲାଭ କରି ସେମାନେ ଆବ୍ରାହମ ଲିଙ୍କନଙ୍କ ପରି ମାନବ ସମାଜ ପାଇଁ ଉଦାହରଣ ସାଜିଥାନ୍ତି। ମଣିଷର ଜୀବନ ଗୋଟିଏ ଉପନ୍ୟାସ ପରି ଏବଂ ପ୍ରତିଟି ଉପନ୍ୟାସରେ ଆମେ ଦେଖିବାକୁ ପାଉ ଶୋଷଣ, କଷଣ, ସଂଘର୍ଷ ଓ ଝଡ଼ଝଞ୍ଜା। ବନ୍ଧୁ, କେବଳ ଆପଣ ହିଁ ଖରାପ ସମୟ ଦେଇ ଗତି କରୁଛନ୍ତି, ଏହା ଭାବିବା ଭୁଲ। ସତ୍ୟ ଯୁଗରେ ଭକ୍ତ ପ୍ରହ୍ଲାଦ ଅକଥନୀୟ ଯନ୍ତ୍ରଣା ଭୋଗିଛନ୍ତି, ବଳି ପାତାଳଗାମୀ ହୋଇଛନ୍ତି। ତ୍ରେତୟାରେ ପ୍ରଭୁ ଶ୍ରୀରାମଚନ୍ଦ୍ର, ଲକ୍ଷ୍ମଣ ଓ ମାତା ସୀତା ରାଜ ଉଆସର ସୁଖସମ୍ପଦରୁ ବଞ୍ଚିତ ହୋଇ ଦୀର୍ଘ ଚଉଦ ବର୍ଷ ବନବାସୀ ସାଜିଛନ୍ତି। ଦ୍ୱାପର ଯୁଗରେ ପଞ୍ଚୁପାଣ୍ଡବ ଓ ମାତା କୁନ୍ତୀ ହସ୍ତିନାପୁରର ବିଳାସ, ଐଶ୍ୱର୍ଯ୍ୟ, ସୁଖଶାନ୍ତି ତ୍ୟାଗ କରି ଅଶେଷ ଦୁଃଖକ୍ଲେଶ ଭୋଗିଛନ୍ତି, ବିରାଟ ରାଜାଙ୍କ ଦାସତ୍ୱ ସ୍ୱୀକାର କରିଛନ୍ତି। ପ୍ରଭୁ ଶ୍ରୀକୃଷ୍ଣ ଜନ୍ମ ହୋଇଛନ୍ତି କରାଗାରରେ ଏବଂ ଶେଷରେ ଜୀବନ ହାରିଛନ୍ତି ଶିକାରୀର ତୀର ମୁନରେ। ଖ୍ରୀଷ୍ଟଧର୍ମରେ ଦେଖିବାକୁ ମିଳେ ଯୋଶେଫ, ଜବ ଓ ପଲଙ୍କୁ ଅକଥନୀୟ ଦୁଃଖ, ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡ଼ିଛି। ପ୍ରଭୁ ଯୀଶୁ ନିଜ ଘନିଷ୍ଠ ଅନୁଗାମୀଙ୍କ ଚକ୍ରାନ୍ତର ଶିକାର ହୋଇ ଶେଷରେ କୃଶବିଦ୍ଧ ହୋଇଛନ୍ତି। ପବିତ୍ର କୋରାନରେ ବର୍ଣ୍ଣିତ ଅଛି ପୈଗମ୍ବର ମହମ୍ମଦଙ୍କ ନାତି ଇମାମ ହୁସେନଙ୍କୁ ସତ୍ୟ ଓ ନ୍ୟାୟର ପଥଗାମୀ ହେବା ଯୋଗୁଁ ଦୁଃଖ କଷ୍ଟ ଭୋଗିବାକୁ ପଡ଼ିଛି। ତେଣୁ ଆପଣଙ୍କ ବର୍ତ୍ତମାନକୁ ନେଇ ନିରାଶ ହୁଅନ୍ତୁନି, ନିରୁତ୍ସାହିତ ହୁଅନ୍ତୁନି।

ଯେତେବେଳେ ଆପଣଙ୍କ ଜୀବନରେ ଦୁର୍ଦ୍ଦିନ ଆସେ, ସେତେବେଳେ ଆପଣଙ୍କ କ'ଣ ହୁଏ ତାହା ନୁହେଁ, ଦୁର୍ଦ୍ଦିନକୁ ଆପଣ କେମିତି ମୁକାବିଲା କରୁଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ। ପ୍ରତିକୂଳ ପରିସ୍ଥିତିରେ ଭାଙ୍ଗି ନଯାଇ ତାକୁ ସକାରାତ୍ମକ ଭାବେ ଗ୍ରହଣ କରନ୍ତୁ।

ମନେରଖନ୍ତୁ ବିପରୀତ ପରିସ୍ଥିତିରେ ବେଳେବେଳେ ଏହି ସବୁ ପ୍ରଶ୍ନର ପ୍ରାସାଙ୍ଗିକତା ରହିଛି, ଯେମିତିକି ନିକଟରେ ସୃଷ୍ଟି ହୋଇଥିବା ପ୍ରତିବନ୍ଧକୁ ମୁଁ କେଉଁ ଦୃଷ୍ଟିରେ ଦେଖୁଛି ? ଦୁର୍ଦ୍ଦିନର କେମିତି ମୁକାବିଲା କରୁଛି ? ଦୁଃଖ ସମୟରେ ମୁଁ ମୋର ମାନସିକ ଆବେଗକୁ କିଭଳି ଭାବରେ ନିୟନ୍ତ୍ରଣ କରୁଛି ? ମୋ ସହିତ ଘଟୁଥିବା ଘଟଣା ପ୍ରବାହକୁ କାହାଣୀ ଭାବରେ ନେଇ ନିଜକୁ ନିଜେ କ'ଣ କହୁଛି ? ଉତ୍ତରରେ ପାଇଯିବେ ଯେ ସବୁ ସମସ୍ୟାର ସମାଧାନର ମାର୍ଗ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ନିଜ ଭାବନା ଶକ୍ତିକୁ ନିୟନ୍ତ୍ରଣ କରି ନିଜକୁ ସତକର୍ମ ଓ ସମାଜର କଲ୍ୟାଣ ପାଇଁ ସମୟ ଅତିବାହିତ କରିବା ସହ ନିଜକୁ ଉତ୍ସର୍ଗ କରିବା। ଏହି ପ୍ରସଙ୍ଗରେ ମନେପଡୁଛି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ସେ ସ୍ମରଣୀୟ ଧାଡ଼ିଟି 'ବିହିତ କର୍ମ ମାନବ ଧରମ, ବୀର ଭାବେ ଯେଉଁ ସାଧେ। ସେହି ଧନୁର୍ଦ୍ଧର ରାମ ବୀରବର ଉର୍ବାର୍ଣ୍ଣବେ ସେତୁ ବାନ୍ଧେ। ମାନବ ଜୀବନ ନୁହଇ କେବଳ, ବର୍ଷ ମାସ ଦିନ ଦଣ୍ଡ। କର୍ମେ ଜୀଏ ନର କର୍ମ ଏକା ତାର ଜୀବନର ମାନଦଣ୍ଡ।'

ଜୀବନରେ ଆଧ୍ୟାତ୍ମିକ ପ୍ରସଙ୍ଗକୁ ଗୁରୁତ୍ୱ ପ୍ରଦାନ କରି କଳିର ବ୍ୟାସ ପ୍ରଫୁଲ୍ଲ କୁମାର ଦାସ ସଂକଳିତ ମହାଗ୍ରନ୍ଥ ଆଲୋଚନା ପ୍ରସଙ୍ଗରେ ପ୍ରଥମ ଏଗାରଟି ଖଣ୍ଡରୁ ସଂକଳନ କରି 'ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କଥିତ : ଆଧ୍ୟାତ୍ମିକ ପ୍ରସଙ୍ଗ' ଯାହାର ସଂକଳକ ରହିଛନ୍ତି ପୂଜ୍ୟପାଦ ବିଦ୍ୟୁତ ରଞ୍ଜନ ଚକ୍ରବର୍ତ୍ତୀ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ କଥିତ ଆଧ୍ୟାତ୍ମିକ ପ୍ରସଙ୍ଗରୁ ଏଠାରେ ଉଲ୍ଲେଖ କରୁଛୁ। କଥା ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ... ଏହିଟା ଠିକ୍ ଜାଣ- ତୁମର (ବ୍ୟଷ୍ଟି ଜୀବନ)ରେ ଯଦି ଧର୍ମର ଜାଗରଣ ନ ହୁଏ, ତୁମର (ବିଶ୍ୱଜୀବନ)ରେ ତୁମେ ଧର୍ମର ପ୍ରତିଷ୍ଠା କରିପାରିବ ନାହିଁ। କାରଣ, ତୁମେ ଯଦି ଆତ୍ମନିୟନ୍ତ୍ରଣର ପଥ ଜାଣିଥାଅ, ତା'ହେଲେ ତୁମେ ଦୁନିଆକୁ ନିୟନ୍ତ୍ରଣ କରି ପାରିବ, ନଚେତ୍ ନୁହେଁ। ତତ୍ତ୍ୱତଃ ଦେଖିବାକୁ ଗଲେ (ବ୍ୟଷ୍ଟି ଜୀବନ) ଭିତର ଦେଇ ହିଁ (ବିଶ୍ୱ ଜୀବନ)କୁ ଜାଣିବା ସମ୍ଭବ ହେବ। ପୁଣି (ବିଶ୍ୱ ଜୀବନ)କୁ ଜାଣିବା ଯେଉଁଟା କହୁଛି, ତାହା ପ୍ରକୃତ ପକ୍ଷେ (ଆତ୍ମଜୀବନ)କୁ ହିଁ ଜାଣିବା। କାରଣ, ମୁଁ ଓ ମୋର ଅତିରିକ୍ତ ବସ୍ତୁ ଓ ବସ୍ତୁ ଗୋଷ୍ଠୀର (ଦ୍ୱନ୍ଦ୍ୱ) ଭିତର ଦେଇ ମୁଁ କେବଳ ବାହାର ଦୁନିଆର ସେଗୁଡ଼ିକ ଜାଣୁ ନାହିଁ; ତା' ଭିତର ଦେଇ ମୁଁ ମୋତେ ବି ଜାଣୁଛି, ନିଜକୁ ବୋଧ ମଧ୍ୟ କରୁଛି।

ମୋ ବାହାରେ ମୋତେ ଚେତନା ଦେବା ଭଳି ଯଦି କୌଣସି ପରିବେଶ ନ ଥା'ନ୍ତା, ତା'ହେଲେ ମୁଁ ବୋଧଟା ଲୁପ୍ତ ହୋଇଯା'ନ୍ତା, ମୁଁ ମଧ୍ୟ ସେଠାରେ ଆଉ ରହି ନ ଥାନ୍ତି। ତେଣୁ (ବ୍ୟଷ୍ଟିର)ଯେଉଁ (କାର୍ଯ୍ୟକ୍ଷମତା) ଓ (ଦକ୍ଷତା), ତାହା (କ୍ରିୟା) କରିବାର ସୁଯୋଗ ପାଏ (ବିଶ୍ୱଜୀବନ)ରେ ଏବଂ ଏହା ଭିତର ଦେଇ ବ୍ୟଷ୍ଟି ନିଜର ଶକ୍ତି ସମ୍ବନ୍ଧରେ ସଚେତନ ହୁଏ ଓ ତାହାକୁ ଉପଭୋଗ କରିଥାଏ, ଯେପରି ଦୃଶ୍ୟବସ୍ତୁ ବୋଲି କିଛି ରହିଥିବାରୁ ଦୃଷ୍ଟିଶକ୍ତି ସମ୍ବନ୍ଧରେ ଆମ୍ଭେ ସଚେତନ ଥାଉ ଏବଂ ଦୃଶ୍ୟ ବସ୍ତୁକୁ ମଧ୍ୟ ଆମ୍ଭେ ଉପଭୋଗ କରୁ। ତେଣୁ ଧର୍ମକୁ ପରିବେଶରେ ଓ ବିଶ୍ୱଜୀବନରେ ଯେତେ ପରିମାଣରେ ପ୍ରତିଷ୍ଠା କରିବୁ, ଆମ୍ଭମାନଙ୍କର ଅନ୍ତରରେ ବି ତାହା ସେହିପରିମାଣରେ ପ୍ରତିଷ୍ଠା ଲାଭ କରିବ। ଅତଏବ ଯାଜନ ବା ଧର୍ମଦାନ ପରୋପକାର ନୁହେଁ, କିମ୍ବା ତାହା କରିଲେ ବି ହୁଏ ବା ନ କରିଲେ ବି ହୁଏ, ଏହି ଧରଣର କର୍ମ ନୁହେଁ, ଏହା ହେଲା ନିତ୍ୟ କର୍ମ। ତୁମେ ଯଦି ତୁମ ଜୀବନରେ ଧର୍ମକୁ ସଞ୍ଜୀବିତ ରଖିବାକୁ ଚାହଁ, ତେବେ ତୁମକୁ ଯଜନ ଓ ଇଷ୍ଟଭୃତି ଯେପରି କରିବାକୁ ହେବ, ଯାଜନ ମଧ୍ୟ ସେହିଭଳି ଅତି ଅବଶ୍ୟ କରିବାକୁ ହେବ। ଏହି ଯାଜନ-ବୁଦ୍ଧି ଢୁକାଇ ଦେବାକୁ ହେବ ପ୍ରତ୍ୟେକଙ୍କ ଅନ୍ତରରେ। ଏହାଦ୍ୱାରା ପ୍ରତ୍ୟେକଙ୍କ ପରିବେଶ ତାହାର ବଞ୍ଚିବା ବଢ଼ିବାର ସହାୟକ ହୋଇଉଠିବ, ଆଉ ଏହି ନିତ୍ୟ ଯାଜନର ଭିତର ଦେଇ ପ୍ରତ୍ୟେକଙ୍କ ବୋଧ ଓ ଜ୍ଞାନର ଭଣ୍ଡାର ଖୋଲିଯିବ, ଇହକାଳ ଓ ପରକାଳରେ କିଛି ହେଲେ ଅପ୍ରାପ୍ୟ ରହିବ ନାହିଁ ତାହାର। ଜୀବନରେ ଆନନ୍ଦ ଓ ସାର୍ଥକ କର୍ମ ଚିନ୍ତନ ପ୍ରସଙ୍ଗରେ ଭକ୍ତ କବି ମଧୁସୂଦନ ଦାସଙ୍କ କାଳଜୟୀ ପଂକ୍ତି ଉଲ୍ଲେଖ କରୁଛି 'ଅଳସପଣ ପରିହରି, ଆନନ୍ଦେ ପରିଶ୍ରମ କରି। ସକାର୍ଯ୍ୟ କରି ଅନୁଷ୍ଠାନ, ସାର୍ଥକ କର ଦେହ ପ୍ରାଣ। ଆଳସ୍ୟେ ବୁଦ୍ଧି ବଳ କ୍ଷୟ, ଉଦ୍ୟମେ ସର୍ବ କାର୍ଯ୍ୟ ଜୟ। ଉଦଯୋଗ ବଳେ ସର୍ବସିଦ୍ଧି, ଜାଣିବ ଏହୁ ମହାବିଧି।' ଶ୍ରୀମଦ ଭାଗବତରେ ମଧ ଉଲ୍ଲେଖ ଅଛି - 'ଏ ଜୀବ ନିଜ କର୍ମଫଳ, ଭୁଞ୍ଜଇ ରହି ଏ ଶୟଳ। କର୍ମର ମତେ ଦୁଃଖ ସୁଖ, ଜନ୍ମ ମରଣ ହୋଏ ଦେଖ। କର୍ମଟି ଦୁଃଖ ସୁଖଦାତା, ବିଶ୍ୱ ସଂସାରେ ବଳବନ୍ତା। କର୍ମ ଆଦରି ସହେ ଦୁଃଖ, କେବେହେ ନୁହଁଇ ବିମୁଖ। କର୍ମ କଷଣ ସହି ଧାରେ, ବଞ୍ଚଇ ପର ଉପକାରେ।'

କଟକ

ମୋ:୯୪୩୭୦୫୧୯୫୭



# ଲୋକ ସମସ୍ୟା

ପ୍ରଜାତନ୍ତ୍ର



୨୨.୧.୨୦୨୫



# ଏଫ୍ଏକ୍ୟୁ କଟକଣାରେ ଚାଷୀ ଆତଙ୍କିତ





**କୋରେଇ:** ଗତ ୭ ତାରିଖରେ ଯାଜପୁର ଜିଲ୍ଲାରେ ଧାନମଣ୍ଡି ଆରମ୍ଭ ହୋଇଥିଲା। ସେଦିନ କୋରେଇ ବ୍ଲକ୍ର ପାଣିକୋଇଲି ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ଧାନମଣ୍ଡି ଉଦ୍ଘାଟନ କରିଥିଲେ। ଏଠାରେ ମାତ୍ର ୩ ଜଣ ଚାଷୀଙ୍କଠାରୁ ୨୫୦ କ୍ୱିଣ୍ଟାଲ୍ ଧାନ କିଣାଯାଇଥିଲା। ହେଲେ ଗତ ୮ ଦିନ ମଧ୍ୟରେ ବ୍ଲକର ଅନ୍ୟ କୌଣସି ପ୍ୟାକ୍ସ କିମ୍ବା ଏସ୍ଏଚ୍ଜି ଦ୍ୱାରା ଧାନକିଣା ହୋଇନାହିଁ। କେବଳ କାଗଜକଲମରେ ମଣ୍ଡିଉଦ୍ଘାଟନ କରି ପ୍ୟାକ୍ସ କର୍ତ୍ତୃପକ୍ଷ ଚାଷୀଙ୍କୁ ଚାହିଁ ବସିଛନ୍ତି। ଏଫ୍ଏକ୍ୟୁ କଟକଣା ଆଶଙ୍କାରେ ଚାଷୀମାନେ ମଣ୍ଡିକୁ ଧାନ ନେଉନଥିବା ଦେଖିବାକୁ ମିଳିଛି। ଧାନର ମାନ ନିରୂପଣ ପାଇଁ ଯୋଗାଣ ବିଭାଗ ପକ୍ଷରୁ ପ୍ରତି ମଣ୍ଡିରେ ମାନ ନିର୍ଦ୍ଧାରଣ ମେସିନ୍ ରହିଛି। ଧାନର ରଙ୍ଗ ଅଳ୍ପକିଛି କଷରା ହୋଇଥିଲେ ମଧ ତାହାକୁ ମିଲର୍ ନେବାକୁ ଅରାଜି ହେଉଛନ୍ତି। ଫଳରେ ଚାଷୀମାନେ ମଣ୍ଡିକୁ ନେଇଥିବା ଧାନ ଫେରାଇ ଆଣିବାକୁ ବାଧ ହେଉଛନ୍ତି।

ଧାନ ଅମଳ ସମୟରେ ଅଦିନିଆ ବର୍ଷା ଯୋଗୁଁ କୋରେଇ ବ୍ଲକ୍ର ସମସ୍ତ ଅଞ୍ଚଳ ପ୍ରଭାବିତ ହୋଇଥିଲା। ଏଥିପାଇଁ ସରକାର ମଣ୍ଡିରେ ମାନ ନିର୍ଦ୍ଧାରଣ ବେଳେ ଏଫ୍ଏକ୍ୟୁ କୋହଳ କରାଯିବ ବୋଲି ଘୋଷଣା କରିଥିଲେ। ଏପରିକି ବର୍ଷାରେ ଧାନ ଭିଜିଥିଲେ ତା'କୁ ଶୁଖାଇ ମଣ୍ଡିକୁ ଆଣିଲେ କିଣାଯିବ ବୋଲି ଯୋଗାଣ ମନ୍ତ୍ରୀ ସ୍ପଷ୍ଟ କରିଥିଲେ। ଅନ୍ୟପକ୍ଷରେ ମିଲର୍ କିମ୍ବା ସରକାରୀ କର୍ମଚାରୀ ଧାନ କିଣିବାରେ ଚାଷୀଙ୍କୁ ହଇରାଣ କଲେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି ସମବାୟ ମନ୍ତ୍ରୀ ଘୋଷଣା କରିଥିଲେ। ଉଭୟ ମନ୍ତ୍ରୀଙ୍କ ଘୋଷଣା ଏବେ ପାଣିର ଗାର ହୋଇଛି। ମଣ୍ଡିକୁ ଧାନ ନେଇ ଫେରସ୍ତ ଆଣିଲେ, ଚାଷୀ ପାଇବାକୁ ଥିବା ବୋନସ୍ ଟଙ୍କାଠାରୁ ନେବାଆଣିବା ଖର୍ଚ୍ଚ ଅଧିକ ହେଉଛି। ଫଳରେ ଟୋକନ୍ ଥାଇ ମଧ ଚାଷୀମାନେ ମଣ୍ଡିକୁ ଧାନ ନେବାକୁ ଭୟ କରୁଛନ୍ତି। ଗତ ୧୩ ତାରିଖରେ ବ୍ଲକ୍ ଅନ୍ତର୍ଗତ ତୁଳତୀ ପ୍ୟାକ୍ସକୁ ବିକ୍ରି ପାଇଁ ଆସିଥିବା ପ୍ରାୟ ୨ଶହ କୁଇଣ୍ଟାଲ ଧାନକୁ ଏଫ୍ଏକ୍ୟୁ ମାନ ହେଉନଥିବା କହି ମଣ୍ଡିକୁ କର୍ତ୍ତୃପକ୍ଷ ଫେରାଇ ଦେଇଥିଲେ।

ଧାନକୁ ଶୁଖାଇ ଓ ପରିଷ୍କାର କରି ପୁଣି ମଣ୍ଡିକୁ ଆଣିବାକୁ ପରାମର୍ଶ ଦେଇଥିଲେ। ଫଳରେ ମଣ୍ଡିକୁ ଧାନ ଆଣିଥିବା ଚାଷୀମାନେ ଦୁଇଗୁଣ ଖର୍ଚ୍ଚାନ୍ତ ହୋଇଥିଲେ। ପୁଣି ଗାଡ଼ିଭଡ଼ା କରି ଧାନ ଫେରାଇ ନେବାକୁ ବାଧ ହୋଇଥିଲେ। ଏହି ଭୟରେ ଚାଷୀମାନେ ମଣ୍ଡିକୁ ଧାନ ଆଣିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏ ନେଇ ବ୍ଲକ୍ ଯୋଗାଣ ଅଧିକାରିଣୀ ଛବିଲତା ପଲେଇଙ୍କୁ ପଚାରିବାରୁ ଏଫ୍ଏକ୍ୟୁ ମାନରେ କୋହଳ କରିବାକୁ ଜିଲ୍ଲା ପ୍ରଶାସନ କିମ୍ବା ରାଜ୍ୟ ସରକାର କୌଣସି ନିର୍ଦ୍ଦେଶ ଦେଇନାହାନ୍ତି। ଅଦିନିଆ ବର୍ଷା ପାଇଁ ସରକାର କୌଣସି ସର୍ତ୍ତାବଳୀ ଜାରି କଲେ ତଦନୁଯାୟୀ ମାନରେ କୋହଳ କରାଯିବ ଓ ଚାଷୀଙ୍କଠାରୁ ଧାନ କିଣାଯିବ ବୋଲି କହିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଯୋଗାଣ ବିଭାଗ ଏବଂ ଜିଲ୍ଲାପାଳ ଧାନର ଏଫ୍ଏକ୍ୟୁ ମାନ ନିର୍ଦ୍ଧାରଣ କୋହଳ କରିବାକୁ ଦାବି ହୋଇଛି।

---

**ମାଲକାନଗିରି, (ପିପିଏସ୍):** ଜିଲ୍ଲାରେ ଶିକ୍ଷା ବିଭାଗର ବିକଳ ଚିତ୍ର ଦେଖିବାକୁ ମିଳିଛି । ଗୋଟିଏ ଶ୍ରେଣୀ କୋଠରୀ ତଳେ ବସି ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୭୦ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକର ମୁଦାଖାଲ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୭୦ ଜଣ ଛାତ୍ରଛାତ୍ରୀ ଗୋଟିଏ ଶ୍ରେଣୀ ଗୃହରେ ଅଧୟନ କରୁଛନ୍ତି । ଏଥିସହ ଉକ୍ତ ବିଦ୍ୟାଳୟରେ ୭୦ ଜଣ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦାନ ପାଇଁ କେବଳ ଦୁଇ ଜଣ ଶିକ୍ଷକ ଅଛନ୍ତି । ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଚିତ୍ରାଙ୍ଗପାଲ୍ଲୀ ପଂଚାୟତ ଅନ୍ତର୍ଗତ ମୁଦାଖାଲ ପ୍ରାଥମିକ ବିଦ୍ୟାଳୟରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି । ଏ ସମ୍ବନ୍ଧରେ ମୁଦାଖାଲ ଗ୍ରାମବାସୀ ପ୍ରକାଶ କରିଛନ୍ତି ଯେ, ଆଜକୁ ପ୍ରାୟ ୧୦ବର୍ଷରୁ ଉର୍ଦ୍ଧ୍ୱ ହେବ ମୁଦାଖାଲ ପ୍ରାଥମିକ ବିଦ୍ୟାଳୟ କେବଳ ଦୁଇ ଜଣ ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ ଚାଲିଛି । ଏଥିସହ ଏହି ବିଦ୍ୟାଳୟରେ ମୋଟେ ୭୦ଜଣ ଛାତ୍ରଛାତ୍ରୀ ଥିବାବେଳେ କେବଳ ଗୋଟିଏ କକ୍ଷରେ ପ୍ରଥମରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢା ଚାଲିଛି ।






# ଶିକ୍ଷା ବିଭାଗର ବିକଳ ଚିତ୍ର

## ଗୋଟିଏ ଶ୍ରେଣୀଗୃହରେ ୭୦ ଛାତ୍ରଛାତ୍ରୀ

କେବଳ ଏତିକୁ ନୁହେଁ ଏହି ବିଦ୍ୟାଳୟର ଉକ୍ତ ଶ୍ରେଣୀଗୃହ ମଧ୍ୟ ଅଚଳ ଅବସ୍ଥାରେ ପଡିଥିବାବେଳେ ଏହାର ମରାମତିର ଆବଶ୍ୟକତା ରହିଛି । ତେଣୁ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ଶ୍ରେଣୀ ଗୃହକୁ ମରାମତି କରିବା ସହ ନୂତନ ଶ୍ରେଣୀଗୃହ ନିର୍ମାଣ କରିବା, ବିଦ୍ୟାଳୟକୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦେବା ପାଇଁ ଦାବି କରିଛନ୍ତି । ତେବେ ଏହାକୁ ନେଇ ପୂର୍ବରୁ ମଧ ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ପ୍ରଶାସନ, ବ୍ଲକ ଶିକ୍ଷାଧିକାରୀ, ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କୁ ଗ୍ରାମବାସୀ ଜଣାଇଥିଲେ ମଧ କୌଣସି ସୁଫଳ ମିଳି ନ ଥିବା ମୁଦାଖାଲ ଗ୍ରାମର ମୁଖିଆ ଜଗା ମାଡି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୋମନାଥ ମାଡି, ୱାର୍ଡମେମ୍ବର ଶିଙ୍ଗା ମାଡି, କନା ସୋଡି, ଉଙ୍ଗା କବାସୀ, ଭିମା ସୋଡି, ଦେବା ସୋଡି, ମହେନ୍ଦ୍ର ମାଡି ପ୍ରମୁଖ ଦାବି କରିଛନ୍ତି । ତେବେ ଏନେଇ କାଲିମେଳା ବ୍ଲକ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଲିଙ୍କୁ ପଚାରିବାରୁ ସେ ପ୍ରକାଶ କରିଛନ୍ତି ଯେ, ବିଦ୍ୟାଳୟ ଗୃହ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି । ତେବେ ଖୁବଶୀଘ୍ର ଏ ନେଇ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି ।

---

**ଘଟଗାଁ :** ଆନନ୍ଦପୁର ପୌରାଂଚଳରେ ସ୍ୱତନ୍ତ୍ର ଆମିଷ ବଜାର କେବେ ବୋଲି ଲୋକ ଚାହିଁ ରହିଛନ୍ତି । ରାସ୍ତାକଡ଼ରେ ଅବାଧରେ ମାଛ ମାଂସ କଟା ଯାଇ ବିକ୍ରୀ ହେଉଛି ଫଳରେ ସ୍କୁଲ୍ ଯାଉଥିବା କୋମଳମତି ଶିଶୁ ମାନଙ୍କ ମନରେ ହତ୍ୟାଭଳି ଘୃଣ୍ୟ ଦୃଶ୍ୟ ପ୍ରଭାବ ପକାଇବା ସହ ଦୁର୍ଗନ୍ଧ ପରିବେଶ ସୃଷ୍ଟି କରୁଛି । ଏହାକୁ ଦୃଷ୍ଟି ରେ ରଖି ,୨ ବର୍ଷ ତଳେ ତତ୍କାଳୀନ ଉପ-ଜିଲ୍ଲାପାଳ ଅନିଲ କୁମାର ସେଠୀ, ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ, ତହସିଲଦାର ମାନସ କୁମାର ତ୍ରିପାଠୀଙ୍କ ଉପସ୍ଥିତରେ ଆମିଷ ବିକ୍ରୟ ପାଇଁ ଶୈଲଙ୍ଗ ଅଂଚଳରେ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ୍ ନିର୍ମାଣ ପାଇଁ ପ୍ରସ୍ତାବ ରଖି ଜମି ଚିହ୍ନଟ କରାଯାଇ ବ୍ୟବସାୟୀମାନଙ୍କୁ ସେଠାରେ ମାଛ ମାଂସ ବିକ୍ରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ ଆଜି ଯାଏ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଇ ନଥିବା ଦେଖିବାକୁ ମିଳିଛି । ଏହା କେବଳ ଆଲୋଚନାରେ ସିମୀତ ହୋଇଯାଇଥିବା ସାଧାରଣରେ ଆଲୋଚନା ହେଉଛି । ପୌରାଂଚଳରେ ଆମିଷ ବିକ୍ରୀ ପାଇଁ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ୍ର ବ୍ୟବସ୍ଥା ନଥିବାରୁ ବ୍ୟବସାୟୀମାନେ ନିଜ ଇଚ୍ଛା ମୁତାବକ ରାସ୍ତାକଡରେ ଦୋକାନ ଖୋଲି ମାଛ ମାଂସ ବିକ୍ରୀ କରୁଛନ୍ତି । ରାସ୍ତାକଡରେ ଖୋଲାଖୋଲି ଭାବେ ଛେଳି, କୁକୁଡା ମରାଯାଉଛି । ସାଧାରତଃ ଏହି ଭିଆଇପି ରାସ୍ତା ଦେଇ ପ୍ରତ୍ୟହ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯିବାଆସିବା କରିଥାନ୍ତି, ଯାହାକି ପିଲାଙ୍କ ଉପରେ ଗଭୀର ପ୍ରଭାବ ପଡିବା ସହିତ ବୁଲା କୁକୁରଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ସେହିପରି ୧୪ନ ୱାର୍ଡ ରାସ୍ତାକଡରେ ନିର୍ମାଣ ହୋଇଥିବା ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ପାର୍କ ସମ୍ମୁଖରେ ମାଛ ମାଂସ କଟାଳି ଦୋକାନ ଖୋଲିଛି ଦୋକାନରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ପାର୍କ ପାଖରେ ପକାଇଥିବାରୁ ପରିବେଶ ଦୂଷିତ ହେବା ସଙ୍ଗେ ସଙ୍ଗେ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଫଳରେ କୋମଳମତି ଶିଶୁମାନଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡୁଛି । ରାସ୍ତାକଡରେ ଦୁଇଚକିଆ ଗାଡି ପାର୍କି ସାଙ୍ଗକୁ ବୁଲା କୁକୁରଙ୍କ ଆକ୍ରମଣରେ ବାଇକ୍ ଚାଳକମାନେ ଅଧିକାଂଶ ସମୟରେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି । ପୌରପରିଷଦ ୱାର୍ଡ ନଂ ୧୨ ,୧୩,୧୪, ୧୫, ଓ ' ୧୬ ଶୈଳଙ୍ଗ ଛକରେ ଏଭଳି ସମସ୍ୟା ଦେଖିବାକୁ ମିଳୁଛି । ଏପରିକି ଉପଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାକଡରେ ମଧ ମାଛ ବ୍ୟବସାୟୀ ଦୋକାନ ଖୋଲିବାକୁ ପଛାଇ ନାହାନ୍ତି। ପରିବେଶ ଦୂଷିତ ଯୋଗୁଁ ସାଧାରଣ ଲୋକଙ୍କ ଯାତାୟତ ସମ୍ଭବ ହେଉନାହିଁ । ରାସ୍ତା ଅବରୋଧ କରି ଅମିଷ କିଣୁ ଥିବାରୁ ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଏଥି ପ୍ରତି ପୌରପରିଷଦ କର୍ତ୍ତୃପକ୍ଷଙ୍କ ତରଫରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ରାସ୍ତାକଡ଼ରେ ଅବାଧରେ ଚାଲିଛି ମାଂସକଟା

## ସ୍ୱତନ୍ତ୍ର ଆମିଷ ବଜାର ଦାବି



# ଗୋରୁ ଗାଡ଼ି ଜବତ କଲା ପୋଲିସ୍



ମାଲକାନଗିରି(ପିପିଏସ୍): ନବରଙ୍ଗପୁରଠାରୁ ହାଇଦ୍ରାବାଦକୁ ଗୋରୁ ବୋଝେଇ ଗାଡି ଯାଉଥିବା ସମୟରେ ମାଥିଲି ପୋଲିସ ବିଶେଷ ସୂତ୍ରରୁ ଖବରପାଇ ୩୨୬ ନମ୍ବର ଜାତୀୟ ରାଜପଥ ଗୋବିନ୍ଦ ପାଲ୍ଲୀ ଘାଟିରେ ଜବତ କରିଛି । ଜବତ ଗାଡିକୁ ବର୍ତ୍ତମାନ ଗୋବିନ୍ଦ ପାଲ୍ଲୀ ଫାଣ୍ଡିକୁ ଆଣିଛି ।ନବରଙ୍ଗ ପୁର ଜିଲ୍ଲାରୁ ତେଲେଙ୍ଗାନା ରାଜ୍ୟର ହାଇଦ୍ରାବାଦ ଯାଉଥିବା ବେଳେ ମାଥିଲି ପୋଲିସ ବିଶେଷ ସୂତ୍ରରୁ ଖବରପାଇ ଗୋ ଚାଲାଣରେ ଟ୍ରକ ସହ ୩୦ ଗୋରୁଙ୍କୁ ଉଦ୍ଧାର କରିଛି ପୋଲିସ ।ତାହା ସହିତ ଡ୍ରାଇଭର ଓ ହେଲପର କୁ ଗିରଫ କରି ଅଧିକ ପଚରାଉଚରା କରିଛି ମାଥିଲି ପୋଲିସ ।ପୋଲିସ ଏ ବିଷୟରେ କୌଣସି ପ୍ରତିକ୍ରିୟା ଦେବା ସିଧାସଳଖ ମନା କରିଦେଇଛନ୍ତି ଆମର ଉପରିସ୍ଥ ଅଧିକାରୀ ଯେ ପର୍ଯ୍ୟନ୍ତ ନିର୍ଦ୍ଦେଶ ଦେଇ ନାହାଁନ୍ତି ସେ ପର୍ଯ୍ୟନ୍ତ ଆମେ କୌଣସି ପ୍ରତିକ୍ରିୟା ଦେଇ ପାରିବୁ ନାହିଁ ମାଥିଲି ପୋଲିସ କହିଛି ।

# ମହିଳାଙ୍କୁ ନିର୍ଯାତନା ଅଭିଯୋଗ

ଜୟପୁର : ମହିଳାଙ୍କୁ ଶାରିରିକ ମାନସିକ ନିର୍ଯ୍ୟାତନା ଦେଉଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି । ଜୟପୁର ପ୍ରସାଦ ରାଓ ପେଟାରଟି ମନିସା ନିଲମ ଗତ ୨୦୧୮ ମସିହା ମାଛରେ ଆନ୍ଧ୍ର ପ୍ରଦେଶରପ ଶ୍ରୀକାକୁଲମ ଅଂଚଳର ଏନ ଶିବା ପ୍ରସାଦକୁ ବିବାହ କରିଥିଲେ । ଏମାନଙ୍କର ୨ଟି ସନ୍ତାନ ରହିଛି । ୧ବର୍ଷ ଠିକ ଠାକରେ ଚାଲିଥିବା ବେଳେ ୨୦୧୯ ରୁ ସ୍ୱାମୀ ଓ ପରିବାର ଲେକେ ମିଶି ଶାରିରିକ ଓ ମାନସିକ ନିଯ୍ୟାତନା ଦେଉଥିବା ନେଇ ମହିଳା ଜଣକ ଜୟପୁର ମହିଳା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ସ୍ୱାମୀ ଓ ପରିବାର ଲୋକଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଜୟପୁର ମହିଳା ଥାନା ଅଧିକାରି ଅନିତା କୁଜୁର ସୂଚନା ଦେଇଛନ୍ତି ।

# ଓଏସ୍ଏପି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



ରାଉରକେଲା(ପିପିଏସ୍) : ଓଏସ୍ଏପି ସରକାରୀ ଉଚ୍ଚ ବିଦ୍ୟାଳୟର ୩୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ବିଶ୍ୱାଳଙ୍କ ସଭାପତିତ୍ୱ ଓ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଏସ୍ଏପି ପୋଲିସ୍ ପ୍ରଶାସନର ବରିଷ୍ଠ ଦୁର୍ଗପତି ପ୍ରମୋଦ କୁମାର ଜେନା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଦୁର୍ଗ ପରିବାର କଲ୍ୟାଣ କେନ୍ଦ୍ର ର ସଭାପତି ସାଗରିକା ମଲ୍ଲିକ, ବରିଷ୍ଠ ସାମ୍ବାଦିକ ତଥା କବି କୁଞ୍ଜବିହାରୀ ରାଉତ,ବିଶ୍ରା ବ୍ଲକ ଶିକ୍ଷାଧିକାରୀ ସଦାନନ୍ଦ ପ୍ରଧାନ, ପ୍ରାକ୍ତନ ଏବିଇଓ କୁଞ୍ଜବିହାରୀ ରାଉତ, ମଧୁସୂଦନ କ୍ଲଷ୍ଟରର ସିଆରସିସି ହରିହର ବେହେରା, ପ୍ରାକ୍ତନ ପ୍ରଧାନଶିକ୍ଷକ ପଦ୍ମନାଭ ଦାଶ,ଓଏମ୍ପି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଲୋଚନା କର, ରମାକାନ୍ତ ମଲ୍ଲିକ ତଥା ପ୍ରାକ୍ତନ ତଥା ରାଜ୍ୟ କୃତି ସମ୍ମାନପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। ଅତିଥି ମାନେ ସେମାନଙ୍କ ବକ୍ତବ୍ୟରେ ସତକହିବା ,ନିର୍ଭୟ ରହିବା ,କର୍ମପ୍ରତି ପ୍ରତିବଦ୍ଧତା ,ଲେଖିବା,ପଢ଼ିବା, ଶୁଣିବା , ସମୟାନୁବର୍ତ୍ତିତା , ଶୃଙ୍ଖଳିତ , ପିତାମାତା ଙ୍କୁ ସମ୍ମାନ, ଆମ୍ବେଦକର ଙ୍କ ଜୀବନାଦର୍ଶ, ଆତ୍ମବିଶ୍ୱାସ, ଜ୍ଞାନ ବଢ଼ାଇବାର ସ୍ପୃହା, ଶିକ୍ଷା ପ୍ରତି ପ୍ରତିବଦ୍ଧତା, ଭଲ ମଣିଷ ହେବା ଓ ସମୟର ସଦୁପଯୋଗ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଶ୍ରୀ ନାୟକ ଦେବାରେ ଆନନ୍ଦ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସେ କହିଥିଲେ ଯେ ବିଦ୍ୟାଳୟ ତରଫରୁ କୌଣସି ପିଲା ରାଜ୍ୟସ୍ତରୀୟ ପ୍ରତିଯୋଗିତା ରେ ଅଂଶଗ୍ରହଣ କଲେ ବାର୍ଷିକୋତ୍ସବ ରେ ଏକ ହଜାର ଟଙ୍କା ପ୍ରୋତ୍ସାହନ ରାଶି ତଥା ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷାରେ ପ୍ରଥମ ହୋଇଥିବା ପିଲାଙ୍କୁ କଲେଜ ପଢ଼ିବାର ପ୍ରଥମ ଦୁଇବର୍ଷ ସମସ୍ତ ଖର୍ଚ୍ଚ ବହନ କରିବା ପାଇଁ ଘୋଷଣା କରିଥିଲେ। ଚଳିତବର୍ଷ ଶ୍ରେଷ୍ଠ ଛାତ୍ରୀ ଭାବେ ପ୍ରତିଭା ମାଝୀଙ୍କୁ ପୁରସ୍କୃତ କରାଯିବା ସହ ଶ୍ରୀ ନାୟକ ଙ୍କ ପ୍ରଦତ୍ତ ଏକ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ରାମଚନ୍ଦ୍ର ମିଶ୍ର ମନ୍ତ୍ରୋଚ୍ଚାରଣ କରି ତଥା ଅତିଥିମାନେ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିବାବେଳେ ଶିକ୍ଷକ ବିକାଶ ଚନ୍ଦ୍ର ମହାନ୍ତି ଅତିଥି ମାନଙ୍କ ପରିଚୟ ପ୍ରଦାନ ତଥା ସଭାପତିତ୍ୱ କରୁଥିବା ପ୍ରଧାନ ଶିକ୍ଷକ ଶ୍ରୀ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପ ଦୁର୍ଗପତି ସଞ୍ଜିବ କୁମାର ଲାକ୍ରା, ସହକାରୀ ଦୁର୍ଗପତି ମାନଭଞ୍ଜନ ଛୁରା,ରତ୍ନାକର ଲାକ୍ରା, ମାନସିଂହ ମୁର୍ମୁ, ମଧୁସୂଦନ ମହାପାତ୍ର ତଥା ହ୍ୱିଲଦାର ଓ ସିପାହୀ ଶାଖା ସଂଘର ସଭାପତି ସୂର୍ଯ୍ୟକାନ୍ତ ପାତ୍ର ତଥା ସମ୍ପାଦକ ଗିରିଧାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନା ରେ ମନୋଜ ସାହୁ,ମୈ ।ସୁମୀ ମିତ୍ର,ଅଚଳା ମିଶ୍ର,ରାମ ମିଶ୍ର, ପ୍ରତାପ ପ୍ରଧାନ, ରବିନାରାୟଣ ପାତ୍ର, ରୋହିଣୀ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓ.ଏମ୍.ପି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ବରିଷ୍ଠ ଶିକ୍ଷୟିତ୍ରୀ ଜାନକୀ ନନ୍ଦ,ରଞ୍ଜିତା ମିଶ୍ର, ମହାମାୟା ତ୍ରିପାଠୀ, ଐଶ୍ୱରୀୟା ପ୍ରିୟଦର୍ଶିନୀ, ପରିଚାଳନା ସମିତି ର ଫ୍ରାନସିସ କାଣ୍ଡୁଲନା, ପ୍ରଭାତ ପ୍ରଧାନ,ସୁରେଖା କିସାନ ଓ ସାବିତ୍ରୀ ଭୂମିଜ ପ୍ରମୁଖ ଉପସ୍ଥିତ ରହି ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ରାମଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇନ ସେବା ପ୍ରାଧିକରଣ କେନ୍ଦ୍ର ଉଦ୍‌ଘାଟିତ

ବଲାଙ୍ଗୀର, (ହି.ସ.) – ଲୋକ ଉତ୍ସବ ଚାରି ଦିନ ବ୍ୟାପି ୨୦୨୫ ର ସ୍ଥାନୀୟ କୋସଲ କଳା ମଣ୍ଡପରେ ଅନୁଷ୍ଠିତ ହୋଇଥିବା ବେଳେ ଏହି ଅବସରରେ ଆଇନ ସେବା ପ୍ରାଧିକରଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଦୌରା ଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଡ.ପବିତ୍ର ମୋହନ ସାମଲ ଉଦ୍‌ଘାଟିତ କରିଥିଲେ। କିଭଳି ଆଇନ ସେବା ଲୋକ ପାଇବେ ତାହା ସଚେତନତା କରିବା ଉଦ୍ଦେଶ୍ୟରେ ଚାରିଦିନ ବ୍ୟାପି ଆଇନସେବା ପ୍ରାଧିକରଣ ତରଫରୁ ସଚେତନତା କାର୍ଯ୍ୟକ୍ରମ ଚାଲୁରହିବ। ଏହି ଅବସରରେ କୁନି କଳାକାର ରାଜ ରାଜେଶ୍ୱରୀ ମିଶ୍ର ନିଜ ହାତ ତିଆରି ଲୋକ ଉତ୍ସବ ପଟ୍ଟଚିତ୍ର ଜିଲ୍ଲା ଦୌରା ଜଜ୍‌ଙ୍କୁ ହସ୍ତାନ୍ତର କରିଥିଲେ। ଏହି ଉତ୍ସବରେ ବେଶ ଚର୍ଚ୍ଚିତ ରହିଥିଲା। ଏହି ଉଦ୍‌ଘାଟନ ସମାରୋହରେ ପରିବାର ଅଦାଲତ ଜର୍ଜ ବିକ୍ରମ କେଶରୀ ପଟ୍ଟନାୟକ, ଏଡିଜେ ଦ୍ୱିତୀୟ ପ୍ରୀୟ ରଂଜନ ମିଶ୍ର, ପ୍ରାଧିକରଣ ସଚିବ ପବିତ୍ରାନନ୍ଦ ପ୍ରଧାନ, ରେଜିଷ୍ଟ୍ରାର ଶ୍ରୀଦିପ ମିଶ୍ର, ଏସ୍‌ଡିଜେଏମ୍ ଦିପାରାଣୀ ଜେନା, ସିଭିଲ ଜଜ୍ ଜୁନିୟର ଡିଭିଜନ ଶାଶ୍ୱତି ମହାପାତ୍ର, ପ୍ରବେଶନ ମାଜିଷ୍ଟ୍ରେଟ ଅଧରୁପା ମିଶ୍ର, ଏସ୍‌ଡିଜେଏମ୍ ବିଜୟାନନ୍ଦ ସେଠି, ଉପ-ଜିଲ୍ଲାପାଳ ଆଲୋକ କୁମାର ପଟେଲ, ଓକିଲ ସଂଘ ସଭାପତି ଅମ୍ବରେଶ ତ୍ରିପାଠି, ଜୟରାମ ମିଶ୍ର, ଓମ୍‌କାର ନାୟକ, ପ୍ରଭାକର ମିଶ୍ର, ବାସୁଦେବ ମେହେର, ପିଏଲ୍‌ଭି ଜୟକୃଷ୍ଣ ମିଶ୍ର, ବିଦ୍ୟୁତଲତା ଖମାରୀ, ପ୍ରଶାନ୍ତ ମହାକୁର, ମଧୁସୁଦନ ନାୟକ, ଆଇନସେବା ପ୍ରାଧିକରଣ ର ସମସ୍ତ ଅଫିସ ଷ୍ଟାଫ୍, ଲ' କଲେଜ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ।

# ସଂସ୍କୃତ ଶିକ୍ଷକ ସଂଘ କର୍ମକର୍ତ୍ତା ଚୟନ

ମାଲକାନଗିରି, (ପିପିଏସ୍): ମାଲକାନଗିରି ଜିଲ୍ଲା ସଂସ୍କୃତ ଶିକ୍ଷକମାନଙ୍କର ଏକ ବୈଠକ ସ୍ଥାନୀୟ ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କମଲଲୋଚନ ମାଝିଙ୍କ ପୌରହିତ୍ୟରେ ସଂସ୍କୃତ ଶିକ୍ଷକ ସଂଘର କର୍ମକର୍ତାଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା ।ମୁଖ୍ୟଉପଦେଷ୍ଟା ଭାବେ ବରିଷ୍ଠ ଶିକ୍ଷକ କରୁଣାକର ମଲ୍ଲିକ ଓ ଉପଦେଷ୍ଟା ଭାବେ ରଶ୍ମିତା ମହାରଣା, କୈଳାସ ଚନ୍ଦ୍ର ଭୋଲ ଓ ସୁକୁମାର ଦେ, ସଭାପତି ଗୋଦାବରୀଶ ଦାଶ, କାର୍ଯ୍ୟକାରୀ ସଭାପତି କମଲଲୋଚନ ମାଝି , ଉପସଭାପତି ନିରଞ୍ଜନ ମୁଖି ଓ ଅଶ୍ୱିନୀ କୁମାର ପଣ୍ଡା, ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ଦାଶ , ସହ ସମ୍ପାଦକ ପ୍ରମୋଦ କୁମାର ସାହୁ, ସଂଗଠନ ସମ୍ପାଦକ ଚତୁର୍ଭୁଜ ଦାଶ ଓ ରତ୍ନାକର ଆଚାର୍ଯ୍ୟ, କୋଷାଧ୍ୟକ୍ଷ ସୁକୁମାର ପଣ୍ଡା , ଉପ କୋଷାଧ୍ୟକ୍ଷ ବାସୁଦେବ ପଣ୍ଡା , ଜିଲ୍ଲା ସଂଯୋଜକ ସୁରେଶ ଚନ୍ଦ୍ର ବେହେରା ଓ ଶୁଭସ୍ମିତା ନନ୍ଦଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ସମସ୍ତ ନୂତନ କର୍ମକର୍ତାଙ୍କୁ ଉପଦେଷ୍ଟାମଣ୍ଡଳୀ ସ୍ୱାଗତ କରିଛନ୍ତି।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

# ୧୦୯ ଅଭିଯୋଗର ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର, (ହି.ସ.) – ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୧୦୯ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୮୭ ଗୋଟି ଗ୍ରହଣ କରାଯାଇଥିବାବେଳେ ୧୫ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି। ୦୭ ଗୋଟି ଦରଖାସ୍ତ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ସହାୟତା ନିମନ୍ତେ ଗ୍ରହଣ କରାଯାଇଛି। ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡିଓ କରିସ୍ମା ବେସ୍ରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ସମେତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର , ଉପଜିଲ୍ଲାପାଳ ବୀରମହାରାଜପୁର, ଶ୍ରୀ ଲଲାଟେନ୍ଦୁ ସି , ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କୁମାର ଗୁରୁ , ଆର୍‌ଡବ୍ଲୁଏସ୍‌ଏସ୍ ଅଧିକ୍ଷଣ ଯନ୍ତ୍ରୀ ତପନ ପଧାନ, ଜିଲ୍ଲା ପଂଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା କ୍ରୀଡା ଅଧିକାରୀ ଚିତରଞ୍ଜନ ମିଶ୍ର , ଡେପୁଟି କଲେକ୍ଟର ଜରୁରୀ ଶାଖା କୃଷ୍ଣ ମୋହନ ସିଂ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲ୍ଲା ଶ୍ରମ ଅଧିକାର, ତହସିଲଦାର ଉଲୁଣ୍ଡା ପ୍ରଶାନ୍ତ ମହାରଣା, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକସ୍ତରୀୟ ଅଧିକାରୀ , ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

# କନ୍ଧମାଳ ଜିଲ୍ଲା ଶାଖା ଅନୁସୂଚିତ ଜାତି ମୋର୍ଚ୍ଚାର ସାଂଗଠନିକ ବୈଠକ

କନ୍ଧମାଳ, (ହି.ସ.)- କନ୍ଧମାଳ ଜିଲ୍ଲା ଅନୁଚୁଚିତ ଜାତି ମୋର୍ଚ୍ଚର ଜିଲ୍ଲାସ୍ତରୀୟ ସାଙ୍ଗଠନିକ ବୈଠକ କ.ନୂଆଗାଁ ବ୍ଲକ ସାରଙ୍ଗଗଡ଼ ସ୍ଥିତ ମା ମଙ୍ଗଳା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମୋର୍ଚ୍ଚାର ଆବାହକ ତଥା ପାଣ ସମାଜ ର ପୂର୍ବତନ ଜିଲ୍ଲା ସଭାପତି ଅନାମ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକ ରେ ଅନ୍ୟମାନଙ୍କ ମଧ୍ୟରେ ବୌଦ୍ଧ ଜିଲ୍ଲା ରୁ ଆସିଥିବା ରାଜ୍ୟ କେଡିକେ ହଟାଓ ଆନ୍ଦୋଳନ ର ରାଜ୍ୟ ସଭାପତି ସୁଧାଂଶୁ ଡାଙ୍ଗ, ବୌଦ୍ଧ ଜିଲ୍ଲା କେଡିକେ ହଟାଓ ଜିଲ୍ଲା ସଭାପତି ବଟକୃଷ୍ଣ ପ୍ରଧାନ, ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିବା ବେଳେ ଜିଲ୍ଲା ର ପ୍ରତେକ ବ୍ଲକ ରୁ ଅନୁସୂଚିତ ଜାତି ସାମ୍ପ୍ରଦାୟର କର୍ମକର୍ତା ଯୋଗ ଦେଇ ଥିଲେ ଓ ଏହି ଅବସରରେ ଅଖିଳ ଭାରତୀୟ ଅନୁସୂଚିତ ଜାତି ମହାସଂଘ କନ୍ଧମାଳ ଜିଲ୍ଲା ପାଇଁ କରକର୍ତା ଚୟନ କରାଯାଇଥିଲା ଓ ସର୍ବସାମ୍ମତି କ୍ରମେ ଅନାମ ନାଏକଙ୍କୁ ମହାସଂଘ ର ସଭାପତି ଭାବରେ ଚୟନ କରାଯାଇଥିବା ବେଳେ ସାଙ୍ଗଠନିକ ସମ୍ପାଦକ ଭାବରେ ଚନ୍ଦ୍ରମୋହନ ନାଏକ, ସାଧାରଣ ସମ୍ପାଦକ ଭାବରେ ସୁଶାନ୍ତ କୁମାର ମୁଖି କାର୍ଯ୍ୟକାରୀ ସମ୍ପାଦକ ଭାବରେ ନୀଳାଚଳ ନାଏକ, ସହ ସମ୍ପାଦକ ଭ୍ରମରବର ନାଏକ ଙ୍କୁ ଚୟନ କରାଯାଇଛି ଓ ସେହିଭଳି ଉପସଭାପତି ଭାବରେ ପ୍ରକାଶ ଚନ୍ଦ୍ର ମୁଖି, ଗହନ ବେହେରା, କାର୍ଯ୍ୟକାରୀ ସଭାପତି ଭାବରେ ଦାଶରଥି ବେହେରା ଓ କୋଷାଧକ୍ଷ ଭାବରେ ରୋହିଦାସ ନାଏକଙ୍କୁ ଚୟନ କରାଯାଇଛି। ସେହିଭଳି ଜିଲ୍ଲାର ପ୍ରତ୍ୟକ ବ୍ଲକରୁ ତିନି ରୁ ଚାରି ଜଣ ବ୍ୟକ୍ତିଙ୍କୁ ବ୍ଲକ ସଂଯୋଜକ ଭାବରେ ଦାୟିତ୍ୱ ଦିଆଯାଇଛି ଓ ତେବେ ନିଜ ହକପାଇଁ ସରକାରଙ୍କ ପାଖରେ ଦାବି ଉପସ୍ଥାପନା କରିବା ଓ କେଉଟ, ଧୀବର ଓ କୈବର୍ତ୍ତ୍ୟ ଜାତିକୁ ଅନୁସୂଚିତ ଜାତି ରୁ ବାଦ ଦେବା ଏହି ସଂଗଠନର ମୂଳ ଲକ୍ଷ୍ୟ ରହିଥିବା ବେଳେ ଅନୁ ସୂଚିତ ଜାତି ର ହକ ପାଇଁ ଲଢେଇ ଜାରି ରହିବ ବୋଲି ନବନିଯୁକ୍ତ ନେତୃମଣ୍ଡଳୀ ମତ ଦେଇଥିଲେ।

# ଜଗଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ

ରାଉରକେଲା, (ପିପିଏସ୍) : ଜଗଦାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଶ୍ରା ବ୍ଲକରେ ସରକାରୀ ବୃତ୍ତି ପାଇଥିବା ବିଦ୍ୟାଳୟର ତୃତୀୟ ଓ ପଂଚମ ଶ୍ରେଣୀର ମୋଟ ୬ ଜଣ ଛାତ୍ରଛାତ୍ରୀଙ୍କୁ ଏକ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି । ଏହି ଛାତ୍ରଛାତ୍ରୀମାନେ ଅପୂର୍ବ ସଫଳତା ହାସଲ କରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପାଇଁ ଗୌରବ ଆଣି ଦେଇଛନ୍ତି। ସମଗ୍ର ବିଶ୍ରା ବ୍ଲକରେ ତୃତୀୟ ଶ୍ରେଣୀରେ ପ୍ରଥମ



ସ୍ଥାନରେ ସୁଶ୍ରୀ ସିପ୍ରା ସାୟୋଲିକା ଜେନା ଏବଂ ଦ୍ୱିତୀୟ ସ୍ଥାନରେ ସୁଶ୍ରୀ ନୀଲମ ଦତ ସଫଳତା ହାସଲ କରିଥିବା ବେଳେ ପଂଚମ ଶ୍ରେଣୀରେ ସୁଶ୍ରୀ ସ୍ନିଗ୍ଧା ସାହୁ ପ୍ରଥମ, ସ୍ମୃତିକାନ୍ତ ସାହୁ ଦ୍ୱିତୀୟ, ତେଜସ୍ମିତା ସାହୁ ଷଷ୍ଠ ସ୍ଥାନ ଏବଂ ଓମ୍ ପ୍ରକାଶ ସାହୁ ଆଦି ସରକାରୀ ବୃତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ବୃତି ପାଇଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟା ମନ୍ଦିର ପରିସରରେ ଆୟୋଜିତ ଏକ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ରାଉରକେଲା ସଂକୁଳର ସଂକୁଳ ପ୍ରମୁଖ ଗୋଦାବରୀଶ ଶତପଥି ମୁଖ୍ୟଅତିଥି ଭାବେ ଯୋଗଦେଇ ମା'ସରସ୍ୱତୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡ.ସାମନ୍ତ କୁମାର ସାହୁ, ସମ୍ପାଦକ ବୈଷ୍ଣବ ଚରଣ ମହାପାତ୍ର, ଉପସଭାପତି ସନ୍ତୋଷ କୁମାର ନାୟକ, ସହ-ସଂପାଦକ କୃପାସିନ୍ଧୁ ବେହୁରିଆ, ପରିଚାଳନା ସମିତି ସଦସ୍ୟା ଆରତୀ ସାହୁ, ନିମନ୍ତ୍ରିତ ସଦସ୍ୟ କୃଷ୍ଣଚନ୍ଦ୍ର ରାଉତ ଏବଂ ପୂର୍ବତନ କୋଷାଧକ୍ଷ ସୁଖନାଥ ଲାକ୍ରା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଆଶିର୍ବଚନ ପ୍ରଦାନ ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୂର୍ଯ୍ୟ ନାରାୟଣ ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ତଥା ଅଭିଭାବକ ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ପରିଚାଳନା ସମିତିର ସଦସ୍ୟା ଆରତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଖିଳଚକ୍ର ପକ୍ଷରୁ ବରିଷ୍ଠ ସାମ୍ବାଦିକ ଅଜୟ ଦାସ ସମ୍ବର୍ଦ୍ଧିତ

କଟକ(ପିପିଏସ୍) : ଓଡିଶାର ଅନ୍ୟତମ ସାରସ୍ୱତ ଓ ସାହିତ୍ୟ ସଂଗଠନ ଅଖିଳଚକ୍ର ପକ୍ଷରୁ ଯାଜପୁର ଜିଲ୍ଲା ଅରେଇସ୍ଥିତ ବରୁଣେଶ୍ୱର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ମକର ମିଳନ ଉତ୍ସବରେ ସାମ୍ବାଦିକ ଆନନ୍ଦ ବିହାରୀ ବର୍ମା ସ୍ମୃତି ସମ୍ମାନରେ ସାମ୍ବାଦିକ ଅଜୟ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବାଚସ୍ପତି ପ୍ରମିଳା ମଲ୍ଲିକ, ମୁଖ୍ୟବକ୍ତା ଭାବେ କବି ଅମରେଶ ପଟ୍ଟନାୟକ, ଅଭିନେତା ପ୍ରଦୁମ୍ନ ଲେଙ୍କା, ମହାବିଦ୍ୟାଳୟର ଅଧକ୍ଷ ବିନ୍ଦୁରେଖା ନାୟକ, ମକର ମିଳନ କମିଟିର ସଭାପତି ପ୍ରାଧାପକ ପ୍ରସନ୍ନ କୁମାର ରାଉତ, ଅଖିଳଚକ୍ରର ରାଜ୍ୟ ସଭାପତି ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ଅଖିଳଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସାମ୍ବାଦିକ ଶ୍ରୀ ଦାସ ବର୍ତ୍ତମାନ କଟକ ଜିଲ୍ଲା ସାମ୍ବାଦିକ ୟୁନିଅନର ସାଧାରଣ ସମ୍ପାଦକ ଥିବାବେଳେ ତାଙ୍କ ଜନ୍ମସ୍ଥାନ ଯାଜପୁର ଜିଲ୍ଲାର କଣ୍ଟାବଣିଆ ଗ୍ରାମରେ ।



# ଜିଲ୍ଲାସ୍ତରୀୟ ଜୁନିୟର ରେଡ଼କ୍ରସ୍ ପ୍ରଶିକ୍ଷଣ ଶିବିର

ଜୟପୁର, (ହି.ସ.)- ସରକାରୀ ଉଚ୍ଚ ବିଦ୍ୟାଳୟ କୋଟପାଡଠାରେ ସୋମବାର ଜିଲ୍ଲାସ୍ତରୀୟ ଜୁନିୟର ରେଡ଼କ୍ରସ୍ ଅଧୟନ ତଥା ପ୍ରଶିକ୍ଷଣ ଶିବିରର ଦ୍ୱିତୀୟ ଦିନ। ସର୍ବ ପ୍ରଥମେ ସକାଳ ୭ଟାରେ ନବଘନ ରାଉତ ଓ ତପନ ପରିଡ଼ା ପ୍ରାର୍ଥନା ଓ ଯୋଗାଭ୍ୟାସ ପ୍ରଶିକ୍ଷଣ ଦେଇଥିଲେ । ସମସ୍ତେ ମିଶି ବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ଅଭିଯାନ କରିଥିଲେ । କୋଟପାଡ଼ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ କୁମାର ସାହୁ ପତାକା ଉତ୍ତୋଳନ କରିଥିଲେ । ଏହାପରେ ପ୍ରଥମ କକ୍ଷାଟି ଆରମ୍ଭ ହୋଇଥିଲା ପ୍ରାଥମିକ ଚିକିତ୍ସା ଉପରେ ଯାହାକି ଜିଲ୍ଲା ଜୁନିଅର ରେଡ୍ କ୍ରସ ଅଧିକାରୀ ହରେକୃଷ୍ଣ ମହାରଣା ଜିଲ୍ଲା ସାଧନ କର୍ମୀ ଜ୍ୟୋତିରଞ୍ଜନ ନନ୍ଦ ନେଇଥିଲେ । ପ୍ରଦୂଷଣ ନିରାକରଣ ଉପରେ ପ୍ରଶିକ୍ଷଣ ଦେଇଥିଲେ ଜାତୀୟ ଶିକ୍ଷକ ପୁରସ୍କାରପ୍ରାପ୍ତ ଓମ୍ ପ୍ରକାଶ ମିଶ୍ର। କ୍ଷ ନିଆଁ ଲାଗିଯାଇଥିଲେ କିପରି ଲିଭାଯିବ ତାର କୌଶଳ, ଅଗ୍ନିର ପ୍ରକାର ଭେଦ ଉପରେ ଅବଗତ କରାଇଥିଲେ ଅଗ୍ନିସମ ଅଧିକାରୀ ଦୀପକ କୁମାର କର, ମନୋଜ୍ଞପ୍ରଭା ବଞ୍ଚ, ଆଗ୍ନିକ ମିଟୁ ବେହେରା, ଆଗ୍ନିକ ରମେଶ ହରିଜନ, ଆଗ୍ନିକ ଏସ୍ କେ କଅଁର , ଆଗ୍ନିକ ସି. ଏସ୍ ବେହେରା । ପ୍ରାକୃତିକ ବିପର୍ଯ୍ୟୟ ଉପରେ ପ୍ରଶିକ୍ଷଣ ଦେଇଥିଲେ ସୁଜିତ ନାୟକ । ରକ୍ତଦାନ ଶିବିରକୁ ଜିଲ୍ଲା ଜୁନିୟର ରେଡକ୍ରସ୍ ଅଧିକାରୀ ହରେକୃଷ୍ଣ ମହାରଣା ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ କୋଟପାଡର ପ୍ରଧାନ ଶିକ୍ଷକ ଶରତ କୁମାର ସାହୁ ଉଦ୍ଘାଟନ କରିଥିଲେ । ଏଥିରେ ପ୍ରଭାସିନୀ ନିମାଲ , ସୌମ୍ୟ ରଞ୍ଜନ ରଥ ଓ ମେଡିକାଲ କର୍ମଚାରୀ ସହଯୋଗ କରିଥିଲେ ।ଅପରାହ୍ଣରେ ଜୁନିଅରମାନଙ୍କର ଭାଷଣ ପ୍ରତିଯୋଗିତା ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଜାତୀୟ ଶିକ୍ଷକ ପୁରସ୍କାରପ୍ରାପ୍ତ ଓମ୍ ପ୍ରକାଶ ମିଶ୍ର ଧ୍ୱଜ ଅବତରଣ କରିଥିଲେ ।ସଂଧ୍ୟାରେ ସାମୂହିକ ଗୀତ ତଥା ସାମୂହିକ ନୃତ୍ୟର ପ୍ରତିଯୋଗିତା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ସାଧନ କର୍ମୀ ସପନ ଦୀକ୍ଷିତ, ଶୁଭସ୍ମିତା ସାହୁ, ମନୋଜ କୁମାର ମିଶ୍ର ।

# ରାଜ୍ୟସ୍ତରୀୟ କବି ସମ୍ମିଳନୀ

ଦେବଗଡ(ପିପିଏସ୍): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ସଦର ମହକୁମାରେ ଥିବା ଦୁର୍ଗା ପୂଜାମଣ୍ଡପଠାରେ ନବଦିଗନ୍ତ ସାହିତ୍ୟ ସଂସଦ ତରଫରୁ ଚତୁର୍ଦ୍ଦଶ ସାମ୍ବତ୍ସରିକ ଉତ୍ସବ ଓ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆମନ୍ତ୍ରିତ ଅତିଥିମାନେ ଗଜାନନଙ୍କ ମୂର୍ତ୍ତି ନିକଟରେ ପୂଜାର୍ଚ୍ଚନା କରିବା ପରେ ପ୍ରଥମ ଅଧିବେଶନ ଆରମ୍ଭ ହୋଇଥିଲା । ଏହି ଅଧିବେଶନରେ ପ୍ରଫୁଲ୍ଲ କୁମାର ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ଅଧାପକ ଭାରତ ଭୂଷଣ ନନ୍ଦ , ମୁରଲୀଧର ନାୟକ ଓ ଚିତ୍ତରଞ୍ଜନ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉକ୍ତ ଅଧିବେଶନରେ ସାଇପ୍ରଜ୍ଞା, ମଧୁସ୍ମିତା ଓ କୁଇନ୍ ସିଂ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ । ଦେବଗଡ଼, ଅନୁଗୁଳ, ସୁନ୍ଦରଗଡ଼, ସମ୍ବଲପୁର, ଢେଙ୍କାନାଳ ସୋନପୁର ଆଦି ୯ ଟି ଜିଲ୍ଲାରୁ କବିମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ନିଜର କବିତା ପାଠ କରିଥିଲେ । ସେହିପରି ଦ୍ୱିତୀୟ ଅଧିବେଶନରେ ନବଦିଗନ୍ତ ସାହିତ୍ୟ ସଂସଦର ସଭାପତି ପଣ୍ଡିତ ଜଳନ୍ଧର ଦାସ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଅବସରପ୍ରାପ୍ତ ଅଧାପକ ଗୋଲବଦନ ବିଶ୍ୱାଳ ସଭା ସଂଯୋଜନା କରିଥିଲେ । ତାଳଚେର ସାହିତ୍ୟ ସଂସଦର ସମ୍ପାଦିକା ରତ୍ନପ୍ରଭା ବାଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ବାମଣ୍ଡା ଇତିହାସ ଉପରେ ଆଲୋକପାତ କରିଥିବା ବେଳେ ନାକଟିଦେଉଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଇପ୍‌ସିତା ପ୍ରିୟଦର୍ଶିନୀ ପରିଡ଼ାଙ୍କୁ ଚଳିତବର୍ଷ ଶ୍ରେଷ୍ଠ କବିତା ପାଇଁ ସମ୍ମାନିତ କରିଥିଲେ । ଏହି ଉଲକ୍ଷେ ବିଭିନ୍ନ ବର୍ଗରେ ମନୋନୀତ ହୋଇଥିବା ଅତିଥିମାନଙ୍କୁ ମଞ୍ଚାସୀନ ଅତିଥିବୃନ୍ଦଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ନବଦିଗନ୍ତ ସାହିତ୍ୟ ସଂସଦର ବାର୍ଷିକ ପୁସ୍ତକ 'ଆହ୍ୱାନ'କୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଏଥିରେ ସାହିତ୍ୟ ସଂସଦର ସମସ୍ତ ସଭ୍ୟ ସହଯୋଗ କରିଥିଲେ ।



# ଆକାଉଣ୍ଟରୁ ୫୩ ହଜାର ଗାଏବ

**ଭୁବନେଶ୍ୱର (ପିପିଏସ୍):** ଘରେ ରହିଛି ଏଟିଏମ୍ କାର୍ଡ, ହେଲେ ଆକାଉଣ୍ଟରୁ ୫୩ ହଜାର ୩୭୫ ଟଙ୍କା ଗାଏବ ହୋଇଯାଇଛି । ଏନେଇ ଜିଆର୍‌ପି ଥାନାରେ ଭାନୁପ୍ରତାପ ମିଶ୍ର ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି । ଅଭିଯୋଗ ଅନୁସାରେ, ଭାନୁପ୍ରତାପଙ୍କ ଏକ ଏଟିଏମ୍ କାର୍ଡ ରହିଛି । ହେଲେ ଗତ ସପ୍ତାହରେ ତାଙ୍କ ଆକାଉଣ୍ଟରୁ ୫୩ହଜାର ୩୭୫ ଟଙ୍କା ଗାଏବ ହୋଇଯାଇଥିଲା । ତାଙ୍କ ନିକଟରେ ଏଟିଏମ୍ କାର୍ଡ ଥିବାବେଳେ ମାଷ୍ଟରକ୍ୟାଣ୍ଟିନ୍ ଷ୍ଟେସନ ଏଟିଏମ୍‌ରେ ତାଙ୍କ ଏଟିଏମ୍ କାର୍ଡରୁ ଟଙ୍କା ଉଠିଥିଲା । ଭାନୁପ୍ରତାପ ବ୍ୟାଙ୍କରୁ ଏହା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ ।

# ଭ୍ୟାନ୍ ଓଲଟି ଲୁନା ଚୁର୍‌ମାର୍



**ଭୁବନେଶ୍ୱର (ପିପିଏସ୍):** ନନ୍ଦନକାନନ ଗୋଲେଇ ଛକର ଟିକିଏ ଆଗକୁ ବୁଲାଣି ପୂର୍ବରୁ ଏକ ଓମ୍‌ଫେଡ୍ ଭ୍ୟାନ୍ ଓଲଟି ପଡ଼ିବାରୁ ଗୋଟିଏ ଲୁନା ଚୁର୍‌ମାର୍ ହୋଇଯାଇଥିବା ଜଣାପଡ଼ିଛି । ଭ୍ୟାନ୍‌ଟି ରଘୁନାଥପୁର ପଟୁ ବାରଙ୍ଗ ଆଡ଼େ ଯାଉଥିଲା । ନନ୍ଦନକାନନ ବସ୍‌ଷ୍ଟାଣ୍ଡ ଟପି ଅଳ୍ପ ଦୂର ଯାଇଛି ଏହି ସମୟରେ ଚାଳକ ଭାରସାମ୍ୟ ହରାଇବାରୁ ରାସ୍ତାର ବାମ ପଟକୁ ଓଲଟି ପଡ଼ିଥିଲା । ଏହି ସମୟରେ ସେଠାରେ ଥିବା ଏକ ଲୁନା ଉପରେ ଗାଡ଼ିଟି ପଡ଼ିଯାଇଥିଲା । ଚାଳକ ଜଣକ ଦୁର୍ଘଟଣା ଘଟାଇ ସେଠାରୁ ଦୌଡ଼ି ପଳାଇଥିଲେ । ଖବର ପାଇ ନନ୍ଦନକାନନ ପୁଲିସ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରି ଥାନାରେ ରଖିଛି । ଲୁନାଟି ବାରଙ୍ଗ ଅଞ୍ଚଳର ଜଣେ ଲୋକର ବୋଲି ପୁଲିସ ଜାଣିବାକୁ ପାଇଥିବାବେଳେ ଖବର ଲେଖା ହେଲା ବେଳକୁ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୁଲିସ କହିଛି ।

# ଶ୍ୱେତପଦ୍ମା ନାଟଘରର ଏକାଦଶ ମଞ୍ଚ ନାଟକମେଳା ଉଦ୍‌ଘାଟିତ



**ଭୁବନେଶ୍ୱର (ପିପିଏସ୍):** ଶ୍ୱେତପଦ୍ମା ନାଟ ଘରର ଏକଦଶ ମଞ୍ଚନାଟକ ମେଳା ଉଦ୍‌ଘାଟିତ ହୋଇଯାଇଛି । ଭଞ୍ଜକଳା ମଣ୍ଡପରେ ତିନିଦିନ ଧରି ଚାଲିବାକୁ ଥିବା ଏହି ମେଳାକୁ ଅତିଥିଭାବେ ବରିଷ୍ଠ ନାଟ୍ୟକାର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ, ଭାରତୀୟ ପ୍ରଶାସନିକ ସେବା କଳିଙ୍ଗ ନାଟ୍ୟସଂଘର ସଭାପତି ଧୀରେନ୍ଦ୍ରନାଥ ମଲ୍ଲିକ, ଏୟାରଟେଲ୍‌ର ଉପ ମହାପ୍ରବନ୍ଧକ କୀର୍ତ୍ତିନାଥ ତ୍ରିପାଠୀ ପ୍ରଦୀପ ପ୍ରଜ୍ୱଳନ କରି ମେଳାର ଉଦ୍‌ଘାଟନ କରିଥିଲେ । ଶ୍ୱେତପଦ୍ମା ନାଟଘରର ସଭାପତି ନାଟ୍ୟକାର ପ୍ରଦୀପ୍ ବିଶ୍ୱାଳ ଆୟୋଜିତ ନାଟକ ମେଳା ଉପରେ ବିସ୍ତୃତ ସୂଚନା ଦେଇଥିଲେ । ଏହି ଅବସରରେ ଚର୍ଚ୍ଚିତ ନାଟକ 'ଆହେ ନୀଳଶୈଳ'ର ନିର୍ଦ୍ଦେଶକ ଲାଲା ବିରେନ୍ ପ୍ରସାଦ ରାୟ ଏବଂ ବରିଷ୍ଠ ମଞ୍ଚ ଅଭିନେତା ଭଜକୃଷ୍ଣ ମହାନ୍ତିଙ୍କୁ ଶ୍ୱେତପଦ୍ମା ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା । ପରେ ପରେ ମଞ୍ଚସ୍ଥ ହୋଇଥିଲା ଭୁବନେଶ୍ୱର ଅଭିଳାଶ ଥିଟର ତରଫରୁ ନାଟ୍ୟକାର ଡ. ପ୍ରଶାନ୍ତ ବିଶ୍ୱାଳଙ୍କ ଦ୍ୱାରା ରଚୟିତ କାଳ୍ପନିକ ନାଟକ 'ଅଜବ ନଗରୀର ଗଜବ କଥା' । ଏହି ନାଟକର ନିର୍ଦ୍ଦେଶନା ଦେଇଥିଲେ ବରିଷ୍ଠ ନିର୍ଦ୍ଦେଶକ ପ୍ରଫେସର ଡ. ପ୍ରସନ୍ନ ମିଶ୍ର । କାଳ୍ପନିକ କାହାଣୀକୁ ନେଇ ନାଟକଟି ଦୁଇଟି ରାଜ୍ୟ ପାଟଣାଗଡ଼ ଓ ନିଜିଗଡ଼ ଉପରେ ପର୍ଯ୍ୟବେସିତ । ନିଜିଗଡ଼ର ପ୍ରଜା ଯୁବ ଆୟୁର୍ବିଜ୍ଞାନି ରାଜେଶ ପାଟଣାଗଡ଼ର ଏକ ସୀମାନ୍ତ ଗାଁରେ ଆରମ୍ଭ କରନ୍ତି ଔଷଧୀୟ ବୃକ୍ଷର ଚାଷ । ପାଟଣାଗଡ଼ରେ ଅବାଧ ପ୍ରବେଶ ପାଇଁ ମହାରାଜା ବୀରେନ୍ଦ୍ର ପ୍ରତାପ ବନ୍ଦୀ କରନ୍ତି ଯୁବ ଆୟୁର୍ବିଜ୍ଞାନୀ ରାଜେଶଙ୍କୁ । ସମୟ ଗଡ଼ିଚାଲେ । ଏକଦା ପାଟଣାଗଡ଼ର ରାଜନନ୍ଦିନୀ ଦୀପାଳି ପ୍ରମୋଦ ଉଦ୍ୟାନରେ ଭ୍ରମଣ କରୁଥିବାବେଳେ ସାକ୍ଷାତ୍ ହୁଏ ବନ୍ଦୀ ଗୃହରେ ତାଙ୍କର ରାଜେଶଙ୍କ ସହିତ । ଅବଚେତନ ମନରେ ଆକର୍ଷିତ ହୋଇପଡ଼ନ୍ତି ସେ ରାଜଶେଙ୍କ ପ୍ରତି । ସେଇଦିନ ପ୍ରଥମ ଦେଖାରେ ଭଲପାଇ ବସନ୍ତି ରାଜେଶଙ୍କୁ । ପରେ ପରେ ଉଭୟ ଯୋଡ଼ିହୋଇ ଯାଆନ୍ତି ପ୍ରେମର ବନ୍ଧନରେ । ଏମିତି ଏକ ପ୍ରେମଭରା ଉତ୍କଣ୍ଠାପୂର୍ଣ୍ଣ କାହାଣୀକୁ ନେଇ ମଞ୍ଚସ୍ଥ ହୋଇଥିବା ନାଟକଟି ଦର୍ଶକଙ୍କ ମନରେ ରୋମାଞ୍ଚ ଭରି ଦେଇଥିଲା ।

# ବରିଷ୍ଠ ନାଗରିକଙ୍କ ପକ୍ଷରୁ ମାନସିକ ସୁସ୍ଥତା କାର୍ଯ୍ୟକ୍ରମ



**ଭୁବନେଶ୍ୱର (ପିପିଏସ୍):** ଉତ୍ତରା ବରିଷ୍ଠ ନାଗରିକ ମଞ୍ଚ ଓ ହେଲ୍ପଏଜ୍ ଇଣ୍ଡିଆ ମିଳିତ ଆନୁକୂଲ୍ୟରେ 'ମାନସିକ ସୁସ୍ଥତା' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସଭାପତି ଡ. ଅମରେନ୍ଦ୍ର ନାଥ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୪୦ରୁ ଅଧିକ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ । ମଞ୍ଚର ବରିଷ୍ଠ ସଭ୍ୟ ଦେବଦତ୍ତ ବିଶ୍ୱଜୀବନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ହେଲ୍ପଏଜ୍ ଇଣ୍ଡିଆର ଅଧିକାରୀ ଅନୁସୂୟା ଦାଶ, ଦେବଶ୍ରୀ ବ୍ରହ୍ମା, ନିବେଦିତା ମହାନ୍ତି ପ୍ରାୟ ୩ ଘଣ୍ଟାରୁ ଅଧିକ ସମୟ ମାନସିକ ରୋଗର କାରଣ ଓ ନିରାକରଣ ବିଷୟରେ ବରିଷ୍ଠ ନାଗରିକମାନଙ୍କୁ ବୁଝାଇଥିଲେ । ଏହି ସଭାରେ ଓଡ଼ିଶା ବରିଷ୍ଠ ନାଗରିକ ଫେଡେରେସନର ସଭାପତି ଡ. ମଧୁବାବନ ଜେନା ଏବଂ ସାଧାରଣ ସମ୍ପାଦକ ଡ. ଯୁଗଳ କିଶୋର ସାହୁ ଯୋଗଦେଇ ଅନେକ ଉପାଦେୟ ପରାମର୍ଶ ଦେଇଥିଲେ । ଏହି ଶିବିରରେ ମଞ୍ଚର ସାଧାରଣ ସମ୍ପାଦକ ବେଣୁଧର ନାୟକ, ସଭ୍ୟ ଜୟୀରାମ ବିଶ୍ୱାଳ, ଭବାନୀ ଚରଣ ତ୍ରିପାଠୀ, ଶିବ ପ୍ରସାଦ ସାହାଣୀ, ଆନନ୍ଦ ଚରଣ ମହାପାତ୍ର, ରାଜେନ୍ଦ୍ର ପ୍ରସାଦ ଦାଶ, ମୁକୁନ୍ଦ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଭିନ୍ନ ପ୍ରକଳ୍ପର ସମୀକ୍ଷା କଲେ ରୂପା ମିଶ୍ର

**ଭୁବନେଶ୍ୱର (ପିପିଏସ୍):** ସ୍ୱଚ୍ଛ ଭାରତ ମିଶନ-ସହରାଞ୍ଚଳ ଏମ୍‌ଡି ରୂପା ମିଶ୍ର ଭୁବନେଶ୍ୱରରେ କାର୍ଯ୍ୟରତ ବିଭିନ୍ନ ପ୍ରକଳ୍ପ ସମୀକ୍ଷା କରିଛନ୍ତି । ଏନେଇ ବିଡିଏ କନ୍‌ଫରେନ୍ସ ହଲ୍‌ରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଡିଏ ଉପାଧକ୍ଷ ଏନ୍. ତିରୁମାଲା ନାୟକଙ୍କ ସମେତ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଭୁବନେଶ୍ୱରରେ ସିଟିସ୍ ୧.୦, ଭୁବନେଶ୍ୱର ସ୍ମାର୍ଟ ସିଟି ମିଶନ, ନୂତନ ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ପ୍ରକଳ୍ପର ପାଇଲଟ୍ ପ୍ରୋଜେକ୍ଟ ଭିତ୍ତିରେ ଶୁଭାରମ୍ଭ ଏବଂ ପିଏମ୍ ସ୍ୱନିଧି ଯୋଜନା ସମ୍ପର୍କରେ ଆଲୋଚନା ହୋଇଛି । ଅନ୍ୟପକ୍ଷରେ ରାଜ୍ୟରେ ରୂପା ମିଶ୍ର ଗ୍ରେ ୱାଟର ବିଶୋଧନାଗାର ପ୍ଲାଣ୍ଟ ପ୍ରତିଷ୍ଠାକୁ ନେଇ ମଧ୍ୟ ଆଲୋଚନା କରିଥିବା ଜଣାପଡ଼ିଛି । ରାଜ୍ୟରେ ଅଧିକାଂଶ ସ୍ଥାନରେ ଗ୍ରେ ୱାଟର ବିଶୋଧନାଗାର ନାହିଁ । ଗ୍ରେ ୱାଟର ବିଶୋଧନାଗାର ନିର୍ମାଣକୁ ନେଇ ରାଜ୍ୟରେ ସ୍ଥିତି କ'ଣ ରହିଛି; ସେନେଇ ଆଲୋଚନା ହୋଇଛି । ସେହିପରି ବିଏମ୍‌ସି ଅଧୀନରେ ପ୍ରତିଷ୍ଠା ହେବାକୁ ଥିବା ବାୟୋ ଗ୍ୟାସ୍ ପ୍ଲାଣ୍ଟ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଏହି ପ୍ଲାଣ୍ଟଟି ଆଗାମୀ ୧ମାସ ମଧ୍ୟରେ କାର୍ଯ୍ୟକାରୀ ହେବ ବୋଲି ବୈଠକରେ ଅଧିକାରୀମାନେ ମତ ରଖିଥିଲେ । ଅନ୍ୟପକ୍ଷରେ ସେ ନ୍ୟୁ ସିଟି ପ୍ରକଳ୍ପ, ଟିପି ପ୍ରକଳ୍ପ ଏବଂ ଭୁଆସୁଣୀ ସ୍ଥିତି ଡମ୍ପିଂୟାର୍ଡର ସ୍ଥିତି ସମୀକ୍ଷା କରିଛନ୍ତି । ଲିଗାସି ବର୍ଜ୍ୟରୁ ରାଜଧାନୀବାସୀ କିଭଳି ମୁକ୍ତ ହୋଇପାରିବେ; ଏଥିପାଇଁ ସହରାଞ୍ଚଳ ପ୍ରଶାସନ କ'ଣ କାର୍ଯ୍ୟ କରୁଛି ପଚାରି ବୁଝିଛନ୍ତି । ଏହି ସମୀକ୍ଷା ସ୍ୱଚ୍ଛ ସର୍ବେକ୍ଷଣ ର୍‍ୟାଙ୍କିଙ୍ଗ୍ ଉପରେ ପ୍ରଭାବ ପଡ଼ିବ ବୋଲି କୁହାଯାଉଛି ।

# ଉଠାଦୋକାନୀ ୱେଲ୍‌ଫେୟାର ବୋର୍ଡ ଗଠନ ପାଇଁ ମେୟରଙ୍କ ଆହ୍ୱାନ



**ଭୁବନେଶ୍ୱର (ପିପିଏସ୍):** ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ତରଫରୁ ଜାତୀୟ ଉଠାଦୋକାନୀ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ୨୦୧୪ ଜାନୁଆରୀ ୨୦ ତାରିଖ ଦିନ ପାର୍ଲାମେଣ୍ଟରେ ଉଠାଦୋକାନୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଆଇନ ପାରିତ ହୋଇଥିଲା । ସେହି ଦିନଟିକୁ ସ୍ମରଣୀୟ କରିବା ପାଇଁ ପ୍ରତିବର୍ଷ ଜାନୁଆରୀ ୨୦ ତାରିଖରେ ସାରା ଭାରତ ବର୍ଷରେ ଜାତୀୟ ଉଠାଦୋକାନୀ ଦିବସ ପାଳନ ହୋଇଆସୁଛି । ସୋମବାର ହଜାର ହଜାର ଉଠାଦୋକାନୀଙ୍କ ଏକ ବିଶାଳ ରାଲି ରାଜମହଲ ଛକରୁ ବାହାରି ୟୁନିଟ୍-୧ ଫଳ ଭେଣ୍ଡିଂଜୋନ୍‌ଠାରେ ପହଞ୍ଚିବା ପରେ ସେଠାରେ ଉଠାଦୋକାନୀ ମହାସଂଘର ପ୍ରତିଷ୍ଠାତା ସଭାପତି ପ୍ରତାପ ସାହୁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଏମ୍‌ସି ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଉଠାଦୋକାନୀମାନଙ୍କ ଅଧିକାରକୁ କେହି ଛଡ଼ାଇ ନେଇପାରିବେ ନାହିଁ । ସେମାନଙ୍କୁ ସଠିକ୍ ଭାବରେ ଥଇଥାନ କରାଯିବ ଓ ପରିଚୟ ପତ୍ର, ଭେଣ୍ଡିଂ ସାର୍ଟିଫିକେଟ ପ୍ରଦାନ କରାଯିବ । ମୁଖ୍ୟବକ୍ତା ଭାବରେ କଟକ ମହାନଗର ନିଗମ ମେୟର ସୁବାସ ସିଂ ଯୋଗଦେଇ କହିଲେ ଯେ ଉଠାଦୋକାନୀମାନେ ରାସ୍ତାକଡ଼ରେ ବସି ବ୍ୟବସାୟ କରିବାର ଅଧିକାର ରହିଛି । ସେମାନଙ୍କୁ କେହି ଉଚ୍ଛେଦ କରିପାରିବେ ନାହିଁ । ସେମାନଙ୍କୁ ଥଇଥାନ କରିବା ହେଉଛି ସରକାରଙ୍କ କାମ । ଆମ୍ଭେମାନେ ରିଲାଏନ୍ସ ଫ୍ରେସ୍ ବିରୋଧରେ ଲଢ଼େଇ କରି ସଫଳ ହୋଇଥିବାବେଳେ ଉଠାଦୋକାନୀମାନଙ୍କୁ ଥଇଥାନ କରି ଆଉ ଏକ ସଫଳତା ପାଇଛୁ ।

ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ କହିଲେ ଯେ ମୁଁ ମେୟର ଥିବା ସମୟରେ ବହୁ ଉଠାଦୋକାନୀଙ୍କୁ ଭେଣ୍ଡିଂଜୋନ୍ ମାଧ୍ୟମରେ ଥଇଥାନ କରାଯାଇଛି । ଦେଶ ବିଦେଶରୁ ବହୁ ଲୋକ ଆସି ଏହି ଭେଣ୍ଡିଂଜୋନ୍ ଦେଖି ପ୍ରଶଂସା ମଧ୍ୟ କରିଛନ୍ତି । ଏବେ ରାଜ୍ୟ ସରକାର ଉଠାଦୋକାନୀଙ୍କୁ ଉଚ୍ଛେଦ ନ କରି ଥଇଥାନ କରିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବହୁ କର୍ପୋରେଟର ଯୋଗଦେଇଥିଲେ । ପ୍ରତ୍ୟେକ ଉଠାଦୋକାନୀ ସଂଘ ବା ଭେଣ୍ଡିଂଜୋନ୍‌ଗୁଡ଼ିକରେ ଶୌଚାଳୟ, ପାନୀୟଜଳ, ବିଜୁଳି ଓ ପାର୍କିଂର ବ୍ୟବସ୍ଥା କରିବା, ବିଶ୍ୱ ହକି ଖେଳ ଓ ପ୍ରବାସୀ ଭାରତୀୟ ସମ୍ମିଳନୀ ସମୟରେ ଉଚ୍ଛେଦ ହୋଇଥିବା ଦୋକାନୀମାନଙ୍କୁ ଅବିଳମ୍ବେ ସେହି ଜାଗାରେ ଥଇଥାନ କରିବା, ପ୍ରତ୍ୟେକ ଉଠାଦୋକାନୀଙ୍କୁ ଦୋକାନ ପ୍ରଦାନ କରିବା ଏବଂ ଟାଉନ ଭେଣ୍ଡିଂ କମିଟି ଗଠନ ସମୟରେ ଉଠାଦୋକାନୀଙ୍କୁ ସଭ୍ୟସଭ୍ୟା ରଖିବା ଆଦି ୭ ଦଫା ଦାବିପତ୍ର ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିଲା । ମହାସଂଘର ସାଧାରଣ ସମ୍ପାଦକ ଅନୁଜ କୁମାର ପ୍ରଧାନ, ବିପିନ ଜେନା, ସୂର୍ଯ୍ୟମଣି ସାହୁ, ନିରଞ୍ଜନ ପାଣ୍ଡେ, ଲଲାଟ ଓଝା, ଶୁଭଲକ୍ଷ୍ମୀ ମହାନ୍ତି, ସସ୍ମିତା ସାହୁ, ଶାନ୍ତନୁ ସାହୁ, ପ୍ରଶାନ୍ତ ନାୟକ, ଶରତ ସାହୁ, ନାରୁଆ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ ଯୁଗ୍ମ ସମ୍ପାଦକ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅସଦାଚରଣ କରି ଡ୍ରାଇଭର ଗିରଫ

**ଭୁବନେଶ୍ୱର (ପିପିଏସ୍):** ଘରୋଇ ସେବିକାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଡ୍ରାଇଭରକୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ଭଦ୍ରକ ଚରମ୍ପା ଅଞ୍ଚଳର ରବୀନ୍ଦ୍ର ପ୍ରଧାନ (୩୦) । ପୁଲିସ ସୂଚନା ଅନୁସାରେ, ଅଭିଯୋଗକାରିଣୀ ଡୁମୁଡୁମା ଅଞ୍ଚଳରେ ଘରୋଇ ସେବିକା ଭାବରେ କାମ କରୁଥିବାବେଳେ ରବୀନ୍ଦ୍ର ପେସାରେ ଡ୍ରାଇଭର ହୋଇଥିବାବେଳେ ଉଭୟ ଦୂର ସମ୍ପର୍କୀୟ ହୋଇଥିବାରୁ ଅନେକ ସମୟରେ ଦେଖାସାକ୍ଷାତ୍ କରିଆସୁଥିଲେ । ରବୀନ୍ଦ୍ର ଅଭିଯୋଗକାରିଣୀଙ୍କୁ ଏକ ବ୍ଲୁ ଟୁଥ୍ ଅଡିଓ ଡିଭାଇସ୍ ମଧ୍ୟ ଦେଇଥିଲେ । ରବିବାର ଅଭିଯୋଗକାରିଣୀ ତାଙ୍କ କାମରେ ଥିବାବେଳେ ରବୀନ୍ଦ୍ର ସେଠାରେ ପହଞ୍ଚି ଘର ବାହାରକୁ ଡାକିଥିଲା । ଅଭିଯୋଗକାରିଣୀ ବାହାରକୁ ଆସିବା ପରେ ରବୀନ୍ଦ୍ର ଦୁର୍ବ୍ୟବହାର କରିବା ସହିତ ତାଙ୍କ ବେକରୁ ବ୍ଲୁ ଟୁଥ୍ ଅଡିଓ ଡିଭାଇସ୍‌କୁ ଛଡ଼ାଇ ନେଇଥିଲେ । ଏହାକୁ ବିରୋଧ କରିବାରୁ ରବୀନ୍ଦ୍ର ଗାଳିଗୁଲଜ କରି ଟଣାଓଟରା କରିବା ସହିତ ତାଙ୍କ ମୋବାଇଲ୍ ଫୋନ୍‌ଟିକୁ ଭାଙ୍ଗି ଦେଇଥିଲେ । ଏନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରିବା ସହିତ ରବୀନ୍ଦ୍ରକୁ ଗିରଫ କରିଛି ।

# ଠକେଇ ଅଭିଯୋଗରେ ସିମେଣ୍ଟ ଦୋକାନୀ ଗିରଫ

**ଭୁବନେଶ୍ୱର (ପିପିଏସ୍):** ୬ ଲକ୍ଷ ୫୦ ହଜାର ଟଙ୍କା ଠକି ନେଇଥିବା ଅଭିଯୋଗରେ ସିମେଣ୍ଟ ଦୋକାନୀଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛନ୍ତି ଭରତପୁର ଜିଏ କଲୋନୀରେ ରହୁଥିବା ପାଟକୁରା ଥାନା ଅଞ୍ଚଳର ବସନ୍ତ ବେହେରା (୬୩) । ପୁଲିସ ସୂଚନା ଅନୁସାରେ, ବସନ୍ତଙ୍କର ବରମୁଣ୍ଡା ଅଞ୍ଚଳରେ ଏକ ଛଡ଼ ଓ ସିମେଣ୍ଟ ଦୋକାନ ରହିଥିବାବେଳେ ବ୍ୟାବସାୟିକ କାରଣରୁ ରଶ୍ମିରଞ୍ଜନଙ୍କର ତାଙ୍କ ସହିତ ଦେଖାହେଉଥିଲା । ବସନ୍ତ ଏହାର ସୁଯୋଗ ନେଇ ୨୦୨୩ ମେ' ୨୩ରେ ରଶ୍ମିରଞ୍ଜନଙ୍କଠାରୁ ୩ ଲକ୍ଷ ୫୦ ହଜାର ଟଙ୍କା ନେଇଥିଲେ ଓ ସେହି ବର୍ଷ ଅଗଷ୍ଟ ମାସ ସୁଦ୍ଧା ଫେରାଇଦେବାକୁ ଚୁକ୍ତି କରିଥିଲେ । ବସନ୍ତ ଏହା ପୂର୍ବରୁ ଅର୍ଥାତ୍ ୨୦୨୧ ଡିସେମ୍ବର ୬ରେ ରଶ୍ମିରଞ୍ଜନଙ୍କ ମାଧ୍ୟମରେ ତାଙ୍କ ବନ୍ଧୁଙ୍କଠାରୁ ୩ ଲକ୍ଷ ଟଙ୍କା ନେଇଥିଲେ । ଏହା ଭିତରେ କିଛି ବର୍ଷ ବିତିଯାଇଥିଲେ ମଧ୍ୟ ବସନ୍ତ ନେଇଥିବା ଟଙ୍କା ଫେରାଇ ନ ଥିଲେ । ରଶ୍ମିରଞ୍ଜନ ଟଙ୍କା ଫେରସ୍ତ ପାଇଁ ଦାବି କରିବାରୁ ବସନ୍ତ ମନା କରିବା ସହ ଧମକ ଦେଇଥିଲେ । ଏନେଇ ଭରତପୁର ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରିଥିଲା । ସୋମବାର ବସନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ତାଙ୍କଠାରୁ ଚୁକ୍ତିପତ୍ର ଜବତ କରାଯାଇଛି ।

# ଶ୍ରାଦ୍ଧବାର୍ଷିକୀରେ ପ୍ରମୋଦ ପତିଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର (ପିପିଏସ୍):** ପ୍ରମୋଦ ପତି ଟ୍ରଷ୍ଟ ଆନୁକୂଲ୍ୟରେ ଅଭିନବ ଭାରତୀୟ ଚଳଚ୍ଚିତ୍ରର ଜନକ ପ୍ରମୋଦ ପତିଙ୍କ ୫୦ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ତାଙ୍କର ଜୀବନୀ ଓ କୃତି ସମ୍ବନ୍ଧୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟ ଅଧକ୍ଷ ଶ୍ୟାମସୁନ୍ଦର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧକ୍ଷ ଡ. ପଞ୍ଚାନନ ସାମଲ, ପ୍ରମୋଦ ପତିଙ୍କ ଅନବଦ୍ୟ କୃତି ଓ କଳାତ୍ମକ ଦୃଷ୍ଟିଭଙ୍ଗୀ ଉପରେ ଆଲୋକପାତ କରିଥିଲେ । ବରିଷ୍ଠ ଚଳଚ୍ଚିତ୍ର ପ୍ରଯୋଜକ ଘନଶ୍ୟାମ ମହାପାତ୍ର ତାଙ୍କ ବକ୍ତବ୍ୟରେ ପ୍ରମୋଦ ପତି ଭାରତୀୟ ଚଳଚ୍ଚିତ୍ରର ଅବିକଶିତ କାଳଖଣ୍ଡରେ ନିଜର ପ୍ରତିଭା ତଥା ନବୀନ ଭାବ ପୁଟିତ ୯୦ଟି ଚଳଚ୍ଚିତ୍ର ନିର୍ମାଣ କରି ଅମର ହୋଇପାରିଛନ୍ତି ବୋଲି କହିଥିଲେ । ଏହି ଅବସରରେ ସମ୍ପାଦକ ଗୋଲକ ବିହାରୀ ସିଂ କୋଲକାତା ସହରରେ ପ୍ରମୋଦ ପତିଙ୍କ ନାମରେ ପ୍ରତିଷ୍ଠା କରାଯାଇଥିବା ସଂଗ୍ରହାଳୟର ଶ୍ରେୟ ହିମାଂଶୁ ଶେଖର ଖଟୁଆଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଭାସ୍କର୍ଯ୍ୟଶିଳ୍ପୀ ଚନ୍ଦନ କୁମାର ସାମଲ, ସୁନିଲ କୁମାର ଡାକୁଆ ପୁଷ୍ପାଞ୍ଜଳି ଅର୍ପଣ ପୂର୍ବକ ସ୍ମୃତିଚାରଣ କରିଥିଲେ ।

# ଓଡ଼ିଆ ଜାତି ପାଇଁ ଫକୀରମୋହନଙ୍କ ଅବଦାନ ଅତୁଳନୀୟ



**ଭୁବନେଶ୍ୱର (ପିପିଏସ୍):** ଓଡ଼ିଆ ସାହିତ୍ୟର ଅଗ୍ରଗଣ୍ୟ ସ୍ରଷ୍ଟା ଫକୀରମୋହନଙ୍କର ଓଡ଼ିଆ ଜାତି ପାଇଁ ଅବଦାନ ଅତୁଳନୀୟ । ସେ କଲମ ମୁନରେ ବିବିଧ ରଚନା ମାଧ୍ୟମରେ କେବଳ ଆଧୁନିକ ଓଡ଼ିଆ ସାହିତ୍ୟର ମୂଳଦୁଆ ପକାଇ ନ ଥିଲେ, ସାହିତ୍ୟ ମାଧ୍ୟମରେ ସେ ସମାଜ ସଂସ୍କାରକ ଭୂମିକାରେ ମଧ୍ୟ ଅବତୀର୍ଣ୍ଣ ହୋଇଥିଲେ ବୋଲି ମତପ୍ରକାଶ ପାଇଛି । ଓଡ଼ିଶା ଲେଖକ ସମବାୟ ସମିତି ପକ୍ଷରୁ ସଭାପତି ପୀତବାସ ରାଉତରାୟଙ୍କ ଅଧ୍ୟକ୍ଷତାରେ ମାସିକ ଆଲୋଚନାଚକ୍ର 'ସମାଜ ସଂସ୍କାରକ ଫକୀରମୋହନ' ଶୀର୍ଷକରେ ବକ୍ତାମାନେ ଫକୀରମୋହନଙ୍କ ସାହିତ୍ୟ ଉପରେ ଆଲୋଚନା କରି କହିଥିଲେ ଯେ ଓଡ଼ିଆ ଭାଷାର ଅସ୍ତିତ୍ୱ ଯେତେବେଳେ ଦୋଦୁଲ୍ୟମାନ ଅବସ୍ଥାରେ ଥିଲା, ଫକୀରମୋହନ ଗଳ୍ପ, ଉପନ୍ୟାସ, କବିତା, ପ୍ରବନ୍ଧ ଓ ଅନୁବାଦ ମାଧ୍ୟମରେ ଓଡ଼ିଆ ଭାଷାକୁ ଜୀବନ୍ୟାସ ଦେଇଥିଲେ । ତାଙ୍କ ରଚିତ ଗଳ୍ପ ଓ ଉପନ୍ୟାସରେ ସମାଜ ସଂସ୍କାରର ଚିତ୍ର ବହୁଳ ଭାବେ ପରିଲକ୍ଷିତ ହୁଏ । ଏହି ଆଲୋଚନାରେ ଉପସଭାପତି ଡ. ପ୍ରେମଲତା ଦେବୀ, ଡ. ମୀନତି ଷଡ଼ଙ୍ଗୀ, ଡ. ଆରତୀ କର, ଡ. ଲଡୁକିଶୋର ପଡ଼ିଆରୀ, ଡ. ସିଦ୍ଧାର୍ଥ କାନୁନ୍‌ଗୋ ପ୍ରମୁଖ ଉପସ୍ଥିତ ରହି ଫକୀରମୋହନଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ରମାକାନ୍ତ ମିଶ୍ର ସ୍ୱାଗତଭାଷଣ ଦେଇଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ବିରଜା ପ୍ରସାଦ ଶତପଥୀ ।

# ଲିଭ୍‌ସ ଫ୍ରମ୍ ହିଷ୍ଟ୍ରି ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର (ପିପିଏସ୍):** ଲିଭ୍‌ସ ଫ୍ରମ୍ ହିଷ୍ଟ୍ରି ପୁସ୍ତକ ଶନିବାର ଭାରତୀୟ ବିଦ୍ୟାଭବନରେ ଉନ୍ମୋଚିତ ହୋଇଯାଇଛି । ଏହି ଉତ୍ସବରେ ଅତିଥି ଭାବରେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ବରିଷ୍ଠ କଥାକାର ଦେବଦାସ ଛୋଟରାୟ, ବରିଷ୍ଠ ପ୍ରଶାସକ ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ, ପୁସ୍ତକର ଲେଖକ ନୀତିଶ ନିବେଦନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ବ୍ଲାକ୍ ଇଗଲ୍ ପବ୍ଲିକେଶନ୍ ଦ୍ୱାରା ପ୍ରକାଶିତ ଏହି ପୁସ୍ତକରେ ବିଭିନ୍ନ ଐତିହାସିକ ଘଟଣାବଳି ସହ ଅନେକ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଜୀବନ କାହାଣୀ ମଧ୍ୟ ଉଲ୍ଲେଖ କରାଯାଇଛି ।

# ବଦଳି ପରେ ବି ଗାଦି ଛାଡୁନାହାନ୍ତି ଅଧିକାରୀ

**ଭୁବନେଶ୍ୱର (ପିପିଏସ୍):** ବଦଳି ପରେ ବି ଗାଦିରୁ ଯାଉନାହାନ୍ତି କର୍ମଚାରୀ । ଏଭଳି ଅବ୍ୟବସ୍ଥା ଦେଖାଦେଇଛି ପୁଲିସ ବିଭାଗରେ । ପୁଲିସ ମାନୁଆଲ ଅନୁସାରେ ଗୋଟିଏ ପୁଲିସ ଜିଲ୍ଲାରେ କୌଣସି ଅଧିକାରୀ ୩ ବର୍ଷରୁ ଅଧିକ ଦିନ ରହିପାରିବେ ନାହିଁ । ଯଦି କୌଣସି ଅଧିକାରୀ ୩ ବର୍ଷରୁ ଅଧିକ ସମୟ ରହିବେ, ସେ ଦୁର୍ନୀତି ଏବଂ ଅନୀତିରେ ବୁଡ଼ି ରହିବେ । ତେଣୁ ୩ ବର୍ଷ ପରେ ବଦଳି ହେବା ସ୍ୱାଭାବିକ । କିନ୍ତୁ ଏବେ କମିସନରେଟ୍ ପୁଲିସରେ କାର୍ଯ୍ୟ କରୁଥିବା କିଛି ଅଧିକାରୀଙ୍କ ରାଜଧାନୀ ମୋହ ଛାଡୁନି । ସେମାନେ ଏଠାରେ ଦୀର୍ଘ ଦିନ ହେବ ଗାଦି ମାଡ଼ି ବସି ରହିଛନ୍ତି । ବଦଳି ହେଲେ ମଧ୍ୟ ସେମାନେ ସିପି ଏବଂ ଡିସିପି ଅଫିସ୍ ଛାଡ଼ିବାକୁ ନାରାଜ । ଉପରିସ୍ଥ ଅଧିକାରୀଙ୍କ ବୋଲକରା ସାଜି ଏଠାରେ ପଡ଼ି ରହିଛନ୍ତି । ଏଠାରେ ପ୍ଲଟ୍ କିଣି ଘର କରିବା ସହ ନିଜର ପିଲା ଛୁଆଙ୍କୁ ଭଲ ସ୍କୁଲରେ ପାଠ ପଢ଼ାଉଛନ୍ତି । ଯେଉଁଥି ପାଇଁ ଯାହା ହେଲେ ବି ଧରାଧରି କରି ଏଠାରେ ପଡ଼ି ରହୁଛନ୍ତି । ବଡ଼ କଥା ହେଲା ରାଜଧାନୀରେ ରହିବାକୁ ହେଲେ ଏକ ବୋଲକରା ଗୋଷ୍ଠୀକୁ ସମର୍ଥନ କରିବାକୁ ପଡ଼ିବ । ଏହି ଗୋଷ୍ଠୀ ଯାହାକୁ ଚାହିଁବେ ସେମାନଙ୍କୁ ଥାନା ପୋଷ୍ଟିଂ ଦେବେ ନ ହେଲେ ଏଠାରୁ ବିଦା କରିବେ । ତେଣୁ ଏଠାରେ କାର୍ଯ୍ୟ କରୁଥିବା ଅନେକ ଇନ୍ସପେକ୍ଟର ତାଙ୍କ ବୋଲକରା ସାଜୁ ନ ଥିବାରୁ ରାତିଅଧିଆ ସେମାନଙ୍କୁ ଅନ୍ୟତ୍ର ବଦଳି କରି ଦିଆଯାଇଛି । ଏହି ଗୋଷ୍ଠୀ ସିପି, ଡିସିପି ଅଫିସରେ ଦବ୍‌ଦବା ଥିବାରୁ ସେମାନେ ଉପରିସ୍ଥ ଅଧିକାରୀଙ୍କୁ ମିଛ କହି ବଦଳି ଏବଂ ପୋଷ୍ଟିଂ କରୁଛନ୍ତି । ସେମାନେ ମଧ୍ୟ ନୂତନ ଇନ୍ସପେକ୍ଟରଙ୍କୁ ନିଯୁକ୍ତି ଦେଇ ଟଙ୍କା ନେଉଥିବା ଅଭିଯୋଗ ହେଉଛି । ଯେଉଁଥିପାଇଁ ଭଲ ଇନ୍ସପେକ୍ଟରଙ୍କୁ ଏଠାରେ କାର୍ଯ୍ୟ କରିବାକୁ ସୁଯୋଗ ମିଳୁନି ।

ଗତ ଡିସେମ୍ବର ମାସରେ ରାଜ୍ୟ ପୁଲିସ ଡିଜି ଅଫିସ ପକ୍ଷରୁ ୩୨ଜଣ ଇନ୍ସପେକ୍ଟରଙ୍କୁ କମିସନରେଟ୍ ପୁଲିସରୁ ବିଦା କରାଯାଇଥିବା ବେଳେ ଅନ୍ୟ ଜିଲ୍ଲାରୁ ୮ଜଣ ଇନ୍ସପେକ୍ଟରଙ୍କୁ ଏଠାକୁ ଆଣିଥିଲେ । ହେଲେ ଇତି ମଧ୍ୟରେ ୨୬ଦିନ ବିତିଯାଇଥିଲେ ମଧ୍ୟ କମିସନରେଟ୍ ପୁଲିସ ଅଧିକାରୀମାନଙ୍କୁ ବଦଳି କରିନି । ମନ ପଡ଼ିଲେ ଦୁଇରୁ ୩ ଜଣ ଅଧିକାରୀଙ୍କୁ ବଦଳି କରୁଛନ୍ତି । କିନ୍ତୁ ଏକାଧିକ ଇନ୍ସପେକ୍ଟର ଦୀର୍ଘ ଦିନ ଗୋଟିଏ ଥାନାରେ ଥିଲେ ବି ବଦଳି କରୁନାହାନ୍ତି । ଯେଉଁଥିପାଇଁ ଅନେକ ଅନଭିଜ୍ଞ ଇନ୍ସପେକ୍ଟର ଥାନା ଚଳାଉଛନ୍ତି । ହେଲେ ଯେଉଁମାନେ ଅଭିଜ୍ଞ ସେମାନଙ୍କୁ ମୁଖ୍ୟାଳୟରେ ବସାଇ ଦେଇଛନ୍ତି । ଆହୁରି ମଧ୍ୟ ଯେଉଁ ସବୁ ଥାନାରେ ୨ଜଣ ଅଧିକାରୀଙ୍କ ଆବଶ୍ୟକତା ଥିବାବେଳେ ସେଠାରେ ରଖାଯାଉନି, କିନ୍ତୁ ଯେଉଁ ଥାନାରେ ଆବଶ୍ୟକ ନାହିଁ ସେଠାରେ ୨ଜଣ ଇନ୍ସପେକ୍ଟର ରଖାଯାଉଛି । ପ୍ରବାସୀ ଭାରତୀୟ ଦିବସ ପରେ କମିସନରେଟ୍ ପୁଲିସରେ ବଡ଼ ଧରଣର ଅଦଳବଦଳ ହେବ ବୋଲି ଚର୍ଚ୍ଚା ହେଉଥିଲା । କାରଣ ପଦୋନ୍ନତି ପାଇଥିବା ଇନ୍ସପେକ୍ଟରଙ୍କୁ ନୂତନ ନିଯୁକ୍ତି ମିଳିନାହିଁ । ସେମାନେ ପୂର୍ବରୁ ଯେଉଁ ଥାନାରେ ଏସ୍‌ଆଇ ଭାବେ କାର୍ଯ୍ୟ କରୁଥିଲେ ସେଠାରେ ବର୍ତ୍ତମାନ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରୁଛନ୍ତି । କିନ୍ତୁ ପ୍ରବାସୀ ଭାରତୀୟ ସମ୍ମିଳନୀ ପରେ ବି କମିସନରେଟ୍ ପୁଲିସରେ ଅଦଳବଦଳ କରାଗଲା ନାହିଁ । ଯେଉଁଥିପାଇଁ ଅନେକ ଅନଭିଜ୍ଞ ଅଧିକାରୀ ଏଠାରେ ଥାନା ସମ୍ଭାଳୁଛନ୍ତି । ଆହୁରି ମଧ୍ୟ କମିସନରେଟ୍ ପୁଲିସରୁ ବିଦା ହୋଇଥିବା ୩୨ଜଣ ଇନ୍ସପେକ୍ଟର ମଧ୍ୟ ଥାନା ଛାଡ଼ି ନାହାନ୍ତି । ସେମାନେ ଏବେ ବଦଳି ବାତିଲ କରିବାକୁ ମସୁଧା କରୁଛନ୍ତି । କମିସନରେଟ୍ ପୁଲିସରେ ଦକ୍ଷ ଅଧିକାରୀଙ୍କୁ ଥାନା ଦାୟିତ୍ୱ ଦେବା ପାଇଁ ସହରବାସୀ ଦାବି କରୁଛନ୍ତି ।

# କର୍ମଚାରୀ ଅଭାବ, ଟ୍ରାଫିକ୍ ବ୍ୟବସ୍ଥାରେ ନିୟୋଜିତ ହେଉଛନ୍ତି ଥାନା କର୍ମଚାରୀ



**ଭୁବନେଶ୍ୱର (ପିପିଏସ୍):** ଟ୍ରାଫିକ୍ ବ୍ୟବସ୍ଥା ପାଇଁ କର୍ମଚାରୀ ଅଭାବ । ଯେଉଁଥିପାଇଁ ଥାନାରୁ ଅଧିକାରୀ ଓ କର୍ମଚାରୀଙ୍କୁ ଆଣି ଏଥିରେ ନିୟୋଜିତ କରାଯାଉଛି । ଫଳରେ ରାଜଧାନୀରେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଜଟିଳ ହେଉଛି । ଲୋକମାନେ ଗନ୍ତବ୍ୟସ୍ଥଳରେ ପହଞ୍ଚିବାକୁ ଯଥେଷ୍ଟ ସମୟ ଆଗରୁ ବାହାରିଥିଲେ ମଧ୍ୟ ସଠିକ୍ ସମୟରେ ପହଞ୍ଚିପାରୁ ନାହାନ୍ତି । ପୂର୍ବରୁ କେତୋଟି ହାତଗଣତି ଛକରେ ଟ୍ରାଫିକ୍ ସମସ୍ୟା ଦେଖାଯାଉଥିବା ବେଳେ ଏବେ ପ୍ରାୟ ସବୁ ଛକରେ ଟ୍ରାଫିକ୍ ଜାମ୍ ଏକ ବଡ଼ ସମସ୍ୟା ହୋଇ ଉଭା ହୋଇଛି । ଭୁବନେଶ୍ୱରର ଦୁଇଟି ଟ୍ରାଫିକ୍ ଥାନାରେ ଆବଶ୍ୟକତାଠାରୁ ଢେର୍ କମ୍ ଅଧିକାରୀ ରହିଛନ୍ତି । ମୋଟାମୋଟି କହିବାକୁ ଗଲେ, ଆବଶ୍ୟକତାର ମାତ୍ର ୩୮% ଅଧିକାରୀଙ୍କୁ ନେଇ ପରିଚାଳନା ହେଉଛି ଭୁବନେଶ୍ୱର ଟ୍ରାଫିକ୍ । ଟ୍ରାଫିକ୍ ପୁଲିସରେ ଥିବା ଅପାରଗତା ଲୁଚାଇବାକୁ ଏବେ ନୂଆ ପନ୍ଥା ଆପଣାଇଛି କମିସନରେଟ୍ ପୁଲିସ । ପ୍ରତିଦିନ ବିଭିନ୍ନ ଥାନାରୁ ୪ଜଣ ଏସ୍‌ଆଇ ଓ ଏଏସ୍‌ଆଇ ଟ୍ରାଫିକ୍‌ରେ ମୁତୟନ ହେବା ନେଇ ପୁଲିସ କମିସନର ନିର୍ଦ୍ଦେଶ ଦେଇଛନ୍ତି । ଏହାପରେ ମଧ୍ୟ ଆହୁରି ୫୦% ପଦ ଫାଙ୍କା ରହିବ ।

ସୂଚନା ଅନୁସାରେ, ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା ଅଧୀନରେ ଥିବା ୨୪ଟି ଥାନାକୁ ଦୁଇଟି ଟ୍ରାଫିକ୍ ଥାନାରେ ବିଭକ୍ତ କରାଯାଇଛି । ଟ୍ରାଫିକ୍ ଥାନା ୨ ଅଧୀନରେ ୧୧ଟି ଥାନା ଯାଉଥିବାବେଳେ ବାକି ଟ୍ରାଫିକ୍ ଥାନା ୧ ଅଧୀନରେ ରହିଛି । ଟ୍ରାଫିକ୍ ଥାନା-୧ରେ ୧୩ଟି ସବ୍ ଇନ୍ସପେକ୍ଟର ଓ ୩ଟି ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର ପଦକୁ ମଞ୍ଜୁରୀ ମିଳିଛି । ହେଲେ ମାତ୍ର ୭ ଜଣ ସବ୍ ଇନ୍ସପେକ୍ଟର ରହିଥିବାବେଳେ ଜଣେ ବି ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର ନାହାନ୍ତି । ସେହିପରି ଟ୍ରାଫିକ୍ ଥାନା ୨ରେ ମଧ୍ୟ ସମାନ ଅବସ୍ଥା । ଟ୍ରାଫିକ୍ ଥାନା ୨ରେ ୬ଟି ସବ୍ ଇନ୍ସପେକ୍ଟର ଓ ୧୦ଟି ଏଏସ୍‌ଆଇ ପଦ ରହିଛି । କିନ୍ତୁ ୪ ଜଣ ସବ୍ ଇନ୍ସପେକ୍ଟର ଓ ମାତ୍ର ଜଣେ ଏଏସ୍‌ଆଇ ରହିଛନ୍ତି । ମୋଟାମୋଟି ଦେଖିବାକୁ ଗଲେ, ଦୁଇଟିଯାକ ଟ୍ରାଫିକ୍ ଥାନାରେ ୩୨ ଜଣ ଅଧିକାରୀ ବଦଳରେ ମାତ୍ର ୧୨ ଜଣ ଅଧିକାରୀଙ୍କୁ ନିଯୁକ୍ତି ମିଳିଛି । ଆବଶ୍ୟକତାର ମାତ୍ର ୩୮% ଅଧିକାରୀରେ ଭୁବନେଶ୍ୱର ଟ୍ରାଫିକ୍ ପରିଚାଳିତ ହେଉଥିବା ସ୍ପଷ୍ଟ ହୋଇଛି ।

ସେପଟେ ଏଭଳି ଅପାରଗତା ଲୁଚାଇବାକୁ ପ୍ରଥମଥର କରି ନୂଆ ପନ୍ଥା ଆପଣାଯାଇଛି । ଟ୍ରାଫିକ୍ ପରିଚାଳନା ପାଇଁ ସପ୍ତାହବ୍ୟାପୀ ଅନ୍ୟ ଥାନାରୁ ଅଧିକାରୀ ନିୟୋଜିତ କରିବାକୁ ନିଷ୍ପତ୍ତି ନିଆଯାଇଛି । କେବଳ ରବିବାରକୁ ଛାଡ଼ିଦେଲେ ଅନ୍ୟ ବାରଗୁଡ଼ିକରେ ବିଭିନ୍ନ ଥାନାରୁ ୪ ଜଣ ଏସ୍‌ଆଇ/ଏଏସ୍‌ଆଇଙ୍କୁ ଆଣି ଟ୍ରାଫିକ୍‌ରେ ମୁତୟନ କରିବାକୁ ପୁଲିସ କମିସନର ନିର୍ଦ୍ଦେଶ ଦେଇଛନ୍ତି । ରବିବାର ସମାନ ଉପାୟରେ ୫ଜଣ ଅଫିସରଙ୍କୁ ନିୟୋଜିତ କରିବାକୁ ଦ୍ୱୈତନଗରୀର ପୁଲିସ ମୁଖିଆ ଚିଠି ଲେଖିଛନ୍ତି । କେଉଁ ବାରରେ, କେଉଁ ଥାନାରୁ, କେତେ ଅଧିକାରୀ ଟ୍ରାଫିକ୍‌କୁ ଯିବେ, ସେନେଇ ସ୍ପଷ୍ଟ ଭାବେ ଚିଠିରେ ଉଲ୍ଲେଖ କରାଯାଇଛି । ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଥାନାର ଅଫିସରମାନଙ୍କୁ ଟ୍ରାଫିକ୍ ଡିସିପିଙ୍କ ନିକଟରେ ରିପୋର୍ଟ କରାଇବାକୁ ଥାନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଥାନାରୁ ଅଧିକାରୀମାନେ ଟ୍ରାଫିକ୍‌କୁ ଯିବା ପରେ ମଧ୍ୟ ଆହୁରି ୫୦% ଅଧିକାରୀ ନିଅଣ୍ଟ ହେବ । ଏଭଳି ସ୍ଥିତିରେ ଟ୍ରାଫିକ୍ ପରିଚାଳନା କିପରି ହେବ, ତାହା ଅନୁମେୟ । ଖାଲି ଏତିକି ନୁହେଁ, ରାଜଧାନୀର ଥାନାଗୁଡ଼ିକରେ ଅଧିକାରୀଙ୍କ ସଂଖ୍ୟା କଥା ନ କହିଲେ ଭଲ । ଦୀର୍ଘଦିନ ହେବ କେଉଁଠି କେଞ୍ଚାଏ, କେଉଁଠି ମେଞ୍ଚାଏ ପରିସ୍ଥିତି ଲାଗି ରହିଛି । ଥାନାରେ ଥିବା ଅଧିକାରୀମାନେ ଟ୍ରାଫିକ୍‌କୁ ଯିବା ପାଇଁ ନିର୍ଦ୍ଦେଶ ଆସିବା ପରେ ଥାନା ଅଧିକାରୀମାନେ ଚିନ୍ତାରେ ପଡ଼ିଛନ୍ତି ।





# ସାଧାରଣ ଲୋକଙ୍କ ନିମନ୍ତେ ୨୨ରୁ ୩୧ ଜାନୁୟାରୀ ପର୍ଯ୍ୟନ୍ତ ଲାଲକିଲ୍ଲା ପରିଦର୍ଶନ ବନ୍ଦ

ନୂଆଦିଲ୍ଲୀ : ଜାତୀୟ ରାଜଧାନୀ ଦିଲ୍ଲୀର ପ୍ରଶିଦ୍ଧ ପର୍ଯ୍ୟଟନ ସ୍ଥଳ ଲାଲକିଲ୍ଲାକୁ ଜାନୁୟାରୀ ୨୨ରୁ ଦିଲ୍ଲୀ ପୋଲିସ ସାଧାରଣ ଲୋକଙ୍କ ପରିଦର୍ଶନ ନିମନ୍ତେ ବନ୍ଦ ଘୋଷଣା କରିଛି । ଏହି କଟକଣା ଜାନୁୟାରୀ ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ । ଏହି ସମୟରେ ଲାଲକିଲ୍ଲା ବୁଲିଯିବାକୁ କାହାରିକୁ ଅନୁମତି ମିଳିବ ନାହିଁ । ଅଞ୍ଚଳ କଡ଼ା ସୁରକ୍ଷା ବଳୟରେ ରଖାଯିବ ବୋଲି ଦିଲ୍ଲୀ ପୋଲିସ ପକ୍ଷରୁ କୁହାଯାଇଛି । ଏଣୁ ଏହି ସମୟରେ କେହି ଲାଲକିଲ୍ଲା ବୁଲିବାକୁ ଚାହୁଁଥିଲେ ତାଙ୍କୁ ଅନୁମତି ମିଳିବ ନାହିଁ ବୋଲି କୁହାଯାଇଛି । ଦିଲ୍ଲୀ ଉତ୍ତର ଜିଲ୍ଲା ଡିସିପି ରାଜା ବାଁଣ୍ଠିଆ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ଗଣତନ୍ତ୍ର ଦିବସ ସମାରୋହ ପାଳନ ନିମନ୍ତେ ସୁରକ୍ଷା ଦୃଷ୍ଟିରୁ ଲାଲକିଲ୍ଲାକୁ ସାଧାରଣ ଲୋକଙ୍କ ପରିଦର୍ଶନ ବାରଣ କରାଯାଉଛି । ଏହି କଟକଣା ୨୨ ଜାନୁୟାରୀ ୨୦୨୫ରୁ ୩୧ ଜାନୁୟାରୀ ୨୦୨୫ ପର୍ଯ୍ୟନ୍ତ ବଳବତ୍ତର ରହିବ । ଏହି ସମୟରେ ଲାଲକିଲ୍ଲା ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାରେ ରଖାଯିବ । ଗଣତନ୍ତ୍ର ଦିବସ ପରେଡ ଲାଲକିଲ୍ଲା ପହଞ୍ଚିବା ପରେ ସେଠାରୁ ଫେରିବ । ଗଣତନ୍ତ୍ର ଦିବସ ପରେଡ ପାଇଁ ଲାଲକିଲ୍ଲାକୁ ସଂଯୋଗ କରୁଥିବା ମାର୍ଗ ସୁରକ୍ଷା ବଳଙ୍କ ଦାୟିତ୍ୱରେ ରହିବ । ମାର୍ଗର ଉଭୟ ପାର୍ଶ୍ୱରେ ଅର୍ଦ୍ଧ ସାମରିକ ବଳ ଓ ଦିଲ୍ଲୀ ପୋଲିସର ଜବାନ ମୂତୟନ ହେବେ ବୋଲି ଡିସିପି କହିଛନ୍ତି । ଗଣତନ୍ତ୍ର ଦିବସ ପରେଡ କର୍ତ୍ତବ୍ୟ ପଥରେ ଅନୁଷ୍ଠିତ ହେବ । ଏହି ଅବସରରେ ରାଷ୍ଟ୍ରପତି ଲାଲକିଲ୍ଲାରେ ଜାତୀୟ ପତାକା ଉତ୍ତୋଳନ କରିବେ ।

# ସରକାରୀ କର୍ମଚାରୀଙ୍କ ପାଇଁ 'ୱାର୍କ ଫ୍ରମ୍ ହୋମ୍'କୁ ବନ୍ଦକଲେ ଟ୍ରମ୍ପ



ନୂଆଦିଲ୍ଲୀ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର , ୨୧ ଜାନୁଆରୀରେ ନିଜ କାର୍ଯ୍ୟକାଳରେ ନିଜର ପ୍ରଥମ ପୂରା ଦିନ ଆରମ୍ଭ କରିବେ । ଟ୍ରମ୍ପ ୪୭ତମ ଆମେରିକୀୟ ରାଷ୍ଟ୍ରପତି ଭାବେ ଶପଥ ନେଇ ସାରିଛନ୍ତି , ଶପଥ ଗ୍ରହଣ ସମାରୋହରେ ସେ ୨୫୦ମିଲିୟନ ଡଲାରର ପାଣ୍ଠି ସଂଗ୍ରହର ରେକର୍ଡ କରିଛନ୍ତି । ଏହି ସଂଖ୍ୟା ବଢିବାରେ ଲାଗିଛି । ଟ୍ରମ୍ପ ଶପଥ ନେବାର କିଛି ଘଣ୍ଟାପରେ , ଇମିଗ୍ରେସନରୁ ନେଇ ପରିବେଶ ଓ ସଂସ୍କୃତି ଯୁଦ୍ଧ ଯାଏ ପ୍ରତି ଜିନିଷ ଉପରେ ଅନେକ କାର୍ଯ୍ୟକାରୀ ଆଦେଶରେ ଦସ୍ତଖତ କରିଛନ୍ତି । ଡୋନାଲ୍ଡ ଟ୍ରମ୍ପ ସରକାରୀ ନିଯୁକ୍ତିକୁ ରୋକିବାର ଆଦେଶ ଦେବା ସହ ସଂଘୀୟ କର୍ମଚାରୀଙ୍କୁ ତୁରନ୍ତ ପୂର୍ଣ୍ଣ ସମୟ ବ୍ୟକ୍ତିଗତ କାମକୁ ଫେରିବା ପାଇଁ ଆବଶ୍ୟକ ଉପରେ ଦସ୍ତଖତ କରିଛନ୍ତି । ଏକ ଜ୍ଞାପନରେ , ଟ୍ରମ୍ପ ସଂଘୀୟ କର୍ମଚାରୀଙ୍କୁ ପୂର୍ଣ୍ଣ ସମୟ ଭାବେ କାର୍ଯ୍ୟାଳୟକୁ ଫେରିବାକୁ କହିଛନ୍ତି । ବୟାନରେ ବ୍ୟବହୃତ କରାଯାଇ ଥିବା ଭାଷା ସେହି ଚ୍ୟାଲେଞ୍ଜ ଗୁଡ଼ିକୁ ରେଖାଙ୍କିତ କରୁଛି , ଯାହାର ସାମନା ନୂଆ ଟ୍ରମ୍ପ ପ୍ରଶାସନକୁ କରିବାକୁ ପଡ଼ିପାରେ, ରିମୋଟ ୱାର୍କକୁ ବନ୍ଦ କରିବାକୁ ପବ୍ଲିକ ସେକ୍ଟର ୱାର୍କ୍ସ ପ୍ରତିନିଧିତ୍ୱ କରୁଥିବା ୟୁନିୟନ ଗୁଡ଼ିକ ଦ୍ୱାରା କଡ଼ା ବିରୋଧକୁ ଦେଖି ଏହି ପଦକ୍ଷେପ ନିଆଯାଇ ପାରେ । ସରକାରଙ୍କର କାର୍ଯ୍ୟକାରୀ ଶାଖାର ସବୁ ବିଭାଗ ଓ ଏଜେନ୍ସିର ପ୍ରମୁଖଙ୍କୁ ଯଥାଶୀଘ୍ର , ରିମୋଟ ୱାର୍କ ବ୍ୟବସ୍ଥାକୁ ବନ୍ଦ କରିବା ପାଇଁ ସବୁ ଆବଶ୍ୟକୀୟ ପଦକ୍ଷେପ ଉଠାଇବାକୁ ହେବ ଏବଂ କର୍ମଚାରୀଙ୍କୁ ପୂର୍ଣ୍ଣକାଳୀନ ଆଧାରରେ ନିଜ ନିଜର ଡ୍ୟୁଟି ଷ୍ଟେସନ ଉପରେ ବ୍ୟକ୍ତିଗତ ଭାବେ କାମକୁ ଫେରିବାକୁ ହେବ ।

# ରାହୁଲଙ୍କୁ ଡରୁଛନ୍ତି ସରକାର: ପ୍ରିୟଙ୍କା



ବେଲଗାଭି : କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧି ମଙ୍ଗଳବାର ବିଜେପି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ)କୁ ଟାର୍ଗେଟ କରିଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ ଉଭୟ ବିଜେପି ଓ ଆରଏସଏସର ଆଦର୍ଶଗତ କାପୁରୁଷ । କିନ୍ତୁ କଂଗ୍ରେସ ଦେଶ ପାଇଁ ଜୀବନ ଦେବାକୁ ପ୍ରସ୍ତୁତ । 'ଜୟ ବାପୁ, ଜୟ ଭୀମ, ଜୟ ସମ୍ବିଧାନ' ରାଲିକୁ ସମ୍ବୋଧିତ କରି ପ୍ରିୟଙ୍କା ଗାନ୍ଧୀ ଦାବି କରିଛନ୍ତି ଯେ କେନ୍ଦ୍ର ସରକାର ରାହୁଲ ଗାନ୍ଧୀଙ୍କୁ ଭୟ କରୁଛନ୍ତି କାରଣ ସେ ସମ୍ବିଧାନ ପାଇଁ ଲଢୁଛନ୍ତି । କର୍ଣ୍ଣାଟକର ବେଲଗାଭିରେ ପ୍ରିୟଙ୍କା ଗାନ୍ଧି କହିଛନ୍ତି, ସମ୍ବିଧାନ ଏକ ପୁସ୍ତକ ନୁହେଁ ବରଂ ଲୋକଙ୍କ ସୁରକ୍ଷା ଢାଲ । ବାବାସାହେବ ଭୀମରାଓ ଆମ୍ବେଦକର ଏଥିରେ ଗଣତନ୍ତ୍ରର ସୁରକ୍ଷାକୁ ଅନ୍ତର୍ଭୁକ୍ତ କରିଛନ୍ତି । କର୍ଣ୍ଣାଟକର ବେଲଗାଭିରେ ପ୍ରିୟଙ୍କା ଗାନ୍ଧି କହିଛନ୍ତି, ସମ୍ବିଧାନ ଏକ ପୁସ୍ତକ ନୁହେଁ ବରଂ ଲୋକଙ୍କ ସୁରକ୍ଷା ଢାଲ । ବାବାସାହେବ ଭୀମରାଓ ଆମ୍ବେଦକର ଏଥିରେ ଗଣତନ୍ତ୍ରର ସୁରକ୍ଷାକୁ ଅନ୍ତର୍ଭୁକ୍ତ କରିଛନ୍ତି । ବାବାସାହେବ ହେଉଛନ୍ତି ସାମାଜିକ ନ୍ୟାୟ ଓ ଅଧିକାରର ପ୍ରତୀକ । ଅନେକ ସରକାର ଆସିଛନ୍ତି ଓ ଗଲେଣି, କିନ୍ତୁ ଏମିତି କୌଣସି ସରକାର ନାହିଁ, ଯାହାର ଗୃହମନ୍ତ୍ରୀ ସଂସଦରେ ବାବାସାହେବଙ୍କୁ ଅପମାନିତ କରିଛନ୍ତି । ସ୍ୱାଧୀନତାର ଏତେ ବର୍ଷ ପରେ କ'ଣ କେହି ଭାବିଥାନ୍ତେ ଯେ ୧୯୪୭ରେ ଦେଶ ସ୍ୱାଧୀନତା ପାଇନଥିଲା । ସମ୍ବିଧାନ ପ୍ରଣୟନ ସମୟରେ ମଧ୍ୟ ଆରଏସଏସ ବିଚାରଧାରା ଅସମ୍ମାନଜନକ ଥିଲା । ଏହି ବିଚାରଧାରା ସମ୍ବିଧାନ ବିରୋଧରେ ଅଭିଯାନ ଚଳାଇଥିଲା । ଦେଶର ଗୃହମନ୍ତ୍ରୀ ବାବାସାହେବ ଓ ଗଣତନ୍ତ୍ରକୁ ଅପମାନିତ କରିଛନ୍ତି । ଯେଉଁମାନେ ସ୍ୱାଧୀନତା ପାଇଁ ନିଜ ଜୀବନ ବଳିଦାନ ଦେଇଛନ୍ତି ସେମାନଙ୍କୁ ସେମାନେ ଅପମାନିତ କରିଛନ୍ତି ।

# ପୃଥିବୀ ପାଖକୁ ମାଡ଼ି ଆସିଲେ ୪ଟି ଗ୍ରହ

ନୂଆଦିଲ୍ଲୀ : ମହାକାଶରେ ମହାଜାଗତିକ ଦୃଶ୍ୟ । ଗତ କିଛି ଦିନ ହେବ ଆମ ସୌରମଣ୍ଡଳର ୪ଟି ଗ୍ରହ ଶୁକ୍ର, ଶନି, ବୃହସ୍ପତି ଓ ମଙ୍ଗଳ ଗ୍ରହ ରାତି ଆକାଶରେ ଖାଲି ଆଖିରେ ଦୃଶ୍ୟମାନ ହେଉଛି । ଏହି ଗ୍ରହମାନଙ୍କ ସହିତ ୟୁରେନସ ଏବଂ ନେପଚୁନ ମଧ୍ୟ ଦେଖିବାକୁ ମିଳୁଛି । ଏହି ଛଅଟି ଗ୍ରହ ରାତି ଆକାଶରେ ଏକ ନିର୍ଦ୍ଦିଷ୍ଟ ସୀମାରେଖା ମଧ୍ୟରେ ଦୃଶ୍ୟମାନ ହେଉଥିବାରୁ, ତାହାକୁ ପ୍ଲାନେଟ ପ୍ୟାରେଡ କୁହାଯାଏ । 'ପ୍ଲାନେଟ ପ୍ୟାରେଡ' ଅର୍ଥ ହେଉଛି ସେହି ପରିସ୍ଥିତି ଯେତେବେଳେ ଆମ ସୌରମଣ୍ଡଳର ଅନେକ ଗ୍ରହ ରାତି ଆକାଶରେ ଏକ ସାଙ୍ଗରେ ଦୃଶ୍ୟମାନ ହୁଅନ୍ତି । ଆକାଶରେ ଗ୍ରହମାନଙ୍କର ଗତି ଭିନ୍ନ ଭିନ୍ନ ହୋଇଥାଏ । ସେମାନେ ଅନ୍ୟ ନକ୍ଷତ୍ରମାନଙ୍କ ତୁଳନାରେ ଭିନ୍ନ ହାରରେ ଗତି କରନ୍ତି । ଏଗୁଡ଼ିକ ସମସ୍ତେ ପ୍ରତିଦିନ ଆକାଶରେ ଦୃଶ୍ୟମାନ ହୁଅନ୍ତି ନାହିଁ, କିନ୍ତୁ ବେଳେବେଳେ ଏପରି ସ୍ଥିତି ଉପୁଜିଥାଏ ଯେ ଅନେକ ବା ସମସ୍ତ ଗ୍ରହ ଏକାସାଙ୍ଗରେ କିମ୍ବା ପରସ୍ପରର କିଛି ଘଣ୍ଟା ମଧ୍ୟରେ ଦୃଶ୍ୟମାନ ହୁଅନ୍ତି । ନାସା ୱେବସାଇଟ ଅନୁଯାୟୀ, ଏହି ମଲ୍ଟି-ପ୍ଲାନେଟ ଦେଖିବାର ସୁଯୋଗ ଅତ୍ୟନ୍ତ ବିରଳ । ଶେଷ ଥର ପାଇଁ ୨୦୨୪ ମେ-ଜୁନ ମାସରେ ସୌରମଣ୍ଡଳର ସମସ୍ତ ଗ୍ରହ ସକାଳ ଆକାଶରେ ଦୃଶ୍ୟମାନ ହୋଇଥିଲା । ସୂଚନା ଅନୁଯାୟୀ, ଖାଲି ଆଖିରେ ଦୃଶ୍ୟମାନ ହେଉଥିବା ପଞ୍ଚମ ଗ୍ରହ ବୁଧ ଫେବୃଆରୀ ୨୦ ପରେ ସଂଧ୍ୟା ଆକାଶରେ ଦେଖାଯିବ । ସୌରମଣ୍ଡଳରେ ୮ଟି ଗ୍ରହ ରହିଛି: ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ, ବୃହସ୍ପତି, ଶନି, ନେପଚୁନ ଏବଂ ୟୁରେନସ । ସାତଟି ଗ୍ରହ ମଧ୍ୟରୁ ପାଞ୍ଚଟି ଗ୍ରହ ଖାଲି ଆଖିରେ ଦୃଶ୍ୟମାନ ହୁଏ । ସୂର୍ଯ୍ୟ ଓ ପୃଥିବୀଠାରୁ ସେମାନେ ଯେତିକି ଦୂରରେ ଅଛନ୍ତି, ସେଥିପାଇଁ ଅନ୍ୟ ଦୁଇଟିକୁ ଦେଖିବା ପାଇଁ କିଛି ମାତ୍ରାରେ ମାଗ୍ନିଫିକେସନର ଆବଶ୍ୟକତା ରହିଛି ।

# ପାକିସ୍ତାନୀ ଏୟାରପୋର୍ଟକୁ ହାତେଇଲା ଚୀନ୍



କରାଚି : ପାକିସ୍ତାନର ଗ୍ୱାଦର ସହରରେ ନିର୍ମିତ ଏକ ଏୟାରପୋର୍ଟକୁ ନିଜ ନିୟନ୍ତ୍ରଣକୁ ନେଇଯାଇଛି । ଏହି ବିମାନ ବନ୍ଦରରେ ସୁରକ୍ଷା ପାଇଁ ବହୁ ସଂଖ୍ୟକ ଚାଇନା ଉପକରଣ ଲଗାଯାଇଛି । ଖାଲି ସେତିକି ନୁହେଁ, ଚୀନରୁ ଆସୁଥିବା ଜାହାଜ ସମୟରେ ଚୀନସେନାର ସ୍ପେଶାଲ ସ୍କ୍ୱାଡ୍ ଏଠାରେ ମୁତୟନ ରହିବେ । କରାଚିରୁ ଆସିଥିବା ପ୍ରଥମ ବିମାନ ଗ୍ୱାଦର ବିମାନବନ୍ଦରରେ ଅବତରଣ କରିଥିଲା, ଯେଉଁଠାରେ ଚୀନ୍ ସେନା ମୁତୟନ ହୋଇଥିଲା । ବେଲୋଚ୍ ଆତଙ୍କବାଦୀଙ୍କ ଭୟରେ ବିମାନବନ୍ଦର ଉଦଘାଟନ ଓ ବିମାନ ଚଳାଚଳ ମାସ ମାସ ଧରି ବିଳମ୍ବିତ ହୋଇଥିଲା । ଏବେ ଏୟାରପୋର୍ଟଟି କାର୍ଯ୍ୟକ୍ଷମ ହେବା ପରେ ତାହା ସଂପୂର୍ଣ୍ଣଭାବେ ଚୀନ ନିୟନ୍ତ୍ରଣକୁ ଚଲିଯିବାପରି ଲାଗୁଛି । ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ଚୀନ୍ ଦ୍ୱାରା ନିର୍ମିତ ଗ୍ୱାଦର ବିମାନବନ୍ଦର କାର୍ଯ୍ୟକ୍ଷମ ହୋଇଛି । ସୋମବାର ସନ୍ଧ୍ୟାରେ କରାଚିରୁ ଆସିଥିବା ପ୍ରଥମ ବିମାନ୪୬ ଜଣ ଯାତ୍ରୀଙ୍କୁ ନେଇ ପାକିସ୍ତାନର ଗ୍ୱାଦର ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଥିଲା । ଅବତରଣ ପୂର୍ବରୁ ଆତଙ୍କବାଦୀ ଆକ୍ରମଣ ଭୟରେ ଗ୍ୱାଦରକୁ ଯାଉଥିବା ସମସ୍ତ ରାସ୍ତା ଅବରୋଧ କରାଯାଇଥିବା ବେଳେ ଆଖପାଖ ସମୁଦ୍ରରେ ମଧ୍ୟ ସେଠାରେ ବ୍ୟାପକ ସୁରକ୍ଷା ବଳ ମୁତୟନ କରାଯାଇଥିଲା । ଏୟାରପୋର୍ଟରେ ଚୀନ ଦ୍ୱାରା ଲଗାଯାଇଥିବା ଉପକରଣ ସମ୍ଭାବ୍ୟ ଡ୍ରୋନ ଓ ଅନ୍ୟ ଆକ୍ରମଣକୁ ଅଟକାଇବ ।

# ଭାଜପାର ଘୋଷଣାପତ୍ର ପାର୍ଟ-୨



ନୂଆଦିଲ୍ଲୀ : ଦିଲ୍ଲୀ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଭାରତୀୟ ଜନତା ପାର୍ଟି ମଙ୍ଗଳବାର ଏହାର ଘୋଷଣାପତ୍ରର ଦ୍ୱିତୀୟ ଭାଗ ପ୍ରକାଶ କରିଛି । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏବଂ ବରିଷ୍ଠ ଭାଜପା ନେତା ଅନୁରାଗ ଠାକୁର ସଂକଳ୍ପ ପତ୍ରର ଭାଗ-୨ ପ୍ରକାଶ କରିବା ସମୟରେ, ଦିଲ୍ଲୀରେ ସରକାର ଗଠନ ହେଲେ ସମସ୍ତ ଘୋଷଣା ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ସେ କହିଥିଲେ, 'ଆମର ସଂକଳ୍ପ ହେଉଛି ଏକ ବିକଶିତ ଦିଲ୍ଲୀ ପାଇଁ । ଆମେ ପାଞ୍ଚ ବର୍ଷ ମଧ୍ୟରେ ସଂକଳ୍ପରୁ ସଫଳତା ଆଡ଼କୁ ଗତି କରିବୁ । ଯେତେବେଳେ ଆମେ ବିକଶିତ ଭାରତ ବିଷୟରେ କଥା ହେଉ, ସେତେବେଳେ ଏକ ବିକଶିତ ଦିଲ୍ଲୀର ଆବଶ୍ୟକତା ଥାଏ । ଭାଜପା ଯେଉଁଠାରେ କ୍ଷମତାରେ ରହିଛି, ସେଠାରେ ଜନକଲ୍ୟାଣ ହୋଇଛି । ସେମାନଙ୍କର ପ୍ରାଥମିକତା ଥିଲା । କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର 'ଆମେ ନାଗରିକଙ୍କ ସମସ୍ୟାର ସମାଧାନ କରିଥିଲୁ ଏବଂ ସେମାନଙ୍କୁ ସୁବିଧା ମଧ୍ୟ ଯୋଗାଇଥିଲୁ ।' ସହାୟତାରେ ଦିଲ୍ଲୀର ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଭାବୀ ଛାତ୍ରଛାତ୍ରୀମାନେ କଏ ରୁ ଚଏ ପର୍ଯ୍ୟନ୍ତ ମାଗଣା ଶିକ୍ଷା ପାଇବେ । ଅନ୍ୟ ଭାଜପା ଶାସିତ ରାଜ୍ୟଗୁଡ଼ିକ ପରି, ପ୍ରଶାସନିକ ସେବା ଏବଂ ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ପାଇଁ ଅସହାୟ ଛାତ୍ରଛାତ୍ରୀମାନଙ୍କୁ ୧୫,୦୦୦ ଟଙ୍କାର ଆର୍ଥିକ ସହାୟତା ଦିଆଯିବ । ସରକାର ପରୀକ୍ଷା ଫି' ଦୁଇଥର ଦେବେ । -ଭାଜପା ସରକାର ଗଠନ କରିବା ପରେ ବୈଷୟିକ ଏବଂ ବୃତ୍ତିଗତ ଛାତ୍ରମାନଙ୍କ ପାଇଁ ଡକ୍ଟର ଭୀମରାଓ ଆମ୍ବେଦକର ଛାତ୍ରବୃତ୍ତି ଯୋଜନା ଆରମ୍ଭ କରାଯିବ । ଅନୁସୂଚିତ ଜାତି ବର୍ଗର ଛାତ୍ରୀଛାତ୍ରମାନଙ୍କୁ ଏକ ହଜାର ଟଙ୍କାର ବୃତ୍ତି ମିଳିବ । ବିପର୍ଯ୍ୟୟ ସରକାର ପାଞ୍ଚ ବର୍ଷରେ ମାତ୍ର ପାଞ୍ଚ ଜଣ ଅନୁସୂଚିତ ଜାତିର ଛାତ୍ରଙ୍କୁ ଛାତ୍ରବୃତ୍ତି ଦେଇଛନ୍ତି । କେନ୍ଦ୍ର ସରକାର ୩୪.୫ ଲକ୍ଷ ଏସସି ବର୍ଗର ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରିଛନ୍ତି ।

# ଇଣ୍ଡୋନେସିଆର ଜାଭା ଦ୍ୱୀପରେ ଭୂସ୍ଖଳନ

ନୂଆଦିଲ୍ଲୀ: ଇଣ୍ଡୋନେସିଆର ଜାଭା ଦ୍ୱୀପରେ ହଠାତ୍ ବନ୍ୟା ଆସିବା ଏବଂ ଭୂସ୍ଖଳନ ଯୋଗୁଁ ଏପର୍ଯ୍ୟନ୍ତ ୧୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୯ ଜଣ ନିଖୋଜ ଅଛନ୍ତି । ମଙ୍ଗଳବାର ଦିନ ଅଧିକାରୀ ମାନେ ଏହି ସୂଚନା ଦେଇଛନ୍ତି । ସେମାନଙ୍କ କହିବା ଅନୁଯାୟୀ ଉଦ୍ଧାରକାରୀ ଜାଭାର ମୁଖ୍ୟ ଦ୍ୱୀପର ପାର୍ବତ୍ୟ ଅଞ୍ଚଳର ଗ୍ରାମ ଗୁଡ଼ିକରେ ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି ଏବଂ ଆକସ୍ମିକ ବନ୍ୟାରେ ଭାସି ଯାଇଥିବା ୧୬ ଜଣଙ୍କ ମୃତଦେହ ଉଦ୍ଧାର କରିଛନ୍ତି । ଏହି ମୃତଦେହ ଗୁଡ଼ିକ ମାଟି ଅତଡା ଏବଂ ପଥର ତଳେ ପୋତି ହୋଇ ରହିଥିଲେ । ସେହିଭଳି ଦୁର୍ଘଟଣାରେ ୯ ଜଣ ନିଖୋଜ ରହିଛନ୍ତି । ସ୍ଥାନୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ମୁଖ୍ୟ ବର୍ଗସ୍ କଟୁରସାରି କହିଛନ୍ତି ଯେ, ସୋମବାର ଦିନ ପ୍ରବଳ ବର୍ଷା ଯୋଗୁଁ ନଦୀରେ ବନ୍ୟା ଆସିଛି, ଯାହା କେନ୍ଦ୍ରୀୟ ଜାଭା ପ୍ରଦେଶର ପେକାଲୋଙ୍ଗନ୍ ରିଜେନ୍ସିରେ ନଅଟି ଗାଁକୁ ପ୍ରଭାବିତ କରିଛି । ଏହି ସମୟ ମଧ୍ୟରେ, ପାର୍ବତ୍ୟ ଅଞ୍ଚଳରୁ ମାଟି ଏବଂ ପଥର ଖସି ପଡ଼ିଲା, ଅନେକ ଗଛ ମଧ୍ୟ ଉପୁଡ଼ି ପଡ଼ିଲା । ସେ କହିଛନ୍ତି ଯେ ଉଦ୍ଧାରକାରୀ ମାନେ ସର୍ବାଧିକ କ୍ଷତିଗ୍ରସ୍ତ ପେଟୁଙ୍ଗକ୍ରିୟୋନୋ ଗାଁରୁ ମଙ୍ଗଳବାର ସୁଦ୍ଧା ଅତି କମରେ ୧୬ ଜଣଙ୍କ ମୃତଦେହ ଉଦ୍ଧାର କରିଛନ୍ତି । ନିଖୋଜ ଥିବା ଗ୍ରାମବାସୀଙ୍କୁ ଖୋଜା ଚାଲିଛି ।

# ଆମେରିକାରେ ଟିକ୍‌ଟକ୍‌କୁ ୭୫ଦିନର ସଞ୍ଜିବନୀ




ୱାଶିଙ୍ଗଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଶରେ ଟିକ୍‌ଟକ୍ ବ୍ୟବହାରର ସମୟସୀମା ବଢାଇ ଦେଇଛନ୍ତି । ସୋମବାର ସେ ଏକ ପ୍ରଶାସନିକ ନିର୍ଦ୍ଦେଶନାମାରେ ଦସ୍ତଖତ କରିଛନ୍ତି, ଯାହାଦ୍ୱାରା ଚୀନ୍‌ର ସର୍ଟ ଭିଡିଓ ଶେୟାରିଂ ପ୍ଲାଟଫର୍ମ ଟିକ୍‌ଟକ୍‌ର ବ୍ୟବହାର ୭୫ ଦିନ ପାଇଁ ବୃଦ୍ଧି ହୋଇଛି । ଏହି ସମୟସୀମା ମଧ୍ୟରେ ଟ୍ରମ୍ପ ଏପରି ଏକ ପ୍ରସ୍ତାବକୁ ଆଗକୁ ନେବାକୁ ଯୋଜନା କରିଛନ୍ତି, ଯାହା ୧୭୦ ମିଲିୟନ ଆମେରିକୀୟଙ୍କ ଦ୍ୱାରା ବ୍ୟବହୃତ ପ୍ଲାଟଫର୍ମ ଉପରେ ପ୍ରତିବନ୍ଧକ ଲାଗିବାରୁ ରକ୍ଷା କରିବ ଏବଂ ଜାତୀୟ ସୁରକ୍ଷାକୁ ମଧ୍ୟ ଅତୁଟ ରଖିବ । ଟ୍ରମ୍ପଙ୍କ ଦ୍ୱାରା ସାକ୍ଷରିତ ଆଦେଶରେ କୁହାଯାଇଛି, "ମୁଁ ଆଜିଠାରୁ ୭୫ ଦିନ ପର୍ଯ୍ୟନ୍ତ ଏହି ନିୟମକୁ କାର୍ଯ୍ୟକାରୀ କରିବା ପାଇଁ କୌଣସି ପଦକ୍ଷେପ ନ ନେବାକୁ ଆର୍ଟର୍ଣ୍ଣି ଜେନେରାଲଙ୍କୁ ନିର୍ଦ୍ଦେଶ ଦେଉଛି, ଯଦ୍ୱାରା ମୋ ପ୍ରଶାସନକୁ ବ୍ୟବସ୍ଥିତ ଉପାୟରେ ଆଗକୁ ବଢିବାକୁ ଉଚିତ୍ ମାର୍ଗ ନିର୍ଦ୍ଧାରଣ କରିବାର ସମୟ ମିଳିପାରିବ ।" ସୂଚନାଯୋଗ୍ୟ, ଗତ ବର୍ଷ ଏପ୍ରିଲ ମାସରେ ଜୋ ବାଇଡେନ ଟିକ୍‌ଟକ୍ ଉପରେ ପ୍ରତିବନ୍ଧକ ସହ ଜଡ଼ିତ ବିଧେୟକରେ ଦସ୍ତଖତ କରିଥିଲେ । ଗୃହ ଏବଂ ସିନେଟରେ ବ୍ୟାପକ ଦ୍ୱିପାକ୍ଷିକ ବହୁମତରେ ଏହି ବିଲ୍ ପାରିତ ହୋଇଥିଲା । ଏହି ବିଲ୍ ମାଧ୍ୟମରେ ଟିକ୍‌ଟକ୍‌ର ମୂଳ କମ୍ପାନୀ ବାଇଟ୍ ଡାନ୍ସକୁ ଆପ୍‌ରୁ ଅଲଗା ହେବା କିମ୍ବା ଆମେରିକା ଆପ୍ ଷ୍ଟୋରୁ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ୨୭୦ ଦିନର ସମୟ ଦିଆଯାଇଥିଲା । ଏଥିପାଇଁ ଜାନୁଆରୀ ୧୯ ଶେଷ ତାରିଖ ଥିଲା । ଇତି ମଧ୍ୟରେ ଲୋକପ୍ରିୟ ଭିଡିଓ ଶେୟାରିଂ ଆପ୍ ଟିକ୍‌ଟକ୍ ଜାନୁଆରୀ ୧୮ରେ ବନ୍ଦ ହୋଇଯାଇଥିଲା । ତେବେ ସମୟସୀମା ବୃଦ୍ଧି କରିବା ନେଇ ଟ୍ରମ୍ପ ପ୍ରତିଶ୍ରୁତି ଦେବାପରେ ଆପ୍ ଏହାର ସେବାକୁ ପୁନଃ ଆରମ୍ଭ କରିଛି ।

# ଇସ୍ତଫା ଦେଲେ ଇସ୍ରାଏଲୀ ସେନା ମୁଖ୍ୟ

ନୂଆଦିଲ୍ଲୀ: ଇସ୍ରାଏଲ୍ ଏବଂ ହମାସ ମଧ୍ୟରେ ଯୁଦ୍ଧ ବିରତି ପରେ ଇସ୍ରାଏଲୀ ସେନାର କମାଣ୍ଡର ଲେଫ୍ଟିନାଣ୍ଟ ଜେନେରାଲ ହେରଜୀ ହାଲେଭି ନିଜ ପଦରୁ ଇସ୍ତଫା ଦେଇଛନ୍ତି । ରିପୋର୍ଟ ଅନୁସାରେ ଯୁଦ୍ଧ ବିରତିକୁ ନେଇ ଖୁସି ନଥିଲେ । ତାଙ୍କ କହିବା କଥା, ହମାସକୁ ସମ୍ପୂର୍ଣ୍ଣ ରୂପେ ଶେଷ କରିବାର ସଂକଳ୍ପ ପୂରଣ ହୋଇପାରିଲେ ନାହିଁ । ଉଲ୍ଲେଖ।ଯୋଗ୍ୟ ଯେ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ବି ଅନେକ ଥର ଘୋଷଣା କରିସାରିଛନ୍ତି ଯେ ହମାସକୁ ସମ୍ପୂର୍ଣ୍ଣ ରୂପେ ଶେଷ ନକରିବା ଯାଏ ଯୁଦ୍ଧ ରୋକିବେ ନାହିଁ । ତେବେ ରବିବାର ଗାଜାରେ ଯୁଦ୍ଧ ବିରତି ଲାଗୁ କରାଯାଇଛି । ଏହାପରେ ଇସ୍ରାଏଲ୍ ଏବଂ ହମାସ ଉଭୟ ପଟୁ ପଣବନ୍ଦୀଙ୍କୁ ମୁକ୍ତ କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି । ହାଲେଭି କିଛି ଦିନ ତଳେ ଏକ ବୟାନରେ କହିଥିଲେ ଯେ ଅକ୍ଟୋବର ୭ରେ ହମାସର ଆକ୍ରମଣ ରୋକି ପାରିନଥିବାରୁ ସେ ଗଭୀର ମର୍ମାହତ ଅଛନ୍ତି । ସେ କହିଥିଲେ ଯେ ଖୁବଶୀଘ୍ର କୌଣସି ଯୋଗ୍ୟ ବ୍ୟକ୍ତିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ଉପରେ ବିଚାର କରୁଛନ୍ତି । ଉଲ୍ଲେଖଯୋଗ୍ୟ ଯେ ୧୫ ମାସ ପୂର୍ବେ ହମାସ୍ ହଠାତ୍ ଇସ୍ରାଏଲ୍ ଉପରେ ଆକ୍ରମଣ କରିଥିଲା । ଏଥିରେ ଅତି କମରେ ୧୨୦୦ ଲୋକଙ୍କ ଜୀବନ ଯାଇଥିଲା । ୧୦୦ରୁ ଅଧିକ ଇସ୍ରାଏଲୀ ନାଗରିକଙ୍କୁ ପଣବନ୍ଦୀ କରି ନେଇଥିଲେ ହମାସ ଆତଙ୍କବାଦୀ । ଏହାପରେ ଯୁଦ୍ଧରେ ଇସ୍ରାଏଲୀ ଆକ୍ରମଣରେ ପ୍ରାୟ ୪୬ ହଜାର ଫିଲିସ୍ତିନଙ୍କ ମୃତ୍ୟୁ ହୋଇଥିଲା । ଇସ୍ରାଏଲ୍ ଏବଂ ହମାସ ମଧ୍ୟରେ ଯୁଦ୍ଧ ବିରତି ବୁଝାମଣାର ପ୍ରଥମ ପର୍ଯ୍ୟାରେ ତିନି ମହିଳାଙ୍କ ପଣବନ୍ଦୀଙ୍କୁ ହମାସ ମୁକ୍ତ କରିଛି । ଏହା ବଦଳରେ ଇସ୍ରାଏଲ୍ ୯୦ ଜଣ ମହିଳାଙ୍କୁ ମୁକ୍ତ କରିଛି । ୬ ସପ୍ତାହ ଭିତରେ ବନ୍ଦୀଙ୍କୁ ମୁକ୍ତ କରାଯିବ । ଏହାପରେ ଦ୍ୱିତୀୟ ପର୍ଯ୍ୟାୟ ଡିଲ୍ କରାଯିବ । ଅନ୍ୟପଟେ ଗାଜା ପଟ୍ଟିରେ ସହାୟତା ପହଞ୍ଚାଇବା ପାଇଁ ଟ୍ରକଗୁଡ଼ିକୁ ଅନୁମତି ଦିଆଯାଇଛି ।

# ମହାକୁମ୍ଭରେ ବୁଡ଼ ପକାଇଲେ ସୁଧା ମୂର୍ତ୍ତି

ଲକ୍ଷ୍ନୌ: ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳାରେ ରାଜ୍ୟ ସଭା ଏମ୍‌ପି ସୁଧା ମୂର୍ତ୍ତି ପହଞ୍ଚିଛନ୍ତି । ତିନି ଦିନ ଯାଏ ସେ ସେଠାରେ ରହିବେ । ସେହି ସମୟରେ ସେ ବୁଡ଼ ପକାଇବା ସହ ତର୍ପଣ କରିବେ ବୋଲି ଗଣମାଧ୍ୟମକୁ କହିଛନ୍ତି । ଏହି ମେଳା ଲାଗି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କରିଥିବା ବ୍ୟବସ୍ଥାର ସେ ପ୍ରଶଂସା କରିଛନ୍ତି । ଏଏନ୍‌ଆଇକୁ ସୁଧା କହିଛନ୍ତି, ମୋର ଜେଜେବାପା, ଅଜା, ଜେଜେ ମା', ଆଈ ଆଦି କୁମ୍ଭ ମେଳାକୁ ଆସି ପାରି ନ ଥିଲେ । ସେ ସମୟରେ ତାହା ସମ୍ଭବ ନ ଥିଲା । ଏଥିଲାଗି ତାଙ୍କ ନାମରେ ତର୍ପଣ କରିବା ଲାଗି ତିନି ଦିନର ବ୍ରତ ନେଇଛି । ତିନି ଦିନ ମୁଁ ସ୍ନାନ କରିବି ଏବଂ ତର୍ପଣ କରିବି । ଏଠାକାର ବ୍ୟବସ୍ଥା ଦେଖି ବହୁତ ଖୁସି ଲାଗୁଛି । ଯୋଗୀ ଆଦିତ୍ୟନାଥ ଭଲ କାମ କରିଛନ୍ତି । ମାଗଣା ସୁବିଧା ସବୁ ଦେଖି ଆନନ୍ଦିତ ହୋଇଛି । ଭଗବାନ ତାଙ୍କୁ ଦୀର୍ଘାୟୁ କରନ୍ତୁ ।

# ଟ୍ରମ୍ପ୍-ଜିନପିଙ୍ଗ୍ ବାଣିଜ୍ୟଯୁଦ୍ଧ



ୱାଶିଂଟନ୍: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୂର୍ବରୁ ଚୀନ୍ ଉପରେ କଡା ପ୍ରତିବନ୍ଧକ ଲାଗୁ କରିବା ସମ୍ପର୍କରେ କହିଥିଲେ । କିନ୍ତୁ ଶପଥ ନେବା ପରେ ସେ ତୁରନ୍ତ ସେପରି କେଣସି ନିଷ୍ପତ୍ତି ନେଇ ନାହାନ୍ତି । ଚୀନ୍ ତାଙ୍କର ପ୍ରଥମ କାର୍ଯ୍ୟକାଳ ମଧ୍ୟରେ ସାକ୍ଷରିତ ବାଣିଜ୍ୟ ଚୁକ୍ତିନାମାକୁ ଅନୁସରଣ କରୁଛି କି ନାହିଁ ତାହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଚୀନ୍ ଉପରେ କଠୋର ପ୍ରତିବନ୍ଧକ ହେବାର ଆଶଙ୍କା ମଧ୍ୟରେ ଟ୍ରମ୍ପଙ୍କ ନୀତିରେ ଏହା ଏକ ବଡ ପରିବର୍ତ୍ତନ ଦର୍ଶାଉଛି । ତାଙ୍କର ପ୍ରଥମ କାର୍ଯ୍ୟକାଳ ମଧ୍ୟରେ ମଧ୍ୟ ଟ୍ରମ୍ପ ଚୀନ୍ ଉପରେ କଡା ପ୍ରତିବନ୍ଧକ ଲଗାଇଥିଲେ । କିନ୍ତୁ ଆମେରିକା ଦ୍ୱାରା ଲାଗୁ କରାଯାଇଥିବା କଟକଣା ଯୋଗୁ କେବଳ ଚୀନ୍ ନୁହେଁ ଭାରତ ଉପରେ ମଧ୍ୟ ପ୍ରଭାବ ପଡ଼ିବ । ପ୍ରଭାବ ଉଭୟ ଭଲ ଏବଂ ଖରାପ ହେବ । ଆମେରିକା-ଚୀନ୍ ବାଣିଜ୍ୟ ଯୁଦ୍ଧରୁ ଭାରତ ପାଇଁ ଉଭୟ ଲାଭ ଏବଂ ସଙ୍କଟର ଆହ୍ୱାନ ରହିଛି । ଆମେରିକାର ପ୍ରତିବନ୍ଧକ ଯୋଗୁ ଭାରତୀୟ ରପ୍ତାନି ବୃଦ୍ଧି ହୋଇପାରେ ଏବଂ କମ୍ପାନିଗୁଡିକ ପୁଞ୍ଜି ବିନିଯୋଗ ସ୍ଥାନାନ୍ତର କରିପାରନ୍ତି । କିନ୍ତୁ ବିଶ୍ୱ ମାନ୍ଦାବସ୍ଥା, କଞ୍ଚାମାଲର ମୂଲ୍ୟ ବୃଦ୍ଧି ଏବଂ ଚୀନ୍‌ରେ ଚାହିଦା ହ୍ରାସ ଯୋଗୁ ଭାରତକୁ ଆର୍ଥିକ ଚାପର ସମ୍ମୁଖୀନ ହେବାକୁ ପଡିପାରେ ।

# ତୁର୍କି ହୋଟେଲରେ ଭୀଷଣ ନିଆଁ, ୬୬ ମୃତ

ଅଙ୍କାରା : ଉତ୍ତର-ପଶ୍ଚିମ ତୁର୍କିଏର ଏକ ସ୍କି ରିସୋର୍ଟରେ ଥିବା ଏକ ହୋଟେଲରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୬୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି । ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି । ଆଭ୍ୟନ୍ତରୀଣ ମନ୍ତ୍ରୀ ଅଲି ୟେର୍ଲିକାୟା କହିଛନ୍ତି ଯେ, ବୋଲୁ ପ୍ରଦେଶର କର୍ତ୍ତଲକାୟା ରିସୋର୍ଟରେ ଥିବା ଏକ ହୋଟେଲ ରେଷ୍ଟୁରାଣ୍ଟରେ ଅଗ୍ନିକାଣ୍ଡ ଘଟିଛି । ଟେଲିଭିଜନରେ ଦେଖାଯାଉଥିବା ନିଆଁର ଦୃଶ୍ୟରେ ହୋଟେଲର ଛାତ ଓ ଉପର ମହଲାରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି । ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ । ସରକାରୀ ନ୍ୟୁଜ୍ ଏଜେନ୍ସି ଆନାଡୋଲୁ ଗଭର୍ଣ୍ଣର ଅବଦୁଲଅଜିଜ୍ ଆୟଦିନଙ୍କ ବୟାନ ଦେଇ କହିଛି ଯେ ଭୟଭୀତ ହୋଇ କୋଠାରୁ ଡେଇଁ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି । ଘରୋଇ ଏନଟିଭି ଟେଲିଭିଜନ ରିପୋର୍ଟ କରିଛି ଯେ କିଛି ଲୋକ ଚାଦର ବ୍ୟବହାର କରି ନିଜ କୋଠରୀରୁ ତଳକୁ ଓହ୍ଲାଇବାକୁ ଚେଷ୍ଟା କରିଥିଲେ । ଆଇଦିନ କହିଛନ୍ତି ଯେ ହୋଟେଲରେ ୨୩୪ ଜଣ ଅତିଥି ରହୁଥିଲେ । ହୋଟେଲର ସ୍କି ପ୍ରଶିକ୍ଷକ ନେକମି କାପ୍ସେଟାନ୍ କହିଛନ୍ତି ଯେ ଅଗ୍ନିକାଣ୍ଡ ଘଟିବା ସମୟରେ ସେ ଶୋଇଥିଲେ ।

# ପୁଣି ନାରାଜ ହେଲେ ଶିନ୍ଦେ !

ମୁମ୍ବାଇ : ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଏବେ ସ୍ୱିଜରଲ୍ୟାଣ୍ଡ ଗସ୍ତରେ ଅଛନ୍ତି । ଏଠାରେ, ମୁଖ୍ୟମନ୍ତ୍ରୀରୁ ଉପମୁଖ୍ୟମନ୍ତ୍ରୀ ହୋଇଥିବା ଏକନାଥ ଶିନ୍ଦେ ନିଜ ଗାଁକୁ ଫେରି ଆସିଛନ୍ତି । ଏହି ଦୁଇ ନେତାଙ୍କ ମଧ୍ୟରେ ଏହି ଦୂରତା କେବଳ ଭୌଗୋଳିକ ନୁହେଁ ବରଂ ରାଜନୈତିକ ମଧ୍ୟ ହୋଇଯାଇଛି । କୁହାଯାଉଛି ଯେ ଶିନ୍ଦେ ଆଜିକାଲି ରାଗିଛନ୍ତି । ସରକାର ଗଠନ ପରେ ମହାମେଣ୍ଟରେ ନିରନ୍ତର ଅସନ୍ତୋଷ ଦେଖାଯାଉଛି । କେତେବେଳେ ମନ୍ତ୍ରୀ ପଦ ବିଷୟରେ ତ କେତେବେଳେ ବିଭାଗକୁ ନେଇ । ଏବେ, ଦୁଇଟି ଜିଲାର ଗାର୍ଡିୟନ ମିନିଷ୍ଟରଙ୍କୁ ନେଇ ମହାଯୁତିରେ ବିବାଦ ଚାଲିଛି । ଗାର୍ଡିୟନ ମିନିଷ୍ଟର ନିଯୁକ୍ତିକୁ ନେଇ ଶିନ୍ଦେଙ୍କ ଶିବସେନା କ୍ଷୁବ୍ଧ । ଗାର୍ଡିୟନ ମିନିଷ୍ଟର କହିଲେ ଜଣେ ମନ୍ତ୍ରୀଙ୍କୁ ବୁଝାଏ ଯିଏ ଏକ ନିର୍ଦ୍ଦିଷ୍ଟ ଜିଲ୍ଲାର ବିକାଶ ତଦାରଖ କରିବା ପାଇଁ ନିଯୁକ୍ତ ହୁଅନ୍ତି ।

# ନିଷ୍ଟ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ଉଦ୍‌ଯାପିତ

ବ୍ରହ୍ମପୁର(ପିପିଏସ୍): ନିଷ୍ଟ ବିଶ୍ୱ ବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ଉଦ୍‌ଯାପିତ ହୋଇଯାଇଛି। ପ୍ରତିଷ୍ଠା ଦିବସର ଦ୍ୱିତୀୟ ଦିବସରେ ବିଶ୍ୱ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପରିଚାଳନା ମୁଖ୍ୟ ଡ଼.ସୁକାନ୍ତ କିଶୋର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିପିୟୁଟି ରାଉରକେଲାର କୁଳପତି ଡ଼.ଅମୀୟ କୁମାର ରଥ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ପୁରାତନ ଛାତ୍ର ବାଇଟ ଆଇକ୍ୟୁର ସିଇଓ ଆର୍ଯ୍ୟ ବେଦବ୍ରତ, ବ୍ଲ୍ୟୁ ହର୍ସ ସଫ୍ଟୱେରର ପ୍ରତିଷ୍ଠାତା ବିନୀତ ଅଗ୍ରୱାଲ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସକ୍ସେସ ଲେଭ୍‌ର ଏକାଡେମିର ପ୍ରତିଷ୍ଠାତା ନୀଳାଦ୍ରି ବିହାରୀ ନାୟକ ଯୋଗ ଦେଇଥିଲେ । ବିଶ୍ୱ ବିଦ୍ୟାଳୟର କୁଳପତି ଡ଼.ପ୍ରିୟଦର୍ଶନ ପାତ୍ର ମଞ୍ଚାସୀନ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଅମୀୟ ରଥ ନିଷ୍ଟ ବିଶ୍ୱ ବିଦ୍ୟାଳୟର ପ୍ରତିଷ୍ଠାତାଙ୍କୁ ପ୍ରଶଂସା କରି କହିଥିଲେ ଯେ, ସେ ନିଷ୍ଟ ବିଶ୍ୱ ବିଦ୍ୟାଳୟକୁ ପରିପୁଷ୍ଟ କରିବା ଦିଗରେ ତାଙ୍କର ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱର ପରିଚୟ ଦେଇଛନ୍ତି। ସେ ଫଳାଫଳ ଆଧାରିତ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବିପିୟୁଟିରେ ପାଠ୍ୟକ୍ରମ ବିକାଶ ପ୍ରୟାସ ଉପରେ ଆଲୋଚନା କରିଥିଲେ। ଅମିୟ ମଧ ଅଂଶଗ୍ରହଣମୂଳକ ଶିକ୍ଷଣ ଏବଂ ସୃଜନଶୀଳ ଚିନ୍ତନ ଦକ୍ଷତାର ମୂଲ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାନୁଷ୍ଠାନର ଭାରପ୍ରାପ୍ତ କୁଳସଚିବ ଡ.ବିଷ୍ଣୁକର ନାୟକ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଅନୁଷ୍ଠାନର ଲକ୍ଷ୍ୟ ଏବଂ ଆଦର୍ଶକୁ ନେଇ ପୁରାତନ ଛାତ୍ରଙ୍କ ଭିତରେ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା । ଏହାସହ ବିଶ୍ୱ ବିଦ୍ୟାଳୟ ପରିସରରେ ଦିନ ତମାମ ଜାରି ରହିଥିଲା ଯେଉଁଥିରେ ଗବେଷଣା ଓ ଉଦ୍‌ଭାବନା, ପ୍ରାରମ୍ଭ ଏବଂ ଶିକ୍ଷ ସଂଯୋଗୀକରଣ, ଛାତ୍ର ସଂସଦ, ଏକାଡେମୀକ ଓ ଶିକ୍ଷ ସହଭାଗିତ ପରି ଅନେକ ବିଷୟକୁ ନେଇ ଆଲୋଚନା କରାଯାଇଥିଲା। ଏହି ଆଲୋଚନା ଚକ୍ରରେ ୨୦୦୧ବର୍ଷର ପୁରାତନ ଛାତ୍ର ଅଂଶୁମାନ ନାୟକ, ଆଶିଷ ରଞ୍ଜନ ସୁବୁଧି, ମୁକେଶ ଶୁକ୍ଳା, କୌଶିକ ଭକତ, ଦେବାଶିଷ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ର ୫୦ରୁ ଅଧିକ ଯୋଗ ଦେଇଥିଲେ। ସେହିପରି ସନ୍ଧ୍ୟା ସମୟରେ ଆଇଜି ଡ଼.ସାର୍ଥକ ଷଡ଼ଙ୍ଗୀ ଯୋଗଦେଇ ପୁରାତନ ଛାତ୍ରଙ୍କୁ ମାନକୁ ସମ୍ବର୍ଦ୍ଧନା କରାଯାଇଥିଲା । ବିଭିନ୍ନ ବିଭାଗରେ ଶ୍ରେଷ୍ଠ ଛାତ୍ରଛାତ୍ରୀ ମାନକୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ଡ଼. ପ୍ରୀତି ରଞ୍ଜନ ସାହୁ, ଡ଼. ସବ୍ୟସାଚୀ ରଥ, ଡ଼.ସସ୍ମିତା ପାଢ଼ୀ, ଡ଼.ମାନବେନ୍ଦ୍ର ପାତ୍ର, ପ୍ରଫେସର ସାଧୀନ ମିଶ୍ର, ଡ଼.ଅମିତ ପଟ୍ଟନାୟକ, ପ୍ରଫେସର ପୁର୍ଣେନ୍ଦୁ ମିଶ୍ର, ହରିକୃଷ୍ଣ ଗନ୍ତାୟତ, ସରୋଜ ପାଢ଼ୀ, ମିଟୁ ବରାଳ, ଡ଼.ଅମରନାଥ ପାଢ଼ୀ, ଭବାନୀ ଗୌଡ଼, ଦୁର୍ଗାମାଧବ ପାଢ଼ୀ, ପିତାମ୍ବର ସାହୁ, ପ୍ରଜ୍ଞାରାଣୀ ସାମନ୍ତ, ଅନ୍ୱେଷତା ପାଣିଗ୍ରାହୀ, ଚିନି ନରେଶ, ବାସୁଦେବ ପାଢ଼ୀ, ଡମ୍ବରୁଧର ସେଠୀ, ଗୋପବନ୍ଧୁ ଉତ୍ତରକବାଟ, ସୌମ୍ୟା ମୁଦୁଲି ବିଭିନ୍ନ ଦାୟୀତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମକୁ ଡ.ଆକାଙ୍କ୍ଷା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ବିଶ୍ୱ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।



# କଟକ ସାଂସଦ ବ୍ୟକ୍ତିଗତ ସଚିବ ନିଯୁକ୍ତ କରିନାହାନ୍ତି

କଟକ,(ପିପିଏସ୍): କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କର କୌଣସି ବ୍ୟକ୍ତିଗତ ସଚିବ ବା ପିଏସ୍ ନାହାନ୍ତି। ଯଦି କୌଣସି ବ୍ୟକ୍ତି ନିଜକୁ ପିଏସ୍ କହି ପରିଚୟ ଦେଉଛନ୍ତି, ତେବେ ତାହା ଠିକ୍ ନୁହେଁ। ଏପରି ବ୍ୟକ୍ତିଙ୍କ ପ୍ରତି ସତର୍କ ଓ ସଚେତନ ରହିବାକୁ ସାଂସଦଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଜିଲ୍ଲାସ୍ତରୀୟ ଜୁନିୟର ରେଡ୍ କ୍ରସ ଅଧ୍ୟୟନ ତଥା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଜୟପୁର,- ସରକାରୀ ଉଚ୍ଚ ବିଦ୍ୟାଳୟ କୋଟପାଡ ଠାରେ ଜିଲ୍ଲା ସ୍ତରୀୟ ଜୁନିୟର ରେଡକ୍ରସ ଅଧ୍ୟୟନ ତଥା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। କୋଟପାଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ସ୍ୱପ୍ନେଶ୍ୱର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋଟପାଡ଼ ଏନ୍.ଏ. ସି. ଚେୟାରମ୍ୟାନ ଶ୍ରୀଯୁକ୍ତ ଶଙ୍କର ରାଓ ,ସମ୍ମାନିତ ଅତିଥି ଭାବେ ଯଥାକ୍ରମେ ଜିଲ୍ଲା ପେଡାଗୋଜି ସଂଯୋଜକ ଶ୍ରୀଯୁକ୍ତ ଚନ୍ଦ୍ରକଳା ବଗର୍ତ୍ତୀ, ସରକାରୀ ଉଚ୍ଚ ବିଦ୍ୟାଳୟ କୋଟପାଡର ସଭାପତି ଶ୍ରୀଯୁକ୍ତ ଗୋକୁଳ ଚନ୍ଦ୍ର ପାଢ଼ୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କୋଟପାଡ ର ସଭାପତି ଶ୍ରୀଯୁକ୍ତ ସୁଧୀର କୁମାର ମହାନ୍ତ, ସରକାରୀ ଉଚ୍ଚ ବିଦ୍ୟାଳୟ କୋଟପାଡ ପଂଚସଖା ସେତୁର ସଭାପତି ଶ୍ରୀଯୁକ୍ତ ଗଣେଶ ପଣ୍ଡା, ବାର୍ ସଂଗଠନର ସଭାପତି ଶ୍ରୀଯୁକ୍ତ ପଙ୍କଜ କୁମାର ପାତ୍ର, ବାର୍ ସଙ୍ଗଠନର ପୂର୍ବତନ ସଭାପତି ଶ୍ରୀଯୁକ୍ତ ମଣି ପ୍ରସାଦ ପଟ୍ଟନାୟକ, କୋଟପାଡ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମତୀ ପୂଜା ରାଉତ ଯୋଗ ଦେଇ ଜୁନିଅର୍ ରେଡ୍ କ୍ରସ୍ ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଛାତ୍ର ଛାତ୍ରୀମାନେ କିପରି ସମାଜର ମଙ୍ଗଳ କରିବେ ସେ ବିଷୟରେ ମତ ରଖିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ବିଜୟ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହା ସହିତ ଏକ ସଚେତନତା ରାଲି ଜିଲ୍ଲା ଜୁନିଅର୍ ରେଡ୍ କ୍ରସ ଅଧିକାରୀ ହରେକୃଷ୍ଣ ମହାରଣାଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିଲା । ଏହି ରାଲିରେ ୭୪୦ ଜଣ ଛାତ୍ରଛାତ୍ରୀ ଓ ଶିକ୍ଷକ ଅଂଶଗ୍ରଣ କରିଥିଲେ। ଅନ୍ତିମରେ ମୁଖ୍ୟ ଅତିଥି ଙ୍କ ଦ୍ୱାରା ପତାକା ଅବତରଣ କରାଯାଇଥିଲା । ସରକାରୀ ଉଚ୍ଚ ବିଦ୍ୟାଳୟ କୋଟପାଡର ପ୍ରଧାନ ଶିକ୍ଷକ ଶରତ କୁମାର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ଗଣିତ ବିଭାଗର ଆଲୋଚନା ଚକ୍ର

କେନ୍ଦ୍ରାପଡ଼ା: ତୁଳସୀ ମହିଳା ମହାବିଦ୍ୟାଳୟରେ ଗଣିତ ବିଭାଗ ତରଫରୁ "ଏକ୍ସପ୍ଲୋରିଙ୍ଗ୍ ଦ ଆର୍ଟ ଅଫ୍ ରାଇଟିଙ୍ଗ୍ ଏଫିସିଏଂଟ୍ ଏଣ୍ଡ ସ୍କେଲେବଲ୍ କୋଡ୍ ଇନ୍ ସି + +" ଶୀର୍ଷକ ଏକ ରାଜ୍ୟସ୍ତରୀୟ ସେମିନାର୍ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଷୟ ବିଶେଷଜ୍ଞ ଭାବେ ଭୁବନେଶ୍ୱର ସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର୍ ଇଞ୍ଜିନୟରିଙ୍ଗ୍ ବିଭାଗର ବରିଷ୍ଠ ପ୍ରଫେସର୍ ଡ଼ ଆଲୋକ କୁମାର ଜଗଦେବ୍ ଯୋଗଦେଇ ବିଷୟ ବସ୍ତୁର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ବିଭାଗୀୟ ମୁଖ୍ୟା ପ୍ରଫେସର୍ ଜ୍ୟୋତ୍ସ୍ନାମୟୀ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଆଇ.କ୍ୟୁ.ଏସି. ସଂଯୋଜକ ଡ଼ ମଥୁରୀ ଚରଣ ନାୟକ ଆଲୋଚନା ଚକ୍ରର ଉଦ୍ଦେଶ୍ୟ ଏବଂ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାଧାପିକା ନିବେଦିତା ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ଅଧାପକ ରାଜେନ୍ଦ୍ର କୁମାର ସାହୁ, ଶୁଭସ୍ମିତା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରଫେସର୍ ସବିତା ଦାସ, ଅଧାପକ ବ୍ରହ୍ମାନନ୍ଦ ସେଠୀ , ସୌମ୍ୟ ରଞ୍ଜନ ପ୍ରଧାନ , ଲିପିକା ରାଉତ ଓ ଶତାଧିକ ଛାତ୍ରୀ ଯୋଗଦେଇ କାର୍ଯ୍ୟକ୍ରମଟିକୁ ସଫଳ କରାଇଥିଲେ।

# ବଳଦେବ ହାଇସ୍କୁଲ ୧୯୮୪ ବ୍ୟାଚ୍ ବନ୍ଧୁମିଳନ

କେନ୍ଦ୍ରାପଡ଼ା – କେନ୍ଦ୍ରାପଡା ପୌରାଂଚଳ ପୁରାତନ ବଳଦେବ ହାଇସ୍କୁଲ ୧୯୮୪ ବ୍ୟାଚ୍‌ର ବନ୍ଧୁମିଳନ ସ୍ଥାନୀୟ ବାରଙ୍ଗେଇ ଠାକୁରାଣୀ ପୀଠରେ ସରୋଜ କୁମାର ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଦିବଂଗତ ଶିକ୍ଷକ ସହପାଠୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଦୀର୍ଘ ୪୦ବର୍ଷ ପରେ ଏକତ୍ର ହୋଇ ଛାତ୍ର ଜୀବନର ସ୍ମୃତି ସାଉଁଟିଥିଲେ। ଏଥିରେ ବିଦ୍ୟୁତ୍ ନାୟକ, ପ୍ରଦୀପ୍ତ ଜେନା, କିଶୋର ସିଂ, ଗୌରାଙ୍ଗ ବେହେରା, ରବିନ୍ଦ୍ର ବେହେରା, ପଙ୍କଜ ମର୍ଦ୍ଦରାଜ, ଶ୍ରୀକାନ୍ତ ତ୍ରିପାଠୀ, ପ୍ରଭାତ ପରିଡା, ମାନସ ସାମଲ, ରଞ୍ଜିତ ସାହୁ, ନାରାୟଣ ବେହେରା, ବିଧୁଭୂଷଣ ଜେନା, ଶେଷ ପାଣି, ହରିହର ତ୍ରିପାଠୀ, କ୍ଷେତ୍ରବାସୀ ମାହାଳିକ, ବିଜୟ ସାହୁ, ସୁରେନ୍ଦ୍ର ଦାସ, ରଞ୍ଜନ ପତି, କାଳୀ ପାଣି, ନରହରି ଦାସ, ଚକ୍ରଧର ବାରିକ, କୈଳାସ ପତ୍ରୀ, ଅଶ୍ୱିନୀ ରାଉତ, ଅରୁଣ ଲେଙ୍କା, ରବିନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇନଟ୍ରାକ୍ଳବ୍ କ୍ରିକେଟ୍

ଖୋର୍ଦ୍ଧା, ୨୧ ଜାନୁଆରି (ହି.ସ.) - ଓଡ଼ିଶା କ୍ରିକେଟ ଆସୋସିଏସନ୍ ର କାର୍ଯ୍ୟକ୍ରମ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇନଟ୍ରା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଂଟ ସ୍ଥାନୀୟ ବି ଜେ ବି ହାଇସ୍କୁଲ ପଡିଆ ମିନି ଷ୍ଟାଡିୟମରେ କ୍ରିକେଟ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଅନୁକୂଲ୍ୟ ରେ ଷଷ୍ଠ ଦିବସ ଖେଳରେ ବ୍ଲୁ ବାର୍ଡ କ୍ଲବ୍, ଗୁରୁଜଙ୍ଗ ଜଟଣୀ କ୍ରିକେଟ ଏକାଡେମି କୁ ୨୪୨ ରନ ରେ ପରାସ୍ତ କରିଛି।

# ସିଏମ୍ ଟ୍ରଫି ଜିଲ୍ଲାସ୍ତରୀୟ ଫୁଟବଲ ଚମ୍ପିୟାନଶିପ୍ ୨୦୨୫

ବଲାଙ୍ଗିର, - ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ସିଏମ୍ ଟ୍ରଫି ଜିଲ୍ଲା ସ୍ତରୀୟ ଫୁଟବଲ ବାଳକ ବିଭାଗ ୧୫ ବର୍ଷ ରୁ କମ୍ ଚମ୍ପିୟାନସିପ୍ ୨୦୨୫ ଷଷ୍ଠ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି । 'ପ୍ରତିଭା ଅନେକ ଲକ୍ଷ୍ୟ ଏକ' ଓଡିଶା ର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଆହ୍ୱାନ କ୍ରମେ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ, ବଲାଙ୍ଗିର ଜିଲ୍ଲା ପ୍ରଶାସନ, ଓଡିଶା ଫୁଟବଲ ଏସୋସିଏସନ ଓ ଜିଲ୍ଲା କ୍ରୀଡା ସଂସଦ ବଲାଙ୍ଗିର ଙ୍କ ଆୟୋଜନ ରେ ଫୁଟବଲ ଚମ୍ପିୟାନ ସିପ୍ ଅନୁଷ୍ଠିତ ହେଉଛି । ପୂର୍ବତନ ଫୁଟବଲ ଖେଳାଳି ଚିତ୍ତ ରଂଜନ ଥନାପତି (ଜରାସିଂହା), ଲୋକନାଥ କୁମୁରା (ଚୁଡାପାଲି) ଓ ସିସିଏଫ୍ଏ ବଲାଙ୍ଗିର ର ସଭାପତି ସୁରେନ୍ଦ୍ର ନାଗ (ସୋନୁ) ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଫାଓ ଓଡିଶା ତଥା ଜିଲ୍ଲା କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ସାଧାରଣ ସଂପାଦକ ହରିନାରାୟଣ ପୁଜାରୀ, ଯୁଗ୍ମ ସଂପାଦକ ଶତ୍ରୁଘନ ସିଂ, ଡିପିଇଓ ପ୍ରଦୀପ କୁମାର ପାତ୍ର, ବରିଷ୍ଠ ସଦସ୍ୟ ସୁଧିର ଚନ୍ଦ୍ର ପଣ୍ଡା, କ୍ରୀଡା ସଂପାଦକ ବିଭୁତି ଭୂଷଣ ପଣ୍ଡା, ରୁରାଲ ସ୍ପୋର୍ଟସ୍ ଓ ମହିଳା ସ୍ପୋର୍ଟସ୍ ସଂପାଦକ ସୁଧାଂଶୁ ସେଠ ପ୍ରମୁଖ ମଂଚାସିନ ଥିଲେ । କ୍ରୀଡା ସଂସଦର କୋଷାଧକ୍ଷ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ । ପୂର୍ବତନ ଫୁଟବଲ ଖେଳାଳି ପ୍ରଦୀପ ମହାରଣା , ଶ୍ରୀକାନ୍ତ ରାଉତ ଓ ଜିତୁ କୁମାର ଦଲେଇ ଉପସ୍ଥିତ ଥିଲେ । ପ୍ରଥମ ମ୍ୟାଚରେ ଜରାସିଂହା ଏଫ୍‌ସି ୮-୦ ଗୋଲରେ ସାଉନ୍ତପୁର ଏଫ୍‌ସି କୁ ହରାଇ ଫାଇନାଲକୁ ପ୍ରବେଶ କରିଛି । ଦ୍ୱିତୀୟ ମ୍ୟାଚରେ ପାଟଣାଗଡ ଏଫ୍‌ସି ୧-୦ ଗୋଲରେ ତୁରେକେଲା ଏଫ୍‌ସି କୁ ହରାଇଛି । ଖେଳକୁ ଦେବାଶିଷ ବାଗ, ଧନେଶ୍ୱର ସେଠ, ତ୍ରିନାଥ ଚନ୍ଦନ, ସରିତ ଅଦାବରିଆ, ନରସିଂସ୍ୱାମୀ ନାଇଡୁ, ଲବ ସୁନାନି, ଯଶୋବନ୍ତ ମାଝି, ଭୁବନେ ଭୋଇ, ଅବଦୁଲ ମୁଜିବ୍ ଓ ସୁଦର୍ଶନ ସେଠ ରେଫରି ଭାବେ ଖେଳକୁ ପରିଚାଳନା କରିଥିଲେ । ୨୨ ତାରିଖ ଚୁଡାନ୍ତ ଫାଇନାଲ ଖେଳ ଟିଟିଲାଗଡ ଏଫ୍‌ସି ବନାମ ଜରାସିଂହା ଏଫ୍‌ସି ମଧ୍ୟରେ ଅପରାହ୍ନ ୨ଟା ସମୟରେ ଖେଳ ହେବ ବୋଲି ଆୟୋଜନ କମିଟି ର ସାଧାରଣ ସଂପାଦକ ହରିନାରାୟଣ

# ବଲାଙ୍ଗିର ନବମ ଜିଲ୍ଲା ପରିଷଦ ବୈଠକ

ବଲାଙ୍ଗିର- ଆଜି ପୂର୍ବାହ୍ନରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁଙ୍କ ଅଧ୍ୟକ୍ଷତାରେ ନବମ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଛି । ସାଂସଦ ଶ୍ରୀମତୀ ସଙ୍ଗୀତା କୁମାରୀ ସିଂ ଦେଓ, ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂ ଦେଓଙ୍କ ସହ ଜିଲ୍ଲାପରିଷଦ ଉପ ସଭାପତି ଓ ମେମ୍ବରମାନେ ଉପସ୍ଥିତ ଥିଲେ । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର, ଜିଲ୍ଲା ପରିଷଦର ମୁଖ୍ୟ ଉନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ବିଧାୟକଙ୍କ ପ୍ରତିନିଧିଗଣ ତଥା ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ସଭାରେ ଉପସ୍ଥିତ ରହିଥିଲେ । ଏହି ସଭାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା ହେଇଥିଲା । ପୂର୍ବ ବୈଠକରେ ହୋଇଥିବା ଆଲୋଚନା ତଥା ଗ୍ରାମ ପାନୀୟ ଜଳ ଯୋଗାଣ ଏବଂ ପରିମଳ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କୃଷି, ପ୍ରାଥମିକ ଶିକ୍ଷା ଓ ଗଣ ଶିକ୍ଷା, ଜଳସେଚନ, ଗ୍ରାମ୍ୟ ଉନୟନ, ଜାତୀୟ ରାଜପଥ, ଯୋଗାଣ ବିଭାଗ, ସମାଜ ମଙ୍ଗଳ ବିଭାଗ ଆଦି ବିଷୟରେ ଗୃହକୁ ଅଧିକାରୀ ମାନେ ସୂଚନା ଦେଇଥିଲେ । ପରିଷଦର ସମସ୍ତ ମନୋନୀତ ପ୍ରତିନିଧି ବୈଠକରେ ପଚାରିଥିବା ପ୍ରଶ୍ନମାନଙ୍କର ଉତର ରଖିଥିଲେ ବିଭାଗୀୟ କର୍ତ୍ତୃପକ୍ଷ । ପାନୀୟ ଜଳ ସମ୍ବନ୍ଧରେ ଆସିଥିବା ଅଭିଯୋଗ ଗୁଡିକର ସମାଧାନ ତଥା ନୂଆ ସଂକଳ୍ପ ବିଷୟରେ ଆଲୋଚନା ହେଇଥିଲା । ବିଳମ୍ବ କରୁଥିବା କିମ୍ବା କାମର ମାନ ଖରାପ କରୁଥିବା କଳା ତାଲିକା ଭୁକ୍ତ କଂଟ୍ରାକ୍ଟରମାନଙ୍କ ତଥ୍ୟ ଗୃହରେ ସମସ୍ତଙ୍କୁ ଜଣାଇଥିଲେ ଗ୍ରାମ ପାନୀୟ ଜଳ ଯୋଗାଣର ବିଭାଗୀୟ ଅଧିକାରୀ । ସେହିପରି ଚାଲୁଥିବା ପାନୀୟ ଜଳ ପ୍ରକଳ୍ପ ଗୁଡିକ ମାର୍ଚ୍ଚ ସୁଦ୍ଧା ଶେଷ କରିବାକୁ ଅଧିକାରୀଙ୍କୁ ଗୃହ କହିଥିଲା । କଂଟ୍ରାକ୍ଟରମାନେ ଯିଏ କାମରେ ବିଳମ୍ବ କରିବେ ସେମାନଙ୍କୁ ପରବର୍ତୀ ସମୟରେ କାମ ନ ଦିଆ ଯାଉ ବୋଲି ପ୍ରସ୍ତାବ ଦିଆ ଗଲା । ମେଡ଼ିକାଲରେ ଡାକ୍ତର ଏବଂ ପାରାମେଡ଼ିକାଲ ଷ୍ଟାଫ ଅଭାବ, ଖୋଲାନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବାସିକ ଗୃହ ପାଇଁ ଉପୁଜିଥିବା ଅସୁବିଧା ବାବଦରେ ଆଲୋଚନା ହୋଇଥିଲା । ସେହିପରି ଜିଲ୍ଲାପାଳ ବିଭିନ୍ନ ଜନଶୁଣାଣୀ ସମୟରେ ସମ୍ପୃକ୍ତ ଅଂଚଳକୁ ବୁଲି ସେ ଅଂଚଳରେ ପୂର୍ବରୁ ଥିବା ଅଭିଯୋଗ ଗୁଡିକ ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଗୃହ ପ୍ରସ୍ତାବ ଦେଇଥିଲା । ତୁଷୁରା ମେଡ଼ିକାଲ ପରିସରରେ ଗଢି ଉଠିଥିବା ବେସରକାରୀ ଦୋକାନ ଗୁଡିକ ଭଙ୍ଗାଯିବାକୁ ପ୍ରସ୍ତାବ ଦିଆଯାଇଥିଲା । ସେହିପରି କିଛି ସ୍ଥାନରେ କ୍ୟୁଆକମାନେ ଚିକିତ୍ସା କରୁଥିବା କଥା ଗୁରୁତ୍ୱର ରୂପେ ନେଇ ମୁଖ୍ୟ ଚିକିତ୍ସାଧିକାରୀ ଏହାକୁ ତଦନ୍ତ କରିବେ ବୋଲି ଜଣାଇଥିଲେ । ଏହାର ଶୀଘ୍ର ସମାଧାନ ପାଇଁ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଗୃହ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ରାସ୍ତା ଅଧପନ୍ତରିଆ ତଥା ମରାମତି ଅଭାବରୁ ସଦସ୍ୟ ମାନେ ଚିନ୍ତା ପ୍ରକଟ କରିଥିଲେ । ନୂତନ ମେଡିକାଲ କୋଠାକୁ ୱାର୍ଡଗୁଡିକୁ ଯଥାଶୀଘ୍ର ସ୍ଥାନାନ୍ତର ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

# ଜିଲ୍ଲା ଜଳବିଭାଜିକା ଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ

କେନ୍ଦୁଝର, – ୨୧ ତାରିଖ ଦିନ ଏ. ଡି.ଏମ.(ଜେନେରାଲ)ଙ୍କ ନେତୃତ୍ୱରେ ତାଙ୍କର ଅଫିସ ପରିସର ମଧ୍ୟରେ ଜଳ ବିଭାଜିକା ଯାତ୍ରା ମହାସମାରୋହ ନିମନ୍ତେ ପ୍ରସ୍ତୁତି ବୈଠକର ପରିସମାପ୍ତି ହୋଇଛି। ପ୍ରଧାନମନ୍ତ୍ରୀ କୃଷି ସିଂଚାୟୀ ଯୋଜନା ମାଧ୍ୟମରେ କାର୍ଯକାରୀ ହେଉଥିବା ଜଳ ବିଭାଜିକା ବ୍ଲକ ପାଟଣା ଓ ଘଟଗାଁରେ ଏହି ଯାତ୍ରା ମହାସମାରୋହ ଅନୁଷ୍ଠିତ ହେବାର ସ୍ଥିରୀକୃତ କରାଯାଇଛି। ଏହି ଅବସରରେ କେନ୍ଦ୍ର ସରକାରଙ୍କ ଜଳ ବିଭାଜିକା ଜନ ସଚେତନତା ପ୍ରଚାର ଗାଡ଼ି ମାଧ୍ୟମରେ ବ୍ଲକସ୍ତରୀୟ ଜନ ସଚତନତା ଶିବିର, ପ୍ରାକୃତିକ ସମ୍ପଦର ସୁପରିଚାଳନା ଓ ସୁବିନିଯୋଗ ତଥା ଜଳର ସଂରକ୍ଷଣ ସମ୍ବନ୍ଧୀୟ ଆଲୋଚନା ଚକ୍ର କାର୍ଯକ୍ରମ ମାନ ଆୟୋଜନ କରାଯିବ। ଫେବୃଆରି ଦ୍ୱିତୀୟ ସପ୍ତାହରେ ହେବାକୁ ଥିବା ଏହି ମହୋତ୍ସବରେ 'ପାଣି କା ପାଠ ଶକ୍ଷଳା', ଶ୍ରମଦାନ, ବୃକ୍ଷରୋପଣ, ନୂତନ ପ୍ରକଳ୍ପ ଲୋକାର୍ପଣ ସହିତ ନୂତନ ପ୍ରକଳ୍ପ ଭିତିପ୍ରସ୍ତର ସ୍ଥାପନ ଭଳି କାର୍ଯକ୍ରମ ମାନ ଆୟୋଜନ କରାଯିବାର ବ୍ୟବସ୍ଥା ରହିଛି ବୋଲି ପ୍ରକଳ୍ପ ନିର୍ଦ୍ଦେଶକ, ଜଳ ବିଭାଜିକା, ଶ୍ରୀ ଅଶୋକ କୁମାର ସେନାପତି ସୂଚନା ଦେଇଛନ୍ତି। ଏହି ବୈଠକରେ କୃଷି ତଥା ଆନୁସାଙ୍ଗିକ ବିଭାଗ ଯଥା ଜିଲ୍ଲା କୃଷି ଅଧିକାରୀ ଶ୍ରୀ ପର୍ଶୁରାମ ବେହେରା, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଶ୍ରୀ ସୌମେନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ସହକାରୀ ନିର୍ଦ୍ଦେଶକ ଜଳ ବିଭାଜିକା ଶ୍ରୀ ପ୍ରଦୀପ କୁମାର ରାଉତ, ଶ୍ରୀ ବନମାଳି ପାତ୍ର, ଶ୍ରୀମତୀ ଦିପ୍ତିମୟୀ ଦାସ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ବୈଷ୍ଣବ ନାୟକ ବିଦ୍ୟାପୀଠ ଓ କୋଠଡିହ ପ୍ରାଥମିକ ବିଦ୍ୟାଳୟରେ ପୁରସ୍କାର ବିତରଣୀ ଉତ୍ସବ

ଧର୍ମଶାଳା,- ଯାଜପୁର ଜିଲା ଧର୍ମଶାଳା ବ୍ଲକ ମଙ୍ଗଳପୁର ପଂଚାୟତସ୍ଥ ବୈଷ୍ଣବ ନାୟକ ବିଦ୍ୟାପୀଠ ଓ କୋଠଡିହ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଓ କ୍ରୀଡା ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବୈଷ୍ଣବ ନାୟକ ବିଦ୍ୟାପୀଠର ପ୍ରଧାନଶିକ୍ଷକ ସୁନନ୍ଦ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗ ଦେଇ ପ୍ରଦିପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ବିଦ୍ୟାଳୟ ପକ୍ଷରୁ ମୁଖ୍ୟ ଅତିଥିଙ୍କୁ ଉତରୀୟ ଦେଇ ସମ୍ମାନୀତ କରାଯାଇଥିଲା । ଅନ୍ୟ ଅତିଥିଭାବେ ମଙ୍ଗଳପୁର ସରପଂଚ ପ୍ରମୋଦ କୁମାର ଜେନା, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ନାୟକ, ସାନବାଲିକୁଦା କ୍ଲଷ୍ଟର ସିଆରସିସି ସତ୍ୟବ୍ରତ ସାହୁ, ବରିଷ୍ଠ ନେତା ପ୍ରଭାତ ରଞ୍ଜନ ରାଉତ, ରାଜ କିଶୋର ନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହେମନ୍ତ କୁମାର ନାୟକ ଓ ଆନନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ସମୟାନୁବର୍ତ୍ତିତା ହେବା ସହ ଗୁରୁଜନମାନଙ୍କୁ ସମ୍ମାନ ଦେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଦୁଇ ବିଦ୍ୟାଳୟର ବାର୍ଷିକ କ୍ରୀଡାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ଓ ଗ୍ରାମ ମୁରବୀ ଓ ପୁରାତନ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଯୋଗ ଦେଇ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ମିନାକୀ ଗୁଇଁ , ମନୋରମା ମହାନ୍ତି ଓ ପ୍ରିୟଙ୍କା ନାୟକ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ କୋଠଡିହ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୌରାଙ୍ଗ ଚରଣ ତରାଇ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ କୋଠଡିହ ଗ୍ରାମବାସୀଙ୍କ ପକ୍ଷରୁ ଧର୍ମଶାଳା ବିଧାୟକ ଶ୍ରୀ ସାହୁଙ୍କୁ ହନୁମାନଛକଠାରେ ସ୍ୱାଗତ କରାଯାଇ ସଭାସ୍ଥଳକୁ ପାଛୋଟି ଆଣିଥିଲେ । ଶେଷରେ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ବାଇକ୍ ଓ ୨୦ ହଜାର ଟଙ୍କା ଲୁଟ୍ ଘଟଣା : ୩ ଗିରଫ, କୋର୍ଟଚାଲାଣ

ସୁବର୍ଣ୍ଣପୁର,-୨୦ ହଜାର ଓ ବାଇକ ଲୁଟ୍ କରି ଏବେ ପୋଲିସ କବ୍ଜାରେ ୩ ଅଭିଯୁକ୍ତ । ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ଉଲୁଣ୍ଡା ବ୍ଲକ ମୃତିକା ଜଳ ବିଭାଜିକାର ସମ୍ପ୍ରସାରଣ ଅଧିକାରୀ କୁବେର କର୍ମୀଙ୍କ ଠାରୁ ବାଇକ ଓ ୨୦ ହଜାର ଟଙ୍କା ଲୁଟ ଘଟଣାରେ ବୀରମହାରାଜପୁର ପୋଲିସ ତିନି ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି । ସୂଚନା ଅନୁସାରେ, ଉଲୁଣ୍ଡା ବ୍ଲକ କେଉଁଟିପାଲି ଗ୍ରାମର ମନରଞ୍ଜନ ବେହେରାଙ୍କ ବାଇକ ହରଣାପାଲି ଛକରୁ ଲୁଟ ହୋଇଥିଲା । ସେହିପରି ଉଲୁଣ୍ଡା ବ୍ଲକ ଜଳ ବିଭାଜିକାର ସମ୍ପ୍ରସାରଣ ଅଧିକାରୀ କୁବେର କର୍ମୀଙ୍କ ଠାରୁ ମଧ ଅଭିଯୁକ୍ତ ୨୦ ହଜାର ଓ ବାଇକ ଲୁଟ୍ କରିଥିଲେ । ଏହି ଘଟଣାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ବୀରମହାରାଜପୁର ପୋଲିସ ଖବର ପାଇ କାବୁ କରିଥିଲା । ପୋଲିସ ସୂତ୍ରରୁ ମିଳିଥିବା ଖବର ଅନୁସାରେ ଶିବ ସରଭଙ୍ଗ ତରଭା ଚରନିପାଲି ନାମରେ ୧୨ଟି କେସ୍ ଅନ୍ୟ ଥାନାରେ ରହିଥିବା ବେଳେ ରଞ୍ଜନ ରାଜହଂସର ନାମରେ ୨୨ଟି କେସ୍ ଥିବା ବେଳେ ସେ ମନୁମୁଣ୍ଡା ଅଂଚଳର ଖଇରମାଲ ରକସାର ବୋଲି ଜଣାପଡିଛି । ସେହିପରି ତରଭା ଅର୍ଦ୍ଧାର ଜୟକୃଷ୍ଣ ବାରିକର ନାଁରେ ୧୬ଟି କେସ୍ ଥିବା ଜଣାପଡିଛି । ଏହି ଯୁବକ ମାନେ ବୌଦ୍ଧ, କଂଟାମାଳ, ରେଢ଼ାଖୋଲ, ଅତାବିରା, ବରଗଡ଼ ଜିଲ୍ଲା, ସୁବର୍ଣ୍ଣପୁର ସମେତ ୬ଟି ଜିଲ୍ଲାରେ ଡକାୟତି କରୁଥିଲେ । ଏମାନେ ଘର ସିନ୍ଧି କରି ଚୋରି କରୁ ଥିବା ବୀରମହାରାଜପୁର ଏସଡିପିଓ ବାସୁଦେବ ଛତ୍ରିଆ ସୂଚନା ଦେଇଛନ୍ତି । ତେବେ ବୀରମହାରାଜପୁର ଥାନା ଆଇଆଇସି ଶୋଭାକର ସେଠ, ସୁବଳୟା ଥାନା ଆଇଆଇସି ସୁଶାନ୍ତ ପଧାନ ଉପସ୍ଥିତ ରହି ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରିଥିଲେ । ଅନ୍ୟପଟେ ଧର୍ମଶାଳା ଘଟଣାରେ ୩ ଡକାୟତ ଫେରାର ଥିବା ସୂଚନା ମିଳିଛି ।

# ଗାଁରେ ମଦ ବନ୍ଦ କରିବାକୁ ଉପଜିଲ୍ଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

ଜୟପୁର- ଡିମଳା ଗ୍ରାମବାସୀ ମାନେ ଗ୍ରାମରେ ଚାଲୁଥିବା ମଦଭାଟି ବନ୍ଦ କରିବା ନିମନ୍ତେ ଆଜି ଉପଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଗ୍ରାମବାସୀ ମାନେ ମଦ୍ୟପାନ କରି ବହୁତ ଲୋକ ରୋଗରେ ପୀଡିତ ଅଛନ୍ତି ଏବଂ ମରି ଯାଉଛନ୍ତି । ଅନେକ ପରିବାର ନଷ୍ଟ ହୋଇ ଗଲାଣି । ମଦ ପିଇ ପୁରଷ ମାନେ ଘରକୁ ଆସି ଗଣ୍ଡଗୋଳ କରୁଛନ୍ତି । ଯାହା ଫଳରେ ଘରେ ଅଶାନ୍ତି ବଢିବାରେ ଲାଗିଛି । ଏଣୁ ଉପଜିଲ୍ଲାପାଳ ଖୁବ ଶିଘ୍ର ମଦ ବିକ୍ରି ବନ୍ଦ କରିବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି ।

# ମା'ତାରିଣୀ କ୍ରିକେଟ କପ୍ : ଉଦଘାଟନୀ ମ୍ୟାଚ୍‌ରେ ମାର୍ଥାପୁର ବିଜୟୀ

ଭୁବନ, – ଭୁବନ ବ୍ଲକ ମଠକରଗୋଳା ପଂଚାୟତ ଅନ୍ତର୍ଗତ ଓରାଙ୍ଗା ବାଲିସାହି ର ମା ତାରିଣୀ କ୍ରିକେଟ କପ୍ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ମ୍ୟାଚ୍‌ରେ ୭୮ ରନରେ ହରିପୁରକୁ ପରାସ୍ତ କରି ମର୍ଥାପୁର ଦଳ ବିଜୟ ଲାଭ କରିଥିଲା। ହରିପୁର ଟସ ରେ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତି ନେଇଥିଲା। ମାର୍ଥାପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୪୭ ରନ କରିଥିଲା। ଦଳ ପକ୍ଷରୁ ଦୁଷ୍ମନ୍ତ ମିଶ୍ର ୫୯, ସୁନିଲ ରାଉତ ୫୭ ଓ ପ୍ରିୟବ୍ରତ ମିଶ୍ର ୫୧ ରନ କରିଥିଲେ। ଏହାର ଜବାବରେ ହରିପୁର ଦଳ ୧୫ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୧୬୯ ରନ କରିବାକୁ ସକ୍ଷମ ହୋଇଥଲା। ଦଳ ପକ୍ଷରୁ ପ୍ରଭାସ ପରିଡ଼ା ସର୍ବାଧିକ ୩୯ ରନ କରିଥିଲେ। ପ୍ରିୟବ୍ରତ ମିଶ୍ର ବ୍ୟକ୍ତିଗତ ୫୧ ରନ କରିବା ସହିତ ୩ ଓଭର ବୋଲି କରି ୨୯ ରନ ବ୍ୟୟରେ ମୂଲ୍ୟବାନ ୨ ଟି ୱିକେଟ ନେଇଥିବାରୁ ତାଙ୍କୁ ଶ୍ରେଷ୍ଠ ଖେଳାଳୀ ଭାବେ ପୁରସ୍କୃତ କରାଯାଇଥିଲା। ପ୍ରକାଶ ବେହେରା ଓ ସନାତନ ବେହେରା ଖେଳ ପରିଚାଳନା କରିଥିଲେ। ଉଦଘାଟନୀ ଉତ୍ସବରେ ରାଜ୍ୟ ସମବାୟ ବାଣିଜ୍ୟ ମହାସଂଘ, ଓଡ଼ିଶା ତଥା ଅନୁଗୁଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ଲିମିଟେଡ ନିର୍ଦ୍ଦେଶକ ଅଭିମନ୍ୟୁ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରିକେଟ କପ୍‌କୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ମଠକରଗୋଳା ସରପଂଚ ଅଜୟ ନାୟକ, ସମାଜସେବୀ ଶଶିକାନ୍ତ ସ୍ୱାଇଁ ଯୋଗଦେଇଥିଲେ।

# ଘନ କୁହୁଡ଼ି ନେଇ ୪ ଜିଲ୍ଲାକୁ ୱାର୍ଣ୍ଣିଂ

ଭୁବନେଶ୍ୱର,- ଆଗାମୀ ୨ ଦିନ ମଧ୍ୟରେ ଘନ କୁହୁଡ଼ିରୁ ଅତି ଘନ କୁହୁଡ଼ି ନେଇ ୪ ଜିଲ୍ଲାକୁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ। ସେହି ଜିଲ୍ଲା ଗୁଡିକ ହେଲା ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା । ଏସବୁ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ଘନ କୁହୁଡ଼ିରୁ ଅତି ଘନ କୁହୁଡ଼ି ନେଇ ଚେତାବନୀ ରହିଛି । ଏସବୁ ସ୍ଥାନରେ କୁହୁଡ଼ିର ଦୃଶ୍ୟମାନ ଦୂରତା ୦ରୁ ୨୦୦ ମିଟର ମଧ୍ୟରେ ରହିପାରେ । ସେହିପରି ୨୩ ତାରିଖରୁ ୨୪ ତାରିଖ ସୁଦ୍ଧା ଘନ କୁହୁଡ଼ି ନେଇ ୩ ଜିଲ୍ଲାକୁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ। ସେହି ଜିଲ୍ଲା ଗୁଡିକ ହେଲା କଟକ, ଜଗତସିଂହପୁର ଏବଂ କେନ୍ଦ୍ରାପଡ଼ା । ଏସବୁ ସ୍ଥାନରେ କୁହୁଡ଼ିର ଦୃଶ୍ୟମାନ ଦୂରତା ୫୦ରୁ ୨୦୦ ମିଟର ମଧ୍ୟରେ ରହିପାରେ । ତେବେ ୨୪ ତାରିଖ ଠାରୁ ୨୬ ତାରିଖ ପର୍ଯ୍ୟନ୍ତ କୌଣସି ଚେତାବନୀ ନାହିଁ ସେହିପରି ଆଗାମୀ ୩ ଦିନ ସକାଳ ସମୟରେ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖାଦେବାର ସମ୍ଭାବନା ରହିଛି । ଆଗାମୀ ୨ ଦିନ ମଧ୍ୟରେ ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ବାଲେଶ୍ୱର, ଭଦ୍ରକ, ଯାଜପୁର, ଅନୁଗୁଳ, ଢ଼େଙ୍କାନାଳ, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, କଳାହାଣ୍ଡି ଏବଂ କନ୍ଧମାଳ ଏସବୁ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖାଦେବାର ସମ୍ଭାବନା ରହିଛି । ସେହିପରି ୨୩ ତାରିଖ ସକାଳ ୮ଟା ୩୦ରୁ ୨୪ ତାରିଖ ସକାଳ ୮ଟା ୩୦ ସୁଦ୍ଧା ଉପକୂଳ ଓଡ଼ିଶା, ଏବଂ କନ୍ଧମାଳ, କଳାହାଣ୍ଡି, ସୁନ୍ଦରଗଡ଼ ଆଦି ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ସକାଳ ସମୟରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖାଦେବାର ସମ୍ଭାବନା ରହିଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

# ନରେନ୍ଦ୍ରପୁର ପଂଚାୟତରେ ଧାନମଣ୍ଡି ଉଦଘାଟିତ

ଗଞ୍ଜାମ- ଶେରଗଡ ବ୍ଲକ ନରେନ୍ଦ୍ରପୁର ପଂଚାୟତର ରାମଚନ୍ଦ୍ରପୁର ସେବା ସମବାୟ ସମିତିରେ ଧାନ ମଣ୍ଡି ଉଦଘାଟନ ହୋଇଛି । ଏହି କାର୍ଯ୍ୟକ୍ରମରେ ସଂପୃକ୍ତ ଅଧିକାରୀ ମାନେ ଉପସ୍ଥିତ ରହିବାକୁ ଫୋନ ମାଧ୍ୟମରେ ଅବଗତ କରାଯାଇଥିଲେ ମଧ୍ଯ କେହି ଉପସ୍ଥିତ ନଥିଲେ ।କେବଳ ସଂପାଦକ, ମିଲର ଓ କିଛି ଚାଷୀଙ୍କ ଦ୍ୱାରା ଏହି କାର୍ଯ୍ୟ ସଂପାଦିତ ହୋଇଥିଲା। ତେବେ କଟନିଛଟନିକୁ ନେଇ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି, ସାଢେ ଛଅକେଜି ଅଧିକ ନିଷ୍ପତିରେ ଚାଷୀଙ୍କୁ ହଇରାଣ ନକରି ସମସ୍ତ ଧାନ ଉଠାଇବାକୁ ସମସ୍ତେ ଏକମତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ବିପିନ ପାତ୍ର, ଚନ୍ଦ୍ର ନାୟକ, ଗୁରୁନାଥ ପୋଲାଇ, ଭୀମସେନ ସ୍ୱାଇଁ, ବିନୋଦ ବେହେରା, ବିବେକାନନ୍ଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

କେନ୍ଦ୍ରାପଡ଼ା, – ତୁଳସୀ ମହିଳା ମହା ବିଦ୍ୟାଳୟରେ ଯୁବ ରେଡ କ୍ରସ୍ ଆନୁକୂଲ୍ୟ ରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ ରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ +୩ ଯୁବ ରେଡ କ୍ରସ୍ ଅଧିକାରୀ ଅଧାପିକା ଡ଼ଃ ସୁଜାତା ଭଞ୍ଜ, ଅଧାପକ ରଞ୍ଜିତ ଦାସ, ଦିପ୍ତିପ୍ରଭା ସେଠୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଭାରତୀୟ ଯୁବ ରେଡ କ୍ରସ୍ ଓଡିଶା ଶାଖାର ପ୍ରଶିକ୍ଷକ ଓ ରକ୍ତଦାନ ଶିବିର ର ସଂଗଠକ ଦିପକ କୁମାର ଚୌଧୁରୀ ଶିବିର ଉଦ୍‌ଘାଟନ କରିଥିବାବେଳେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରିଣୀ ଜ୍ୟୋସ୍ନାମୟୀ ପତି, ଡ଼ଃ ମଥୁରୀ ଚରଣ ନାୟକ ପ୍ରମୁଖଙ୍କ ସହଯୋଗରେ ୫୩ ୟୁନିଟ ରକ୍ତ ସଂଗ୍ରହ କରା ଯାଇଥିଲା ।

# ଜେଏସ୍‌ଡବ୍ଲୁ ଫାଉଣ୍ଡେସନ ପକ୍ଷରୁ ଗୋଷ୍ଠୀ ଶୌଚାଳୟ ନିର୍ମାଣ

ସମ୍ବଲପୁର: ରେଙ୍ଗାଲି ବସଷ୍ଟାଣ୍ଡ ନିକଟରେ ଜେଏସଡବ୍ଲୁ ଫାଉଣ୍ଡେସନ ପକ୍ଷରୁ ନବନିର୍ମିତ ଗୋଷ୍ଠି ଶୌଚାଳୟ ମଙ୍ଗଳବାର ଦିନ ଶୁଭ ଉଦଘାଟିତ ହୋଇଯାଇଛି। ଏହି ଗୋଷ୍ଠି ଶୌଚାଳୟ ଉଦ୍ଘାଟନୀ ଉତ୍ସବରେ ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାଏକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଫିତା କାଟି ଆନୁଷ୍ଠାନିକ ଭାବେ ଶୌଚାଳୟକୁ ଉଦ୍ଘାଟନ କରିଥିଲେ। ଜେଏସଡବ୍ଲୁ କମ୍ପାନୀର ସିଏସାର ମୁଖ୍ୟ ବିଶାଲ ରାଜ, ରେଙ୍ଗାଲିର ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ରେଙ୍ଗାଲି ସରପଂଚ ଚିତରଞ୍ଜନ ବାଗ, ନିଶାନଭଙ୍ଗା ସରପଂଚ ସରୋଜ ମେହେର, ସାଲଡ ସରପଞ୍ଚ ସତ୍ୟନାରାୟଣ ମହାନନ୍ଦିଆ, ଯୁଗଳ ଅଗ୍ରୱାଲ, ନବୀନ ପ୍ରଧାନ, ଉତମ ବିଶ୍ୱାଳ, ସ୍ୱାଧୀନ ଏକତା ସଂଗଠନ ର ସଭାପତି ରାଜୀବ ମିଶ୍ର, ସରୋଜ ବିଶୋଇ, ବରିଷ୍ଠ ନାଗରିକ ପରିଷଦ ର ଅନ୍ତର୍ଯ୍ୟାମୀ ପାଣି, ବିନୋଦ ନନ୍ଦ, ଉଦୟ ଚନ୍ଦ୍ର ମାହାଣା, ଶଶି ଭୂଷଣ ସାହୁ, ବିଶିକେସନ ପଣ୍ଡା, ସୁନିଲ ପ୍ରଧାନ ପ୍ରମୁଖଙ୍କ ସହ ବହୁ ରେଙ୍ଗାଲି ବାସୀ ଏହି ଉଦ୍ଘାଟନୀ ଉତ୍ସବରେ ଯୋଗଦେଇଥିଲେ। ଜେଏସଡବ୍ଲୁ କମ୍ପାନୀ ଗୋଷ୍ଠି ଶୌଚାଳୟ କୁ ନିର୍ମାଣ କରି ରେଙ୍ଗାଲି ପଞ୍ଚାୟତ କୁ ହସ୍ତାନ୍ତର କରିଛି ଏବଂ ଏହାର ରକ୍ଷଣା ବେକ୍ଷଣ ଦାୟିତ୍ୱ ସ୍ୱାଧୀନ ଏକତା ସଂଗଠନ ବହନ କରିଛି। ରେଙ୍ଗାଲି ବସଷ୍ଟାଣ୍ଡ ନିକଟରେ ଶୌଚାଳୟ ନ ଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖିନ ହେଉଥିଲେ, ଯାହା ହେଉ ଦୀର୍ଘଦିନ ଅପେକ୍ଷାର ଅବସାନ ଘଟିଲା ବୋଲି ଲୋକେ ମତବ୍ୟକ୍ତ କରିଥିଲେ।

# ଆଜିଠାରୁ ଭାରତ-ଇଂଲଣ୍ଡ ଟି-୨୦ ଶୃଙ୍ଖଳା



କୋଲକାତା: ଅଷ୍ଟ୍ରେଲିଆରେ ବର୍ଡର-ଗାଭାସ୍କର ଟ୍ରଫିରେ ଟେଷ୍ଟ କ୍ରିକେଟ୍‌ର ଅପୂର୍ବ ରୋମାଞ୍ଚ ପରେ ଭାରତୀୟ କ୍ରିକେଟ୍‌ପ୍ରେମୀ ଟିମ୍ ଇଣ୍ଡିଆକୁ ଟ୍ୱେଣ୍ଟି-୨୦ରେ ଲଢୁଥିବାର ଦେଖିବାକୁ ପାଇବେ। ନୂଆ ଅଧିନାୟକ, ଯୁବ ଖେଳାଳି ସମୃଦ୍ଧ ଦଳ ଏବଂ ନୂଆ ଉତ୍ସାହ ନେଇ ଭାରତୀୟ ଦଳ ଆସନ୍ତା ୨୨ ତାରିଖରୁ ଘରୋଇ ପରିବେଶରେ ଇଂଲଣ୍ଡ ସହ ଫଟାଫଟ୍ କ୍ରିକେଟ୍‌ର ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ମୁହାଁମୁହିଁ ହେବ। ପ୍ରଥମ ଲଢ଼େଇ ଐତିହାସିକ ଇଡେନ୍ ଗାର୍ଡେନ୍ସରେ ଖେଳାଯିବ। ସେଥିପାଇଁ କୋଲକାତା ବେଶ୍ ଚଳଚଞ୍ଚଳ। ଇଡେନ୍ ଗାର୍ଡେନ୍ସର ଭିତର ଓ ବାହାର ପରିବେଶ ମଧ୍ୟ ବେଶ୍ ମନ୍ତ୍ରମୁଗ୍ଧକର। ଏହି ପ୍ରତୀକ୍ଷିତ ମ୍ୟାଚ୍ ଲାଗି ଶନିବାର ସନ୍ଧ୍ୟାରେ ଉଭୟ ଦଳର ଖେଳାଳି ଏଠାରେ ପହଞ୍ଚି ସାରିଛନ୍ତି। ଯାହା ଫଳରେ ପୂରା କୋଲକାତା ସହର ଯେମିତି ଇଡେନ୍ ମୁହାଁ ହୋଇଛି ଏବଂ କ୍ରିକେଟ୍ ଜ୍ୱର ପ୍ରତିଟି ସ୍ଥାନୀୟ କ୍ରିକେଟ୍‌ପ୍ରେମୀଙ୍କୁ ଘାରିଛି। ଏହି ଶୃଙ୍ଖଳା ପାକିସ୍ତାନ ଓ ୟୁଏଇରେ ଖେଳାଯିବାକୁ ଥିବା ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଖେଳାଯାଉଥିବାରୁ ଉଭୟ ଦଳ ମଧ୍ୟ ଏହାକୁ ବେଶ୍ ଗୁରୁତ୍ୱ ଦେଉଛନ୍ତି। ରବିବାର ସକାଳେ ବିଶ୍ରାମ ନେବା ପରେ ଇଂଲଣ୍ଡ ଖେଳାଳିମାନେ ଅପରାହ୍ଣରେ ଇଡେନ୍ ଗାର୍ଡେନ୍ସ ଆସି ହାଲ୍‌କା ଫୁଲ୍‌କା ଅଭ୍ୟାସ କରିଥିଲେ। ସନ୍ଧ୍ୟାରେ ଭାରତୀୟ ଖେଳାଳି ମଧ୍ୟ ଅଭ୍ୟାସ ଆରମ୍ଭ କରିଥଲେ। ତେବେ ଉଭୟ ଦଳ ତିନିଟି ଲେଖାଏଁ ଅଭ୍ୟାସ ଅଧିବେଶନରେ ଯୋଗଦେବେ ବୋଲି ବେଙ୍ଗଲ କ୍ରିକେଟ୍ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ମଧ ଉଭୟ ଦଳ ଦୁଇଟି ପର୍ଯ୍ୟାୟରେ ଅଭ୍ୟାସ କରିଥିବା ସୂଚନା ମିଳିଛି। କୋଲକାତାରେ ପ୍ରଥମ ଟ୍ୱେଣ୍ଟି-୨୦ ଖେଳିବା ପରେ ସେଠାରୁ ୨୩ ତାରିଖ ସକାଳେ ଦୁଇଟି ଯାକ ଦଳର ଖେଳାଳିମାନେ ଚେନ୍ନାଇ ଅଭିମୁଖେ ଯାତ୍ରା କରିବେ। ସେଠାରେ ୨୫ ତାରିଖରେ ଦ୍ୱିତୀୟ ଟ୍ୱେଣ୍ଟି-୨୦ ଖେଳାଯିବ। ଏହା ପରେ ୨୮ରେ ରାଜକୋଟ ଏବଂ ୩୧ରେ ପୁଣେରେ ପରବର୍ତ୍ତୀ ଦୁଇ ମ୍ୟାଚ୍ ଖେଳିବେ। ଶେଷରେ ମୁମ୍ବାଇରେ ଫେବୃଆରି ୨ରେ ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ଖେଳି ଶୃଙ୍ଖଳା ଶେଷ କରିବେ। ଟ୍ୱେଣ୍ଟି-୨୦ ପରେ ଭାରତୀୟ ଦଳ ରୋହିତ ଶର୍ମାଙ୍କ ନେତୃତ୍ୱରେ ନାଗପୁର, କଟକ ଓ ଅହମଦାବାଦରେ ତିନି ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳା ଖେଳିବ। ଇଂଲଣ୍ଡ ବିପକ୍ଷ ଏହି ଘରୋଇ ଶୃଙ୍ଖଳା ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଭାରତର ଶେଷ ସୀମିତ ଓଭର ଶୃଙ୍ଖଳା ହେବ। ୩୫ ମାସ ପରେ ଇଡେନ୍‌ରେ ଅନ୍ତର୍ଜାତୀୟ ଟ୍ୱେଣ୍ଟି-୨୦ ଆଗାମୀ ଭାରତ-ଇଂଲଣ୍ଡ ଟ୍ୱେଣ୍ଟି-୨୦ ମ୍ୟାଚ୍ ଇଡେନ୍ ଗାର୍ଡେନ୍ସରେ ନଭେମ୍ବର ୧୬, ୨୦୨୩ର ଅଷ୍ଟ୍ରେଲିଆ-ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ମୁକାବିଲା ପରେ ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ହେବ। ପୁଣି ଫେବୃଆରି ୨୦, ୨୦୨୨ର ଭାରତ-ୱେଷ୍ଟଇଣ୍ଡିଜ୍ ଲଢ଼େଇ ପରେ ପ୍ରଥମ ଅନ୍ତର୍ଜାତୀୟ ଟ୍ୱେଣ୍ଟି-୨୦ ମ୍ୟାଚ୍ ହେବ। ୩୫ମାସ ପରେ ସହରରେ କେଣସି ଅନ୍ତର୍ଜାତୀୟ ଟ୍ୱେଣ୍ଟି-୨୦ ମ୍ୟାଚ୍ ଖେଳାଯାଉଥିବାରୁ ସହରବାସୀ ଏହାକୁ ନେଇ ବେଶ୍ ଉତ୍ସାହିତ ଓ ଉଲ୍ଲସିତ ଥିବା ବେଙ୍ଗଲ କ୍ରିକେଟ୍ ସଂଘ (ସିଏବି)ର ସଭାପତି ତଥା ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ବଡ଼ ଭାଇ ସ୍ନେହାଶିଷ ଗାଙ୍ଗୁଲି ମତ ରଖିଛନ୍ତି। ଏକ ସାକ୍ଷାତକାର ଅବସରରେ ସେ କହିଛନ୍ତି, ଶୀତୁଆ ପାଗ ହୋଇଥିବାରୁ ଏବଂ ପାର୍ବଣ ଋତୁ ଏବେ ଏବେ ଶେଷ ହୋଇଥିବାରୁ କ୍ରିକେଟ୍‌କୁ ମନଭରି ଉପଭୋଗ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ। ଟିକେଟ୍ ବିକ୍ରିକୁ ପ୍ରବଳ ଜନସମର୍ଥନ ମିଳୁଛି। ମ୍ୟାଚ୍ ଦିନ ଷ୍ଟାଡିୟମ୍ ପୂରା ଭରିଯିବ ବୋଲି ଆମେ ଆଶା ରଖିଛୁ। ଏହି ମୁହୂର୍ତ୍ତକୁ ଆହୁରି ସ୍ମରଣୀୟ କରିବା ଲାଗି ଜାତୀୟ ୧୫ବର୍ଷରୁ କମ୍ ମହିଳା ପ୍ରତିଯୋଗିତାର ବିଜେତା ଏବଂ ଜାତୀୟ ବରିଷ୍ଠ ମହିଳା କ୍ରିକେଟ୍ ପ୍ରତିଯୋଗିତାର ଉପବିଜେତା ବେଙ୍ଗଲ ଦଳକୁ ସମ୍ବର୍ଦ୍ଧିତ କରିବାକୁ ସିଏବି ଯୋଜନା କରିଛି। ଏହି ଉତ୍ସବରେ ଭାରତୀୟ ମହିଳା ଦଳର ପୂର୍ବତନ ଅଧିନାୟିକା ମିତାଲି ରାଜ୍ ଏବଂ ସୌରଭ ଗାଙ୍ଗୁଲି ଓ ଝୁଲଣ ଗୋସ୍ୱାମୀ ସମ୍ମାନିତ ଅତିଥି ଭାବେ ଯୋଗଦେବେ। ଏହି ଉତ୍ସବ ସୋମବାର ସନ୍ଧ୍ୟାରେ ଆୟୋଜିତ ହେବ। ପରିସଂଖ୍ୟାନରେ ଆଗୁଆ ଟ୍ୱେଣ୍ଟି-୨୦ ପରିସଂଖ୍ୟାନରେ ଇଂଲଣ୍ଡଠାରୁ ଭାରତ ସାମାନ୍ୟ ଆଗରେ ରହିଛି। ଭାରତ ଓ ଇଂଲଣ୍ଡ ଆଜି ପର୍ଯ୍ୟନ୍ତ ୨୪ଟି ଟ୍ୱେଣ୍ଟି-୨୦ରେ ମୁହାଁମୁହିଁ ହୋଇଛନ୍ତି। ସେଥିମଧ୍ୟରୁ ଭାରତ ୧୩ଟି ଜିତିଥିଲା ବେଳେ ଇଂଲଣ୍ଡ ୧୧ଟିରେ ବିଜୟୀ ହୋଇଛି। ପୁଣି ଘରୋଇ ପରିବେଶରେ ଭାରତ ୬, ବିଦେଶରେ ୪ ଏବଂ ନିରପେକ୍ଷ ସ୍ଥାନରେ ୩ଟି ମ୍ୟାଚ୍ ଜିତିଛି। ଅନ୍ୟପକ୍ଷରେ ଇଂଲଣ୍ଡ ଘରୋଇ ପରିବେଶରେ ୫, ବିଦେଶରେ ୫ ଏବଂ ନିରପେକ୍ଷ ସ୍ଥାନରେ ଖେଳିଥିବା ଗୋଟିଏ ମ୍ୟାଚ୍‌ରେ ବିଜୟର ମିଠାମିଠା ସ୍ୱାଦ ଚାଖିଛି। ଉଭୟ ଦଳ ମଧ୍ୟରେ ଖେଳାଯାଇଥିବା ଗତ ୫ଟି ମ୍ୟାଚ୍‌ରୁ ଭାରତ ତିନିଟି ଜିତିଥିଲା ବେଳେ ଇଂଲଣ୍ଡ ଦୁଇଟିରେ ବିଜୟୀ ହୋଇଛି। ଉଭୟ ଦଳ ମଧ୍ୟରେ ଶେଷ ମ୍ୟାଚ୍ ପ୍ରୋଭିଡେନ୍ସଠାରେ ଗତବର୍ଷ ଜୁନ୍ ୨୭ ତାରିଖରେ ଖେଳାଯାଇଥିଲା। ଏହାକୁ ଭାରତ ଅତି ସହଜରେ ୬୮ ରନ୍‌ରେ ଜିତି ନେଇଥିଲା। ପରେ ଯାଇ ବିଶ୍ୱବିଜେତା ମଧ୍ୟ ହୋଇଥିଲା। ଆଗାମୀ ଶୃଙ୍ଖଳାରେ ଭାରତ ଏହି ସଫଳତା ଦୋହରାଇବ ବୋଲି ପ୍ରଶଂସକ ଆଶା ରଖିଛନ୍ତି।

# ଟି-୨୦ ଲାଗି ଇଂଲଣ୍ଡ ଦଳ ଘୋଷିତ



ନୂଆଦିଲ୍ଲୀ, : ଇଂଲଣ୍ଡ ବିପକ୍ଷ ପ୍ରଥମ ଟି-୨୦ଲାଗି ନିଜ ଚୂଡ଼ାନ୍ତ ଏକାଦଶ ଘୋଷଣା କରିଛି । ବେନ ଡକେଟ ଏବଂ ଫିଲ ସାଲ୍ଟ ପାଳିର ଶୁଭାରମ୍ଭ କରିବେ । ସେହିଭଳି ଅଧିନାୟକ ଜୋସ ବଟଲର ୩ନମ୍ବରରେ ଖେଳିବେ । ଟିମକୁ ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଫେରିଛନ୍ତି । ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶରେ ବ୍ୟାଟିଂ ବିଭାଗ ବହୁ ମଜବୁତ ଦେଖାଯାଉଛି । ୬ବ୍ୟାଟର ଟି-୨୦ର ସ୍ପେଶାଲିଷ୍ଟ ଖେଳାଳୀ ଅଟନ୍ତି । ସେହିଭଳି ୭ନମ୍ବରରେ ଖେଳୁଥିବା ଅଲରାଉଣ୍ଡର ଜ୍ୟାମି ଓବରଟନ ବ୍ୟାଟିଂରେ ଶାନଦାର ଫର୍ମରେ ଅଛନ୍ତି । ଏହି ଟିମକୁ ଦେଖି ଏହା କହିବା ଭୁଲ ହେବ ନାହିଁ କି ଇଡେନ ଗାର୍ଡେନ୍ସରେ ଖେଳାଯାଉଥିବା ପ୍ରଥମ ଟି-୨୦ ମ୍ୟାଚରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିପାରେ । କୋଲକାତାରେ ଖେଳାଯିବାକୁ ଥିବା ପ୍ରଥମ ଟି-୨୦ରେ ବିସ୍ଫୋଟକ ବ୍ୟାଟର ଫିଲ ସାଲ୍ଟ ଏବଂ ବାମ ହାତୀର ହାଇ ହିଟର ବେନ ଡକେଟ ପାଳିର ଆରମ୍ଭ କରିବେ । ଏହାପରେ ୩ନମ୍ବରରେ ଟି-୨୦ର ସ୍ପେଶାଲିଷ୍ଟ ଜୋସ ବଟଲର ଆସିବେ । ଯୁବ ବ୍ୟାଟର ଜ୍ୟାକବ ବୀଥଲ ଏବଂ ହ୍ୟାରି ବ୍ରୁକ ମଧ୍ୟମ ଅର୍ଡରରେ ଦେଖାଯିବେ । ଏହି ଦୁଇ ଖେଳାଳୀ କେଣସି ବି ବୋଲିଂ ଆଟାକକୁ ଧ୍ୱଂସ କରିପାରନ୍ତି । ଶେଷରେ ଲିୟାମ ଲିଭିଂଗଷ୍ଟେନ ଏବଂ ଅଲରାଉଣ୍ଡର ଜ୍ୟାମି ଓବରଟରଙ୍କ ଉପରେ ମ୍ୟାଚ୍ ଫିନିଶର ଦାୟିତ୍ୱ ରହିବ । ଉଭୟ ଖେଳାଳୀ ଭଲ ଫର୍ମରେ ଅଛନ୍ତି । ବାକି ଜୋଫ୍ରା ଆର୍ଚର ବି ତଳ ଅର୍ଡ଼ରରେ ଦ୍ରୁତ ଗତିରେ ରନ୍ ବନାଇପାରିବେ । ଏଭଳି ସ୍ଥଳେ ଏହା କହିବା ଭୁଲ୍ ହେବ ନାହିଁ କି ଇଂଲଣ୍ଡର ବ୍ୟାଟିଂ ବିଭାଗ ବହୁ ଭଲ ଅଛନ୍ତି । ଯଦି ଆମେ ବୋଲିଂ କଥା କହିବା ତେବେ ଗାସ ଏଟକିଂସନ, ମାର୍କ ଵୁଡ ଏବଂ ଜୋଫ୍ରା ଆର୍ଚରଙ୍କ ରୂପରେ ୩ମୁଖ୍ୟ ଫାଷ୍ଟ ବୋଲର ଅଛନ୍ତି । ଏହା ବ୍ୟତୀତ ଜ୍ୟାମି ଓବରଟନ ବି ଦ୍ରୁତ ବୋଲିଂ କରିଥାନ୍ତି । ଆଦିଲ ରଶିଦ ମୁଖ୍ୟ ସ୍ପିନର ଅଟନ୍ତି । ବାକି ତାଙ୍କ ସାଥ ଦେବା ଲାଗି ଲିୟାମ ଲିଭିଂଗଷ୍ଟେନ ବି ଅଛନ୍ତି ।

# ଭାରତ ଜର୍ସିରେ ରହିବନି ପାକିସ୍ତାନର ନାମ !




ନୂଆଦିଲ୍ଲୀ: ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ମ୍ୟାଚ୍ ପାକିସ୍ତାନର ତିନୋଟି ସହର (ରାୱଲପିଣ୍ଡି, କରାଚୀ ଏବଂ ଲାହୋର) ଏବଂ ଦୁବାଇରେ 'ହାଇବ୍ରିଡ୍ ମଡେଲ୍'ରେ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟ ଫେବୃଆରି ୧୯ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ ଏକ ନୂଆ ବିବାଦ ସୃଷ୍ଟି ହୋଇଛି। ଏହି ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଆୟୋଜକ ପାକିସ୍ତାନର ନାମ ଏଥର ଭାରତୀୟ କ୍ରିକେଟ ଦଳର ଜର୍ସିରେ ରହିବ ନାହିଁ ବୋଲି ଚର୍ଚ୍ଚା ହେଉଛି। ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି)ର ଜଣେ ଅଧିକାରୀ ଏହା ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି, 'ଟିମ୍ ଇଣ୍ଡିଆର ଜର୍ସିରେ ପାକିସ୍ତାନର ନାମ ନଛାପି ବିସିସିଆଇ କ୍ରିକେଟରେ ରାଜନୀତି କରୁଛି। ପ୍ରଥମେ ସେମାନେ ପାକିସ୍ତାନ ଆସିବାକୁ ମନା କଲେ। ପରେ ଭାରତୀୟ ବୋର୍ଡ ଚାମ୍ପିଅନ୍ସ ଟ୍ରଫି ପାଇଁ ଅଧିନାୟକଙ୍କ ବୈଠକରେ ଯୋଗ ଦେବାକୁ ରୋହିତ ଶର୍ମାଙ୍କୁ ପାକିସ୍ତାନ ପଠାଇବାକୁ ମନା କରିଦେଇଥିଲା। ଆଉ ଏବେ ସେମାନେ ଆୟୋଜକ ପାକିସ୍ତାନର ନାମ ଭାରତୀୟ ଟିମର ଜର୍ସିରେ ଛାପିବେ ନାହିଁ ବୋଲି ଚର୍ଚ୍ଚା ହେଉଛି। ଆମର ବିଶ୍ୱାସ ଆଇସିସି ଏଭଳି ହେବାକୁ ଦେବ ନାହିଁ। ଏହା ଖେଳ ପାଇଁ ଠିକ୍ ନୁହେଁ।' ବିସିସିଆଇ ପାକିସ୍ତାନକୁ ଭାରତୀୟ ଦଳ ପଠାଇବାକୁ ମନା କରିବା ପରେ ପିସିବି ଏବଂ ଆଇସିସି ହାଇବ୍ରିଡ୍-ମଡେଲ୍ ପାଇଁ ରାଜି ହୋଇଥିଲେ। କିନ୍ତୁ ଜର୍ସିରେ ଆୟୋଜକ ପାକିସ୍ତାନର ନାମ ଉଲ୍ଲେଖ ନକରିବା ନେଇ ଏବେ ଏକ ନୂତନ ବିବାଦ ଆରମ୍ଭ ହୋଇଛି।

# ଟିମ୍‌ଇଣ୍ଡିଆରେ ସାମିଲ ପାଇଁ ବିରିୟାନି ଛାଡ଼ିଦେଲେ ଶାମୀ



ନୂଆଦିଲ୍ଲୀ: ଭାରତୀୟ ଦ୍ରୁତ ବୋଲର ମହମ୍ମଦ ଶାମି ବିରିଆନି ଖାଇବା ପାଇଁ ପସନ୍ଦ କରନ୍ତି। ଶାମି ଅନେକ ସାକ୍ଷାତକାରରେ ବିରିୟାନି ବିଷୟରେ କହିଛନ୍ତି। କିନ୍ତୁ ଟିମ ଇଣ୍ଡିଆକୁ ଫେରିବା ପାଇଁ ଶାମି ବିରିଆନି ଛାଡିଦେଇଥିଲେ। ଭାରତୀୟ ଦ୍ରୁତ ବୋଲର ଦୁଇ ମାସ ପର୍ଯ୍ୟନ୍ତ ତାଙ୍କ ପ୍ରିୟ ଖାଦ୍ୟ ଛୁଇଁ ନ ଥିଲେ। ବେଙ୍ଗଲର ଦ୍ରୁତ ବୋଲିଂ ପ୍ରଶିକ୍ଷକ ଶିବ ଶଙ୍କର ପାଉଲ କହିଥିଲେ ଯେ ଶାମି କିପରି ପ୍ରତ୍ୟାବର୍ତ୍ତନ ପାଇଁ କଠିନ ପରିଶ୍ରମ କରିଥିଲେ। ପ୍ରଶିକ୍ଷକ କହିଛନ୍ତି ଯେ ବିରିୟାନି ଛାଡିବା ବ୍ୟତୀତ, ଶାମି ଅଭ୍ୟାସ ପାଇଁ ଗ୍ରାଉଣ୍ଡକୁ ପ୍ରଥମେ ଆସୁଥିଲେ। ଏହା ବ୍ୟତୀତ, ସେ ମ୍ୟାଚ ଶେଷ ହେବା ପରେ ମଧ ବୋଲିଂ କରୁଥିଲେ। ଆପଣଙ୍କୁ କହି ରଖୁଛୁ ଯେ ଶାମି ଆଘାତ ଯୋଗୁ ଗତ ୧୪ ମାସ ଧରି ଅନ୍ତର୍ଜାତୀୟ କ୍ରିକେଟରୁ ବାହାରେ ଅଛନ୍ତି। ଏବେ ତାଙ୍କୁ ଜାନୁଆରୀ ୨୨ରୁ ଇଂଲଣ୍ଡ ବିପକ୍ଷରେ ଖେଳାଯିବାକୁ ଥିବା ଟି-୨୦ ସିରିଜ ପାଇଁ ଭାରତୀୟ ଦଳରେ ମନୋନୀତ କରାଯାଇଛି। ତଥାପି, ଏହା ପୂର୍ବରୁ ଶାମି ଘରୋଇ କ୍ରିକେଟ ମାଧ୍ୟମରେ ବୃତ୍ତିଗତ କ୍ରିକେଟକୁ ଫେରସାରିଥିଲେ। ଗତ ବର୍ଷ ନଭେମ୍ବରରେ, ଭାରତୀୟ ଦ୍ରୁତ ବୋଲର ବେଙ୍ଗଲ ପାଇଁ ଘରୋଇ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ଶାମି ବେଙ୍ଗଲ ପାଇଁ ରଣଜୀ ଟ୍ରଫି ମ୍ୟାଚ ଖେଳି ତାଙ୍କ କ୍ୟାରିଅର ଆରମ୍ଭ କରିଥିଲେ। ଏହା ପରେ ସେ ସୟଦ ମୁସ୍ତାକ ଅଲୀ ଟ୍ରଫି ଏବଂ ବିଜୟ ହଜାରେ ଟ୍ରଫି ଖେଳିଲେ।


## ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

## ପ୍ରଜାତନ୍ତ୍ର ସାପ୍ତାହିକୀ

୧୯ ଜାନୁଆରୀ - ୨୫ ଜାନୁଆରୀ ୨୦୨୫




ଦିଲ୍ଲୀ ଲଢ଼େଇ

ଦିଲ୍ଲୀ ବିଧାନସଭା ପାଇଁ ବାଜିସାରିଛି ନିର୍ବାଚନୀ ବିଗୁଲ। କିନ୍ତୁ ଏହାର ବହୁ ଆଗରୁ ଦିଲ୍ଲୀ ରାଜନୀତି ହୋଇଉଠିଛି ସରଗରମ। ଶୀତରେ ବି ସେଠାରେ ରାଜନୈତିକ ପାଣିପାଗ ଉଷ୍ମ ହୋଇପଡ଼ିଛି। ସବୁଦଳ ନିର୍ବାଚନ ବୈତରଣୀ ପାର ହେବାକୁ ଅଣ୍ଟା କଷି ସାରିଛନ୍ତି।

**ଜାତୀୟ:** ବିବାଦରେ ସମଲିଙ୍ଗୀ ବିବାହ

**ସ୍ୱତନ୍ତ୍ର ପ୍ରସଙ୍ଗ:** ରହସ୍ୟମୟ ନାଗା ବାବ

**ନାରୀ:** ଥକ୍କାପଣକୁ ନ

**କ୍ଷୁଦ୍ରଗଳ୍ପ:** ଖୁସିର ଚାବିକାଠ

**ଚଳଚ୍ଚିତ୍ର:** ଓସ୍କାର ଦୌଡ଼ରେ ୫ ଭାରତୀୟ ଫିଲ,ନେପୋଟିଜିମ୍ ନୁହେଁ, ନିର୍ଦ୍ଦିଷ୍ଟ ଗ୍ରୁପ୍ ପାଉଛନ୍ତି ଫିଲ,ସୋନୁଙ୍କ ଡ୍ରିଙ୍କ୍‌ସରେ ଭାଇଜାନ୍ ମିଶାଇବାକୁ ଚାହୁଁଥିଲେ ନିଶା,ଗୌରୀଙ୍କ ଲାଗି ଶାହରୁଖ୍ ବଦଳାଇଥିଲେ ନା,ପୁଅ ଝିଅଙ୍କ ପୂର୍ବରୁ ନଜର ଆସିବେ ଭାଣିଜୀ ,ଚାପୁଡ଼ା କରିଦେଲା ଫିଲ୍ମ ହିଟ୍ ,ସବୁଠାରୁ ଚ୍ୟାଲେଞ୍ଜିଂ ଚରିତ୍ର ଥିଲା ପାର୍ବତୀ

**ଖେଳ:** ଆଚ୍ଛା ବଲେବାଜ୍ ବୁମ୍ରା,ଚାମ୍ପିଆନ୍‌ସ ଟ୍ରଫିକୁ ଫେରିପାରନ୍ତି ଶାମ,ଦିନିକିଆ ମ୍ୟାଚ୍‌ରେ ହେବ ସୁପରଷ୍ଟାରଙ୍କ ଏଣ୍ଟ,ଇଣ୍ଡିଆକୁ ଦୂରେଇ ଦେବେ କି ବିରାଟ !,କ୍ରିକେଟ୍‌ରୁ ସନ୍ନ୍ୟାସ ନେଲେ ବରୁଣ,ବିବାହ ପରେ ପ୍ରଥମ ଥର ଖେଳିବେ ସିନ୍ଧ

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


# ନ୍ୟୁଜିଲାଣ୍ଡକୁ ପରାସ୍ତକରି ଇତିହାସ ସୃଷ୍ଟିକଲା ନାଇଜେରିଆ




ନୂଆଦିଲ୍ଲୀ: କ୍ରିକେଟରେ ଇତିହାସ କେବେ ବଦଳିଯାଏ ତାହା କେହି ଜାଣନ୍ତି ନାହିଁ। ଏବେ ନାଇଜେରିଆ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଇତିହାସ ସୃଷ୍ଟି କରିଛି। ଏହି ଓଲଟପାଲଟ ଦେଖି କ୍ରିକେଟ ଜଗତ ଆଶ୍ଚର୍ଯ୍ୟ ହୋଇଗଲା। ନାଇଜେରିଆ ନ୍ୟୁଜିଲାଣ୍ଡ ବିପକ୍ଷରେ ୨ ରନରେ ବିଜୟୀ ହୋଇଥିଲା। ବର୍ଷା ଯୋଗୁ ୧୩-୧୩ ଓଭର ପାଇଁ ଖେଳାଯାଇଥିବା ଏକ ଟି-୨୦ ମ୍ୟାଚ୍‌ରେ ଏହି ଆଶ୍ଚର୍ଯ୍ୟଜନକ ଘଟଣା ଘଟିଥିଲା। କିୱି ଦଳ ବିଜୟଠାରୁ ମାତ୍ର ୨ ରନ ଦୂରରେ ରହିଥିଲା। ଏହି ଚମତ୍କାର ଆଜିକାଲି ଖେଳାଯାଉଥିବା ୧୯ ବର୍ଷରୁ କମ ମହିଳା ଟି-୨୦ ବିଶ୍ୱକପରେ ଘଟିଛି। ଏହା ଟୁର୍ନାମେଣ୍ଟରେ ନାଇଜେରିଆର ପ୍ରଥମ ବିଜୟ ଥିଲା। ବର୍ଷା ଯୋଗୁ ଦଳର ପ୍ରଥମ ମ୍ୟାଚ ଟସ ବିନା ବାତିଲ ହୋଇଯାଇଥିଲା। ନାଇଜେରିଆ ଦଳ ପ୍ରଥମ ଥର ପାଇଁ ୧୯ ବର୍ଷରୁ କମ ମହିଳା ବିଶ୍ୱକପରେ ଅଂଶଗ୍ରହଣ କରୁଛି। ଏଥିରେ ସେମାନେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଏକ ବଡ଼ କାମ କରିଛନ୍ତି। ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଟସ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ନାଇଜେରିଆ ୧୩ ଓଭରରେ ୬୫/୬ ରନ କରିଥିଲା। ଦଳ ପକ୍ଷରୁ ଲିଲିଆନ ଉଦେ ଗୋଟିଏ ଚୌକା ସହାୟତାରେ ୧୯ ରନ ଏବଂ ଅଧିନାୟକ ଲକି ପେଟିଏମ ଗୋଟିଏ ଚୌକା ସହାୟତାରେ ୧୮ ରନ କରିଥିଲେ। ଏହି ଦୁଇଜଣଙ୍କ ବ୍ୟତୀତ ଦଳର ଅନ୍ୟ କୌଣସି ବ୍ୟାଟସମ୍ୟାନ ଦୁଇ ଅଙ୍କ ମଧ୍ୟ ଅତିକ୍ରମ କରିପାରି ନ ଥିଲେ। ରନ ପିଛା କରିବାକୁ ପଡ଼ିଆକୁ ଆସିଥିବା ନ୍ୟୁଜିଲାଣ୍ଡ ଦଳ ୧୩ ଓଭରରେ କେବଳ ୬୩/୬ ରନ କରିପାରିଥିଲା। ଦଳ ପକ୍ଷରୁ ଅନିକା ଟଡ ୧୯ ରନ ଏବଂ ଅଧିନାୟକ ତାସ ୱାକେଲିନ ୧୮ ରନ କରିଥିଲେ ମଧ୍ୟ ଦଳ ବିଜୟର ସୀମା ଅତିକ୍ରମ କରିପାରି ନ ଥିଲା। ନ୍ୟୁଜିଲାଣ୍ଡକୁ ଜିତିବା ପାଇଁ ଶେଷ ୨ ଓଭରରେ ୧୭ ରନ ଆବଶ୍ୟକ ଥିଲା। କିୱି ଦଳ ୧୨ତମ ଓଭରରେ ୮ ରନ କରିଥିଲା। ଶେଷ ଓଭରରେ ଅର୍ଥାତ୍ ଶେଷ ୬ ବଲରେ ୯ ରନ ଆବଶ୍ୟକ ଥିଲା। ନ୍ୟୁଜିଲାଣ୍ଡ ଦଳ ମାତ୍ର ୬ ରନ କରିପାରିଥିଲା। ଫଳରେ ମ୍ୟାଚରେ ତାଙ୍କୁ ୨ ରନରେ ପରାଜୟର ସାମ୍ନା କରିବାକୁ ପଡିଥିଲା।

# ଇଡେନ୍‌ରେ ହୃଦୟ ଜିତିଲେ ପାଣ୍ଡ୍ୟା



ଗାର୍ଡେନ,: ଆଜିକାଲି ଭାରତୀୟ କ୍ରିକେଟ ଦଳ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ପାଇଁ ପ୍ରସ୍ତୁତିରେ ବ୍ୟସ୍ତ। ଏହି ସିରିଜ ଜାନୁଆରୀ ୨୨ରୁ ଆରମ୍ଭ ହେବ। ଏଥିରେ ପାଞ୍ଚଟି ଟି-୨୦ ଏବଂ ତିନୋଟି ଦିନିକିଆ ମ୍ୟାଚ ଖେଳାଯିବ। ଇଂଲଣ୍ଡ ଦଳ ଭାରତରେ ପହଞ୍ଚି ସାରିଛି ଏବଂ ଉଭୟ ଦଳ ସେମାନଙ୍କର ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି। ସିରିଜର ପ୍ରଥମ ଟି-୨୦ ମ୍ୟାଚ ପାଇଁ ଉଭୟ ଦଳ କୋଲକାତାର ଇଡେନ ଗାର୍ଡେନରେ ନେଟ ଅଭ୍ୟାସ କରୁଛନ୍ତି। ଏହି ସମୟରେ, ଭାରତୀୟ ଦଳର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଏକ ହୃଦୟସ୍ପର୍ଶୀ ଭିଡିଓ ଭାଇରାଲ ହେବାରେ ଲାଗିଛି। ଭାରତୀୟ ଦଳ କୋଲକାତାର ଇଡେନ ଗାର୍ଡେନରେ ପ୍ରଥମ ଟି-୨୦ ମ୍ୟାଚ ପାଇଁ ନେଟ ଅଭ୍ୟାସ କରୁଛି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏଥିରେ ସେ ତାଙ୍କ ପ୍ରଶଂସକଙ୍କ ସହ ଏକ ସ୍ୱତନ୍ତ୍ର ମୁହୂର୍ତ୍ତ ଶେୟାର କରୁଥିବାର ଦେଖାଯାଉଛି। ଅଭ୍ୟାସ ସେଶନ ପରେ, ହାର୍ଦ୍ଦିକ ଷ୍ଟାଡିୟମରେ ଉପସ୍ଥିତ ପ୍ରଶଂସକମାନଙ୍କୁ ଅଟୋଗ୍ରାଫ ଦେଇଥିଲେ। ସେ ପ୍ରଶଂସକଙ୍କ ଜର୍ସି ଏବଂ ପୋଷାକରେ ଦସ୍ତଖତ କରି ସେମାନଙ୍କ ଖୁସିକୁ ଦ୍ୱିଗୁଣିତ କରିଥିଲେ। ହାର୍ଦ୍ଦିକଙ୍କ ସରଳତାକୁ ବହୁତ ପ୍ରଶଂସା କରାଯାଉଛି।

# କେକେଆର୍‌ର ଅଧିନାୟକ ହେଲେ ରାହାଣେ



ନୂଆଦିଲ୍ଲୀ,: ଅଜିଙ୍କ୍ୟ ରାହାନେଙ୍କୁ ଅଧିନାୟକ ଦାୟିତ୍ୱ ମିଳିଛି। ଆଇପିଏଲ ୨୦୨୫ ଆରମ୍ଭ ହେବା ପୂର୍ବରୁ, ରାହାନେଙ୍କୁ ମୁମ୍ବାଇର ରଣଜୀ ଦଳର ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି। ରାହାନେଙ୍କ ଅଧିନାୟକତ୍ୱରେ ୧୭ ଜଣିଆ ଦଳରେ ରୋହିତ ଶର୍ମାଙ୍କୁ ମଧ୍ୟ ମନୋନୀତ କରାଯାଇଛି। ରଣଜୀ ଟ୍ରଫିରେ ମୁମ୍ବାଇକୁ ଏହାର ପରବର୍ତ୍ତୀ ମ୍ୟାଚ ଜମ୍ମୁ-କଶ୍ମୀର ବିପକ୍ଷରେ ଖେଳିବାକୁ ପଡିବ। ଅନ୍ୟପଟେ ଆଜି ଉଇକେଟ୍‌କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ଲକ୍ଷ୍ନୌ ସୁପରଜିଆଣ୍ଟସର ଅଧିନାୟକ ନିଯୁକ୍ତ କରାଯାଇଛି। ଏବେ ରାହାନେଙ୍କୁ ରୋହିତ ଶର୍ମା, ଶ୍ରେୟସ ଆୟର, ଶିବମ ଦୁବେ, ଯଶସ୍ୱୀ ଜୟସ୍ୱାଲ ଏବଂ ଶାର୍ଦ୍ଦୁଲ ଠାକୁର ଭଳି ଖେଳାଳି ଥିବା ସତ୍ତ୍ୱେ ଅଧିନାୟକ କରାଯାଇଛି। ଯଦି ରିପୋର୍ଟଗୁଡ଼ିକୁ ବିଶ୍ୱାସ କରାଯାଏ, ତେବେ ରାହାନେଙ୍କୁ କୋଲକାତା ନାଇଟ ରାଇଡର୍ସର ଅଧିନାୟକତ୍ୱ ମଧ ମିଳିପାରେ। ଏବେ ଏହା ମଧ ନିଶ୍ଚିତ ହୋଇଯାଇଛି ଯେ ରୋହିତ ଶର୍ମା ୧୦ ବର୍ଷ ପରେ ରଣଜୀ ଟ୍ରଫିରେ ଖେଳିବେ। ୧୭ ଜଣିଆ ଦଳରେ ରୋହିତଙ୍କୁ ମଧ ମନୋନୀତ କରାଯାଇଛି। ରୋହିତ ମଇଦାନକୁ ଓହ୍ଲାଇବା ମାତ୍ରେ ଇତିହାସ ହୋଇଯିବ। କାରଣ, ୧୭ ବର୍ଷ ପରେ ଜଣେ ଭାରତୀୟ ଅଧିନାୟକ ରଣଜୀ ଟ୍ରଫିରେ ଖେଳିବେ। ଏହା ପୂର୍ବରୁ, ଶେଷ ଥର ପାଇଁ ଏହା ସୌରଭ ଗାଙ୍ଗୁଲି କରିଥିଲେ। ରଣଜୀ ଟ୍ରଫିର ପରବର୍ତ୍ତୀ ରାଉଣ୍ଡ ପାଇଁ ମୁମ୍ବାଇ ଦଳ- ଅଜିଙ୍କ୍ୟ ରାହାନେ (ଅଧିନାୟକ), ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ, ଆୟୁଷ ମହାତ୍ରେ, ଶ୍ରେୟସ ଆୟର, ସିଦ୍ଧେଶ ଲାଡ, ଶିବମ ଦୁବେ, ହାର୍ଦ୍ଦିକ ତାମୋର (ଉଇକଟେ୍ କିପର), ଆକାଶ ଆନନ୍ଦ (ଉଇକଟେ୍ କିପର), ତନୁଶ କୋଟିଆନ, ଶମ୍ସ ମୁଲାନି, ହିମାଂଶୁ ସିଂହ, ଶାର୍ଦ୍ଦୁଳ ଠାକୁର, ମୋହିତ ଅବସ୍ଥି, ସିଲଭେଷ୍ଟର ଡି'ସୁଜା, ରୟଷ୍ଟନ ଡିଆସ ଏବଂ କର୍ଷ କୋଠାରୀ।


ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583